ପୃଷ୍ଠା-୧୨+୮

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, February 17/2024 Page 20 ₹ 7.00 | SAMBALPUR

୫୦ଶ ଭାଗ ୮୫ ସଂଖ୍ୟା www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul VOLUME 50 ISSUE 85 ମୂଲ୍ୟ₹୭/-





# ଧରିତ୍ରୀ
DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ Bhubaneswar, Saturday, February 17/2024



DSPL-664

ODISHA NEW OPPORTUNITIES | 5T | ଆମ ଓଡ଼ିଶା ନବୀନ ଓଡ଼ିଶା

"ଶିଳ୍ପାୟନ ଦ୍ୱାରା ରାଜ୍ୟର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ଯୋଗାଇଦେବା ଆମର ଲକ୍ଷ୍ୟ । ଏହି ସବୁ ନୂତନ ଶିଳ୍ପ ହେବା ଦ୍ୱାରା ରାଜ୍ୟବାସୀ ଉପକୃତ ହେବେ ଏବଂ ଆମ ରାଜ୍ୟ ବିଶ୍ୱ ମାନଚିତ୍ରରେ ଏକ ଶିଳ୍ପ ଶକ୍ତି ଭାବେ ଗଢି ଉଠିବ"

Naveen Patnaik
Chief Minister, Odisha





OIPR-14005/13/0055/2324

## ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା
## WELSPUN INTEGRATED TEXTILE COMPLEX ର ଶିଳାନ୍ୟାସ

୩,୦୦୦ କୋଟି ଟଙ୍କା ର ପୁଞ୍ଜି ନିବେଶ

୧୦,୦୦୦ ଯୁବ ବର୍ଗଙ୍କୁ କର୍ମ ନିଯୁକ୍ତି

୧୭ ଫେବୃଆରୀ ୨୦୨୪ | ଚୌଦ୍ୱାର, କଟକ

COME. JOIN THE JUGGERNAUT.

ScarecrowM&CSaatchi/2024/Feb

Email us at: info@investodisha.org
For any queries or inquiries give a missed call on: 01732351348
Please visit http://www.investodisha.gov.in/
Follow us on @investInOdisha /InvestOdisha

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ | Bhubaneswar, Saturday, February 17/2024 | ପୃଷ୍ଠା-୧

# ୟୁନିଫର୍ମ ପିନ୍ଧିବେ ଏସ୍‌ଏଚ୍‌ଜି ସଦସ୍ୟା

## କ୍ୟାବିନେଟ ନିଷ୍ପତ୍ତି: ୭୦ ଲକ୍ଷ ମହିଳାଙ୍କୁ ମିଳିବ ୧ ହଜାର ଲେଖାଏ



ଭୁବନେଶ୍ୱର,୧୬।୨(ଅନିଲ ଦାସ)

ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ ଓ ସାମାଜିକ କ୍ଷେତ୍ରରେ ସଶକ୍ତ କରିବାକୁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି। ଓଡ଼ିଶାର ୭୦ ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି) ସଦସ୍ୟଙ୍କୁ ରାଜ୍ୟ ସରକାର ୟୁନିଫର୍ମ ପାଇଁ ୧ ହଜାର ଟଙ୍କା ଲେଖାଏ ସହାୟତା ଦେବେ। ଏଥିସହିତ ପ୍ରାୟ ୧.୫ ଲକ୍ଷ ପରିଚାଳନା କମିଟି(ଏମ୍‌ସି) ଓ କାର୍ଯ୍ୟନିର୍ବାହୀ କମିଟି(ଇସି) ସଦସ୍ୟଙ୍କୁ ବ୍ଲେଜର କିଣିବା ପାଇଁ ଅତିରିକ୍ତ ୨ ହଜାର ଟଙ୍କା ଲେଖାଏ ଦିଆଯିବ। ଏଥିପାଇଁ ରାଜ୍ୟ ସରକାର ୭୩୦କୋଟି ଟଙ୍କା ଖର୍ଚ୍ଚ କରିବେ। ଶୁକ୍ରବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହାକୁ ଅନୁମୋଦନ କରାଯାଇଛି। ଏଥିସହିତ କ୍ୟାବିନେଟରେ ମୋଟ ୧୨ଟି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା କହିଛନ୍ତି, ସହାୟତା ରାଶି ଏସ୍‌ଏଚ୍‌ଜି ଏବଂ ମହାସଂଘର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଜମା କରାଯିବ। ଏହି ନିଷ୍ପତ୍ତି ମିଶନ ଶକ୍ତି ଅଧୀନରେ ଥିବା ମହିଳା ଏସ୍‌ଏଚ୍‌ଜି ସଦସ୍ୟମାନଙ୍କୁ ପ୍ରୋତ୍ସାହିତ କରିବା ସହ ସେମାନଙ୍କ ମଧ୍ୟରେ ପରିବର୍ତ୍ତନକାରୀ ଭୂମିକାକୁ ସୁଦୃଢ଼ କରିବ। ୫-ଟି ଶାସନ ଅଧୀନରେ ଓଡ଼ିଶା ହେଉଛି ମହିଳା ସଶକ୍ତୀକରଣର ଏକ ଅନନ୍ୟ ମଡେଲ। ମିଶନ ଶକ୍ତି ମହିଳାଙ୍କ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିବଦ୍ଧ। ମିଶନ ଶକ୍ତି ଦେଶରେ ମହିଳା ସଶକ୍ତୀକରଣର ଏକ ଆଦର୍ଶ ମଡେଲ ଭାବେ ଉଭା ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ମିଶନ ଶକ୍ତି ମହିଳାମାନଙ୍କ ସଶକ୍ତୀକରଣ ଏବଂ ସେମାନଙ୍କ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧ ସମ୍ଭବ ହୋଇପାରିଛି। ପରିବାର ପରିଚାଳନାଠାରୁ ଉଦ୍ୟୋଗୀରେ ପରିଣତ ହେବା ପର୍ଯ୍ୟନ୍ତ ମିଶନ ଶକ୍ତି ଅଧୀନରେ ୬ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀ ରାଜ୍ୟରେ ସାମାଜିକ ତଥା ଅର୍ଥନୈତିକ ଅଭିବୃଦ୍ଧି ଓ ପରିବର୍ତ୍ତନର ଏକ ଜ୍ୱଳନ୍ତ ଉଦାହରଣ ହୋଇ ପାରିଛି।

ଆଜିର ସମ୍ପାଦକୀୟ **ପୁନର୍ଗଠନ ସଙ୍କେତ**

## ନିଯୁକ୍ତ ହେବେ ୭୧୪୨ ଡାଟାଏଣ୍ଟ୍ରି ଅପରେଟର

ଗ୍ରାମ ପଞ୍ଚାୟତଗୁଡ଼ିକରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ କାର୍ଯ୍ୟକାରୀ କରାଯାଉଛି। ଏହି ଯୋଜନାଗୁଡ଼ିକର ଆର୍ଥିକ ପରିଚାଳନା ଓ ଡକୁମେଣ୍ଟେଶନ ସୁବିଧା ପାଇଁ ସମସ୍ତ ପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲାଗୁଡ଼ିକରେ ରାଜ୍ୟ ସରକାର ଆକାଉଣ୍ଟାଣ୍ଟ-କମ୍-ଡାଟାଏଣ୍ଟ୍ରି ଅପରରେଟର ପଦବୀ ସୃଷ୍ଟି କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିନିମନ୍ତେ ୭,୧୪୨ ପଦବୀ ସୃଷ୍ଟି କରାଯାଇଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ମିଳିଛି। ଆକାଉଣ୍ଟାଣ୍ଟ-କମ୍-ଡାଟାଏଣ୍ଟ୍ରି ଅପରରେଟରମାନେ ଗ୍ରାମ ପଞ୍ଚାୟତ ପ୍ରଶାସନିକ ନିୟନ୍ତ୍ରଣରେ କାର୍ଯ୍ୟ କରିବେ। ଗ୍ରାମପଞ୍ଚାୟତକୁ ଅଧିକ ଜୀବନ୍ତ ଓ ଗତିଶୀଳ କରିବା ପାଇଁ ଓଡ଼ିଶା ଆକାଉଣ୍ଟାଣ୍ଟ-କମ୍-ଡାଟାଏଣ୍ଟ୍ରି ଅପରେଟର(ନିଯୁକ୍ତି ପଦ୍ଧତି ଓ ସେବା ସର୍ତ୍ତ) ନିୟମ-୨୦୨୪ ନାମରେ ଏକ ନୂତନ ନିୟମ ପ୍ରସ୍ତୁତ କରାଯାଇଛି। ଗ୍ରାମପଞ୍ଚାୟତର ବିଭିନ୍ନ ଲୋକାଭିମୁଖୀ ଯୋଜନା ଓ କାର୍ଯ୍ୟକ୍ରମ ସହିତ ଜଡ଼ିତ ଥିବା ଗ୍ରାମ ରୋଜଗାର ସେବକଙ୍କ ଅଭିଜ୍ଞତାକୁ ଦୃଷ୍ଟିରେ ରଖି ଆକାଉଣ୍ଟାଣ୍ଟ- କମ୍-ଡାଟାଏଣ୍ଟ୍ରି ଅପରେଟର ୩୦ ପ୍ରତିଶତ ପଦବୀରେ ସେମାନଙ୍କୁ ମନୋନୀତ କରାଯିବ। ଅବଶିଷ୍ଟ ୭୦ ପ୍ରତିଶତ ପଦବୀ ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ ଦ୍ୱାରା ପ୍ରତ୍ୟକ୍ଷ ନିଯୁକ୍ତି ଦିଆଯିବ। ଯେଉଁ ଗ୍ରାମ ରୋଜଗାର ସେବକ ଲଗାତର ୫ ବର୍ଷ ପୂରଣ କରିଥିବେ ଓ ସେମାନଙ୍କର ଆବଶ୍ୟକ ଯୋଗ୍ୟତା ଥିବ ସେମାନଙ୍କୁ ଖାଲି ପଦବୀରେ ଥଇଥାନ କରାଯିବ।

## ଜିଲାପାଳଙ୍କ ପ୍ରଶାସନିକ ଅନୁମୋଦନ କ୍ଷମତା ୧ କୋଟିକୁ ବଢ଼ିଲା

ଭୁବନେଶ୍ୱର,୧୬।୨(ଅନିଲ ଦାସ)

ରାଜ୍ୟ ସରକାର ପଞ୍ଚାୟତିରାଜ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକଳ୍ପରେ ଜିଲାପାଳମାନଙ୍କ ପ୍ରଶାସନିକ ଅନୁମୋଦନ କ୍ଷମତା ୫୦ ଲକ୍ଷରୁ ୧ କୋଟିକୁ ବୃଦ୍ଧି କରିଛନ୍ତି। ଏଥିସହିତ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି ଏବଂ ଜିଲା ପରିଷଦ ସ୍ତରରେ ନିଯୁକ୍ତ ବୈଷୟିକ ଅଧିକାରୀ ଏବଂ ପ୍ରଶାସନିକ ଅଧିକାରୀଙ୍କ ଆର୍ଥିକ ମଞ୍ଜୁରୀ କ୍ଷମତା ସୀମା ☞ପୃଷ୍ଠା-୭





ଇନ୍‌ସ୍ୟୋରାନ୍‌ସ ଆକ୍ଟ, 1938 (ସଂଶୋଧନ 2015), ଧାରା 38 (5) ଅନୁସାରେ "ଉପ-ଧାରା (2) ର ବ୍ୟବସ୍ଥା ଅନୁସାରେ, ଏହି ଅନ୍ତରଣ ବା ଆସାଇନ୍‌ମେଣ୍ଟ ଠିକ୍ ଭାବରେ ପ୍ରମାଣିତ ଏପରି ପୃଷ୍ଠାଙ୍କନ ବା ଲିଖତଙ୍କ ନିଷ୍ପାଦନରେ ପୂର୍ଣ୍ଣ ଓ ପ୍ରଭାବୀ ହେବ, କିନ୍ତୁ ସେଗୁଡ଼ିକୁ ଛାଡ଼ିକରି, ଯେଉଁଠି ଏହି ଅନ୍ତରଣ ବା ଆସାଇନ୍‌ମେଣ୍ଟ ବୀମାକର୍ତ୍ତାଙ୍କ ସପକ୍ଷରେ ହୋଇଥିବ, ସେ ସ୍ଥିତିରେ ଏହା ବୀମାକର୍ତ୍ତାଙ୍କ ବିରୁଦ୍ଧରେ କାର୍ଯ୍ୟକାରୀ ହେବ ନାହିଁ, ଏବଂ ଟ୍ରାନ୍‌ସଫରୀ ବା ଆସାଇନୀ, କିମ୍ବା ତାଙ୍କ ବୈଧାନିକ ପ୍ରତିନିଧିଙ୍କୁ ସେପର୍ଯ୍ୟନ୍ତ ଏଭଳି ପଲିସୀ'ର ରାଶି ସକାଶେ ବା ତାଙ୍କ ଦ୍ୱାରା ପ୍ରତିଭୂତିତ ଧନ ସକାଶେ ମକଦ୍ଦମା ଚଲାଇବାର କୌଣସି ଅଧିକାର ଦିଆଯିବ ନାହିଁ, ଯେଉଁପର୍ଯ୍ୟନ୍ତ ଅନ୍ତରଣ ବା ଆସାଇନ୍‌ମେଣ୍ଟ'ର ଲିଖିତ ସୂଚନା ଏବଂ ନିଜେ ଉକ୍ତ ପୃଷ୍ଠାଙ୍କନ ବା ଲିଖତକୁ ବା ତା'ର ଗୋଟିଏ ପ୍ରତିଲିପିକୁ, ଯାହାକୁ ଅନ୍ତରକ ଓ ଅନ୍ତରଣକର୍ତ୍ତା କିମ୍ବା ତାଙ୍କ ବିଧିବଦ୍ଧ ଅଧିକୃତ ଅଭିକର୍ତ୍ତା, ଉଭୟଙ୍କ ଦ୍ୱାରା ସଠିକ୍ ହେବା ଲାଗି ପ୍ରମାଣିତ କରାଯାଇଥିବ, ବୀମାକର୍ତ୍ତାଙ୍କୁ ଦିଆଯାଇ ନଥିବ।
ସର୍ତ୍ତ ରହିବ ଯେ ଯେଉଁଠି ବୀମାକର୍ତ୍ତା ଭାରତରେ ବ୍ୟବସାୟ'ର ଏକ ବା ଅଧିକ ସ୍ଥାନ ରଖୁଥିବେ, ଏଭଳି ସୂଚନା କେବଳ ସେହି ସ୍ଥାନରେ ଦିଆଯିବ, ଯେଉଁଠି ପଲିସୀ ପାଇଁ ସେବା ଦିଆଯାଉଥିବ।"

***ସୁତରାଂ, କେବଳ ଭାରତୀୟ ଜୀବନ ବୀମା ନିଗମ ସହିତ ପଞ୍ଜୀକୃତ ଆସାଇନ୍‌ମେଣ୍ଟଗୁଡ଼ିକୁ ବିବେଚନା ପାଇଁ ନିଆଯିବ।***

***ଜାଣିରଖନ୍ତୁ ଯେ ଏଲଆଇସି ପଲିସୀଙ୍କ ଆସାଇନ୍‌ମେଣ୍ଟକୁ କେବଳ ସେବା ଦେଉଥିବା ଶାଖାରେ ଏହାର ସୂଚନା ଦେଇକରି ପଞ୍ଜୀକୃତ କରାନ୍ତୁ, ଯଦି ଏପର୍ଯ୍ୟନ୍ତ ତାହା କରାଯାଇ ନଥିବ।*** ଫଳରେ, ପଲିସୀଙ୍କ ବାସ୍ତବିକ ସ୍ୱାମୀଙ୍କ ଦାବି ଶୀଘ୍ର ଫଇସଲା କରିବାରେ ସୁବିଧା ହେବ, ତେଣିକି ପଲିସୀ ବଣ୍ଡଗୁଡ଼ିକୁ ପ୍ରସ୍ତୁତ କରିବା ସାଙ୍ଗକୁ ଦାବି ଫଇସଲା କରିବା ଆବଶ୍ୟକତାଙ୍କୁ ସମାପ୍ତ କରଯାଇଥାଉ ବା ସେଥିରେ ପରିବର୍ତ୍ତନ କରାଯାଇଥାଉ।

LIC/P1/2023-24/24/Ori

ତୁରନ୍ତ କ୍ଲେମ୍ ସେଟଲ୍‌ମେଣ୍ଟ ସକାଶେ ନିଜ ଏଜେଣ୍ଟ/ଶାଖାକୁ ଯାବତୀୟ ଆବଶ୍ୟକତା ସହିତ ସମ୍ପର୍କ କରନ୍ତୁ।
ଡାଉନ୍‌ଲୋଡ୍ କରନ୍ତୁ ଏଲଆଇସି ମୋବାଇଲ ଆପ LIC digital | ଦେଖନ୍ତୁ: licindia.in | କଲ୍ ସେଣ୍ଟର ସର୍ଭିସ (022) 6827 6827 | ଆମର ହ୍ୱାଟ୍‌ସଆପ୍ ନଂ: 8976862090 'Hi' କୁହନ୍ତୁ
ଆମକୁ ଦେଖନ୍ତୁ ଏଠାରେ: LIC India Forever
IRDAI Regn No.: 512
LIC
ଲାଇଫ ଇନ୍‌ସିଓରେନ୍ସ କର୍ପୋରେଶନ ଅଫ ଇଣ୍ଡିଆ
LIFE INSURANCE CORPORATION OF INDIA
ପ୍ରତି କ୍ଷଣ ଆପଣଙ୍କ ସାଥିରେ



# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ମାସ୍ ଇଭେଣ୍ଟସ ପକ୍ଷରୁ ଯୁବ ପ୍ରେରଣା ସମ୍ମାନ କାର୍ଯ୍ୟକ୍ରମ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସକାଳ ୯ଟା ୩୦।
- ଯାଦବ ମହାସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ, ସ୍ଥାନ: ସୂଚନା ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ପରିବେଶ ସଂକ୍ରାନ୍ତୀୟ ଆଲୋଚନାଚକ୍ର, ସ୍ଥାନ: ପ୍ରେସ୍ କ୍ଲବ ଅଫ୍ ଓଡ଼ିଶା, ସମୟ: ପୂର୍ବାହ୍ନ ୧୦ଟା।
- ମତ୍ସ୍ୟ-ପ୍ରାଣୀ ସମାବେଶ ଓଡ଼ିଶା-୨୦୨୪, ସ୍ଥାନ: ଜନତା ମଇଦାନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ସୂଚନା ଅଧିକାର ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲୋହିଆ ଭବନ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ୫୮ତମ ବାର୍ଷିକୋତ୍ସବ 'ଜୟଦେବ ସମାରୋହ', ସ୍ଥାନ: ଉତ୍କଳ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଭୁବନେଶ୍ୱର ସାଂସ୍କୃତିକ ପରିଷଦ ଏବଂ କଲ୍ୟାଣ ପକ୍ଷରୁ ଖଣ୍ଡଗିରି-ଉଦୟଗିରି ମହୋତ୍ସବ, ସ୍ଥାନ: ଓଟିଡିସି ପାଛିଲା, ଖଣ୍ଡଗିରି, ସମୟ: ସନ୍ଧ୍ୟା ୬ଟା।
- ଅଷ୍ଟମ ପ୍ରହରୀ ନାମଯଜ୍ଞର ଅହୋରାତ୍ର ନାମକୀର୍ତ୍ତନ, ସ୍ଥାନ: ବିଏମ୍‌ସି ୪ନଂ. ୱାର୍ଡର ସୁନ୍ଦରାପାଟଣା, ସମୟ: ସକାଳ ୮ଟା।
- ବାଗ୍‌ଦେବୀ ବିଦ୍ୟାମନ୍ଦିରର ୩୧ତମ ବାର୍ଷିକ ଉତ୍ସବ, ସ୍ଥାନ:ରାଧାମାଧବ କଲ୍ୟାଣ ମଣ୍ଡପ, ବାଲିପାଟଣା, ସମୟ: ପୂର୍ବାହ୍ନ ୧୦ଟା।
- ଔର ଆଦିତ୍ୟ ବିଦ୍ୟାମନ୍ଦିର ୫ମ ବାର୍ଷିକ ସମାରୋହ, ସ୍ଥାନ: ଶିଙ୍ଗିରି ଶାସନ, ବାଳକାଟୀ, ସମୟ: ଅପରାହ୍ନ ୫ଟା ୩୦।
- ୮ମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞର ପୂର୍ଣ୍ଣାହୁତି, ସ୍ଥାନ: ମୁକ୍ତେଶ୍ୱର ମହାଦେବ ମନ୍ଦିର ପରିସର, ଇଚ୍ଛାଦେଇପାଟଣା ଗ୍ରାମ, ସମୟ: ସନ୍ଧ୍ୟା ୬ଟା।
- ତ୍ରିନାଥ ଦେବଙ୍କ ବାର୍ଷିକ ମହୋତ୍ସବ, ସ୍ଥାନ: ଭୁବନପୁର, ବାରଙ୍ଗ, ସମୟ: ରାତି ୭ଟା।

## ପୁରୀ
- ସୁଧା ପକ୍ଷରୁ ଭାରତୀୟ କ୍ଲାସିକାଲ ଡ୍ୟାନ୍ସ କାର୍ଯ୍ୟକ୍ରମ, ସ୍ଥାନ: ବାଲି ନୋଳିଆସାହି ୟୁପିଜିୟୁପି ସ୍କୁଲ ପରିସର, ସମୟ: ସକାଳ ୮ଟା।

## କଟକ
- 'ଇଣ୍ଟ୍ରୋଡକ୍ସନ ଟୁ ଏଲ ଆଣ୍ଡ ବି ପେନ ଥେରାପି' ଶୀର୍ଷକ ଆନ୍ତର୍ଜାତିକ କର୍ମଶାଳା, ସ୍ଥାନ: ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସ ପକ୍ଷରୁ ଭାଜପା-ବିଜେଡି ବାହାଘର, ସ୍ଥାନ: ନିଶ୍ଚିନ୍ତକୋଇଲି ବନ୍ଧନ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ପଞ୍ଚାୟତ କାର୍ଯ୍ୟକ୍ରମ, ସ୍ଥାନ: କଟକ ସଦର ବ୍ଲକ ଅନ୍ତର୍ଗତ ବ୍ରହ୍ମପୁର, ବେଣ୍ଟକାର, ଝାରକଟା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୱେଲସ୍ପନ୍ କମ୍ପାନୀର ଶିଳାନ୍ୟାସ, ସ୍ଥାନ: ଚୌଦ୍ୱାର, ସମୟ: ପୂର୍ବାହ୍ନ ପୂର୍ବାହ୍ନ ୧୧ଟା ୫୨।
- କଟକ ବିନୋଦବିହାରୀ ବାଲୁବଜାର ପୂଜା କମିଟି ପକ୍ଷରୁ ଶ୍ରୀମଦ୍ ଭାଗବତ କଥାମୃତ ପ୍ରବଚନ, ସ୍ଥାନ: ବିନୋଦବିହାରୀ ମନ୍ଦିର ସମ୍ମୁଖ, ସମୟ: ସନ୍ଧ୍ୟା ୭ଟା।

## ଖୋର୍ଦ୍ଧା
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଧଳାପଥର ଗ୍ରାମ, ସମୟ: ସକାଳ ୮ଟା।
- ରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ଗହିରଗାଡିଆ ବାଲୁଙ୍କେଶ୍ୱର ଦେବଙ୍କ ପ୍ରାଙ୍ଗଣ, ବେଗୁନିଆ, ସମୟ: ସକାଳ ୮ଟା।
- ବେଗୁନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ବେଗୁନିଆ ମିନି ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- କୋଲୁହାପାଟଣା ଫୁଟବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୋଲୁହାପାଟଣା ଖେଳପଡ଼ିଆ, ବେଗୁନିଆ, ସମୟ: ଅପରାହ୍ନ ୩ଟା।
- ତ୍ରିନାଥ କ୍ଲବ ଆନୁକୂଲ୍ୟରେ ବସନ୍ତ ପଞ୍ଚମୀ ମହୋତ୍ସବ, ସ୍ଥାନ:ମଲ୍ଲିପଦର, ବେଗୁନିଆ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର
- ଜିଲାସ୍ତରୀୟ ସମ୍ମିଳନୀ, ସ୍ଥାନ: ଗୋପାଳଗାଁସ୍ଥିତ ଆୟୁଷ୍ମାନ କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଂଗ୍ରେସ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କାର୍ଯ୍ୟକ୍ରମ, ସ୍ଥାନ: ଫକୀରମୋହନ ଗୋଲେଇ ଛକ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- ଭାଗବତ କଥାମୃତ ପ୍ରବଚନ ସଭା ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ପାଟପୁର ବଜାର ଗୋଷ୍ଠାୟତ କମ୍ପ୍ଲେକ୍ସ, ରୂପସା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ସିଦ୍ଧ ମହାବୀର ପ୍ରଭୁ ଶ୍ରୀରାମ ଲକ୍ଷ୍ମଣ ଓ ମାତା ସୀତାଙ୍କ ମନ୍ଦିରର ଚତୁର୍ଥ ବାର୍ଷିକ ଉତ୍ସବ, ସ୍ଥାନ: ଦୁବୁଲାଗଡ଼ି, ବାହାବଳପୁର, ରୂପସା, ସମୟ: ସକାଳ ୯ଟା।
- ବାସୁଦେବପୁରରେ ମା' ଗଡ଼ଚଣ୍ଡୀ ମନ୍ଦିର ପ୍ରତିଷ୍ଠା ଉତ୍ସବ, ପ୍ରଥମ ଯଜ୍ଞ ଓ ସୁବର୍ଣ୍ଣରେଖା ନଦୀରୁ କଳସ ଶୋଭାଯାତ୍ରା, ସ୍ଥାନ: ବାସୁଦେବପୁର, ବାଲିଆପାଳ, ସମୟ: ସକାଳ ୭ଟା।
- ବକ୍ରେଶ୍ୱର ଶୈବପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଖଇରା ବ୍ଲକ ମାଖନପୁର ପଞ୍ଚାୟତ ଟିପସଗଡିଆସ୍ଥିତ ବକ୍ରେଶ୍ୱର ମନ୍ଦିର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଖଇରା ବ୍ଲକ ସାରଡ଼ାଙ୍ଗ ପଞ୍ଚାୟତ ଅଲିପୁର ବାବା ବାଲୁକେଶ୍ୱର ସାଂସ୍କୃତିକ ସଙ୍ଗଠନର ବାର୍ଷିକ ପ୍ରତିଯୋଗିତା ଓ ପୁରସ୍କାର ବିତରଣୀ ଉତ୍ସବ, ସ୍ଥାନ: ସଙ୍ଗଠନ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ମୟୂରଭଞ୍ଜ
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ମୋରଡ଼ା ବ୍ଲକ ନୂଆଗାଁ ପଞ୍ଚାୟତ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା୩୦।
- ନିଃଶୁଳ୍କ ଚକ୍ଷୁ ପରୀକ୍ଷା ଶିବିର, ସ୍ଥାନ: ଶ୍ରୀରାମଚନ୍ଦ୍ରପୁର, ଉଦଳା, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଜନଜାତି ସାଂସ୍କୃତିକ ସମ୍ମିଳନୀ-୨୦୨୪, ସ୍ଥାନ: ବାରିପଦା ଛଉ ପଡ଼ିଆ, ସମୟ:ମଧ୍ୟାହ୍ନ ୧୨ଟା।
- ୫-ଟି ଯୋଜନାରେ ଆମ ହସ୍ପିଟାଲ ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଯଶିପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଶିରସା ସିଏସ୍‌ସି ଅଧୀନ ବଡ଼ଚାଟରା, ରାଇରଙ୍ଗପୁର ଉପଖଣ୍ଡ ଚିକିତ୍ସାଳୟ ପରିସର, କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ ନିକଟ ଅଟୋନମସ କଲେଜ ପଡ଼ିଆ, ଉଦଳା ଉପଖଣ୍ଡ ଚିକିତ୍ସାଳୟ ନିକଟସ୍ଥ ବ୍ଲକ କାର୍ଯ୍ୟାଳୟ ପରିସର, ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ବ୍ଲକ କାର୍ଯ୍ୟାଳୟ ପରିସର, କୋଷ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ହାଇସ୍କୁଲ ପଡ଼ିଆ, ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟସ୍ଥ ବ୍ଲକ କାର୍ଯ୍ୟାଳୟ ପରିସର ଓ ବାରିପଦା ମୁଖ୍ୟ ଚିକିତ୍ସାଳୟ ପରିସର, ସମୟ: ଅପରାହ୍ନ ୪ଟା ୩୦।
- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦା ୱାର୍ଡ ନଂ.୨୭ କ୍ରେସର ପଡ଼ିଆ ଏବଂ ବିଜେପି ପଡ଼ିଆ, ସମୟ:ମଧ୍ୟାହ୍ନ ୧୨ଟା।
- ୪୨ତମ ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ବାରିପଦା ଗରୁଡ଼ବସା,ସମୟ: ପୂର୍ବାହ୍ନ ୧୧ଟା।

## ଭଦ୍ରକ
- ବିଜେଡି ଓ ଭାଜପା ବାହାଘର, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସରକାରୀ ଯୋଜନା ସଚେତନତା ଶିବିର, ସ୍ଥାନ: ଜଗନ୍ନାଥପ୍ରସାଦ, ସୁଗୋ ଓ ପଦ୍ମପୁର ପଞ୍ଚାୟତ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସହରୀ ଯୋଜନାର ସମୀକ୍ଷା, ସ୍ଥାନ: ଗୋଳିଆଡ଼ି, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ପିଙ୍କ ଦ୍ୱାରା ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକ କଂଗ୍ରେସର ମହାମିଶ୍ରଣ ପର୍ବ ଓ କର୍ମୀ ସମ୍ମିଳନୀ, ସ୍ଥାନ: ଧାମରା, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତସ୍ତରୀୟ ସଚେତନତା ଶିବିର, ସ୍ଥାନ: ବାଂଶଡ଼ା, ମୌସୁଧା ଓ ନୂଆଗାଁ ପଞ୍ଚାୟତ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ଜିଲାସ୍ତରୀୟ ଆଦିବାସୀ ସଂସ୍କୃତି କାର୍ଯ୍ୟକ୍ରମ, ଆଦି ମହୋତ୍ସବ-୨୦୨୪, ସ୍ଥାନ: କେନ୍ଦୁଝର ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ ଟା।
- ୫-ଟି ମାଧ୍ୟମରେ ରୂପାନ୍ତରଣ ହୋଇଥିବା ଆମ ହସ୍ପିଟାଲ ଲୋକାର୍ପଣ ଉତ୍ସବ, ସ୍ଥାନ: ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ, ସମୟ: ଅପରାହ୍ନ ୪ଟା ୩୦।
- ରୋଟାରୀ କ୍ଲବ୍ ପକ୍ଷରୁ ମେଗା ରକ୍ତଦାନ ଶିବିର, ସ୍ଥାନ: ରୋଟାରୀ ଭବନ, ସିନେମା ହଲ ଛକ ନିକଟ, ବଡ଼ବିଲ, ସମୟ: ସକାଳ ୯ ଟା।
- ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସମୟ: ଅପରାହ୍ନ ୪ଟା ୩୦।

## ରାୟଗଡ଼ା
- ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ, ଗୁଣପୁର କେନ୍ଦ୍ରୀୟ ବିଦ୍ୟାଳୟ ସ୍କୁଲ ପଡିଆ, ସମୟ: ଅପରାହ୍ନ ୧୧ଟା ।
- ପୁରାତନ ଛାତ୍ରୀଛାତ୍ରଙ୍କ ସମ୍ମିଳନୀ, ସ୍ଥାନ: ଗୁଣପୁର ଜିଆଇଆଇଟି ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୪୫।
- ଭାଜପା ସହ ବିଜେଡିର ବାହାଘର, ସ୍ଥାନ: ଗୁଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୧ଟା୧୫।

## ନବରଙ୍ଗପୁର
- ମୋ ଓଡ଼ିଶା ନବୀନ ଓଡିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡାବୁଗାଁ ବ୍ଲକ ବଡ଼ଓଲମା ଓ ଘୋଡାଖୁଣ୍ଟା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା
- ବ୍ଲକସ୍ତରୀୟ ତ୍ରିଦିବସୀୟ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟନ, ସ୍ଥାନ: ଭାମିନୀ ଖେଳ ପଡ଼ିଆ, ସମୟ: ସକାଳ ୯ଟା
- ମୁଖ୍ୟମନ୍ତ୍ରୀ, ୫-ଟି ଅଧ୍ୟକ୍ଷଙ୍କୁ ଧନ୍ୟବାଦ ଜ୍ଞାପନ ସଭା, ସ୍ଥାନ: ବୁର୍ଜା, ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର
- ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାର ପରିଚୟପତ୍ର ବଣ୍ଟନ, ସ୍ଥାନ: ଉଦ୍ୟାନ କୃଷି ତାଲିମ କେନ୍ଦ୍ର, ନୀଳଡୁଙ୍ଗରୀ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡ଼ା ସଂଘ ଆୟୋଜିତ ଓସିଏ କ୍ରିକେଟ ପ୍ରତିଯୋଗିତା, ସ୍ଥାନ: ବୀର ସୁରେନ୍ଦ୍ର ସାଏ ଷ୍ଟାଡ଼ିୟମ, ସମୟ: ସକାଳ ୯ଟା।
- ନୂଆଁ ଓ କାର୍ଯ୍ୟକ୍ରମ, ସ୍ଥାନ: ରେଢାଖୋଲ ବ୍ଲକର ଚାରମାଲ, ମୋଚିବାହାଲ ଏବଂ ଭରତପୁର, ସମୟ: ପୂର୍ବାହ୍ନ ୧୦ ଟା।

## ବଲାଙ୍ଗୀର
- ସଇଁତଳା କଇଁସର ଶାନ୍ତିଦେବୀ କିଣ୍ଡର ଗାର୍ଟେନ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ସମୟ: ଅପରାହ୍ନ ୫ଟା।
- ୨ୟ ବାର୍ଷିକ ଗୋପାଳ କାଣ୍ଡ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିବସ ମ୍ୟାଚ, ବଡ଼ଗମ ବନାମ ଖଲିଆଖମାର, ସ୍ଥାନ: ମୁରିବାହାଲ ବ୍ଲକ ଘୁଷୁରାମୁଣ୍ଡା ଗ୍ରାମ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଖପ୍ରାଖୋଲ ବ୍ଲକ ବେନ୍ଦେର ଓ ପଡ଼ିଆବାହାଲ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ରାଉରକେଲା
- କଂଗ୍ରେସର ବିକ୍ଷୋଭ, ସ୍ଥାନ: ଏଡିଏମ୍‌ଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦.ଟା ୩୦।
- ଏସ୍ଏଚ୍‌ଜି ପକ୍ଷରୁ ବୈଠକ, ସ୍ଥାନ: ସୁଭାଷ ବୋଷ ପାର୍କ, ଉଦିତନଗର, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ହକି ପ୍ରୋ ଲିଗ୍, ସ୍ଥାନ: ବିର୍ସା ମୁଣ୍ଡା ହକି ଷ୍ଟାଡିୟମ, ସମୟ: ଅପରାହ୍ନ ୫ଟା୩୦।
- ସୂର୍ଯ୍ୟକାନ୍ତ ମେମୋରିଆଲ କ୍ରିକେଟ, ସ୍ଥାନ: ଡିଏଭି ଖେଳ ପଡ଼ିଆ ସମୟ: ପୂର୍ବାହ୍ନ ୧୦ଟା।
- ଆଖଣ୍ଡଳମଣି ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ଆମ ହସ୍ପିଟାଲ ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: ବଡ଼ଗାଁ ମିନି ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଭଙ୍ଗାମୁଣ୍ଡା ସ୍କୁଲ ପଡ଼ିଆ, ସମୟ: ପୂବାହ୍ନ ୧୦ଟା।

## ବରଗଡ଼
- ଗ୍ରାମ୍ୟ କୃଷି କର୍ମଚାରୀଙ୍କ ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ ଅଫିସ, ସମୟ: ପୂର୍ବାହ୍ନ ୧୧ଟା।
- ଉତ୍ତାଳଗଡ଼ ଉଚ୍ଛବ୍-୨୦୨୪, ସ୍ଥାନ: ଖଗେଶ୍ୱର ମଣ୍ଡପ, ତାଲପଦର, ସମୟ: ସନ୍ଧ୍ୟା ୭ଟା
- ଆମ ହସ୍ପିଟାଲ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଏସ୍ଏସ୍‌ଡି ବାଳିକା ହାଇସ୍କୁଲ, ପଦ୍ମପୁର, ସମୟ: ଅପରାହ୍ନ ୪ଟା ୩୦ମିନିଟ।
- ରକ୍ତଦାନ ଶିବିର, ସ୍ଥାନ: କତାବଗା, ଅତାବିରା, ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି
- ମୁଁ ବି ହେବି ନବୀନ ଓଡ଼ିଶାର ସାରଥି କାର୍ଯ୍ୟକ୍ରମ, ସ୍ଥାନ: କୋକସରା ବ୍ଲକ କାଉଡୋଲା ଧାନମଣ୍ଡି ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା ନବୀନ ଓଡ଼ଶା କାର୍ଯ୍ୟକ୍ରମ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ପଞ୍ଚାୟତ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସ କର୍ମୀ ସମ୍ମିଳନୀ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଦୁର୍ଗା ମଣ୍ଡପ ପରିସର, ସମୟ: ଅପରାହ୍ନ ୧ଟା।
- ଭିଡିଓ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୫-ଟି ରୂପାନ୍ତର ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପଣ, ସ୍ଥାନ: ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର, ସମୟ: ଅପରାହ୍ନ ସାଢ଼େ ୪ଟା।
- ସିର୍ଜାପାଲି ଗ୍ରାମରେ ନୂତନ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଣ ପ୍ରତିଷ୍ଠା, ସ୍ଥାନ: କେସିଙ୍ଗା ବ୍ଲକ ସିର୍ଜାପାଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ପୂର୍ବାହ୍ନ ୧୦ଟା।
- ଡିଫାଇନ କଳାହାଣ୍ଡିର ଶୋଭାଯାତ୍ରା, ସାଧାରଣ ସଭା, ସ୍ଥାନ: ଭବାନୀପାଟଣା ବ୍ଲକ ଦେପୁର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା
- ଆଭାସି ମାଧ୍ୟମରେ ଡାଇଲେସିସ ସେଣ୍ଟର, ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ଖଡ଼ିଆଳ ରାଜା ଏଟି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା୩୦।

## ବୌଦ୍ଧ
- ହରଭଙ୍ଗା ବ୍ଲକର କରଞ୍ଜକଟା ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: କରଞ୍ଜକଟା ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ହରଭଙ୍ଗା ବ୍ଲକର ଧଳପୁର ଗ୍ରାମ ପଞ୍ଚାୟତରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଧଳପୁର ଖେଳପଡିଆ, ସମୟ: ପୂର୍ବାହ୍ନ : ୧୦ଟା।

## ସୁବର୍ଣ୍ଣପୁର
- ୧୯ତମ ପାତାଳି ମହୋତ୍ସବ ଅଷ୍ଟମ ସନ୍ଧ୍ୟା ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ପାତାଳି ଶ୍ରୀକ୍ଷେତ୍ର କୋଟସମଲାଇ, ସମୟ: ଅପରାହ୍ନ ୫ଟା ୩୦।
- ସର୍ବଭାରତୀୟ ୧୫ତମ ରାମଧୂନ କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ, ସ୍ଥାନ: ସୋନପୁର ଗାନ୍ଧୀ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।
- ଇଙ୍କ୍‌ଫେଷ୍ଟ ଅବସରରେ ଦ୍ୱିତୀୟ ଆଲୋଚନାଚକ୍ର, ସାଇବର ଅପରାଧ ଓ ସୁରକ୍ଷା, ସ୍ଥାନ: ସୋନପୁର ରୟାଲ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।
- ତରଭା ବ୍ଲକ ପୁଆ ପଞ୍ଚାୟତରେ ଆମ ଓଡିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ପୁଆ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ତରଭା ଏନ୍‌ଏସିରେ ଆମ ଓଡ଼ିଶା ନବୀନ ଓଡିଶା କାର୍ଯ୍ୟକ୍ରମ, ସ୍ଥାନ: ନାରାୟଣ ମୁରଲୀ କଲ୍ୟାଣମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀମଦ୍ ଭାଗବତ ପାରାୟଣର ପ୍ରଥମ ଦିବସ, ସ୍ଥାନ: ଭୁତିଆପାଲି, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ଆମ ହସ୍ପିଟାଲ ଉଦ୍‌ଘାଟନ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ, ଢେଙ୍କାନାଳ, ସମୟ: ଅପରାହ୍ନ ୪ଟା।

## ଅନୁଗୋଳ
- ଅନନ୍ତ ନାରାୟଣ ନବରାତ୍ର ମହାଯଜ୍ଞ, ସ୍ଥାନ: ମନ୍ଦରଗିରି, ସମୟ: ସକାଳ ୭.୧୦ ଘଟିକା।
- ମା' ଫଟାକାଞ୍ଜିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଗୋଡିସାହି ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ ଘଟିକା।
- ନିର୍ବାଚନ ପାଇଁ ସେକ୍ଟର ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଅନୁଗୋଳସ୍ଥିତ ସଭାଘର। ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆଇନ ସେବା ପ୍ରାଧିକାରଣ ବୈଠକ,ସ୍ଥାନ: ସିଭିଲ କୋର୍ଟ ଅନୁଗୋଳ।
- ସମୟ:ଅପରାହ୍ନ ୪ ଘଟିକା।
- ତାଳଚେର-ବିମଳାଗଡ଼ା ରେଳ ପ୍ରକଳ୍ପ ସମୀକ୍ଷା ବୈଠକ, ସ୍ଥାନ: ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟସ, ସମୟ: ଅପରାହ୍ନ ୫ଟା ୩୦।

## ଗଞ୍ଜାମ
- ରୂପାନ୍ତରିତ ସରକାରୀ ଡାକ୍ତରଖାନା ଉଦ୍‌ଘାଟନ, ସ୍ଥାନ: ସୋରଡ଼ା, ସମୟ:ଅପରାହ୍ନ ୪ଟା
- ଠାକୁରାଣୀ ମନ୍ଦିର ପ୍ରତିଷ୍ଠା, ସ୍ଥାନ:ସୋରଡ଼ା ପଦରାଇସୁଣୀ, ସମୟ: ସକାଳ ୯ଟା।
- ଆମ ଓ ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ବୁଗୁଡା ଏନଏସି କଲ୍ୟାଣ ମଣ୍ଡପ, ସମୟ:ପୂର୍ବାହ୍ନ ୧୧ଟା।
- ଭଞ୍ଜନଗର ମେଡିକାଲ ରୂପାନ୍ତରଣ କାର୍ଯ୍ୟ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ମେଡିକାଲ, ସମୟ: ଅପରାହ୍ନ ୪ ଟା୩୦।

## ନୟାଗଡ଼
- ଭାଗବତ ସପ୍ତାହର ୫ମ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ରାଧାନାଥ କଲୋନୀ, ସମୟ: ସକାଳ ୯ଟା।
- ଶ୍ରୀଶ୍ରୀ ବାବା କପିଳେଶ୍ୱର ଦେବଙ୍କ ନୂତନ ମନ୍ଦିର, ବିଗ୍ରହ ପ୍ରତିଷ୍ଠା ଉତ୍ସବର ଜଳଯାତ୍ରା, ସ୍ଥାନ: ନୟାଗଡ ବ୍ଲକର କଳାହାଣ୍ଡି, ସମୟ: ସକାଳ ୯ଟା।
- ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଖଣ୍ଡପଡ଼ା ବ୍ଲକ କଣ୍ଟିଲୋ ନୀଳମାଧବ ବିହାର ରଘୁନାଥ ପୀଠ, ସମୟ: ପୂର୍ବାହ୍ନ ୧୦ ଟା।
- ଭାଗବତ ପାରାୟଣ ସପ୍ତାହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ସିଂଘାପଡ଼ା ପଞ୍ଚାୟତର ବେତାଙ୍ଗି, ସମୟ: ଅପରାହ୍ନ ୩ଟା ।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଗଡିଆସାହି, ସମୟ: ପୂର୍ବାହ୍ନ ୧୦ଟା ।

## ଜଗତ୍‌ସିଂହପୁର
- ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ତଅଁରା ପଞ୍ଚାୟତ ରଘୁନାଥପୁର, ସମୟ: ସକାଳ ୯ଟା।
- ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ପକ୍ଷରୁ କର୍ମଶାଳା, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦ୍ରାପଡ଼ା
- ଫକୀରାବାଦସ୍ଥ ଆଜାଦ କ୍ଲବ ପକ୍ଷରୁ ଦିବାରାତ୍ର ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କେନ୍ଦ୍ରାପଡ଼ା ହାଇସ୍କୁଲ ପଡ଼ିଆ, ସମୟ: ଅପରାହ୍ନ ୪ଟା।
- ଦିବ୍ୟ ଜୀବନ ସଂଘ ପକ୍ଷରୁ ଶ୍ରୀବିଷ୍ଣୁ ମହାଯଜ୍ଞ, ସ୍ଥାନ: ଶିବାନନ୍ଦ ଆଶ୍ରମ, କପାଳେଶ୍ୱର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ବାହାର ରାଜ୍ୟ ଲୋକଙ୍କୁ ରାଜ୍ୟସଭା ପଠାଇବା ବିରୋଧରେ ଜିଲା କଂଗ୍ରେସର ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ରାମଚନ୍ଦ୍ରପୁର ପଞ୍ଚାୟତ କାର୍ଯ୍ୟାଳୟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ମଙ୍ଗରାଜପୁର, ବଟିରା ପଞ୍ଚାୟତ କାର୍ଯ୍ୟାଳୟ ମାର୍ଶାଘାଇ, ସମୟ: ପୂର୍ବାହ୍ନ ୧୧ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ: ବଅଡ଼ି ଓ ରାଜଗଡ଼ ପଞ୍ଚାୟତ କାର୍ଯ୍ୟାଳୟ ମହାକାଳପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟ ପ୍ରଦେଶ କଂଗ୍ରେସ କମିଟି ସଭାପତିଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଚନ୍ଦନପୋଖରୀ ଛକ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଡେରାବିଶ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଫାଇନାଲ ମ୍ୟାଚ, ସ୍ଥାନ: ଡେରାବିଶ ମିନିଷ୍ଟାଡିୟମ, ସମୟ: ମଧ୍ୟାହ୍ନ ୧୨ଟା।
- ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ, ସ୍ଥାନ ବସୁପୁର, ରତାଦିଆ ଖଣ୍ଡସାହି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର
- ଯାଜପୁର ଅନ୍ୱେଷଣ ଥିଏଟର ଗ୍ରୁପ୍‌ର ପଞ୍ଚମ ବାର୍ଷିକ ଉତ୍ସବ, ସାଂସ୍କୃତିକ ସମାରୋହ ଓ ମୁଖପତ୍ର ଲୋକାର୍ପଣ, ସ୍ଥାନ: ଗୌତମବୁଦ୍ଧ ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା ସହିତ ବିଜେଡିର ଶୁଭ ପରିଣୟ, ସ୍ଥାନ: ବ୍ୟାସନଗର ଗୋପବନ୍ଧୁ ଛକ, ସମୟ: ପୂର୍ବାହ୍ନ ୧୦ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧନିଆ ଧମକ ଧମେଇଲା,**
**ଯାଉଁଳି ନାକରେ ସାଉଁଳି ଗୁଣା,**
**ମାରି ତ ପକେଇଲା ।**

ସୌନ୍ଦର୍ଯ୍ୟ ସନ୍ଦର୍ଶନରେ ମଣିଷ ନିଜକୁ ଦୁର୍ବଳ ମନେକରିଥାଏ। ନାକରେ ଗୁଣା ପିନ୍ଧିଥିବା ଶ୍ୟାମଳୀ ଯୁବତୀର ରୂପ ଲାବଣ୍ୟରେ ବିମୋହିତ ହୋଇପଡିଥିବା ଯୁବକ ପ୍ରତି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଧନ ଯଉବନ ଜୁଆର ପାଣି,**
**ସବୁବେଳେ ନ ଥାଉ ଉଜାଣି ।**

ଧନ ଓ ଯୌବନ ଉଭୟେ ଅଚିରସ୍ଥାୟୀ। ଯେମିତି ଜୁଆର ପରେ ଭଟ୍ଟା ଆସିଥାଏ ସେମିତି ଧନ ମଧ୍ୟ ସମୟକ୍ରମେ ସରି ଯାଇଥାଏ। ସେହିପରି ଯୌବନ ମଧ୍ୟ ଚିରସ୍ଥାୟୀ ହୋଇ ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# କୂଅରେ ପଡ଼ି ୭ବର୍ଷ ବାଳକଙ୍କ ମୃତ୍ୟୁ

**ଦଶପଲ୍ଲା ୧୬।୨**
**(ପ୍ରକାଶ କୁମାର ପାଣି)**

ଦଶପଲ୍ଲା ଥାନା ମଦନପୁର ଗ୍ରାମରେ ଖେଳୁଥିବା ବେଳେ ଅସାବଧନତା ହେତୁ ଏକ କୂଅରେ ପଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସନ୍ତୋଷ ମହାରଣା ପୁଅ ସ୍ମୃତି ରଞ୍ଜନ (୭) ବୋଲି ଜଣାପଡ଼ିଛି। କୂଅରେ ପଡ଼ିଯିବା ପରେ ଗୁରୁତର ଅବସ୍ଥାରେ ପରିବାର ଲୋକ ତାଙ୍କୁ ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଏକ ଅପମୃତ୍ୟୁ ମାମଲା ୭/୨୪ ରେ ରୁଜୁ ହୋଇଥିବା ଆଇଆଇସି ମୁକେଶ କୁମାର ବେହେରା କହିଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ମୁଖଭାବସ୍ଥ ଚନ୍ଦ୍ର ପ୍ରଭାବରେ ମିଠା କଥାରେ ଅନ୍ୟକୁ ଆପଣେଇନେବାରେ ସମର୍ଥ ହେବେ। କୃତ୍ତିକା ନକ୍ଷତ୍ରର ପାରିବାରିକ କାରଣରୁ କଳହଜନିତ ମାନସିକ ଅସ୍ଥିରତା ଲାଗି ରହିବ। ଘରର ଅଟକି ରହିଥିବା କାମକୁ ଯଥାଶୀଘ୍ର ଶେଷ କରିବା ସକାଶେ ଚିନ୍ତା କରିପାରନ୍ତି। ସଭାସମିତି, ସଙ୍ଗୀତ, ଚଳଚ୍ଚିତ୍ର ଓ ସାଂସ୍କୃତିକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**ବୃଷ** ଚତୁର୍ଥସ୍ଥାନ ଶନି ଓ ରବି ଦୃଷ୍ଟ ଯୋଗୁ ପରିବାରର ବ୍ୟୟ ଭରଣା ସକାଶେ ବ୍ୟସ୍ତତା ବଢ଼ିଯାଇପାରେ। କାମର ଚାପ ବଢ଼ିବା କାରଣରୁ ଘରକଥା ବୁଝିବାକୁ ସମୟ ପାଇବେ ନାହିଁ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ନିକଟରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିପାରନ୍ତି। ରୋହିଣୀ ନକ୍ଷତ୍ରର ମନୋରଞ୍ଜନରେ ରୁଚି ବଳିବ ଓ ଖୁସି ରହିବେ।

**ମିଥୁନ** ଆଜି ଅଷ୍ଟମସ୍ଥ ତିନୋଟି ଗ୍ରହ ହେତୁ ସ୍ୱାସ୍ଥ୍ୟ ସମସ୍ୟା ମନକୁ ଭାରାକ୍ରାନ୍ତ କରିବ କିନ୍ତୁ ଆର୍ଥିକ ଅଭିବୃଦ୍ଧି ନିରୁପଦ୍ରବ ରହିବ। କର୍ମାରମ୍ଭରେ ଉତ୍ସାହିତ ହେବେ ଓ ସଫଳତା ହାସଲ କରିପାରନ୍ତି। ସହକର୍ମୀଙ୍କ ସହ ଆଲୋଚନାରୁ ସନ୍ତୋଷ ପାଇବେ। ନିଜ ପରିସରର ବ୍ୟକ୍ତିଙ୍କ ଆହ୍ୱାନ କ୍ରମେ ଆନୁଷ୍ଠାନିକ କାର୍ଯ୍ୟରେ ଯୋଗ ଦେଇପାରନ୍ତି।

**କର୍କଟ** ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରେ ସନ୍ତାନଙ୍କ ଶିକ୍ଷା, ବନ୍ଧୁ ସମ୍ପର୍କ ଏବଂ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରୁ ଉପକୃତ ହେବେ। ଭାବପ୍ରବଣତା କାରଣରୁ ଅଧିକାଂଶ ସମୟ ତର୍କ ବିତର୍କଜନିତ ଅସ୍ଥିରତା ଲାଗି ରହିବ। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ପାରିବାରିକ ସମସ୍ୟା ସମାଧାନ କରିବା ସକାଶେ ଚେଷ୍ଟିତ ହୋଇପାରନ୍ତି।

**ସିଂହ** ତୃତୀୟଭାବ ଗୁରୁଦୃଷ୍ଟ ହେତୁ ନିକଟ ସମ୍ପର୍କୀୟ ମାନଙ୍କ ସହ ଦ୍ୱନ୍ଦ୍ୱଯୁକ୍ତ ବାକ୍ୟାଳାପ କରିପାରନ୍ତି। ବକେୟା ଅର୍ଥ ଆଦାୟ କରିବାରେ ବିଭିନ୍ନ କୌଶଳ ଅବଲମ୍ବନ କରିବାକୁ ପଡ଼ିପାରେ। କେତେକ କ୍ଷେତ୍ରରେ ସ୍ନାୟବିକ ଦୁର୍ବଳତା ବିସ୍ମରଣର କାରଣ ହେବ। ବନ୍ଧୁଙ୍କ ସହାୟତାରେ ଖୋଜୁଥିବା ଜିନିଷ ହଠାତ୍ ପାଇଯିବେ ଓ ଖୁସି ହେବେ।

**କନ୍ୟା** ରାଶିରେ କେତୁଙ୍କ ପ୍ରଭାବରେ ସ୍ୱାସ୍ଥ୍ୟହାନି ଓ ମାନସିକ ଅଶାନ୍ତିରେ ଅତିଷ୍ଠ ହୋଇପାରନ୍ତି। ବାକ୍ ଅସଂଯମତା ଯୋଗୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। କର୍ମକ୍ଷେତ୍ରରେ ଉଚ୍ଚବର୍ଗଙ୍କ ସାହାଯ୍ୟ ଓ ବନ୍ଧୁ ମିଳନରୁ ଉତ୍ସାହିତ ହେବେ। ଆନୁଷ୍ଠାନିକ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ରହିଛି।

**ତୁଳା** ତୃତୀୟ ଷଷ୍ଠାଧିପଙ୍କ ଦୃଷ୍ଟିଜନିତ କ୍ରନିକ୍ ରୋଗର ପୀଡ଼ା ଅନୁଭବ କରିବେ। ପାରିବାରିକ ଜୀବନରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଅଭୂତପୂର୍ବ ସଫଳତା ହାସଲ କରିବେ। ସ୍ୱାତୀ ନକ୍ଷତ୍ରର ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ।

**ବିଛା** ଉଚ୍ଚସ୍ଥ ରାଶ୍ୟାଧିପ ଭାଗ୍ୟଭାବକୁ ଅବଲୋକନ କରୁଥିବାରୁ ଖୁସି ମନରେ କାମ କରିବେ। ଯାହା ଚିନ୍ତା କରିଥିବେ ତାହାକୁ କାର୍ଯ୍ୟରେ ପରିଣତ କରିବେ। ବନ୍ଧୁଙ୍କ ସାହାଯ୍ୟ ଲାଭ କରି ଆର୍ଥିକ ସମସ୍ୟା ଦୂର ହୋଇଯିବ। ପ୍ରଶାସନିକ ସ୍ତରରେ କଠୋର ବାକ୍ୟାଳାପ କାରଣରୁ ଅଧସ୍ତନ କର୍ମଚାରୀଙ୍କଠାରୁ ଆସ୍ଥା ହରାଇପାରନ୍ତି।

**ଧନୁ** ଅନୁକୂଳ ଗ୍ରହସ୍ଥିତି ହେତୁ ପ୍ରତ୍ୟେକ କ୍ଷେତ୍ରରେ ଜୟଯୁକ୍ତ ହେବେ। ମୂଳା ନକ୍ଷତ୍ର ବିଭିନ୍ନ ସମସ୍ୟା ବିଜଡିତ ରହିବା ହେତୁ ଠିକ୍ ନିଷ୍ପତ୍ତି ନେବାରେ ସମସ୍ୟା ଦେଖାଦେବ। ବନ୍ଧୁମାନଙ୍କ ଜରିଆରେ ବାକି ପଡ଼ିଥିବା ଟଙ୍କା ଆଦାୟ ପାଇଁ ଅନୁକୂଳ ସୁଯୋଗ ସୃଷ୍ଟି ହେବ। ପରିବହନ, ବ୍ୟବସାୟ ଓ ବାଣିଜ୍ୟରେ ଉନ୍ନତି ଘଟିବ।

**ମକର** ଆଜି ଏକାଧିକ ଗ୍ରହ ରାଶିରେ ଥିବାରୁ କୌଣସି କ୍ଷେତ୍ରରେ ତରବର ନ ହୋଇ ସତର୍କତାର ସହ କାମ କରିବା ଭଲ । ଅନ୍ୟମାନଙ୍କ କଥା ରକ୍ଷା କରିବାକୁ ଇଚ୍ଛା ନ ଥାଇ ମଧ୍ୟ ବନ୍ଧୁ ଦ୍ୱାରକୁ ଯିବାକୁ ପଡ଼ିପାରେ। ଗଠନମୂଳକ କାର୍ଯ୍ୟରୁ ପ୍ରଶଂସିତ ହେବେ ଓ ଦୂରଯାତ୍ରା କରିବେ। ସ୍ୱାର୍ଥକୁ କେନ୍ଦ୍ରକରି ନିଜ ଲୋକଙ୍କଠାରୁ ସମ୍ପର୍କ ହରାଇପାରନ୍ତି।

**କୁମ୍ଭ** ସ୍ୱରାଶିସ୍ଥ ରବି ଓ ଶନି ହେତୁ ବିବାଦୀୟ ଚିନ୍ତାଧାରା ଜନିତ କୌଣସି କାର୍ଯ୍ୟରେ ସଫଳତା ପାଇବେ ନାହିଁ। ସକାଳୁ ଭ୍ରମଣ ସକାଶେ ମନ ବଳାଇବେ ଓ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବ। କେତେକ ମିଥ୍ୟାଭିଯୋଗକୁ କେନ୍ଦ୍ରକରି କିମ୍ବା ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ହେବେ।

**ମୀନ** ଧନଭାବସ୍ଥ ଗୁରୁ ବୈଷୟିକ ଅବିବୃଦ୍ଧି ସାଙ୍ଗକୁ ସଭାସମିତିରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ଆଜି ସଫଳତା ପାଇବେ କିନ୍ତୁ ଏଥିପାଇଁ ବହୁତ ମେହନତ କରିବାକୁ ପଡ଼ିବ। କ୍ରୀଡ଼ା, ଚଳଚ୍ଚିତ୍ର, କଳା, ସାହିତ୍ୟ ଓ ସଙ୍ଗୀତ କ୍ଷେତ୍ରରେ ସଫଳତା ଅର୍ଜନ କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ମିଳିବ।

ଆଜି ଫେବୃଆରୀ ୧୭ ତାରିଖ, ମାଘ ଶୁକ୍ଳ ଅଷ୍ଟମୀ ଯୁକ୍ତ ନବମୀ, ଶନିବାର, ରାଶିନକ୍ଷତ୍ର-ଘ.୦୮।୪୭ ଗତେ ରୋହିଣୀ/ବୃଷ, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୧୦।୩୫ ଗତେ ଘ.୦୧।୦୯ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୯।୦୯ ଗତେ ଘ. ୧୦।୩୫ ମଧ୍ୟେ ରାହୁକାଳ।




## କୋଟିପତି ବୌଦ୍ଧ ଆର୍‌ଟିଓ ଜେଲ ଗଲେ

**ଭୁବନେଶ୍ୱର,୧୬।୨(ସତ୍ୟଜିତ୍ ରାଉତ):** ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ବୌଦ୍ଧ ଜିଲା ଆର୍‌ଟିଓ ବସନ୍ତ କୁମାର ମହାପାତ୍ରଙ୍କୁ ଶୁକ୍ରବାର ଭିଜିଲାନ୍ସ ଗିରଫ କରିଛି। ଠାବ ହୋଇଥିବା ସ୍ଥାବର ଓ ଅସ୍ଥାବର ଆୟବହିର୍ଭୂତ ସମ୍ପତ୍ତି ବସନ୍ତଙ୍କ ପ୍ରକୃତ ଆୟଠାରୁ ୪୪୫ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ କହିଛି। ସମ୍ପତ୍ତି ଅର୍ଜନ କରିବାରେ ବସନ୍ତଙ୍କୁ ତାଙ୍କ ସ୍ତ୍ରୀ ଏବଂ ପୁଅ ପ୍ରୋତ୍ସାହିତ କରିଥିବା ପ୍ରମାଣ ମିଳିବା ପରେ ଭିଜିଲାନ୍ସ ସେଲ୍ ଥାନାରେ ୩ଜଣଙ୍କ ନାମରେ ମାମଲା ରୁଜୁ କରାଯାଇଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଜାମିନ ନାମଞ୍ଜୁର ପରେ ବସନ୍ତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଯାଇଛି।




# ଗାଁ ଲୋକଙ୍କ ଯୋଗାଯୋଗ ସମସ୍ୟା ଦୂର ପାଇଁ ଲକ୍ଷ୍ମୀ ଯୋଜନା: ନବୀନ

- ୬ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭକଲେ ମୁଖ୍ୟମନ୍ତ୍ରୀ
- ଫେବୃଆରୀ ସୁଦ୍ଧା ରାଜ୍ୟର ସବୁ ଜିଲାରେ ଚାଲିବ ଏହି ବସ୍

**ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଭିଡିଓ କନ୍‌ଫରେନ୍ସି ଜରିଆରେ ଖୋର୍ଦ୍ଧା, ପୁରୀ, କେନ୍ଦ୍ରାପଡ଼ା, ଭଦ୍ରକ, ଯାଜପୁର ଓ ନୟାଗଡ଼ ଜିଲାରେ ଲକ୍ଷ୍ମୀ ବସ୍ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଗାଁ ଲୋକମାନେ ଲକ୍ଷ୍ମୀ ବସ୍ ଜରିଆରେ ସୁବିଧାରେ ଏବଂ କମ୍ ଖର୍ଚ୍ଚରେ ସେମାନଙ୍କ ଦୈନନ୍ଦିନ ଯାତାୟାତ କାର୍ଯ୍ୟ କରିପାରିବେ। ଲକ୍ଷ୍ମୀ ବସ୍ ଆମ ଜୀବନ ଯାତ୍ରାକୁ ସହଜ କରିବ, ଘରେ ଘରେ ସମୃଦ୍ଧି ଆଣିବ। 'ମୋ ସରକାର' ହେଉଛି ଲୋକଙ୍କ ସରକାର। ଲୋକଙ୍କ ଇଚ୍ଛାକୁ ସମ୍ମାନ ଦେଇ ଓଡ଼ିଶା ସରକାର ଯୋଜନା କରନ୍ତି। ୫-ଟି ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଜିଲାଗସ୍ତ ପରେ ଲୋକଙ୍କ ଅସୁବିଧାକୁ ଅନୁଭବ କରିଥିଲୁ। ଲୋକଙ୍କ ପ୍ରସ୍ତାବକୁ ଅନୁଶୀଳନ କରି ଗାଁ ଲୋକଙ୍କ ଯୋଗାଯୋଗ ସମସ୍ୟା ଦୂର କରିବା ପାଇଁ ଲକ୍ଷ୍ମୀ ବସ୍ ଯୋଜନା ପ୍ରସ୍ତୁତ କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଶୁଭାରମ୍ଭ ପରେ ୬ ଜିଲାର ୧୩୬୩ ପଞ୍ଚାୟତରେ ୧୯୮ଟି ବସ୍ ଚାଲିଲା। ଏହାଦ୍ୱାରା ୭୫ ଲକ୍ଷରୁ ଅଧିକ ଲୋକ ଉପକାର ପାଇବେ। ଖୋର୍ଦ୍ଧାର ୧୫୪ଟି ପଞ୍ଚାୟତରେ ୨୨ଟି ବସ୍ ଚାଲିଲା ଏବଂ ଏହାଦ୍ୱାରା ୧୫.୫୦ ଲକ୍ଷ ଲୋକ ଉପକୃତ ହେବେ। ପୁରୀର ୪୩୩ଟି ପଞ୍ଚାୟତରେ ୪୪ଟି ବସ୍ ଚାଲିଲା ଏବଂ ୧୪ ଲକ୍ଷ ୬୦ ହଜାର ଲୋକ ଉପକୃତ ହେବେ। କେନ୍ଦ୍ରାପଡ଼ାର ୧୯୬ଟି ପଞ୍ଚାୟତରେ ୩୭ଟି ବସ୍ ଚାଲିଲା ଏବଂ ଏହାଦ୍ୱାରା ୧୧ ଲକ୍ଷ ୩୭ ହଜାର ଲୋକ ଉପକୃତ ହେବେ। ଭଦ୍ରକର ୧୫୮ଟି ପଞ୍ଚାୟତରେ ୨୫ଟି ବସ୍ ଚାଲିଲା ଏବଂ ୧୦ ଲକ୍ଷ ୮୦ ହଜାର ଲୋକ ଉପକୃତ ହେବେ। ସେହିପରି ଯାଜପୁରର ୨୩୩ ପଞ୍ଚାୟତରେ ୩୯ଟି ବସ୍ ଚାଲିଲା ଏବଂ ୧୩ ଲକ୍ଷ ୭୦ ହଜାର ଲୋକ ଏହାଦ୍ୱାରା ଉପକୃତ ହେବେ। ସେହିଭଳି ନୟାଗଡ଼ର ୧୮୯ଟି ପଞ୍ଚାୟତରେ ୩୧ଟି ବସ୍ ଚାଲିଥିବା ବେଳେ ଏହାଦ୍ୱାରା ୯ ଲକ୍ଷ ୩୪ ହଜାର ଲୋକ ଉପକୃତ ହେବେ। ଏହି ଯୋଜନାରେ ପଞ୍ଚାୟତରୁ ବ୍ଲକକୁ ବସ୍ ଚଳାଚଳର ସୁବିଧା କରାଯାଇଛି। ସାରା ରାଜ୍ୟରେ ୧୦୦୦ରୁ ଅଧିକ ବସ୍ ଚାଲିବ। ୫-ଟି ଯୋଜନାରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ମିଶନ ଶକ୍ତି ମା'ମାନଙ୍କୁ ବସ୍ ପରିଚଳନା ଦାୟିତ୍ୱ ଦିଆଯାଇଛି।



ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଲକ୍ଷ୍ମୀ ବସ୍ ଗାଁର ଅର୍ଥନୀତିକୁ ମଜଭୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ପଞ୍ଚାୟତକୁ ବିକାଶର କେନ୍ଦ୍ର କରିବା ଏବଂ ଗାଁର ଅର୍ଥନୀତିକୁ ମଜଭୁତ କରିବା ଆମ ଲକ୍ଷ୍ୟ। ଲକ୍ଷ୍ମୀ ବସ୍ ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି। ଏହି ଯୋଜନାରେ ନିକଟରେ ଆରମ୍ଭ ହୋଇଥିବା ଶ୍ରୀଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ବିଷୟରେ ଉଲ୍ଲେଖକରି ମୁଖ୍ୟମନ୍ତ୍ରୀ କହିଛନ୍ତି, ମହାପ୍ରଭୁଙ୍କ ଦର୍ଶନ ଏବଂ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଅନୁଭବ ନେବା ପାଇଁ ଶ୍ରୀ ଜଗନ୍ନାଥ ଏକ୍ସପ୍ରେସ୍ ବସ୍ ସେବା ଆରମ୍ଭ କରାଯାଇଛି। ଏଥିରେ ମା'ମାନଙ୍କ ପାଇଁ ବସ୍ ଟିକେଟ ମୂଲ୍ୟ ଅଧା କରାଯାଇଛି। ଲକ୍ଷ୍ମୀ ବସ୍ ସେବା ଦ୍ୱାରା ପିଲାଙ୍କୁ ସ୍କୁଲ କଲେଜ ନେବ, ଚାଷୀଙ୍କୁ ମାର୍କେଟ ସହ ଯୋଡ଼ିବା ସହିତ ମହିଳା ଓ ଛାତ୍ରୀଛାତ୍ରମାନେ ମାତ୍ର ୫ ଟଙ୍କା ମୂଲ୍ୟରେ ଏହି ବସ୍‌ରେ ଯାତାୟାତ କରିପାରିବେ।

ଏହି କାର୍ଯ୍ୟକ୍ରମରେ ଯାଜପୁରରେ ମନ୍ତ୍ରୀ ଟୁକୁନୀ ସାହୁ, କେନ୍ଦ୍ରାପଡ଼ାରୁ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଖୋର୍ଦ୍ଧାରୁ ଶ୍ରୀମୟୀ ଶ୍ୱେତସ୍ନିଗ୍ଧା ମିଶ୍ର, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ପୁରୀରୁ ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା, ଭଦ୍ରକରୁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ନୟାଗଡ଼ରୁ ବିଧାୟକ ଅରୁଣ କୁମାର ସାହୁ ଯୋଗଦେଇଛନ୍ତି। ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ପୁରୀରେ ଉପସ୍ଥିତ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସ୍ୱାଗତ ଭାଷଣ ଦେଇଥିଲେ।

# ସ୍କୁଲ ଶିକ୍ଷା ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହୋଇଛି: ଧର୍ମେନ୍ଦ୍ର

**ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱରେ କେନ୍ଦ୍ର ଶାସିତ ଅଞ୍ଚଳରେ ସ୍କୁଲ ଶିକ୍ଷା ଓ ଉଚ୍ଚ ଶିକ୍ଷା କ୍ଷେତ୍ରରେ ଦ୍ରୁତ ଅଭିବୃଦ୍ଧି ହୋଇଛି। ଏହି ଶିକ୍ଷାନୁଷ୍ଠାନଗୁଡିକ ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବା ଦିଗରେ ଯୁବଶକ୍ତିଙ୍କ ଉର୍ଜା ଓ ପ୍ରତିଭାକୁ ପ୍ରସ୍ଫୁଟିତ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

ଶୁକ୍ରବାର କେନ୍ଦ୍ର ଶାସିତ ଅଞ୍ଚଳ ଡାମନ ଏବଂ ଡିଉର ଡାମନ ସହରରେ ଥିବା ବିଭିନ୍ନ ସ୍କୁଲ ଓ ଶିକ୍ଷାନୁଷ୍ଠାନ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରମାନଙ୍କୁ ଭେଟିବା ଅବସରରେ ଧର୍ମେନ୍ଦ୍ର କହିଛନ୍ତି, ଡାମନ ସ୍ଥିତ ମହର୍ଷି ବାଲ୍ମୀକି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟୋକରଖାଡାକୁ ଉଦ୍‌ଘାଟନ କରିଥିଲେ। ସେହିପରି ପଞ୍ଚାରାପୋଲ ଏବଂ ସାଉଦ୍ୱାଦିଠାରେ ଡାମନ- ଡିଉ, ଦାଦ୍ରା ନଗର ହାବେଲିରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ଲାପ୍‌ଟପ୍ ଏବଂ ସାଇକେଲ ବଣ୍ଟନ କରିଥିଲେ। ଡିଉର ଭନକବରାରେ ଉଚ୍ଚ ମାଧ୍ୟମିକ ଓ ପ୍ରାଥମିକ ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସ୍ଲିଭାସା ସ୍ଥିତ ନମୋ ମେଡିକାଲ ଏଜୁକେଶନ ଏବଂ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ, ସରକାରୀ ଇଞ୍ଜିନିୟରିଂ କଲେଜ, ରିଙ୍ଗନୱାଡା ସ୍ଥିତ ସରକାରୀ ପ୍ରାଥମିକ ସ୍କୁଲ ପରିଦର୍ଶନ କରିଥିଲେ। ଏହି ଅବସରରେ ସେ କହିଛନ୍ତି, ଉଦ୍‌ଘାଟିତ ମହର୍ଷି ବାଲ୍ମୀକି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଟୋକରଖାଡା ସ୍ଥାନୀୟ ଅଞ୍ଚଳରେ ଶିକ୍ଷା ପ୍ରଦାନ କରିବାରେ ନିଜର ଗୁରୁଦାୟିତ୍ୱ ତୁଲାଇବ। ଏହି ଉତ୍କର୍ଷ କେନ୍ଦ୍ର ସ୍ଥାନୀୟ ଅଞ୍ଚଳରେ ମେଡିକାଲ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଦୃଶ୍ୟପଟକୁ ମଜଭୁତ କରିବାରେ ବିଶେଷ ସହାୟକ ହୋଇଛି। ଏହି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କ ସହ କେନ୍ଦ୍ରମନ୍ତ୍ରୀ ଟେବୁଲ ଟେନିସ୍ ଖେଳିଥିଲେ। ରିଙ୍ଗନୱାଡା ସ୍ଥିତ ସରକାର ପ୍ରାଥମିକ ସ୍କୁଲକୁ ଗସ୍ତ କରିବା ଅବସରରେ ସ୍କୁଲର ଶୈକ୍ଷିକ ବାତାବରଣକୁ ଧର୍ମେନ୍ଦ୍ର ପ୍ରଶଂସା କରିଛନ୍ତି। ଏହବ୍ୟତୀତ ଡାମନ ସ୍ଥିତ ସରକାରୀ ଇଞ୍ଜିନିୟରିଂ କଲେଜ ଗସ୍ତକରି ଶିକ୍ଷା ପ୍ରଦାନ କରିବାରେ ଏହି ବହୁମୁଖୀ ଏକାଡେମିକ୍ ଇନ୍‌ଷ୍ଟିଚ୍ୟୁଶନ ବିଶେଷ ଗୁରୁତ୍ୱ ଦେବା ପ୍ରଶଂସନୀୟ। ଏହାର ଶିକ୍ଷା ଭିତ୍ତିଭୂମିରେ ଅତ୍ୟାଧୁନିକ ଭିତ୍ତିଭୂମି ଗୁଡିକ ଶୈକ୍ଷିକ ପରିବେଶ ଓ ଛାତ୍ରୀଛାତ୍ରଙ୍କ ଅଭିଜ୍ଞତାକୁ ଆଗକୁ ନେଉଛି। ସେହିପରି ଡାମନର ବରକୁଣ୍ଡ ଗ୍ରାମପଞ୍ଚାୟତ ଗସ୍ତ କରିବା ସହ ଡେଭକା ସମୁଦ୍ରକୂଳର ନମୋ ପଥ ବୁଲି ଦେଖିଛନ୍ତି।



# ଚନ୍ଦ୍ରଭାଗାରେ ବୁଡ଼ ପକାଇଲେ ୫ଲକ୍ଷ ଶ୍ରଦ୍ଧାଳୁ


ପବିତ୍ର ମାଘ ସପ୍ତମୀ ଅବସରରେ ଶୁକ୍ରବାର ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

**କୋଣାର୍କ, ୧୬।୨ (ଜ୍ୟୋତିରାଜ ମହାନ୍ତି)**

ମାଘ ମାସ ଶୁକ୍ଲପକ୍ଷ ସପ୍ତମୀ ତିଥିରେ ଶୁକ୍ରବାର ଭୋର ୪ଟା ୩୪ ମିନିଟରେ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାସ୍ଥିତ ପବିତ୍ର ତୀର୍ଥ ପୁଷ୍କରିଣୀରେ ୫ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ତେବେ ଘନକୁହୁଡ଼ି ଯୋଗୁ ଚନ୍ଦ୍ରଭାଗା ସମୁଦ୍ରକୂଳରେ ସମବେତ ହୋଇଥିବା ଲକ୍ଷାଧିକ ଶ୍ରଦ୍ଧାଳୁ ସୂର୍ଯ୍ୟ ଦର୍ଶନ କରିବାରୁ ବଞ୍ଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପବିତ୍ର ମାଘ ସପ୍ତମୀରେ ପ୍ରବେଶ ଶୁଳ୍କ ଛାଡ଼ ଯୋଗୁ ସୂର୍ଯ୍ୟମନ୍ଦିରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା।

# ଜଳଭଣ୍ଡାରରେ ବୁଡ଼ି ୨ ଶିଶୁକନ୍ୟା ମୃତ

**ମାଲକାନଗିରି/ଚିତ୍ରକୋଣ୍ଡା/କୋରକୋଣ୍ଡା/ବାଲିମେଳା, ୧୬।୨ (ଦୁର୍ଯ୍ୟୋଧନ ପାତ୍ର/କ୍ଷୀରୋଦ ବେହେରା/ଅବିନାଶ ବେହେରା/ଶିବଦତ୍ତ ସାହୁ)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ନାକାମାମୁଡି ପଞ୍ଚାୟତ କେନ୍ଦୁଗୁଡା ଗ୍ରାମରେ ଘଟିଛି ଏକ ଅଘଟଣ। ବାଲିମେଳା ଜଳଭଣ୍ଡାରରେ ବୁଡି ୨ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ଗ୍ରାମର ସନିଆ ମୁଦୁଲିଙ୍କ ଝିଅ ସାବିତ୍ରୀ ମୁଦୁଲି (୭) ଓ ଧନୁ କାଡଙ୍ଗିଆଙ୍କ ଝିଅ ଦବିଲି କାଡଙ୍ଗିଆ (୭)।

ଖବରରୁ ଜଣାପଡିଛି, ଗୁରୁବାର ଅପରାହ୍ଣରେ କେନ୍ଦୁଗୁଡା ଗ୍ରାମ ନିକଟରେ ଥିବା ବାଲିମେଳା ଜଳଭଣ୍ଡାରକୁ ସାବିତ୍ରୀ, ଦବିଲିଙ୍କ ସହ ଆଉ ୨ଜଣ ଶିଶୁକନ୍ୟା ଗାଧୋଇବାକୁ ଯାଇଥିଲେ। ଗାଧୋଇବା ସମୟରେ ସାବିତ୍ରୀ ଓ ଦବିଲିଙ୍କ ଗୋଡ ଖସି ଯାଇଥିଲା। ଫଳରେ ସେମାନେ ଜଳଭଣ୍ଡାରରେ ବୁଡି ନିଖୋଜ ହୋଇଯାଇଥିଲେ। ଖବର ପାଇ ଗ୍ରାମବାସୀ ପହଞ୍ଚି ଜଳଭଣ୍ଡାରରେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ଉଭୟ ଶିଶୁଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ଏ ସମ୍ପର୍କରେ ଚିତ୍ରକୋଣ୍ଡା ଅଗ୍ନିଶମ ବିଭାଗ, ଚିତ୍ରକୋଣ୍ଡା ଥାନାକୁ ଗ୍ରାମବାସୀ ଖବର ଦେବା ପରେ ଶୁକ୍ରବାର ସକାଳେ ଅଗ୍ନିଶମ ବିଭାଗ କର୍ମଚାରୀ ଓ ଗ୍ରାମବାସୀ ମିଶି ଜଳଭଣ୍ଡାରରେ ଖୋଜାଖୋଜି କରିଥିଲେ। ଅନେକ ସମୟ ଖୋଜିବା ପରେ ୨ ଶିଶୁ କନ୍ୟାଙ୍କ ମୃତଦେହ ମିଳିଥିଲା। ସେମାନଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଜାରି ରଖିଛି।

# ଯୁକ୍ତ୨ ପରୀକ୍ଷା ଆରମ୍ଭ

**ପ୍ରଥମ ଦିନରେ କପିକରି ଧରାପଡ଼ିଲେ ୧୧ ପରୀକ୍ଷାର୍ଥୀ**

**ଭୁବନେଶ୍ୱର, ୧୬।୨ (ଅସମାପିକା ସାହୁ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍ଏସ୍ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ବିଜ୍ଞାନ ବିଭାଗର ଛାତ୍ରୀଛାତ୍ର ମାତୃଭାଷା ପରୀକ୍ଷା ଦେଇଛନ୍ତି। ପୂର୍ବାହ୍ନ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଅପରାହ୍ନ ୧ଟାରେ ଶେଷ ହୋଇଥିଲା। ପରୀକ୍ଷା ଆରମ୍ଭ ହେବାର ଅଧଘଣ୍ଟା ପୂର୍ବରୁ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରେ ପହଞ୍ଚିଥିଲେ। ୧୫ ମିନିଟ୍ ପୂର୍ବରୁ ସେମାନେ ହଲ୍‌କୁ ପ୍ରବେଶ କରିଥିଲେ। ପରୀକ୍ଷା କେନ୍ଦ୍ରକୁ ପ୍ରବେଶ ସମୟରେ ସବୁଠି ଛାତ୍ରୀଛାତ୍ରଙ୍କୁ ଯାଞ୍ଚ କରାଯାଇ ଭିତରକୁ ଛଡ଼ାଯାଇଥିଲା। ତେବେ ପ୍ରଥମ ଦିନରେ ୧୧ଜଣ କପିକରି ଧରାପଡ଼ିଛନ୍ତି। ଏମାନଙ୍କ ମଧ୍ୟରେ ସମ୍ବଲପୁର ଜୋନ୍‌ରେ ସର୍ବାଧିକ ୯ଜଣ ଥିବାବେଳେ ବ୍ରହ୍ମପୁର ଏବଂ ବାରିପଦା ଜୋନ୍‌ରେ ଜଣେ ଲେଖାଏ ପରୀକ୍ଷାର୍ଥୀ ରହିଛନ୍ତି। ଶନିବାର କଳା ଏବଂ ବାଣିଜ୍ୟ ବିଭାଗର ଛାତ୍ରୀଛାତ୍ର ମାତୃଭାଷାରେ ପରୀକ୍ଷା ଦେବେ। ଏହି ପରୀକ୍ଷା ମାର୍ଚ୍ଚ ୨୦ ଯାଏ ଚାଲିବ।

ସୂଚନାଯୋଗ୍ୟ, ଚଳିତବର୍ଷ ୩ ଲକ୍ଷ ୮୬ ହଜାର ୨୫୦ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ରେଗୁଲାର ୩ ଲକ୍ଷ ୬୦ ହଜାର ୧୯୮ ଏବଂ ଏକ୍ସରେଗୁଲାର ପରୀକ୍ଷାର୍ଥୀ ୨୬ ହଜାର ୫୨ଜଣ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧ ଲକ୍ଷ ୯୯ ହଜାର ୩୬୧ଜଣ ଛାତ୍ରୀ ଓ ୧ ଲକ୍ଷ ୮୬ ହଜାର ୮୮୯ଜଣ ଛାତ୍ର ରହିଛନ୍ତି। ସେହିଭଳି କଳାରେ ୨ ଲକ୍ଷ ୩୭ ହଜାର ୭୫୦ଜଣ, ବିଜ୍ଞାନରେ ୧ ଲକ୍ଷ ୧୬ ହଜାର ୬୨୦ଜଣ, ବାଣିଜ୍ୟରେ ୨୬ ହଜାର ୮୯ଜଣ ଓ ଧନ୍ଦାମୂଳକରେ ୫ହଜାର ୭୯୧ଜଣ ପରୀକ୍ଷା ଦେଉଛନ୍ତି।


ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଛାତ୍ରୀମାନେ ପରୀକ୍ଷା ଦେବାକୁ ଧାଡ଼ିରେ ଯାଉଛନ୍ତି।

# ଅର୍ମଦା କମ୍ପାନୀ ମାଲିକଙ୍କୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଲା ଇଓଡବ୍ଲ୍ୟୁ

**ମେଗା ମାର୍ଟ ଫ୍ରାଞ୍ଚାଇଜ୍ ଆଳରେ ୧୨ କୋଟି ଠକେଇ**

**ଭୁବନେଶ୍ୱର,୧୬।୨ (ସୂର୍ଯ୍ୟକାନ୍ତ ବେହେରା)**

ରାଜ୍ୟର ବିଭିନ୍ନ ସ୍ଥାନରେ ମେଗା ମାର୍ଟ ଫ୍ରାଞ୍ଚାଇଜ୍ ଦେବା ଆଳରେ ୧୨ କୋଟି ଟଙ୍କା ଠକେଇ ମାମଲାରେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଅର୍ମଦା ପ୍ରାଇଭେଟ୍ ଲିଃର ମୁଖ୍ୟ ନିର୍ଦ୍ଦେଶକ ତଥା ମାଲିକ ପର୍ଶୁରାମ ରାଜନେତଭାଇ ପାଲ୍‌ଙ୍କୁ ଆଗ୍ରା ଜେଲରୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣି କଟକ ଓପିଆଇଡି କୋର୍ଟରେ ହାଜର କରିଛି। ଅଭିଯୁକ୍ତଙ୍କ ଘର ଗୁଜରାଟର ଅହମ୍ମଦାବାଦରେ। ତେବେ ସେ ଏକ ମାମଲାରେ ଗିରଫ ହୋଇ ଆଗ୍ରା ଜେଲରେ ଥିଲେ। ଅପରପକ୍ଷେ ଏହି ମାମଲାରେ ପୂର୍ବରୁ ଅନ୍ୟତମ ଅଭିଯୁକ୍ତ ତଥା କମ୍ପାନୀର ପ୍ରମୋଟର ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁରରେ ରହୁଥିବା ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଞ୍ଚଳର ପଙ୍କଜ କୁମାର ପଣ୍ଡା ଗିରଫ ହୋଇଛନ୍ତି।


ପର୍ଶୁରାମ ରାଜନେତଭାଇ ପାଲ୍

# ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ଚତୁର୍ଥ: ମୁଖ୍ୟମନ୍ତ୍ରୀ

**ମତ୍ସ୍ୟ-ପ୍ରାଣୀ ସମାବେଶ ଉଦ୍‌ଘାଟିତ**

**ସେବା ଯୋଗାଇବ ଆଉ ୧୩୧ ମୋବାଇଲ୍ ଭେଟେରିନାରି ୟୁନିଟ୍ ଭ୍ୟାନ**

**ଭୁବନେଶ୍ୱର, ୧୬।୨ (ଅସମାପିକା ସାହୁ)**

ମତ୍ସ୍ୟ ଉତ୍ପାଦନରେ ଓଡ଼ିଶା ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଛି। ସରକାର ରାଜ୍ୟର ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀଙ୍କ ଉନ୍ନତି ପାଇଁ ନୂତନ ଭାବେ ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏଥିରେ ୧୧ ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ୫୦ ହଜାର ମତ୍ସ୍ୟଜୀବୀ ସିଧାସଳଖ ଉପକୃତ ହେବେ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ଜନତା ମଇଦାନରେ ଶୁକ୍ରବାର ତିନିଦିନିଆ ମତ୍ସ୍ୟ-ପ୍ରାଣୀ ସମାବେଶର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ଭିଡିଓ ବାର୍ତ୍ତାରେ ଏହା କହିବା ସହ ଓଡ଼ିଶାରେ ପ୍ରଥମ ଥର ଏହି ସମାବେଶ ଆୟୋଜନ କରିଥିବାରୁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗକୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି, ରାଜ୍ୟର ପ୍ରାଣୀପାଳକଙ୍କୁ ଉନ୍ନତ ମାନର ସେବା ଯୋଗାଇଦେବା ଉଦ୍ଦେଶ୍ୟରେ ୧୮୧ ନୂତନ ମୋବାଇଲ୍ ଭେଟେରିନାରି ୟୁନିଟ୍ ଭ୍ୟାନ୍‌ର ବ୍ୟବସ୍ଥା କରାଯାଇଛି। ଖୁବ୍‌ଶୀଘ୍ର ଆଉ ୧୩୧ ଭ୍ୟାନ୍ ରାଜ୍ୟରେ ସେବା ଯୋଗାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଲେ, ମତ୍ସ୍ୟ ଓ ପ୍ରାଣୀସମ୍ପଦର ବିକାଶ ନିମନ୍ତେ ୨୦୧୩-୧୪ରୁ ରାଜ୍ୟରେ ପ୍ରତିବର୍ଷ ସ୍ୱତନ୍ତ୍ର କୃଷି ବଜେଟ୍ ପ୍ରସ୍ତୁତ କରାଯାଉଛି। ୨୦୨୪-୨୫ରେ କୃଷି ବିଭାଗର ବଜେଟ ୭୯୨୩ କୋଟି ୮୭ ଲକ୍ଷ ଟଙ୍କା ଥିଲାବେଳେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ବଜେଟ ୧୯୩୭ କୋଟି ୬୫ ଲକ୍ଷ ଟଙ୍କା ରହିଛି। ପ୍ରାଣୀସମ୍ପଦ ସ୍ୱାସ୍ଥ୍ୟ ଓ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଅଧୀନରେ ୧୭୧ କୋଟିଟଙ୍କା ପ୍ରଦାନ କରାଯାଇଛି। ୨୦୧୮-୧୯ ରେ ମାଛ ଉତ୍ପାଦନ ୭ ଲକ୍ଷ ୫୯ ହଜାର ମେଟ୍ରିକ୍ ଟନ୍ ଥିଲା। ଏହା ପ୍ରାୟ ୪୦ ପ୍ରତିଶତ ବୃଦ୍ଧି ପାଇ ୨୦୨୨-୨୩ ରେ ୧୦ ଲକ୍ଷ ୫୨ ହଜାର ମେଟ୍ରିକ୍ ଟନ୍‌ରେ ପହଞ୍ଚିଥିବା ମନ୍ତ୍ରୀ କହିଛନ୍ତି। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସମାବେଶରେ ପୌରୋହିତ୍ୟ କରି ଗତ ୨୦ ବର୍ଷରେ ଚାଷୀଙ୍କ ଆୟବୃଦ୍ଧି ହେବା ସହିତ ମାଛ, ମାଂସ, କୁକୁଡ଼ା ଓ ଦୁଗ୍ଧ ଉତ୍ପାଦନରେ ଉଲ୍ଲେଖନୀୟ ସଫଳତା ମିଳିଥିବା କହିଥିଲେ। ମୁଖ୍ୟବକ୍ତା ଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ମାଛଚାଷ ଓ ପ୍ରାଣୀପାଳନକୁ ଗ୍ରାମାଞ୍ଚଳରେ ବ୍ୟବସାୟିକ ଭିତ୍ତିରେ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ଅତିଥି ଭାବେ କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ଜଳବାୟୁ ସହନଶୀଳ ପ୍ରାଣୀପାଳନ ଓ ମାଛଚାଷକୁ ଆପଣାଇବାକୁ କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଯୋଗଦେଇ କହିଲେ, ବିଶ୍ୱବିଦ୍ୟାଳୟ ପକ୍ଷରୁ ସ୍ଥାନୀୟ ପ୍ରଜାତିର ପ୍ରାଣୀଙ୍କ ସଂରକ୍ଷଣ ଓ ପଞ୍ଜୀକରଣକୁ ଗୁରୁତ୍ୱ ଦିଆଯିବା ସହ ନୂତନ ପ୍ରଜାତି ସୃଷ୍ଟି ନିମନ୍ତେ ପଦକ୍ଷେପ ନିଆଯାଉଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ କହିଲେ, ଗିଫ୍ଟ ତିଲାପିଆ ଏବଂ କେଜ୍ କଲଚର ପଦ୍ଧତିରେ ମାଛଚାଷ କରିବା ଓ ଭେଟେରିନାରି ମୋବାଇଲ୍ ସେବା କ୍ଷେତ୍ରରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ହୋଇପାରିଛି। ସମାବେଶରେ ପଦ୍ମଶ୍ରୀ ବିଜେତା ମତ୍ସ୍ୟଚାଷୀ ବଟକୃଷ୍ଣ ସାହୁଙ୍କ ସମେତ ମତ୍ସ୍ୟଚାଷ ଓ ପ୍ରାଣୀପାଳନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ପାଇଥିବା ୫ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ୩୦ଟି ଜିଲାର ଚାମ୍ପିୟନ ଚାଷୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏଥିସହ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ହିତାଧିକାରୀଙ୍କୁ ସ୍ଥାୟୀ ପୁଞ୍ଜିନିବେଶ ଉପରେ ସବ୍‌ସିଡି ରାଶିର ଚେକ୍ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ କଟକ ଜିଲାର ମହିଳା ଚାଷୀ ନମିତା ମହାପାତ୍ର ସ୍ୱାଗତ ଭାଷଣ ଓ କେନ୍ଦ୍ରାପଡ଼ା ଜିଲାର ମହିଳା ଚାଷୀ ମମତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ସକାଳେ କଳିଙ୍ଗ ଷ୍ଟାଡିୟମ୍‌ଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିଲା।


ମତ୍ସ୍ୟ-ପ୍ରାଣୀ ସମାବେଶର ଉଦ୍‌ଘାଟନୀ ଉତ୍ସବରେ ବିଭାଗୀୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଅର୍ଥମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଓ ଅନ୍ୟ ଅତିଥିଙ୍କ ଗହଣରେ ପୁରସ୍କୃତ ମତ୍ସ୍ୟ ଚାଷୀମାନେ।

"ମାନବୀୟ ପ୍ରଗତିର ପୂର୍ଣ୍ଣାଙ୍ଗ ପରିଣତି ପାଇଁ ମନୁଷ୍ୟ ପକ୍ଷରେ ୟୁରୋପୀୟ ସଭ୍ୟତାର ମାନସିକ, ପ୍ରାଣିକ ଓ ଶାରୀରିକ ଉତ୍କର୍ଷର ଗୁରୁତ୍ୱ ଏବଂ ଭାରତୀୟ ସଭ୍ୟତାର ଆଧ୍ୟାତ୍ମିକ ଓ ନୈତିକ ବିକାଶର ପ୍ରେରଣା- ଉଭୟବିଧ ପ୍ରବୃତ୍ତିର ସମ୍ୟକ ଆବଶ୍ୟକତା ରହିଅଛି। **-ଶ୍ରୀଅରବିନ୍ଦ**



# ପୁନର୍ଗଠନ ସଙ୍କେତ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ମଧ୍ୟପ୍ରଦେଶର ପ୍ରଶାସନିକ କ୍ଷେତ୍ରରେ ପରିବର୍ତ୍ତନର ହାୱା ବହୁଛି। ନୂତନ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଅଧିକାରୀମାନଙ୍କୁ କୋର୍ ଟିମ୍‌ରେ ଏକତ୍ର କରିବାକୁ ତ୍ୱରିତ ପଦକ୍ଷେପ ନେଉଛନ୍ତି। ଯାଦବଙ୍କ ସକ୍ରିୟ ଆଭିମୁଖ୍ୟ ରାଜ୍ୟର ଶାସନ ବ୍ୟବସ୍ଥାର ପରିବର୍ତ୍ତନକୁ ସୂଚାଉଛି ଏବଂ ଏହା ନିଃସନ୍ଦେହ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କୁ ପଛରେ ପକାଇବା ଲାଗି ସେ କେନ୍ଦ୍ର ସହ ଆଲୋଚନା କରୁଛନ୍ତି। କିଛି ସପ୍ତାହ ହେଲା ଆମେ ଏକ ନିର୍ଦ୍ଦିଷ୍ଟ ପ୍ରକାର ନିଯୁକ୍ତି ଓ ପୁନଃ ଆବଣ୍ଟନ ପ୍ରକ୍ରିୟା ଦେଖିବାକୁ ପାଉଛୁ। ବିଶେଷକରି ଚୌହାନଙ୍କ ଶାସନ ପାଳିରେ କାର୍ଯ୍ୟରତ ବରିଷ୍ଠ ବାବୁମାନଙ୍କୁ ଏଡ଼ାଇଯାଇ ନୂଆ ଅଧିକାରୀ ଓ ନୂଆ ଆଭିମୁଖ୍ୟ ନେଇ ନିଯୁକ୍ତି କରିବାରେ ଲାଗିଛନ୍ତି ଯାଦବ । ଲୋକ ସମ୍ପର୍କ କମିଶନର ଭାବରେ ସନ୍ଦୀପ ଯାଦବଙ୍କ ନିଯୁକ୍ତି ଏବଂ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ମୁଖ୍ୟ ଭାବେ ସମୀର ଯାଦବଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ପଦବୀଗୁଡ଼ିକରେ ଦୃଢ଼ତା ଏବଂ ଦକ୍ଷତା ଦର୍ଶାଇବାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟକୁ ପରିପ୍ରକାଶ କରିଛି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ପ୍ରମୁଖ ଶାସନ ସଚିବ ଭାବରେ ରଘୁଭେନ୍ଦ୍ର ସିଂଙ୍କ ପଦୋନ୍ନତି ନୂତନତ୍ୱ ସହିତ ଅଭିଜ୍ଞତା ମିଶ୍ରଣର ଏକ ରଣନୀତିକ ପଦକ୍ଷେପକୁ ପ୍ରତିଫଳିତ କରିଛି। ନୂତନ ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି- ଭରତ ଯାଦବ, ଅବିନାଶ ଲାଭାନିଆ, ଚନ୍ଦ୍ରଶେଖର ୱାଲିମ୍ବେ, ଆଦିତ୍ୟ ଗର୍ଗ ଏବଂ ଅନସୁଲ ଗୁପ୍ତା। ସୂତ୍ରରୁ ପ୍ରକାଶ, ନିକଟରେ ପୋଲିସ ମହାନିର୍ଦ୍ଦେଶକ ସୁଧୀର ସକ୍‌ସେନାଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ବୈଠକ ଆଇପିଏସ୍ ଅଧିକାରୀଙ୍କ ପୁନର୍ଗଠନର ସଂକେତ ଦେଇଛି ।

### ଅଭିବୃଦ୍ଧି ମଡେଲ୍‌ର ବାସ୍ତବତା

ସମସ୍ତେ ଜାଣନ୍ତି ଯେ ଅର୍ଥ ବ୍ୟବସ୍ଥା ଉପରେ ହ୍ୱାଇଟ୍ ପେପର ଓ ବ୍ଲାକ୍ ପେପରଗୁଡ଼ିକ ପ୍ରାୟତଃ ସାଂଖ୍ୟିକ ତଥ୍ୟଭିତ୍ତିକ ରାଜନୀତିକ ଅସ୍ତ୍ର ହୋଇଥାଏ। ତଥାପି ଏ ସବୁ ପାଇଁ ଏବେ ଉଭୟ ପୂର୍ବତନ ଏବଂ କାର୍ଯ୍ୟରତ ଅମଲାତନ୍ତ୍ରୀମାନେ ନୂତନ ସୂତ୍ର ବାହାର କରିବାକୁ କଠିନ ସଂଘର୍ଷ କରୁଛନ୍ତି, ଯାହା ସେମାନଙ୍କ କାର୍ଯ୍ୟକାଳ ମଧ୍ୟରେ ଆରମ୍ଭ କରାଯାଇଥିବା ନୀତିଗତ ପଦକ୍ଷେପକୁ ଯଥାର୍ଥ କରିପାରିବ। ଏହି ସଂଘର୍ଷ ମଧ୍ୟରେ ତାମିଲନାଡୁର ପୂର୍ବତନ ଅର୍ଥମନ୍ତ୍ରୀ ତଥା ବର୍ତ୍ତମାନର ଡିଏମ୍‌କେ ଆଇଟି ମନ୍ତ୍ରୀ ପି.ଥିଆଗା ରାଜନଙ୍କଠାରୁ ଏକ ଅତ୍ୟଧିକ ଶିକ୍ଷଣୀୟ ତଥା ପାଣ୍ଡିତ୍ୟପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଥିଲା। ଏଥିପାଇଁ କେତେଜଣ ଲୋକ ତାଙ୍କୁ ଆର୍ଥିକ ରାଜନେତା କହି ପ୍ରଶଂସା କରିଥିଲେ। ଆର୍ଥିକ ଅଭିବୃଦ୍ଧି ଓ ଏ ସମ୍ପର୍କିତ ଲାଭକୁ ବିଚାରକଲେ ଯେକୌଣସି ଜାତୀୟ ମଡେଲ ବିଶେଷକରି ବର୍ତ୍ତମାନର ଉତ୍ତରପ୍ରଦେଶ ମଡେଲଠାରୁ କିଭଳି ଦ୍ରାବିଡିଆନ ମଡେଲ ଅଧିକ ଭଲ ତାହା ଦର୍ଶାଇବାକୁ ସକ୍ଷମ ହୋଇଥିଲେ। ରାଜନଙ୍କ ଯୁକ୍ତି ଯେ ୟୁପି ମଡେଲ ବାସ୍ତବତା ଅପେକ୍ଷା ଅଧିକ ଭ୍ରମାତ୍ମକ। ସେ ତଥ୍ୟ ଦର୍ଶାଇଥିଲେ ଯେ ତାମିଲନାଡୁର ଦ୍ରୁତ ଅଭିବୃଦ୍ଧି ହାର ପ୍ରତିବର୍ଷ ତୁଳନାରେ ୨ ପ୍ରତିଶତ ଅଧିକ ହୋଇଚାଲିଛି। ତେବେ ତାମିଲନାଡୁର ଏହି ଅଭିବୃଦ୍ଧି ପ୍ରତିଶତକୁ ଛୁଇଁବାକୁ ହେଲେ ଉତ୍ତରପ୍ରଦେଶର ମୁଣ୍ଡ ପିଛା ମୋଟ ରାଜ୍ୟ ଘରୋଇ ଉତ୍ପାଦ(ଏସ୍‌ଡିପି)କୁ ୬୪ ବର୍ଷ ଲାଗିବ! କିନ୍ତୁ ଯେହେତୁ ଆଗକୁ ନିର୍ବାଚନ ହେବାକୁ ଯାଉଛି କେନ୍ଦ୍ରର ବାବୁମାନଙ୍କ ପାଇଁ ୟୁପି ସଫଳତାର ବିଷୟ ଏକ ଭଲ କାହାଣୀ ହୋଇଛି।

### ନିଯୁକ୍ତିରେ ସମସ୍ୟା

କର୍ନାଟକରେ ୬ଟି ସୂଚନା କମିଶନର ପଦବୀ ପାଇଁ ଆବେଦନ କରିଥିବା ୩୭୦ ଜଣଙ୍କ ମଧ୍ୟରେ ଅଛନ୍ତି କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ, ଅବସରପ୍ରାପ୍ତ ଆଇପିଏସ୍ ଏବଂ ଆଇଏଫ୍‌ଏସ୍ ଅଧିକାରୀ, ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ଜିଲା ଜଜ୍ ଓ ଅଧିକାରୀମାନେ। ନଭେମ୍ବରରେ ସୂଚନା କମିଶନରଙ୍କ ୬ଟି ପଦବୀ ପୂରଣ କରିବାକୁ ସରକାର ବିଜ୍ଞପ୍ତି ଜାରି କରିଥିଲେ। ଆବେଦନକାରୀଙ୍କ ମଧ୍ୟରେ ଅଛନ୍ତି ଆଇଏଏସ୍ ଅଧିକାରୀ ମମତା ବି. ଆର୍ . ଏବଂ ରିଚାର୍ଡ ଭିନ୍‌ସେଣ୍ଟ ଡି'ସୁଜା ଏବଂ ଅବସରପ୍ରାପ୍ତ ଆଇଏଏସ୍, ଆଇପିଏସ୍, ଆଇଏଫ୍‌ଏସ୍ ଅଧିକାରୀ ଏ.ବି.ଇବ୍ରାହିମ, ବି.ବାଲଗୋପାଳ, ଆଲାପ୍ପା ଆର୍, ଏମ୍.ଜି. ହିରେମାଥ, ଅସିତ ମୋହନ ପ୍ରସାଦ, କେ.ଟି.ବାଲାକ୍ରିଷ୍ଣା, ଏମ୍.ଭି .ଅମରନାଥ ଏବଂ ରାଜୀବ ରଞ୍ଜନ। ଏହି ତାଲିକାରେ ଅଛନ୍ତି ୪ଜଣ ଜିଲା ବିଚାରପତି ଓ ୩୦ରୁ ଅଧିକ ଅବସରପ୍ରାପ୍ତ ଅଧିକାରୀ,ଯେଉଁମାନେ ନିର୍ଦ୍ଦେଶକଙ୍କଠାରୁ ଆରମ୍ଭକରି ଯୁଗ୍ମ ସଚିବ ଏବଂ ଫାଷ୍ଟ ଡିଭିଜନ ଆସିଷ୍ଟାଣ୍ଟ ଯାଏ ପଦବୀରେ କାର୍ଯ୍ୟ କରିଥିଲେ। ତେବେ ଏକ ବିବାଦୀୟ ପ୍ରସଙ୍ଗ ରହିଛି ଯାହାକି ବର୍ଷ ବର୍ଷ ଧରି ଏହିପରି ନିଯୁକ୍ତିରେ ସମସ୍ୟା ସୃଷ୍ଟି କରିଛି। ଯୋଗ୍ୟତା ଆଧାରିତ ବ୍ୟବସ୍ଥା ଉପରେ ରାଜନୈତିକ ସମ୍ପୃକ୍ତିର ପ୍ରଭାବ ବି ରହିଛି। ଆର୍‌ଟିଆଇ ଜରିଆରେ ଅନେକ ବିଭାଗରେ ତ୍ରୁଟି ସାମ୍ନାକୁ ଆଣିଥିବା ଜଣେ କାର୍ଯ୍ୟକର୍ତ୍ତା କହିଛନ୍ତି, ଚୟନ ସମୟରେ ମୌଳିକ ନୀତିକୁ ଲଗାତର ଭାବେ ସରକାରଗୁଡ଼ିକ ଅବହେଳା କରିଆସିଛନ୍ତି। ଅନେକ କ୍ଷେତ୍ରରେ ସନ୍ଦେହଜନକ ରେକର୍ଡ ଥିବା ବ୍ୟକ୍ତିବିଶେଷଙ୍କୁ ଏପରି ପଦବୀରେ ନିଯୁକ୍ତ କରାଯାଇଛି, ଯାହା ସ୍ୱଚ୍ଛତାର ମହତ୍ତ୍ୱକୁ ଦୁର୍ବଳ କରିଦେବା ସହ ଅନୁଷ୍ଠାନଗୁଡ଼ିକ ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ନଷ୍ଟ କରିଦେଇଛି।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 9 | | 8 | 1 | 4 | | 6 | | |
| 4 | 2 | | | | | 8 | | |
| | | | | | 6 | | 7 | |
| 5 | 6 | 9 | | | | | | |
| | | | | 9 | 3 | 4 | | |
| | 4 | | 6 | | | | | |
| | | | | 7 | 4 | | 1 | |
| | 1 | | 2 | | | | | |
| | | 3 | | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 5 | 7 | 8 | 3 | 4 | 2 | 1 |
| 8 | 2 | 4 | 5 | 9 | 1 | 6 | 3 | 7 |
| 7 | 1 | 3 | 4 | 2 | 6 | 8 | 5 | 9 |
| 5 | 4 | 7 | 8 | 1 | 2 | 9 | 6 | 3 |
| 2 | 3 | 6 | 9 | 5 | 4 | 7 | 1 | 8 |
| 1 | 9 | 8 | 6 | 3 | 7 | 2 | 4 | 5 |
| 6 | 5 | 9 | 1 | 4 | 8 | 3 | 7 | 2 |
| 3 | 7 | 1 | 2 | 6 | 9 | 5 | 8 | 4 |
| 4 | 8 | 2 | 3 | 7 | 5 | 1 | 9 | 6 |

ଗତକାଲିର ଉତ୍ତର

# ଈଶ୍ୱର ଦର୍ଶନ



ଡ. ଛାୟାକାନ୍ତ ଷଡ଼ଙ୍ଗୀ

ମଣିଷ ଜନ୍ମ ଓ ମୃତ୍ୟୁ ମଧ୍ୟରେ କେବଳ ସୁଖ ଭୋଗ କରେନାହିଁ, ଦୁଃଖ ଓ ଯନ୍ତ୍ରଣାରେ ମଧ୍ୟ ଦଗ୍ଧୀଭୂତ ହୁଏ। ପୁନଶ୍ଚ ହିନ୍ଦୁଧର୍ମ ଅନୁସାରେ ନିଜର କର୍ମ ଅନୁଯାୟୀ ବାରମ୍ବାର ଜନ୍ମଗ୍ରହଣ କରେ। ଏହି ଜନ୍ମ-ମୃତ୍ୟୁ ଚକ୍ରରୁ ମୁକ୍ତି ପାଇବା ପାଇଁ ସେ ବିଭିନ୍ନ ସାଧନା କରେ ଓ ବହୁ ଦେବଦେବୀଙ୍କୁ ଆରାଧନା କରେ। ସ୍କନ୍ଦ ପୁରାଣ କହେ-''ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ।'' ଅର୍ଥାତ୍ ରଥ ଉପରେ ଜଗନ୍ନାଥଙ୍କ ଦର୍ଶନ କଲେ ପୁନର୍ଜନ୍ମ ହୁଏନାହିଁ। ଏଣୁ ରଥଯାତ୍ରା ସମୟରେ ଜଗନ୍ନାଥ ଦର୍ଶନ ପାଇଁ ଲକ୍ଷାଧିକ ଲୋକ ବଡ଼ଦାଣ୍ଡରେ ସମବେତ ହୁଅନ୍ତି। କେବଳ ଜଗନ୍ନାଥ ମନ୍ଦିର ନୁହେଁ, ଭାରତର ବିଭିନ୍ନ ବିଶିଷ୍ଟ ମନ୍ଦିର ଯଥା ତିରୁପତି ମନ୍ଦିର, ରାମେଶ୍ୱର ମନ୍ଦିର, ମୀନାକ୍ଷୀ ମନ୍ଦିର, କାମାକ୍ଷା ମନ୍ଦିର, ପଦ୍ମନାଭ ମନ୍ଦିର ଆଦିରେ ପ୍ରବଳ ଭିଡ଼ ହୁଏ ଓ ବେଳେବେଳେ ଦଳାଚକଟାରେ ଭକ୍ତମାନେ ଆହତ ହେବାର ଉଦାହରଣ ମଧ୍ୟ ଅଛି। ପ୍ରଶ୍ନ ହେଉଛି, ପ୍ରକୃତରେ ଭକ୍ତମାନେ ମନ୍ଦିରକୁ ଯାଇ ଈଶ୍ୱର ଦର୍ଶନ କରନ୍ତି କି? ଋକ୍‌ବେଦ କହେ- ଈଶ୍ୱର ସର୍ବବ୍ୟାପୀ, ନିରାକାର, ନିର୍ଲିପ୍ତ, କର୍ମାଧକ୍ଷ, ସମସ୍ତ କର୍ମର ସାକ୍ଷୀସ୍ୱରୂପ ଓ ସର୍ବଭୂତର ଅନ୍ତରାତ୍ମାସ୍ୱରୂପ। ଯଜୁର୍ବେଦ କହେ-''ନ ତସ୍ୟ ପ୍ରତିମା ଅସ୍ତି'' ଅର୍ଥାତ୍ ଈଶ୍ୱରଙ୍କ ପ୍ରତିମା ନାହିଁ। ଆମେ ଯେଉଁମାନେ ମନ୍ଦିରକୁ ଯାଉ, ଈଶ୍ୱରଙ୍କୁ ଦେଖି ନ ଥାଉ, ଦେଖୁ ଈଶ୍ୱରଙ୍କ ପ୍ରତିମା। ଚର୍ମଚକ୍ଷୁରେ ଈଶ୍ୱରଙ୍କୁ ଦେଖିହୁଏ ନାହିଁ। ଏଣୁ ମଣିଷ ଈଶ୍ୱରଙ୍କୁ କଳ୍ପନା ଚକ୍ଷୁରେ ଦେଖେ ଓ ତଦନୁଯାୟୀ ତାଙ୍କ ରୂପ ନିଏ ଓ ତାଙ୍କର ପ୍ରତିମା ଗଢ଼େ। ସେହି ପ୍ରତିମା ଭିତରେ ସେ ଈଶ୍ୱରଙ୍କୁ ଅନୁଭବ କରେ। ଏଣୁ ସ୍କନ୍ଦ ପୁରାଣ, ଗରୁଡ଼ ପୁରାଣ ଓ ଚାଣକ୍ୟ ନୀତିରେ କୁହାଯାଇଛି-''ନ ଦେବୋ ବିଦ୍ୟତେ କାଷ୍ଟେ, ନ ପାଷାଣେ, ନ ମୃଣ୍ମୟେ/ ଭାବେ ହିଁ ବିଦ୍ୟତେ ଦେବୋସ୍ତସ୍ମାତ୍ ଭାବୋ ହି କାରଣମ୍।'' ଅର୍ଥାତ୍ କାଠ, ପଥର ବା ମାଟିରେ ଦେବତା ନ ଥା'ନ୍ତି। ସେ ଥା'ନ୍ତି ଭାବରେ। ଏଣୁ ଭାବ ହିଁ କାରଣ।

ଆମେ ଆମ ପ୍ରିୟବ୍ୟକ୍ତିଙ୍କୁ ଦେଖିବାକୁ ଚାହୁଁ। ମାତ୍ର ଯାହାଙ୍କୁ ଦେଖିବାକୁ ଚାହୁଁ ଯଦି ସେ ଦେଖାଦେବାକୁ ନ ଚାହାନ୍ତି, ତେବେ ଆମେ ତାଙ୍କୁ ଦେଖିପାରିବା ନାହିଁ। ଠିକ୍ ସେହିପରି ଭକ୍ତ ଈଶ୍ୱରଙ୍କୁ ଦର୍ଶନ କରିବାକୁ ଚାହେଁ ମାତ୍ର ଈଶ୍ୱର ଦର୍ଶନ ଦେବାକୁ ନ ଚାହିଁଲେ ସେ ତାଙ୍କୁ ଦେଖିପାରିବ ନାହିଁ। ଈଶ୍ୱର ଭକ୍ତର ପ୍ରିୟ ହୋଇପାରନ୍ତି, ମାତ୍ର ଯଦି ଭକ୍ତ ଈଶ୍ୱରଙ୍କ ପ୍ରିୟ ହୋଇ ନ ଥିବ, ଈଶ୍ୱର ଭକ୍ତକୁ ଦର୍ଶନ ଦେବେ କିପରି? ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାକୁ ଗଲେ ଈଶ୍ୱର ଦର୍ଶନ ହୁଏନାହିଁ।



ଭଗବଦ୍ ଗୀତାର ଦ୍ୱାଦଶ ଅଧ୍ୟାୟରେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ତାଙ୍କ ପ୍ରିୟଭକ୍ତର ଲକ୍ଷଣ ବର୍ଣ୍ଣନା କରିଛନ୍ତି। ଅର୍ଜୁନଙ୍କ ପ୍ରଶ୍ନ ''କେଉଁ ଭକ୍ତ ଆପଣଙ୍କର ପ୍ରିୟ?'' ଏହାର ଉତ୍ତରରେ ସେ କହିଛନ୍ତି, ଯିଏ ନିଃସ୍ୱାର୍ଥ ଭାବେ ସମସ୍ତଙ୍କୁ ପ୍ରେମକରେ, ଦ୍ୱେଷଶୂନ୍ୟ, ଅହଂକାରରହିତ, ଆସକ୍ତିରହିତ, ଦୁଃଖ ଓ ସୁଖରେ ସମଭାବାପନ୍ନ କ୍ଷମାଶୀଳ, ସଂଯମୀ, ଅନୁଦ୍‌ବିଗ୍ନ, ନିଷ୍କାମ, ଶୁଚିସମ୍ପନ୍ନ, ମାନ ଅପମାନରେ ସମଭାବାପନ୍ନ, ସ୍ଥିରବୁଦ୍ଧି, ଶ୍ରଦ୍ଧାଯୁକ୍ତ ଓ ମହତ୍ ପରାୟଣ ସେହି ଭକ୍ତ ମୋର ପ୍ରିୟ। ଏଣୁ ଈଶ୍ୱରଙ୍କ ପ୍ରିୟ ହେବାକୁ ହେଲେ ଏହିସବୁ ଗୁଣର ଅଧିକାରୀ ହେବାକୁ ପଡ଼ିବ ଓ ଈଶ୍ୱରଙ୍କ ପ୍ରିୟ ନ ହେଲେ ଈଶ୍ୱର ଦର୍ଶନ ଦେବେ କିପରି?

ଈଶ୍ୱର ଦର୍ଶନ ସମ୍ପର୍କରେ ବିଶିଷ୍ଟ ଲେଖକ ମନୋଜ ଦାସଙ୍କ ଉପନ୍ୟାସ 'ପ୍ରଭଞ୍ଜନ'ରେ ସୋମ୍ୟଦେବ ଓ ରୀନା ମଧ୍ୟରେ ହୋଇଥିବା କଥୋପକଥନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ମନେହୁଏ। ରୀନା ସୋମ୍ୟଦେବଙ୍କୁ ପ୍ରଶ୍ନ କଲା, ''ସାଧୁବାବା! ଆପଣ ଭଗବାନ୍‌ଙ୍କୁ ଦେଖିଛନ୍ତି?'' ସୋମ୍ୟଦେବ ଉତ୍ତର ଦେଲେ, ''ହଁ''। ରୀନା କହିଲା ''ମୋତେ ଦେଖାଇପାରିବେ?'' ସୋମ୍ୟଦେବ ହସିଲେ, କିନ୍ତୁ କିଛି କହିଲେ ନାହିଁ। ରୀନା ପୁଣି ପଚାରିଲା, ''ଆପଣ ଯଦି ଦେଖିଛନ୍ତି ମୋତେ ଦେଖାଇ ନ ଦେବେ କିଆଁ? ମୁଁ ତ ଦେଖିବାକୁ ଉତ୍ସୁକ।'' ସୋମ୍ୟଦେବ ଉତ୍ତର ଦେଲେ, ''ଝିଅ! ସେ ତ ପୁଣି ତୁମକୁ ଦେଖିବାକୁ ଉତ୍ସୁକ ହେବା ଲୋଡ଼ା।'' ଆମେ ଯଦି ଜୀବନରେ ଗୀତାରେ ଶ୍ରୀକୃଷ୍ଣଙ୍କ ଦ୍ୱାରା କଥିତ ବିପରୀତ ଗୁଣର ଅଧିକାରୀ ହେବା ଯଥା ଅସଂଯମୀ, ବର୍ବର, ହିଂସ୍ର, ସ୍ୱାର୍ଥାନ୍ୱେଷୀ, ଅହଂକାରୀ ଓ ଦ୍ୱେଷପୂର୍ଣ୍ଣ ହେବା, ତା'ହେଲେ ଈଶ୍ୱର ଆମକୁ ଦର୍ଶନ ଦେବାକୁ ଉତ୍ସୁକ ହେବେ କିପରି? ଆମେ ଈଶ୍ୱରଙ୍କୁ ଭଲ ପାଇପାରୁ। ମାତ୍ର ଈଶ୍ୱର ଆମକୁ ଭଲପାଇବା ଦରକାର, ତା'ହେଲେ ସିନା ସେ ଦର୍ଶନ ଦେବେ। ଏହି ପ୍ରସଙ୍ଗ ଇଂରାଜୀ କବି ଲେ ହଣ୍ଟ ତାଙ୍କ କବିତା ''ଆବୁ ବେନ୍ ଆଦେମ୍''ରେ ସୁନ୍ଦର ଭାବରେ ଉପସ୍ଥାପନ କରିଛନ୍ତି।

ଦିନେ ରାତିରେ ଆବୁ ବେନ୍ ଆଦେମ୍‌ଙ୍କ ନିଦ ଭାଙ୍ଗିଗଲା। ସେ ଦେଖିଲେ ଘରର ଏକ କୋଣରେ ଜଣେ ଦେବଦୂତ ଏକ ଖାତାରେ କିଛି ଲେଖୁଛନ୍ତି। ଆବୁ ବେନ୍ ସେ କ'ଣ ଲେଖୁଛନ୍ତି ଜାଣିବାକୁ ଚାହାନ୍ତେ ଦେବଦୂତ କହିଲେ- ମୁଁ ସେହିମାନଙ୍କ ନାମ ଲେଖୁଛି, ଯେଉଁମାନେ ଈଶ୍ୱରଙ୍କୁ ଭଲ ପାଆନ୍ତି। ଆବୁ ବେନ୍ ତାଙ୍କ ନାମଟି ତା' ଭିତରେ ଅଛି କି ନା ସେକଥା ଜାଣିବାକୁ ଚାହିଁଲେ। ଦେବଦୂତ ମନା କରିବାରୁ ଆବୁ ବେନ୍ ଭାବିଲେ ବାସ୍ତବିକ୍ ସେ ଜୀବନରେ କେବେ ଈଶ୍ୱରଙ୍କ କଥା ଚିନ୍ତା କରିନାହାନ୍ତି। ଚିନ୍ତା କରିଛନ୍ତି କେବଳ ତାଙ୍କ ଚତୁଃପାର୍ଶ୍ୱରେ ରହୁଥିବା ଦୀନ ଦୁଃଖୀ ମଣିଷଙ୍କ କଥା। ତାଙ୍କ ନାମଟି ସେହି ତାଲିକାରେ ନ ରହିବା ସ୍ୱାଭାବିକ। ଏଣୁ ସେ ଦେବଦୂତଙ୍କୁ କହିଲେ, ''ତା'ହେଲେ ତୁମେ ମଣିଷମାନଙ୍କୁ ଭଲ ପାଉଥିବା ଲୋକଙ୍କ ତାଲିକାରେ ମୋର ନାମଟି ଲେଖିଦିଅ।'' ଦେବଦୂତ ସେଭଳି ଲେଖି ଅନ୍ତର୍ଦ୍ଧାନ ହୋଇଗଲେ। ପରଦିନ ରାତିରେ ଦେବଦୂତ ପୁଣିଥରେ ଆସିଲେ ଓ ପୂର୍ବଭଳି ଏକ ତାଲିକା ମଧ୍ୟ ପ୍ରସ୍ତୁତ କରୁଥିଲେ। ଆବୁ ବେନ୍ ଏଥର ତାଙ୍କୁ କିଛି ପଚାରିଲେ ନାହିଁ। ଦେବଦୂତ ନିଜଆଡୁ କହିଲେ, ଶୁଣ ଆବୁ ବେନ୍ ! ଏଥର ମୁଁ ଆଜି ଆଉ ଏକ ତାଲିକା କରିଛି, ଯେଉଁଥିରେ ରହିଛି ସେହିମାନଙ୍କ ନାମ, ଯେଉଁମାନଙ୍କୁ ଭଗବାନ୍ ଭଲ ପାଆନ୍ତି। ସେଇ ତାଲିକାରେ ତୁମର ନାମ ଅଛି ସର୍ବାଗ୍ରେ।'' ଆବୁ ବେନ୍ କେବେ ଈଶ୍ୱରଙ୍କୁ ଖୋଜି ନ ଥିଲେ କି ସ୍ମରଣ କରି ନ ଥିଲେ। ମାତ୍ର ସେ ଭଲ ପାଉଥିଲେ ତାଙ୍କ ଚତୁଃପାର୍ଶ୍ୱସ୍ଥ ମଣିଷମାନଙ୍କୁ। ଦୁଃଖୀ ଦରିଦ୍ରଙ୍କୁ ସେ ସାହାଯ୍ୟ କରୁଥିଲେ ଓ ଅପାର ଆନନ୍ଦ ଲାଭ କରୁଥିଲେ। ଏଣୁ ଈଶ୍ୱର ତାଙ୍କୁ ଭଲ ପାଉଥିଲେ। ଆବୁ ବେନ୍ ଈଶ୍ୱରଙ୍କୁ ଖୋଜୁ ନ ଥିଲେ, ମାତ୍ର ତାଙ୍କର ସୁକର୍ମ ପାଇଁ ଈଶ୍ୱର ତାଙ୍କୁ ଖୋଜୁଥିଲେ। ଏଣୁ ଈଶ୍ୱର ଆମକୁ ଦର୍ଶନ ଦେବାକୁ ନ ଚାହିଁବା ପର୍ଯ୍ୟନ୍ତ ଆମେ ମନ୍ଦିର, ମସ୍‌ଜିଦ୍ ବା ଗୀର୍ଜାକୁ ଗଲେ ମଧ୍ୟ ଈଶ୍ୱର ଦର୍ଶନ ସମ୍ଭବ ହେବନାହିଁ।

ଚର୍ମଚକ୍ଷୁ ରୂପକୁ ଦେଖିପାରେ। ମାତ୍ର ଈଶ୍ୱର ଅରୂପ ହୋଇଥିବାରୁ ଚର୍ମଚକ୍ଷୁରେ ତାଙ୍କୁ ଦେଖିବା ସମ୍ଭବ ନୁହେଁ। 'ଗୀତା'ରେ ଭଗବାନ୍ ଅର୍ଜୁନଙ୍କୁ କହିଛନ୍ତ, ଈଶ୍ୱର ସମସ୍ତ ଭୂତଙ୍କ ହୃଦୟରେ ବାସ କରନ୍ତି। ଏଣୁ ଈଶ୍ୱରଙ୍କୁ ଚକ୍ଷୁରେ ଦେଖିହୁଏନାହିଁ, ହୃଦୟରେ ଅନୁଭବ କରିହୁଏ। ସ୍ୱାମୀ ବିବେକାନନ୍ଦ କହୁଥିଲେ, ''ନିଖିଳ ଆତ୍ମାର ସମଷ୍ଟି ରୂପେ ଏକମାତ୍ର ଈଶ୍ୱର ବିଦ୍ୟମାନ ଅଛନ୍ତି ଓ ମୁଁ ସେହି ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରେ। ସେହି ଈଶ୍ୱରଙ୍କ ପୂଜା ପାଇଁ ମୁଁ ଥରକୁ ଥର ଜନ୍ମଗ୍ରହଣ କରିବାକୁ ଚାହେଁ ଓ ମୋର ଇଚ୍ଛା ନରନାରାୟଣ ଯେପରି ମୋର ସର୍ବାଧିକ ଉପାସ୍ୟ ଦେବତା ହୁଅନ୍ତୁ।'' ବିଡ଼ମ୍ବନାର ବିଷୟ ଯେ ମଣିଷ ଜୀବନ୍ତ ଈଶ୍ୱରଙ୍କୁ ସମାଜ ଭିତରେ ନ ଖୋଜି ଅଦୃଶ୍ୟ ଈଶ୍ୱରଙ୍କୁ ଦର୍ଶନ କରିବା ପାଇଁ ମନ୍ଦିର, ମସ୍‌ଜିଦ୍ ଓ ଗୀର୍ଜାକୁ ଧାଉଁଛି।

ମୋ:୯୪୩୭୩୨୯୨୬୩

# ପରିବର୍ତ୍ତନ ଅପେକ୍ଷାରେ...



ପଲ୍ଲିଶ୍ରୀ ଦାଶ

ପୋଲିସ ସଂସ୍କାରର ମୂଳ ଲକ୍ଷ୍ୟ ପୋଲିସ ଲୋକମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ, ମାନବିକ ଅଧିକାର ଆଧାରିତ ବ୍ୟବହାର କରିବା ସହ ନିଜ କାମ ପାଇଁ ଉତ୍ତରଦାୟୀ ହେବା ଉଚିତ। ଏଥିପାଇଁ ପୋଲିସ ବିଭାଗର ମୂଲ୍ୟ, ସଂସ୍କୃତି, ନୀତି ଏବଂ ଅଭ୍ୟାସକୁ ପରିବର୍ତ୍ତନ କରିବା ଜରୁରୀ। ୧୮୬୧ ମସିହାରେ ହୋଇଥିବା ପୋଲିସ ଆଇନ ଆଜି ବି ପୋଲିସ ବିଭାଗରେ କାର୍ଯ୍ୟକାରୀ କରାଯାଉଛି।

୧୯୭୯ ମସିହାରେ ଜାତୀୟ ପୋଲିସ କମିଶନ ଦ୍ୱାରା କରାଯାଇଥିବା ମଡେଲ ପୋଲିସ ଆକ୍ଟରେ ନୂତନ ପୋଲିସ ଆକ୍ଟ ଗଠନ ପାଇଁ ଭାରତ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିବାକୁ କହିଥିଲେ ଏବଂ ଏହା ସୁନିଶ୍ଚିତ କରିବାକୁ ଅନୁରୋଧ କରିଥିଲେ କି ସମ୍ବିଧାନର ଧାରା ୧୪ ଅନୁଯାୟୀ ପୋଲିସ ତା'ର କାର୍ଯ୍ୟ ପାଇଁ ଆଇନ ପାଖରେ ଉତ୍ତରଦାୟୀ ରହିବ- କାରଣ କେହି ଆଇନଠାରୁ ଊର୍ଦ୍ଧ୍ୱ ନୁହନ୍ତି। ୧୯୯୬ ମସିହାରେ ପୂର୍ବତନ ଡିଜିପି ପ୍ରକାଶ ସିଂ ସମ୍ବିଧାନର ଧାରା ୩୨ ଅନୁଯାୟୀ ସୁପ୍ରିମକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରି ପୋଲିସ ବିଭାଗରେ ସଂସ୍କାର ଆଣିବାକୁ ଅନୁରୋଧ କରିଥିଲେ। ୧୯୯୮ରେ କୋର୍ଟ ରିବେରୋ କମିଟି ଗଠନ କରିଥିଲେ, ଯାହା ୧୯୯୯ରେ ଏହାର ରିପୋର୍ଟ ଦାଖଲ କରିଥିଲା। ଏହା ପରେ ୨୦୦୦ ମସିହାରେ ପଦ୍ମନାଭୟା କମିଟି ରିପୋର୍ଟ ଆସିଥିଲା ଏବଂ ଶେଷରେ ପୋଲିସ ଆକ୍ଟ ଡ୍ରାଫ୍ଟିଂ କମିଟି (ପିଏଡିସି କିମ୍ବା ସୋଲି ସୋରାବଜୀ କମିଟି) ଗଠନ କରାଯାଇଥିଲା। ୨୦୦୬ରେ କୋର୍ଟ ଏହାର ରାୟ ପ୍ରଦାନ କରିଥିଲେ, ଯାହା ସାଧାରଣତଃ ପ୍ରକାଶ ସିଂ ମାମଲା ଭାବରେ ଜଣାଶୁଣା। ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ ପୋଲିସ ସଂସ୍କାର ହେବା ଆବଶ୍ୟକ। ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳକୁ ସାତଟି ବାଧ୍ୟତାମୂଳକ ନିର୍ଦ୍ଦେଶାବଳୀ ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା, ଯାହା ସଂସ୍କାର ଆରମ୍ଭ କରିବ। କାର୍ଯ୍ୟନିର୍ବାହୀ ଆଦେଶ କିମ୍ବା ନୂତନ ପୋଲିସ ଆଇନ ମାଧ୍ୟମରେ କୋର୍ଟ ଏହାର ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ଆବଶ୍ୟକ ବୋଲି ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶନାମାଗୁଡ଼ିକ ହେଉଛି-

ନିର୍ଦ୍ଦେଶନାମା ୧- ରାଜ୍ୟ ସରକାର ଏକ ରାଜ୍ୟ ସୁରକ୍ଷା ଆୟୋଗ ଗଠନ କରନ୍ତୁ, ନିଶ୍ଚିତ କରନ୍ତୁ ଯେ ପୋଲିସ ଉପରେ ଅଯଥା ପ୍ରଭାବ କିମ୍ବା ଚାପ ପ୍ରୟୋଗ କରିପାରୁ ନ ଥିବେ ଏବଂ ଏଥିପାଇଁ ବ୍ୟାପକ ନୀତି ନିର୍ଦ୍ଦେଶାବଳୀ ତିଆରି କରାଯିବା ସହ ରାଜ୍ୟ ପୋଲିସର କାର୍ଯ୍ୟଦକ୍ଷତାକୁ ମୂଲ୍ୟାଙ୍କନ କରାଯାଉ। ୨- ରାଜ୍ୟ ସରକାର ସୁନିଶ୍ଚିତ କରନ୍ତୁ ଯେ ପୋଲିସ ମହାନିର୍ଦ୍ଦେଶକଙ୍କ ନିଯୁକ୍ତି ମେରିଟ୍ ଆଧାରିତ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ଏବଂ ସର୍ବନିମ୍ନ ଦୁଇ ବର୍ଷର କାର୍ଯ୍ୟକାଳ ରହିବା ଆବଶ୍ୟକ। ୩- ସୁନିଶ୍ଚିତ କର ଯେ ଅପରେଶନ ଡ୍ୟୁଟିରେ ଥିବା ଅନ୍ୟ ପୋଲିସ ଅଧିକାରୀଙ୍କୁ (ଏକ ଜିଲା ଦାୟିତ୍ୱରେ ଥିବା ପୋଲିସ ଅଧୀକ୍ଷକ ଏବଂ ପୋଲିସ ଦାୟିତ୍ୱରେ ଥିବା ଷ୍ଟେଶନ ହାଉସ ଅଫିସରଙ୍କ ସମେତ) ମଧ୍ୟ ସର୍ବନିମ୍ନ ଦୁଇ ବର୍ଷ କାର୍ଯ୍ୟକାଳ ଏକ ସ୍ଥାନରେ ଯୋଗାଇ ଦିଆଯାଉଛି। ୪- ପୋଲିସର ଅନୁସନ୍ଧାନ ଏବଂ ଆଇନ ଶୃଙ୍ଖଳା କାର୍ଯ୍ୟକୁ ପୃଥକ୍ କରନ୍ତୁ। ୫- ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପଦବୀ ଏବଂ ଏହାର ତଳ ପାହ୍ୟାର ପୋଲିସ ଅଧିକାରୀଙ୍କ ସ୍ଥାନାନ୍ତର, ପୋଷ୍ଟିଂ,



ପଦୋନ୍ନତି ଏବଂ ଅନ୍ୟାନ୍ୟ ସେବା ସମ୍ବନ୍ଧୀୟ ବିଷୟ ସ୍ଥିର କରିବାକୁ ଏକ ପୋଲିସ ପ୍ରତିଷ୍ଠା ବୋର୍ଡ ଗଠନ କରନ୍ତୁ। ୬- ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପଦବୀ ତଥା ତଦୂର୍ଦ୍ଧ୍ୱ ପୋଲିସ ଅଧିକାରୀଙ୍କ ବିରୋଧରେ ତଥା ପୋଲିସ ହେପାଜତରେ ନିର୍ଯାତନା କିମ୍ବା ବଳାତ୍କାର ଭଳି ଗୁରୁତର ଅସଦାଚରଣ ମାମଲାରେ ରାଜ୍ୟ ସ୍ତରରେ ପୋଲିସ ଅଭିଯୋଗ ପ୍ରାଧିକରଣ ଗଠନ କରନ୍ତୁ। ଗୁରୁତର ଅସଦାଚରଣ ମାମଲାରେ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପଦବୀ ତଳେ ଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଜନସାଧାରଣଙ୍କ ଅଭିଯୋଗ ପାଇଁ ଜିଲା ସ୍ତର ଅନୁସନ୍ଧାନ ବୋର୍ଡ ଗଠନ କରାଯାଉ। ୭- ସର୍ବନିମ୍ନ ଦୁଇ ବର୍ଷର କାର୍ଯ୍ୟକାଳ ସହିତ କେନ୍ଦ୍ରୀୟ ପୋଲିସ ସଂଗଠନ(ସିପିଓ)ର ମୁଖ୍ୟ ଚୟନ ଏବଂ ସ୍ଥାନିତ ପାଇଁ ଏକ ପ୍ୟାନେଲ ପ୍ରସ୍ତୁତ କରିବାକୁ ୟୁନିୟନ ସ୍ତରରେ ଏକ ଜାତୀୟ ସୁରକ୍ଷା ଆୟୋଗ ଗଠନ କରନ୍ତୁ। ନିର୍ଦ୍ଦେଶନାମା ୨ରେ ଏହା ଅଛି ଯେ ରାଜ୍ୟ ସରକାର ସୁନିଶ୍ଚିତ କରନ୍ତୁ, ଡିଜିପିଙ୍କ ନିଯୁକ୍ତି ମେରିଟ ଆଧାରିତ ସ୍ୱଚ୍ଛ ପ୍ରକ୍ରିୟା ମାଧ୍ୟମରେ ସର୍ବନିମ୍ନ ଦୁଇ ବର୍ଷର କାର୍ଯ୍ୟକାଳ ସୁନିଶ୍ଚିନ୍ତ କରନ୍ତୁ। ଏହା ସ୍ୱାଗତଯୋଗ୍ୟ ଯେ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା ପାଳନ କରି ଡିଜିପିଙ୍କ ନିଯୁକ୍ତି ପାଇଁ ନାମ ସୁପାରିସ କରିଆସୁଛନ୍ତି। ବର୍ତ୍ତମାନ ପୋଲିସ ମହାନିର୍ଦ୍ଦେଶକଙ୍କ ନିଯୁକ୍ତି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁସାରେ କରାଯାଇଛି ଏବଂ ଏହା ସହ ରାଜ୍ୟ ସରକାର ଡିଆଇଜି ଓ ଏସ୍‌ପିମାନଙ୍କ କାର୍ଯ୍ୟକାଳ ଏକ ସ୍ଥାନରେ ଯେପରି ନ୍ୟୁନତମ ଦୁଇ ବର୍ଷ ହେବ ତାହା ମଧ୍ୟ ସୁନିଶ୍ଚିତ କରୁଛନ୍ତି କିନ୍ତୁ ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି ଯେ ଅନ୍ୟ ଯେଉଁ ନିର୍ଦ୍ଦେଶନାମାଗୁଡିକ ପୋଲିସ ସଂସ୍କାର ପାଇଁ ରାଜ୍ୟ ସରକାରଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯାହା କାର୍ଯ୍ୟକାରୀ କରିବାର ଥିଲା ତାହା ଆଜି ଯାଏ ହୋଇପାରିନାହିଁ।

ଓଡ଼ିଶା ସମେତ ରାଜ୍ୟଗୁଡିକ ମଡେଲ ପୋଲିସ ଆକ୍ଟ ୨୦୦୬ କିମ୍ବା ପ୍ରଚଳିତ କାର୍ଯ୍ୟରେ ସଂଶୋଧନ କରିବାରେ ବିଫଳ ହେବାରୁ ଗୃହ ବିଭାଗ ଅଧୀନରେ ଥିବା ସଂସଦୀୟ ଷ୍ଟାଣ୍ଡିଂ କମିଟି ଚିନ୍ତାପ୍ରକଟ କରି ସୂଚାଇ ଦେଇଥିଲେ ଯେ କେବଳ ୧୭ଟି ରାଜ୍ୟ ମଡେଲ ଆକ୍ଟ ପ୍ରଣୟନ କରିଛନ୍ତି କିମ୍ବା ସେମାନଙ୍କ କାର୍ଯ୍ୟରେ ସଂଶୋଧନ କରିଛନ୍ତି, କିନ୍ତୁ ଓଡ଼ିଶା ଏହି ତାଲିକାରୁ ଅନୁପସ୍ଥିତ ରହିଛି। ପୋଲିସ ସଂସ୍କାର କାର୍ଯ୍ୟକାରୀ କରିବାରେ ଓଡ଼ିଶା ଅନ୍ୟ ରାଜ୍ୟ ତୁଳନାରେ ମନ୍ଥର ଗତି କରୁଥିବାବେଳେ ଅନ୍ୟାନ୍ୟ ରାଜ୍ୟ ମଡେଲ ପୋଲିସ ଆକ୍ଟ ୨୦୦୬ ପ୍ରଣୟନ କରିଛନ୍ତି କିମ୍ବା ସେମାନଙ୍କ କାର୍ଯ୍ୟକଳାପରେ ଉଲ୍ଲେଖନୀୟ ସଂଶୋଧନ କରିଛନ୍ତି।

ଓଡ଼ିଶା ବିଧାନସଭାରେ ୨୦୧୫ ମସିହାରେ ଏକ ପୋଲିସ ସଂସ୍କାର ବିଲ୍ ପାରିତ ହୋଇଥିଲା, କିନ୍ତୁ ସେହି ବିଲ୍‌ରେ କିଛି ତ୍ରୁଟି ରହିଥିଲା, ସେଥିପାଇଁ ସାମାଜିକକର୍ମୀମାନେ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରି ଏହି ବିଲ୍‌କୁ ଅଗ୍ରାହ୍ୟ କରିବାକୁ ନିବେଦନ କରିଥିଲେ। ତେଣୁ ଅଧିକ ଆଲୋଚନା ପାଇଁ ରାଜ୍ୟପାଳଙ୍କ ଦ୍ୱାରା ଫେରସ୍ତ କରାଯାଇଥିଲା। ଏହା ପୁଣି ବିଧାନସଭାକୁ ଫେରିବା ପରେ ଆଜି ଯାଏ ପୁଣି ପୋଲିସ ସଂସ୍କାର ବିଲ୍ ସଂଶୋଧନ ହୋଇ ପାରିତ ହୋଇପାରିନାହିଁ। ପୋଲିସ ବ୍ୟବସ୍ଥାରେ ଆବଶ୍ୟକ ପରିବର୍ତ୍ତନଆଣିବାପାଇଁରାଜ୍ୟସରକାରନୂଆପୋଲିସ ଆଇନ ପାଇଁ ତ୍ୱରିତ ପଦକ୍ଷେପ ନେବା ଜରୁରୀ।

ମୋ:୭୦୦୮୧୨୦୬୭୩

## ଏଇ ଭାରତରେ

ଭାରତରେ ବହୁ ସମୟରେ ଛୋଟ ଛୋଟ ଏନ୍‌ଜିଓଗୁଡ଼ିକ ଆର୍ଥିକ ସଙ୍କଟର ସମ୍ମୁଖୀନ ହେବା ସହ ଲୋକଙ୍କୁ ଆବଶ୍ୟକ ସାମଗ୍ରୀ ଯୋଗାଇବାରେ ବିଫଳ ହୋଇଥାନ୍ତି। ଏଭଳି କେତେକ ଏନ୍‌ଜିଓକୁ ସହାୟତାର ହାତ ବଢ଼ାଇଛନ୍ତି ବେଙ୍ଗାଲୁରୁର ଅନୁଷ୍କା ଜୈନ। ଏସବୁ ଏନ୍‌ଜିଓ ନିକଟରେ ଲୋକଙ୍କ ଦାନ କିଭଳି ସହଜ ଓ ସରଳରେ ପହଞ୍ଚିପାରିବ ସେଥିପାଇଁ ସେ ଏକ ସଫଳ ଅଭିଯାନ ଚଳାଇଛନ୍ତି। ସେ 'ଶେୟାର ଆଟ୍ ଡୋର ଷ୍ଟେପ୍' ନାମକ ଏକ ସାମାଜିକ ସଂସ୍ଥା ଗଠନ କରି ତା'ମାଧ୍ୟମରେ ଘରଗୁଡ଼ିକରୁ ପୋଷାକ, ଖେଳନା, ବହି ଏବଂ ପୁରୁଣା ଫ୍ରିଜ୍, ୱାଶିଂ ମେଶିନ ଇତ୍ୟାଦି ସାମଗ୍ରୀ ସଂଗ୍ରହ କରି ସେଗୁଡ଼ିକୁ ଦେଶର ବିଭିନ୍ନ ସ୍ଥାନରେ ଥିବା ବିଭିନ୍ନ ଏନ୍‌ଜିଓ ନିକଟରେ ପହଞ୍ଚାଉଛନ୍ତି। ସେ ଏଥିପାଇଁ ଏକ ୱେବ୍‌ସାଇଟ ଖୋଲିଛନ୍ତି ଓ ଏଥିରେ ସହରର ଲୋକମାନେ ଦାନ ଦେବାକୁ ଚାହୁଁଥିବା ଜିନିଷ ପଞ୍ଜୀକରଣ କରୁଛନ୍ତି। ପରେ ଅନୁଷ୍କା ସେଗୁଡ଼ିକୁ ସ୍ୱେଚ୍ଛାସେବୀମାନଙ୍କ ମାଧ୍ୟମରେ ସକାଳୁ ଯାଇ ଆଣୁଛନ୍ତି। ଏବେସୁଦ୍ଧା ସେ ଦେଶର ୧୩୫ଟି ଏନ୍‌ଜିଓକୁ ବିଭିନ୍ନ ସାମଗ୍ରୀ ବଣ୍ଟନ କରିସାରିଲେଣି। ସେ ୧୦ ଲକ୍ଷରୁ ଊର୍ଦ୍ଧ୍ୱଦାନ ଗ୍ରହଣ କରିସାରିଛନ୍ତି। କେବଳ ବେଙ୍ଗାଲୁରୁ ନୁହେଁ ଭାରତର ଅନ୍ୟ କେତୋଟି ସହରରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଏହି ପ୍ରକ୍ରିୟାକୁ ବିଦେଶକୁ ସମ୍ପ୍ରସାରିତ କରିବାକୁ ଯୋଜନା କରିଛନ୍ତି।

## ଚିରନ୍ତନୀ

ବିଲରେ ପଡିଛି ସୁଅ
ତିନିଦିନ ନାହିଁ ଚାଷ
ବାର ବରଷର ପୁଅ
ଭୋଗି ଭୋଗି ଧଇଁ କାଶ।

**-(ଚାଷୀର ଭାଗ୍ୟ)**

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ବିସ୍ଥାପିତଙ୍କ ଥଇଥାନ ନିର୍ବାଚନୀ ଇସ୍ତାହାରରେ ସ୍ଥାନ ପାଉ

ମହାଶୟ,

ଦେଶ ଏବଂ ରାଜ୍ୟ ବିକାଶ ନାଁରେ ଅନେକ ଲୋକ ସେମାନଙ୍କ ଭିଟାମାଟିରୁ ବାସଚ୍ୟୁତ ହେଉଛନ୍ତି। ସେମାନଙ୍କ ପାଇଁ କ୍ଷତିପୂରଣ, ପୁନର୍ବାସ ଏବଂ ଥଇଥାନ ପାଇଁ ଆଇନଗତ ବ୍ୟବସ୍ଥା ଥିଲେ ମଧ୍ୟ ଅନେକ ଲୋକ ଅଦ୍ୟାବଧି ଉକ୍ତ ସୁବିଧା ସୁଯୋଗରୁ ବଞ୍ଚିତ ଅଛନ୍ତି। ସେମାନଙ୍କର ଭାଇଚାରା ଓ ସଂସ୍କୃତି ବାହାର ଲୋକଙ୍କ ଦ୍ୱାରା ପ୍ରଭାବିତ ଏବଂ ବିଲୁପ୍ତପ୍ରାୟ। ବନ୍ଧବାଡ, ଶିଳ୍ପ ତଥା ଖଣି ଖାଦାନ ମାନଙ୍କରେ ଥିବା ଉଚ୍ଚ ପଦପଦବୀରେ ଏମାନଙ୍କର ସ୍ଥାନ ପ୍ରାୟତଃ ନଥାଏ। ଗରିବୀ ତଥା ଉଚ୍ଚ ଶିକ୍ଷା ଅଭାବରୁ ଏମାନେ ଅନେକ ସମୟରେ ବାଧ୍ୟ ବାଧକତାରେ ଯାଯାବର କିମ୍ବା ପ୍ରବାସୀ ଭାବେ ନିଜ ଜନ୍ମ ସ୍ଥାନ ବାହରେ ନିଜ ଜୀବନ କାଟି ଥାଆନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ଅନେକ ପ୍ରତିଶ୍ରୁତି ପାଣି ରେ ଗାର ବୋଲି ମନେହୁଏ। ସରକାରୀ ନାଲି ଫିତା ତଳେ ଏମାନଙ୍କର ଭାଗ୍ୟ ଓ ଭବିଷ୍ୟତ ସତେ ଯେମିତି ଚାପି ହୋଇ ରହିଯାଇଛି। ବର୍ତ୍ତମାନ ନିର୍ବାଚନ ପୂର୍ବରୁ ପ୍ରତ୍ୟେକ ଦଳ ସେମାନଙ୍କର ଇସ୍ତାହାର ପ୍ରସ୍ତୁତି ସମୟରେ କେଉଁ ପ୍ରକଳ୍ପରେ କେତେ କ୍ଷତିଗ୍ରସ୍ତ ଙ୍କୁ ଥଇଥାନ କରିବେ ତାହା ସ୍ପଷ୍ଟ କରିପାରିଲେ ତାହା କ୍ଷତିଗ୍ରସ୍ତ ଲୋକଙ୍କ ମଧ୍ୟରେ ଆଶାର ସଂଚାର କରି ପାରିବ।

**-ଡ. ସୀତାକାନ୍ତ ତ୍ରିପାଠୀ, ଅନ୍ନପାଳ, ଭଦ୍ରକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଅମାତଙ୍କୁ ଅଡୁଆ ଯୁବ ବିଜେଡି ନେତା

## ବୌଦ୍ଧ ବିଧାନସଭା ନିର୍ବାଚନମଣ୍ଡଳୀ

ବୌଦ୍ଧ,୧୬।୨ (ଅଜିତ କୁମାର ବାରିକ)

ବୌଦ୍ଧ ଜିଲା ୩ ବ୍ଲକ ଓ ଗୋଟିଏ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି)କୁ ନେଇ ଗଠିତ।ଏଠାରେ ରହିଛି ଦୁଇଟି ବିଧାନସଭା ନିର୍ବାଚନମଣ୍ଡଳୀ–ବୌଦ୍ଧ ଓ କନ୍ଧମାଳ। ବୌଦ୍ଧ ନିର୍ବାଚନମଣ୍ଡଳୀ ହରଭଙ୍ଗା ବ୍ଲକର ୨୨ ଗ୍ରାମ ପଞ୍ଚାୟତ, ବୌଦ୍ଧ ବ୍ଲକର ୧୧ ଗ୍ରାମ ପଞ୍ଚାୟତ ଓ ବୌଦ୍ଧ ଏନ୍‌ଏସିକୁ ନେଇ ଗଠିତ। ଏଠାରୁ ବରିଷ୍ଠ ନେତା ପ୍ରଦୀପ କୁମାର ଅମାତ ବିଜେଡିରୁ ୪ ଥର ଓ ଥରେ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଛନ୍ତି। ସେ ରାଜ୍ୟ ମନ୍ତ୍ରିମଣ୍ଡଳରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଭାଗ ଦାୟିତ୍ୱରେ ରହି ଆସିଛନ୍ତି। ଅମାତ ୨୦୦୦ ମସିହାରେ ପ୍ରଥମେ ସ୍ୱାଧୀନ ଭାବେ ଲଢ଼ି ନିର୍ବାଚିତ ହୋଇଥିଲେ। ପରେ ୨୦୦୪ରେ ବିଜୁ ଜନତା ଦଳ(ବିଜେଡି)ରେ ସାମିଲ ହୋଇ ଅଦ୍ୟାବଧି ବୌଦ୍ଧ ନିର୍ବାଚନମଣ୍ଡଳୀକୁ ପ୍ରତିନିଧିତ୍ୱ କରୁଛନ୍ତି। ସେ ମନ୍ତ୍ରିମଣ୍ଡଳରେ ବାଚସ୍ପତି ଓ ମନ୍ତ୍ରୀ ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଏବେ ଜଙ୍ଗଲ ଓ ପରିବେଶ, ଜଳବାୟୁ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ଅଛନ୍ତି । ୨୦୧୯ ନିର୍ବାଚନ ପର୍ଯ୍ୟନ୍ତ ବିଜେଡିରେ କେହି ଆଶାୟୀ ନ ଥିବା ବେଳେ ୨୦୨୪ରେ ଦଳରେ ବହୁ ଯୁବ ନେତା ଆଶାୟୀ ଥିବା ଏବେ ଲକ୍ଷ୍ୟ କରାଗଲାଣି। ପୁନଶ୍ଚ ବିଜେଡି ଟିକେଟ ପାଇବା ପାଇଁ ଲକ୍ଷ୍ୟ ରଖିଥିବା ଏହି ନେତାମାନେ ଅମାତଙ୍କ ପାଇଁ ଚିନ୍ତାର କାରଣ ହୋଇପାରନ୍ତି ବୋଲି ଆଲୋଚନା ହେଲାଣି। ସେମାନଙ୍କ ମଧ୍ୟରେ ହରଭଙ୍ଗା ବ୍ଲକର ପୂର୍ବତନ ଅଧ୍ୟକ୍ଷ ତଥା ବର୍ତ୍ତମାନ ୭ ନମ୍ବର ଜୋନ ଜିଲା ପରିଷଦ ସଭ୍ୟ ବିଶ୍ୱଜିତ୍ ମିଶ୍ର, ବୌଦ୍ଧ ଏନ୍‌ଏସି ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଓ ହରଭଙ୍ଗା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ସଦସ୍ୟ ସୁବୋଧ ପ୍ରଧାନ ଟିକେଟ ପାଇବା ପାଇଁ ଆଶାୟୀ ଅଛନ୍ତି।

ବିଜେଡିର ସର୍ବୋଚ୍ଚ ନେତା ନବୀନ ପଟ୍ଟନାୟକ। ସେ ଯାହାଙ୍କୁ ଟିକେଟ ଦେବେ ସେ ନିଶ୍ଚୟ ଜିତିବେ ବୋଲି ବିଶ୍ୱଜିତ୍ ବିଭିନ୍ନ ସମୟରେ କହିଆସୁଥିବା ବେଳେ ଦଳ ଟିକେଟ ଦେଲେ ନିଶ୍ଚୟ ଜିତିବେ ବୋଲି ସେ ଆଶାବାଦୀ ଥିବା କହିଛନ୍ତି। ମୃତ୍ୟୁଞ୍ଜୟ ବୌଦ୍ଧ ନିର୍ବାଚନମଣ୍ଡଳୀର ସଂଯୋଜକ ଦାୟିତ୍ୱରେ ରହିଛନ୍ତି। ସେ ମନ୍ତ୍ରୀ ଅମାତଙ୍କ ବିଶ୍ୱସ୍ତ ହୋଇଥିବା ବେଳେ ଦଳର ବିଭିନ୍ନ କାର୍ଯ୍ୟ କରିଆସୁଛନ୍ତି। ସେ ମଧ୍ୟ ଟିକେଟ ଆଶାୟୀ ଥିବା ବେଳେ କୁଆଡ଼େ ରାଜ୍ୟ ନେତୃବୃନ୍ଦଙ୍କ ସହିତ ତାଙ୍କର ସିଧାସଳଖ ସଂପର୍କ ରହିଥିବା ନେଇ ଚର୍ଚ୍ଚା ହେଉଛି। ତୃଣମୂଳ ସ୍ତରରେ ସେ ମଧ୍ୟ ସଙ୍ଗଠନ ଚଳାଇଛନ୍ତି। ଅନ୍ୟତମ ଯୁବ ନେତା ସୁବୋଧ ଟିକେଟ ପାଇଁ ଆଶାୟୀ ଥିବା ବେଳେ ବରିଷ୍ଠ ନେତାଙ୍କ ସହ ସିଧାସଳଖ ସମ୍ପର୍କରେ ରହି ଆସିଥିବା ତାଙ୍କ ସମର୍ଥକମାନେ କହୁଛନ୍ତି। ତେବେ ଦଳ ଏଥର ପୁଣି ମନ୍ତ୍ରୀ ପ୍ରଦୀପ ଅମାତଙ୍କୁ ଟିକେଟ ଦେଉଛି ନା ଆଶାୟୀ ଯୁବ ନେତାଙ୍କ ମଧ୍ୟରୁ କାହାକୁ ବାଛୁଛି ତାହା ଆଗାମୀ ଦିନରେ ଜଣାପଡ଼ିବ।

୨୦୧୯ ନିର୍ବାଚନ ପୂର୍ବରୁ ବୌଦ୍ଧ ସହରର ବରିଷ୍ଠ ଆଇନଜୀବୀ ନବ କୁମାର ମିଶ୍ର କଂଗ୍ରେସ ଜିଲା ସଭାପତି ଦାୟିତ୍ୱ ନେଇଥିଲେ। କିନ୍ତୁ ୨୦୧୯ ନିର୍ବାଚନରେ ଦଳ ବୌଦ୍ଧ ନିର୍ବାଚନମଣ୍ଡଳୀରେ ପ୍ରାର୍ଥୀ ନ ଦେଇ ମିଳିତ ଭାବେ ସିପିଆଇ ପ୍ରାର୍ଥୀଙ୍କୁ ନିର୍ବାଚନ ମଇଦାନକୁ ଛାଡ଼ିଥିଲା। ନବ ଦଳକୁ ଆଗକୁ ନେବା ପାଇଁ ବିଭିନ୍ନ କାର୍ଯ୍ୟ କରି ଆସୁଛନ୍ତି। ସେ ଏଥର ନିର୍ବାଚନରେ ଟିକେଟ ପାଇଁ ଆଶାବାଦୀ ଥିବା ବେଳେ ଦଳ ଅନ୍‌ଲାଇନ ଜରିଆରେ ପ୍ରାର୍ଥୀ ଆବେଦନ କରିବାର ସୁଯୋଗ ଦେଇଛି। ସେଥିପାଇଁ ଆଶାୟୀଙ୍କ ସଂଖ୍ୟା ବଢ଼ିଯାଇଥିବା ଜଣାପଡ଼ିଛି। ଟିକେଟ ପାଇଁ ପୂର୍ବତନ ବିଧାୟକ ସୁଜିତ କୁମାର ପାଢ଼ୀ, ପୂର୍ବତନ ଜିଲା ସଭାପତି ନାରାୟଣ ପ୍ରସାଦ ପରିଜା, ବରିଷ୍ଠ ନେତା ସୁଧୀର କୁମାର କର୍ଣ୍ଣ, ଜିଲା ମୁଖ୍ୟ ମୁଖପାତ୍ର ଶାନ୍ତନୁ କୁମାର ମହାପାତ୍ର, ବୌଦ୍ଧ ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ଅବ୍‌ଦୁଲ କଲିମ ଖାଁ, ପୂର୍ବତନ ଜିଲା କଂଗ୍ରେସ ସଭାପତି ଅବ୍ଦୁଲ ଅଜିଜ ଖାଁ, ଯୁବନେତା ରାୟ ସଞ୍ଜୀବ କୁମାର ଦେଓ, ଯାମିନୀ ମୁଖୀ, ବଳରାମ ପ୍ରଧାନ, ରାଜ୍ୟ ମହିଳା କଂଗ୍ରେସର କାର୍ଯ୍ୟକାରିଣୀ ସଦସ୍ୟା ବନ୍ଧ୍ୟାବିନୀ ସାହୁ, ଜିଲା ମହିଳା କଂଗ୍ରେସର ସନ୍ଧ୍ୟାରାଣୀ ସିଂ, ପ୍ରଭାତୀ ବେହେରା ଟିକେଟ ପାଇଁ ଆବେଦନ କରିଥିବା ଆଲୋଚନା ହେଉଛି। ଏସବୁ ଦେଖିଲେ ଜିଲାରେ କଂଗ୍ରେସର ଗୋଷ୍ଠୀ କନ୍ଦଳ ବାରି ହୋଇ ପଡୁଥିବା ଜଣାପଡୁଛି। ତଥାପି ଶାସକ ଦଳକୁ ଟକ୍କର ଦେବାକୁ ଦଳ କାହାକୁ ଟିକେଟ ଦେଉଛି ଦେଖିବାକୁ ବାକି ରହିଛି।

ଜିଲାରେ ଆଉ ଏକ ପ୍ରମୁଖ ବିରୋଧୀ ଦଳ ଭାଜପା। ଗତ ୨୦୧୯ ନିର୍ବାଚନରେ ଦଳ ସୁଶାନ୍ତ କୁମାର ପ୍ରଧାନଙ୍କୁ ପ୍ରାର୍ଥୀ କରିଥିବା ବେଳେ ସେ ବର୍ତ୍ତମାନର ବିଧାୟକ ତଥା ମନ୍ତ୍ରୀ ଅମାତଙ୍କ ଠାରୁ ୧୦,୪୪୮ ଖଣ୍ଡ ଭୋଟ ବ୍ୟବଧାନରେ ହାରିଥିଲେ। ଏଥର ମଧ୍ୟ ସୁଶାନ୍ତ ଟିକେଟ ପାଇଁ ପୂରା ଆଶାବାଦୀ ଥିବା ବେଳେ ତାଙ୍କର ସାନଭାଇ ବର୍ତ୍ତମାନର ହରଭଙ୍ଗା ବ୍ଲକ ଅଧ୍ୟକ୍ଷ ସରୋଜ କୁମାର ପ୍ରଧାନ ଟିକେଟ ପାଇବା ପାଇଁ ଲବି ଆରମ୍ଭ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ରହୁଥିବା ଦେଖିବାକୁ ମିଳିଛି। ପୁଣି ଦଳର ଜିଲା ସଭାପତି ବିପ୍ରଚରଣ ମହାନ୍ତି, ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ଉପସଭାପତି ସୂର୍ଯ୍ୟ ନାରାୟଣ ମହାପାତ୍ର, ପୂର୍ବତନ ସରପଞ୍ଚ ବିଶିକେଶନ ପ୍ରଧାନ, ଯୁବନେତା ବିକାଶ ମହାକୁଡ, ପ୍ରେମାନନ୍ଦ ମିଶ୍ର, ମନୋରଞ୍ଜନ ଦାସ ମଧ୍ୟ ଟିକେଟ ପାଇଁ ଆଶା ରଖିଥିବା ଦଳ ଭିତରେ କର୍ମୀ ଟୁପୁରଟାପୁର ହେଉଥିବା ଶୁଣିବାକୁ ମିଳୁଛି।



ଭାରତ ଯୋଡ଼ୋ ନ୍ୟାୟ ଯାତ୍ରାରେ ଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ବିହାରର ସାସାରାମରେ ଶୁକ୍ରବାର କାର୍‌ରେ ବୁଲାଉଛନ୍ତି ଆର୍‌ଜେଡି ନେତା ତେଜସ୍ୱୀ ଯାଦବ।

# ଡିସିସି ଗଣମାଧ୍ୟମ ଅଧ୍ୟକ୍ଷଙ୍କ ତାଲିକା ପ୍ରକାଶ

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ପିସିସି ଗଣମାଧ୍ୟମ ଓ ଯୋଗାଯୋଗ ବିଭାଗ ଅଧ୍ୟକ୍ଷ ବିଶ୍ୱରଞ୍ଜନ ମହାନ୍ତି ଜିଲା କଂଗ୍ରେସ କମିଟି(ଡିସିସି)ର ଗଣମାଧ୍ୟମ ଅଧ୍ୟକ୍ଷକମାନଙ୍କ ତାଲିକା ଘୋଷଣା କରିଛନ୍ତି। ଅନୁଗୋଳରେ ଗୋପାଳ ଚନ୍ଦ୍ର ନାଥ, ବାଲେଶ୍ୱର ବିକାଶ ଦାସ, ଭଦ୍ରକ ଶୁଭେନ୍ଦୁ ରାୟ ମହାପାତ୍ର, ଭୁବନେଶ୍ୱର ଅଶୋକ ଦାସ, ବୌଦ୍ଧ ଶାନ୍ତନୁ କୁମାର ମହାପାତ୍ର, କଟକ ଅଶୋକ ସ୍ୱାଇଁ, କଟକ ନଗର ମାନସ ପରିଡ଼ା, ଦେବଗଡ଼ ସିଦ୍ଧେଶ୍ୱର ଗୁରୁ, ଢେଙ୍କାନାଳ ନିର୍ମଳ କୁମାର ମିଶ୍ର, ଗଞ୍ଜାମ(ପୂର୍ବ)ରେ ତତ୍ସତ୍ ସୁବୁଦ୍ଧି, ଗଞ୍ଜାମ (ପଶ୍ଚିମ)ରେ ସୀମାଞ୍ଚଳ ସ୍ୱାଇଁ, ଗଜପତି ସୂର୍ଯ୍ୟନାରାୟଣ ପାତ୍ର, ଜଗତ୍‌ସିଂହପୁର ହେମନ୍ତ ରଥ, ଯାଜପୁର ବିଭୂତିଭୂଷଣ ମହାପାତ୍ର, ଝାରସୁଗୁଡ଼ା ଜୀବନସାର୍ଥକ ଦାସ, କଳାହାଣ୍ଡିରେ ମୁରଲୀ ନାଏକ, କନ୍ଧମାଳରେ ବସନ୍ତ କୁମାର ପାଢ଼ୀ, କେନ୍ଦୁଝରରେ ଦିଲ୍ଲିପ୍ କୁମାର ସାହୁ, ଖୋର୍ଦ୍ଧାରେ ଅମିତ ମହାନ୍ତି, କୋରାପୁଟରେ ସୁକାନ୍ତ ପଟ୍ଟନାୟକ, ମୟୂରଭଞ୍ଜ (ପୂର୍ବ)ରେ ଅଂଶୁମାନ ଦାସ, ମୟୂରଭଞ୍ଜ (ପଶ୍ଚିମ)ରେ ବାବୁରାମ ବେସ୍ରା, ମାଲକାନଗିରିରେ ଈଶାକ୍ ଖୋସଲା, ନବରଙ୍ଗପୁର ଦିଲୀପ ବେହେରା, ନୂଆପଡ଼ା କପିଳେନ୍ଦ୍ର ଭୋଇ, ନୟାଗଡ଼ ବୃନ୍ଦାବନ ନାୟକ, ପୁରୀ ଅନିମେଶ ପଟ୍ଟନାୟକ, ରାୟଗଡ଼ା ଶଙ୍କର୍ଷଣ ମଙ୍ଗରାଜ, ରାଉରକେଲ ନିହାର ଦାସ, ସମ୍ବଲପୁର ଦୁଲାଲ ପ୍ରଧାନ, ସୋନପୁର ବିଭୁପ୍ରସାଦ ସାହୁ ଓ ସୁନ୍ଦରଗଡ଼ରେ କର୍ମବୀର ଦାସଙ୍କୁ ନିଯୁକ୍ତି ଦିଆଯାଇଥିବା ଦଳ ପକ୍ଷରୁ ଘୋଷଣା କରାଯାଇଛି।

# ଜିଲାୱାରି ନିର୍ବାଚନ ପ୍ରସ୍ତୁତି ସମୀକ୍ଷାକଲେ ସିଇସି

## ଆଜି ମୁଖ୍ୟ ଶାସନ ସଚିବଙ୍କ ସହ ଆଲୋଚନା

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ଓଡ଼ିଶା ଗସ୍ତର ଦ୍ୱିତୀୟ ଦିନରେ ଶୁକ୍ରବାର ମୁଖ୍ୟ ନିର୍ବାଚନ କମିଶନର(ସିଇସି) ରାଜୀବ କୁମାର ରାଜ୍ୟର ସବୁ ଜିଲାର ଜିଲା ନିର୍ବାଚନ ଅଧିକାରୀ ଓ ଜିଲା ଆରକ୍ଷୀ ଅଧୀକ୍ଷକମାନଙ୍କୁ ନେଇ ୨୦୨୪ ସାଧାରଣ ନିର୍ବାଚନର ପୂର୍ବ ପ୍ରସ୍ତୁତି ସମ୍ପର୍କିତ ଏକ ସମୀକ୍ଷା ବୈଠକ କରିଛନ୍ତି। ପ୍ରାରମ୍ଭରେ ଓଡ଼ିଶା ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଆଗାମୀ ଦିନରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ସମ୍ପର୍କରେ ଆୟୋଗଙ୍କୁ ଅବଗତ କରାଇଥିଲେ। ଏହାପରେ ମୁଖ୍ୟ ନିର୍ବାଚନ କମିଶନର ଜିଲା ନିର୍ବାଚନ ଅଧିକାରୀ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ବାଚନ ପ୍ରସ୍ତୁତି ସମ୍ପର୍କରେ ଜିଲାୱାରି ସମୀକ୍ଷା କରିଛନ୍ତି।

ସାଧାରଣ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା ଉପରେ ସର୍ବାଧିକ ଗୁରୁତ୍ୱ ଦେବା ଲାଗି ମୁଖ୍ୟ ନିର୍ବାଚନ କମିଶନର ସମ୍ପୃକ୍ତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର ସ୍ୱୀକୃତିପ୍ରାପ୍ତ ଜାତୀୟ, ରାଜ୍ୟ ଓ ଆଞ୍ଚଳିକ ରାଜନୈତିକ ଦଳର କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଛନ୍ତି। ରାଜ୍ୟରେ ହେବାକୁ ଥିବା ସାଧାରଣ ନିର୍ବାଚନ ଯେପରି ଅବାଧ, ମୁକ୍ତ, ସ୍ୱଚ୍ଛ ଓ ଶାନ୍ତିପୂର୍ଣ୍ଣ ଭାବେ ପରିଚାଳନା କରାଯାଇପାରିବ ସେନେଇ ସବୁ ରାଜନୈତିକ ଦଳର ସହଯୋଗ ଏକାନ୍ତ କାମ୍ୟ ବୋଲି ମୁଖ୍ୟ ନିର୍ବାଚନ କମିଶନର ବୈଠକରେ ପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସମୀକ୍ଷା ବୈଠକରେ ଭାରତର ନିର୍ବାଚନ ଆୟୁକ୍ତ ଅରୁଣ ଗୋଏଲ, ବରିଷ୍ଠ ଉପ ନିର୍ବାଚନ ଆୟୁକ୍ତ ଧର୍ମେନ୍ଦ୍ର ଶର୍ମା ଓ ନୀତେଶ ବ୍ୟାସ, ଉପ ନିର୍ବାଚନ ଆୟୁକ୍ତ ମନୋଜ କୁମାର ସାହୁ, ଭାରତର ନିର୍ବାଚନ ଆୟୋଗଙ୍କ ଗଣମାଧ୍ୟମ ମହାନିର୍ଦ୍ଦେଶକ ବି. ନାରାୟଣନ ଏବଂ ଆୟୋଗର ଅର୍ଥନୈତିକ ନିର୍ଦ୍ଦେଶକ ପଙ୍କଜ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ଉପସ୍ଥିତ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀ ଧଳ, ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଏନ୍. ତିରୁମାଲା ନାୟକଙ୍କ ସମେତ ସମସ୍ତ ଜିଲା ନିର୍ବାଚନ ଅଧିକାରୀ, ଆରକ୍ଷୀ ଅଧୀକ୍ଷକ, ରାଜସ୍ୱ ଆୟୁକ୍ତ, ଆରକ୍ଷୀ ମହାନିରୀକ୍ଷକ, ପୋଲିସ କମିଶନର ନିର୍ବାଚନ ଆୟୋଗଙ୍କ ନିକଟରେ ଆବଶ୍ୟକ ତଥ୍ୟ ଉପସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟ, ମୁଖ୍ୟ ନିର୍ବାଚନ କମିଶନରଙ୍କ ସମେତ ତାଙ୍କ ଟିମ୍ ପୃଥକ୍ ଭାବେ ରାଜ୍ୟ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ଅନ୍ୟ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଅପରାହ୍ଣରେ ଏକ ଖବରଦାତା ସମ୍ମିଳନୀ କରି ଦିଲ୍ଲୀ ଫେରିଯିବା କାର୍ଯ୍ୟକ୍ରମ ରହିଛି।



ଭୁବନେଶ୍ୱର ଏକ ହୋଟେଲରେ ସିଇସି ରାଜୀବ କୁମାର ଓ ଇସି ଅରୁଣ ଗୋୟଲ ନିର୍ବାଚନୀ ପ୍ରସ୍ତୁତି ସମୀକ୍ଷା କରୁଛନ୍ତି।

## ଆଜିଠୁ ଭାଜପାର ୨ ଦିନିଆ ରାଷ୍ଟ୍ରୀୟ ଅଧିବେଶନ

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

ଭାଜପାର ୨ ଦିନିଆ ରାଷ୍ଟ୍ରୀୟ ଅଧିବେଶନ ଶନିବାର ଠାରୁ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ହେବ। ଏହି ଅଧିବେଶନରେ ଆଗାମୀ ସାଧାରଣ ନିର୍ବାଚନର ଚୂଡ଼ାନ୍ତ ରଣନୀତି ପ୍ରସ୍ତୁତ କରାଯିବ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡା ରାଷ୍ଟ୍ରୀୟ ଅଧିବେଶନକୁ ଉଦ୍‌ଘାଟନ କରିବେ ବୋଲି ଦଳର ରାଜ୍ୟ ମୁଖପାତ୍ର ସଜ୍ଜନ ଶର୍ମା ସୂଚନା ଦେଇଛନ୍ତି। ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସଜ୍ଜନ କହିଛନ୍ତି, ଏହି ଅଧିବେଶନରେ ସମସ୍ତ ରାଷ୍ଟ୍ରୀୟ ପଦାଧିକାରୀ ଓ କାର୍ଯ୍ୟକାରିଣୀ ସଦସ୍ୟ, ରାଷ୍ଟ୍ରୀୟ ପରିଷଦ ସଦସ୍ୟ, ଏମ୍‌ପି, ବିଧାୟକ, ପୂର୍ବତନ ଏମ୍‌ପି, ରାଜ୍ୟ ପଦାଧିକାରୀ, ରାଜ୍ୟ ମୋର୍ଚ୍ଚାର ରାଜ୍ୟ ସଭାପତି ଓ ସାଧାରଣ ସମ୍ପାଦକ, ରାଜ୍ୟ କୋର୍ କମିଟି, ନିର୍ବାଚନ କମିଟି, ଶୃଙ୍ଖଳା କମିଟି, ଅର୍ଥ କମିଟି ସଦସ୍ୟ, ଲୋକ ସଭା ପ୍ରଭାରୀ, ସଂଯୋଜକ, ବିସ୍ତାରକ, ରାଜ୍ୟ ମୁଖପାତ୍ର, ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମ ରାଜ୍ୟ ସଂଯୋଜକ, ଜିଲା ସଭାପତି ଓ ପ୍ରଭାରୀ, ସମସ୍ତ ପ୍ରକୋଷ୍ଠର ରାଜ୍ୟ ସଂଯୋଜକମାନେ ଯୋଗଦେବେ। ଆସନ୍ତା ୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରାଷ୍ଟ୍ରୀୟ ଅଧିବେଶନର ସମାପନ କାର୍ଯ୍ୟକ୍ରମରେ ଯୋଗଦେଇ ଅଭିଭାଷଣ ପ୍ରଦାନ କରିବେ। ରାଷ୍ଟ୍ରୀୟ ଅଧିବେଶନରେ ଯୋଗଦେବା ପାଇଁ ଓଡ଼ିଶାରୁ ସମସ୍ତ ନେତୃବୃନ୍ଦ ଦିଲ୍ଲୀ ଯାଇଛନ୍ତି ବୋଲି ସେ ସୂଚନା ଦେଇଛନ୍ତି।

# ବିଜେଡିରୁ ଭଉଣୀ, କଂଗ୍ରେସରୁ ଭାଇ ଆଶାୟୀ

## ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ

ରାୟଗଡ଼ା,୧୬।୨ (ଆଶିଷ ରଞ୍ଜନ ପଣ୍ଡା)

ସାଧାରଣ ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସରେ ଆଶାୟୀଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି। ଏଭଳି ସ୍ଥିତି ଉପୁଜିଛି ଯେ, ପୁରୁଖା ରାଜନେତାଙ୍କ ପରିବାରରୁ ୨ ଜଣ ଲେଖାଏ ଆଶାୟୀ ରହିଥିବା ଦେଖିବାକୁ ମିଳୁଛି। ରାୟଗଡ଼ା ବିଧାନସଭା ନିର୍ବାଚନମଣ୍ଡଳୀରେ ୨ ଦଳରୁ ଭଉଣୀ ଭାଇଙ୍କୁ ନେଇ ଏବେ ଚର୍ଚ୍ଚା।

କଂଗ୍ରେସର ପୂର୍ଣ୍ଣଚନ୍ଦ୍ର ମାଝି ଓ ବିଜେଡିର ଅନସୂୟା ମାଝି ହେଉଛନ୍ତି ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଅନନ୍ତରାମ ମାଝିଙ୍କ ପୁଅ ଓ ଝିଅ। ଦୁହେଁ ଭିନ୍ନ ଦଳରୁ ଆଶାୟୀ। ପୂର୍ଣ୍ଣଚନ୍ଦ୍ର ରାୟଗଡ଼ା ବିଧାନସଭା ଆସନ ସକାଶେ କଂଗ୍ରେସରୁ ଆଶାୟୀ ରହିଥିବା ବେଳେ ଅନସୂୟା ବିଜେଡିରୁ ପ୍ରାର୍ଥୀ ହେବାକୁ ଲବି କରୁଛନ୍ତି। ୨୦୦୮ରେ ପିତା ଅନନ୍ତରାମ ମାଝିଙ୍କ ମୃତ୍ୟୁ ପରେ ଉପନିର୍ବାଚନରେ ପୂର୍ଣ୍ଣ ମାଝି କଂଗ୍ରେସରୁ ପ୍ରାର୍ଥୀ ହୋଇ ଲକ୍ଷ୍ମୀପୁର ଆସନରୁ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏହାପରେ ୨୦୦୯ ନିର୍ବାଚନରେ ପୂର୍ଣ୍ଣ ମାଝି ରାୟଗଡ଼ାରୁ ଆଶାୟୀ ରହିଥିଲେ, କିନ୍ତୁ ଟିକେଟ ପାଇ ନ ଥିଲେ। ତେବେ କଂଗ୍ରେସ ଦଳରେ ଦୀର୍ଘ ବର୍ଷ ରହିଥିବାରୁ କଂଗ୍ରେସ ଦଳରେ ଆଶାୟୀ ରହିବା ସ୍ୱାଭାବିକ। ପୂର୍ଣ୍ଣ ମାଝି ଅନ୍‌ଲାଇନରେ ରାୟଗଡ଼ା ଆସନ ପାଇଁ ଆବେଦନ କରିବା ସହିତ ଦଳର ଶୀର୍ଷ ନେତୃତ୍ୱଙ୍କୁ ମଧ୍ୟ ଜଣାଇଛନ୍ତି।


ଅନସୂୟା ମାଝି


ପୂର୍ଣ୍ଣଚନ୍ଦ୍ର ମାଝି

ଅନ୍ୟପଟେ ପୂର୍ଣ୍ଣଙ୍କ ଭଉଣୀ ଅନସୂୟା ବିଜେଡିରୁ ରାୟଗଡ଼ା ଆସନ ପାଇଁ ଆଶାୟୀ ରହିଛନ୍ତି। ଏ ସମ୍ପର୍କରେ ସେ ଦଳୀୟ ନେତୃବୃନ୍ଦଙ୍କୁ ଅବଗତ କରାଇଥିବା ସୂଚନା ମିଳିଛି। ବର୍ତ୍ତମାନ ଅନସୂୟା ରାୟଗଡ଼ା ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ରହିଛନ୍ତି। ତାଙ୍କ ପାଇଁ ଦଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ଲବି ମଧ୍ୟ ଚଳାଇଥିବା ଜଣାପଡ଼ିଛି। ଅବଶ୍ୟ ବିଜେଡିରେ ଯୋଗଦାନ ପୂର୍ବରୁ ଅନସୂୟା କଂଗ୍ରେସରୁ ମଧ୍ୟ ଆଶାୟୀ ଥିଲେ। ମହିଳା କଂଗ୍ରେସ ଜିଲା ସଭାନେତ୍ରୀ ରହିଥିଲେ। ହେଲେ କଂଗ୍ରେସରେ ନିର୍ବାଚନ ଲଢ଼ିବା ପାଇଁ ସୁଯୋଗ ନ ମିଳିବାରୁ ସେ ବିଜେଡିରେ ଯୋଗଦେଇଥିଲେ। ବିଜେଡିରେ ଯୋଗଦାନ ପରେ ବିଜୁ ମହିଳା ଜନତା ଦଳ ଜିଲା ସଭାନେତ୍ରୀ ଓ ପରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ହୋଇଥିଲେ। ତେଣୁ ବର୍ତ୍ତମାନ ସେ ବିଧାନସଭା ପ୍ରାର୍ଥୀ ପାଇଁ ଆଶାୟୀ ରହିଛନ୍ତି। ତେବେ ଗୋଟିଏ ପରିବାରର ୨ଜଣଙ୍କୁ ଭିନ୍ନ ଭିନ୍ନ ଦଳରେ ଟିକେଟ ଦିଆଗଲେ, ଭୋଟର କାହାକୁ ବାଛିବେ ତାହାକୁ ନେଇ ଚିନ୍ତାରେ ପଡ଼ିବେ। ତେବେ ଏହା ଉଭୟ ବିଜେଡି ଓ କଂଗ୍ରେସ ପାଇଁ ମଧ୍ୟ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରେ ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି। ଦେଖିବାର କଥା, ଏହି ଟିକେଟ ଆଶାର ଦୌଡ଼ ଆଗକୁ କେଉଁ ମୋଡ଼ ନେଉଛି। ଉଭୟ ଭଉଣୀଭାଇ ଦୁଇଟି ଭିନ୍ନ ଦଳରୁ ରାଜନୀତି ମଇଦାନକୁ ଓହ୍ଲାଇଥିବା ନେଇ ପୂର୍ଣ୍ଣ ମାଝିଙ୍କୁ ପଚାରିବାରୁ ସେ ସବୁବେଳେ କଂଗ୍ରେସ ଦଳରେ ରହିଛନ୍ତି ଆଉ ରହିବେ ବୋଲି କହିଛନ୍ତି। ଭଉଣୀ ଅନସୂୟା ବାହା ହେବା ପରେ ସେ ବ୍ୟକ୍ତିଗତ ଜୀବନରେ କ'ଣ କରିବେ ସେଥିରେ ତାଙ୍କର କୌଣସି ହସ୍ତକ୍ଷେପ ନାହିଁ ବୋଲି ପୂର୍ଣ୍ଣ କହିଛନ୍ତି। ଏନେଇ ଅନସୂୟା ମାଝିଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ତାହା ସମ୍ଭବପର ହୋଇ ନ ଥିଲା।

## ୧୦ ସଂସଦୀୟ କ୍ଷେତ୍ର ପାଇଁ ସଂଯୋଜକ ନିଯୁକ୍ତ କଲା ଯୁବ କଂଗ୍ରେସ

ଭୁବନେଶ୍ୱର,୧୬।୨(ସୁନିତ୍ ମିଶ୍ର)

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ଯୁବ କଂଗ୍ରେସ ପକ୍ଷରୁ କେତେକ ନିଯୁକ୍ତି ଦିଆଯାଇଛି। ଅଖିଳ ଭାରତ ଯୁବ କଂଗ୍ରେସ ସଭାପତି ଶ୍ରୀନିବାସ ବିଭି ଏବଂ ଅଖିଳ ଭାରତ ଯୁବ କଂଗ୍ରେସର ପ୍ରଭାରୀ କ୍ରିଷ୍ଣା ଆଲାଭାରୁଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୧୦ଟି ସଂସଦୀୟ କ୍ଷେତ୍ର ପାଇଁ ସଂଯୋଜକ ନିଯୁକ୍ତ କରାଯାଇଛି। ବାଲେଶ୍ୱରରେ ନିହାର ରଞ୍ଜନ ବେହେରା, ଜଗତ୍‌ସିଂହପୁର ସୁଦୀପ ସାମଲ, ଭଦ୍ରକ ଗୋପନ କୁମାର ମାର୍ଥା, କେନ୍ଦ୍ରାପଡ଼ା ସ୍ୱାଗତ କର, କୋରାପୁଟ ଅଭିଜିତ ଜେନା, ସୁନ୍ଦରଗଡ଼ ବିଶ୍ୱଜିତ ସ୍ୱାଇଁ, କଳାହାଣ୍ଡି କେଦାର ଦଳାଇ, କନ୍ଧମାଳ ଅଙ୍କିତ ସାହୁ, ବଲାଙ୍ଗୀର ମହମ୍ମଦ ପରଭେଜ, ନବରଙ୍ଗପୁରରେ ଅମିତ କୁମାର କୁଅଁର ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପାଇଥିବା ସମସ୍ତ ଯୁବ କଂଗ୍ରେସ କର୍ମକର୍ତ୍ତାମାନେ ସେମାନଙ୍କ ସଂସଦୀୟ କ୍ଷେତ୍ରକୁ ଯାଇ କଂଗ୍ରେସ କିପରି ଆଗାମୀ ସାଧାରଣ ନିର୍ବାଚନରେ ଭଲ ଫଳାଫଳ ପ୍ରଦର୍ଶନ କରିବ ସେ ଦିଗରେ ଦୃଷ୍ଟିରେ ରଖି କାର୍ଯ୍ୟ କରିବା ପାଇଁ ଦଳ ନିର୍ଦ୍ଦେଶ ଦେଇଛି।

# ବିଜେଡିରେ ମିଶିଲେ ଅଂଶୁମାନ, ଅବିନାଶ

ଭୁବନେଶ୍ୱର,୧୬।୨(ଅନିଲ ଦାସ)

କେନ୍ଦ୍ରାପଡ଼ା ଜିଲା ରାଜନଗରର ପୂର୍ବତନ କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି ଶୁକ୍ରବାର ବିଜେଡିରେ ଯୋଗ ଦେଇଛନ୍ତି। ନିଜର ଅନେକ ଶହ ସମର୍ଥକଙ୍କ ସହ ଅଂଶୁମାନ ଏକ ରାଲିରେ ଆସି ଶଙ୍ଖ ଭବନରେ ପହଞ୍ଚିଥିଲେ । ସେଠାରେ ସେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଶକ୍ତିମନ୍ତ୍ରୀ ପ୍ରତାପ ଦେବ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ପ୍ରତାପ ଜେନା, ବିଧାୟକ ଧ୍ରୁବଚରଣ ସାହୁଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଅଂଶୁମାନ ଏବଂ ତାଙ୍କ ସମର୍ଥକଙ୍କୁ ମାନସ ଦଳ ପକ୍ଷରୁ ସ୍ୱାଗତ କରିଛନ୍ତ। ବିଜେଡିରେ ସାମିଲ ହେବା ନେଇ ଅଂଶୁମାନ କହିଛନ୍ତି, ତାଙ୍କ ପାଇଁ ଏକ ସୌଭାଗ୍ୟର ଦିନ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସେ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କ ସ୍ୱଚ୍ଛ, ନିର୍ମଳ ଭାବମୂର୍ତ୍ତି ଓ ବିକାଶ ଧାରାରେ ଅନୁପ୍ରାଣିତ ହୋଇ ରାଜନଗର ପରିବାର ସହ ବିଜେଡିରେ ସାମିଲ ହୋଇଛନ୍ତ। ରାଜନଗରର ବିକାଶ ଧାରାକୁ ଆଗେଇ ନେବା ସହ ବିଜେଡିକୁ ଆହୁରି ଶକ୍ତିଶାଳୀ କରିବାକୁ ସେ କାମ କରିବେ। ବିଜେଡିରେ ମିଶିବାର ସୁଯୋଗ ଦେଇଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଅଂଶୁମାନ କୃତଜ୍ଞତା ଜଣାଇଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ କହିଛନ୍ତି, ଅଂଶୁମାନଙ୍କ ପରିବାର ସହ ସମସ୍ତଙ୍କ ପୁରୁଣା ସମ୍ପର୍କ ଥିଲା। ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଏହା କହିଥିଲେ। ମୁଖ୍ୟମନ୍ତ୍ରୀ ଏହାକୁ ଗ୍ରହଣ କରିଥିଲେ। ଓଡ଼ିଶା ଯେପରି ସମୃଦ୍ଧ ହେଉଛି ଓ ରାଜନଗରର ଯେଉଁ ବିକାଶ ହୋଇଛି ତାହା ବିଧାୟକ ଧ୍ରୁବ ସାହୁ ଏବଂ ଅଂଶୁମାନ ଆଗକୁ ବଢ଼ାଇବେ । ନଳିନୀବାବୁଙ୍କର ବିଜୁ ପଟ୍ଟନାୟକଙ୍କ ସହ ସମ୍ପର୍କ ନିବିଡ଼ ଥିଲା। ସେ ୭ ଥର ବିଧାୟକ ଥିଲେ। ବିଜେଡି ଉପରେ ଯେଉଁମାନେ ଆସ୍ଥା ରଖି ଆସିଛନ୍ତି, ସମସ୍ତଙ୍କ ସମ୍ମାନ ଅତୁଟ ରହିବ ବୋଲି ମୁଖ୍ୟମନ୍ତ୍ରୀ ବାର୍ତ୍ତା ଦେଇଛନ୍ତ। ମାନସ ମଙ୍ଗରାଜ କହିଛନ୍ତି, ଦୁଇଦିନ ତଳେ ଅଂଶୁମାନ କଂଗ୍ରେସ ଛାଡ଼ିଥିଲେ। ବିଜେଡିରେ ମିଶିବାକୁ ସେ କରିଥିବା ଆବେଦନକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଅଂଶୁମାନଙ୍କ ସହ ବହୁ ସମର୍ଥକ ବିଜେଡିରେ ଯୋଗ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ମୁଖ୍ୟତଃ ରାଜନଗର ନିର୍ବାଚନମଣ୍ଡଳୀର କଂଗ୍ରେସର ବିଭିନ୍ନ ପଦବୀରେ ଥିବା ନେତା ଓ ପଞ୍ଚାୟତ ପ୍ରତିନିଧି ଅଛନ୍ତି। ବିଜେଡି ଆହୁରି ମଜଭୁତ ହେବା ସହ ରାଜନଗର ବିକାଶ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ କହିଛନ୍ତି।

ସେହିପରି ଢେଙ୍କାନାଳ ଜିଲା ଖଡ଼ଗପ୍ରସାଦର ଡାକ୍ତର ଅବିନାଶ ସାମଲ ଶଙ୍ଖଭବନଠାରେ ରାଜ୍ୟ ସଭା ସଦସ୍ୟ ମାନସ ମଙ୍ଗରାଜ ଓ ଢେଙ୍କାନାଳ ବିଧାୟକ ସୁଧୀର କୁମାର ସାମଲଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ତାଙ୍କୁ ଉପଢ଼ୌକନ ଦେଇ ମଙ୍ଗରାଜ ଓ ସାମଲ ଦଳକୁ ସ୍ୱାଗତ କରିଛନ୍ତି ।

ଏହି ଅବସରରେ ଅବିନାଶ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ବିଜେଡିରେ ଯୋଗ ଦେଇଛନ୍ତି । ଦଳକୁ କୌଣସି ପଦପଦବୀ କିମ୍ବା ଉଦ୍ଦେଶ୍ୟ ନେଇ ଆସିନାହିଁ। ମୁଖ୍ୟମନ୍ତ୍ରୀ ଯେଉଁ ଦାୟିତ୍ୱ ଦେବେ ତାହାକୁ ମୁଁ ନିଷ୍ଠାର ସହ କରିବି । ଦଳ ତାଙ୍କୁ ଗ୍ରହଣ କରିଥିବାରୁ ସେ ମୁଖ୍ୟମନ୍ତ୍ରୀ, ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମ୍‌ପି ମାନସ ମଙ୍ଗରାଜ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜଣାଇଛନ୍ତି।


ବିଜେଡିରେ ସାମିଲ ହେବା ପରେ ଅଂଶୁମାନ୍ ମହାନ୍ତି ଓ ତାଙ୍କ ସମର୍ଥକମାନେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି।


ଅବିନାଶ ସାମଲ

# ବିଦାୟ ସାତକଡ଼ି: ସୃଜନର ଅଥକ ପଦାତିକ

## ପ୍ରଦକ୍ଷିଣ

ଫେବୃଆରୀ ୧୧ ମଧ୍ୟାହ୍ନରେ ଓଡ଼ିଆ ସାହିତ୍ୟ, ସଂସ୍କୃତି ଓ ସଂଗଠନର ଆକାଶରୁ ଅସ୍ତହେଲା ଏକ ଚଳମାନ ନକ୍ଷତ୍ର। ଆମ ଗହଣରୁ ବିଦାୟ ନେଲେ ଆମ ସମୟର ଜଣେ ବର୍ଷୀୟାନ ସାହିତ୍ୟିକ ସାତକଡ଼ି ହୋତା। ୯୫ ପୂରି ୯୬ରେ ପାଦ ରଖିଥିବା ଏକ ସାରସ୍ୱତ ସ୍ରଷ୍ଟା ୬୦ରୁ ଊର୍ଦ୍ଧ୍ୱ ଗ୍ରନ୍ଥର ପ୍ରଣେତା। 'ଓଡ଼ିଶା ଲେଖକ ସାମ୍ମୁଖ୍ୟ' ଠାରୁ ଆରମ୍ଭ କରି 'ଓଡ଼ିଶା ଲେଖକ ସମବାୟ ସମିତି' ଓ ଖବରକାଗଜ 'ସମୟ'ଠୁଁ ଆରମ୍ଭ କରି 'ଓଡ଼ିଶା ସାହିତ୍ୟ ଏକାଡେମୀ' ଯାଏ ସବୁଠି ସେ ରଖିଯାଇଛନ୍ତି ତାଙ୍କ ଅଭିନବ ଚିନ୍ତନ ଓ ନିରଳସ କର୍ମର ପାଦଚିହ୍ନ। ସେ ଏପରି ଜଣେ ବ୍ୟକ୍ତି ଥିଲେ, ଯେଉଁଠି ଗୋଟିଏ ଅନୁଷ୍ଠାନ ମୁଣ୍ଡ ଟେକେ, ସେଇଠି ତାଙ୍କୁ ଖୋଜାପଡ଼େ। ଧର୍ମପତ୍ନୀ ଗୀତା ହୋତାଙ୍କ ସମ୍ପାଦିତ 'ଅମୃତାୟନ' ପତ୍ରିକାର ସେ ଥିଲେ ବିନିଦ୍ର ଜଗୁଆଳ। 'ଭୁବନେଶ୍ୱର ପୁସ୍ତକମେଳା' (ଯାହା ଅନ୍ୟ ପୁସ୍ତକମେଳାକୁ ସାଙ୍ଗରେ ନେଇ ପରେ 'ଅକ୍ଷର' ମହୋତ୍ସବରେ ରୂପାନ୍ତରିତ ହେଲା)ର ମୂଳ ପ୍ରବର୍ତ୍ତକଙ୍କ ମଧ୍ୟରୁ ସେ ଥିଲେ ଜଣେ। କବିତାରୁ ଯଦିଓ ଆରମ୍ଭ ହୋଇଥିଲା ତାଙ୍କ ସୃଜନ ଜୀବନର ଖଡ଼ିଛୁଆଁ, କିନ୍ତୁ ପରେ ଜଣେ ଶକ୍ତିଶାଳୀ, ବହୁପ୍ରସୂ କଥାକାର, ଔପନ୍ୟାସିକ ଓ ଗଦ୍ୟରଚକ ଭାବେ ତାଙ୍କର ପରିଚିତି ଓଡ଼ିଆ ପାଠିକାପାଠକଙ୍କ ମଧ୍ୟରେ ବ୍ୟାପକ ହୋଇଥିଲା।

ସାତକଡ଼ିଙ୍କ ପ୍ରକାଶିତ ଗ୍ରନ୍ଥର ପୂରା ତାଲିକା ଏହି ଆଲେଖ୍ୟର ସିଂହଭାଗ ସ୍ଥାନ ଦାବି କରିବାର ଭୟ ଥିବାରୁ ତାଙ୍କ ରଚିତ କେତୋଟି ପାଠକପ୍ରିୟ ପୁସ୍ତକର ନାମ ଏଠାରେ ନିଆଯାଇ ପାରେ। ଗଳ୍ପ: ଶୋଣିତର ସ୍ୱପ୍ନ, ଫୁଲର ଗୋଟିଏ ସୁରଭି, ବେଗମ୍ ସାହେବା, କିରିବୁରୁର କନ୍ୟା, ମହାସ୍ନାନ, ଲଙ୍ଗଳା ରାଜା, ଜଗନ୍ନାଥଙ୍କ ହସ, ସାୟାହ୍ନର ଶୋଭା, ମୋ ଗଳ୍ପର ନାୟକ; ଉପନ୍ୟାସ: ପ୍ରତ୍ୟୁଷର ପ୍ରଶ୍ନ, ଅସମୟ, ସୂର୍ଯ୍ୟ ଉଇଁଲେ, ସତ୍ୟନଗର, ମୁକ୍ତିମନ୍ତ୍ର, ଜନନୀ ଜନ୍ମଭୂମି, ମୁକ୍ତିଯୁଦ୍ଧ, ଧର୍ମଯୁଦ୍ଧ ଓ ଯୁଗସନ୍ଧି; ପ୍ରବନ୍ଧ: ସାମାଜିକ ବିଚାର, ସମାଜ ଓ ଶାସନତନ୍ତ୍ର; ଗଣତନ୍ତ୍ର, ଆଇନର ଶାସନ ଓ ଅନ୍ୟାନ୍ୟ ପ୍ରବନ୍ଧ; ଭ୍ରମଣ କାହାଣୀ: କାଶ୍ମୀରରୁ କନ୍ୟାକୁମାରୀ ଓ ଦିବ୍ୟଭୂମି ଭାରତ; ଆତ୍ମଜୀବନୀ: ମୋ' ସମୟ, ଦୀର୍ଘ ରୋମାଞ୍ଚକର ଯାତ୍ରା, ସ୍ମୃତିଲିପି।



ସାତକଡ଼ି ହୋତା
୧୯୨୯-୨୦୨୪



ପରଘରୁ ଧାନ କରଜ ଆଣି ଚଳୁଥିବା ଏକ ଅତି ଅଭାବୀ ବ୍ରାହ୍ମଣ ପରିବାରରେ ୨୯ ଅକ୍ଟୋବର ୧୯୨୯ରେ ଜନ୍ମିତ ଗୋଟିଏ ପିଲା ଯେ ଜୀବନରେ ବିଦ୍ୟା, ବୃତ୍ତି ଓ ସୃଜନର ଶିଖରରେ ପହଞ୍ଚି ପାରେ ଏହା ଅନ୍ୟମାନଙ୍କ କଥା ଦୂରେ ଥାଉ, ଖୋଦ୍ ସାତକଡ଼ି ବି କୋଉ ଜାଣିଥିଲେ। ଭାରତୀୟ ରେଳବାଇର ମ୍ୟାନେଜର, ଓଡ଼ିଶା ଲେଖକ ସାମ୍ମୁଖ୍ୟର ସଭାପତି, ଓଡ଼ିଶା ଲେଖକ ସମବାୟ ସମିତିର ସଭାପତି, ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଓ ଦୈନିକ 'ସମୟ'ର ସମ୍ପାଦକ ପଦବୀ ମଣ୍ଡନ କରିବା ସହିତ ସାତକଡ଼ି ଜଗନ୍ନାଥ ସାହିତ୍ୟ ଓ ସଂସ୍କୃତିର ପ୍ରଚାର ତଥା ପ୍ରସାର ପାଇଁ ଯେଉଁ ମୂଲ୍ୟବାନ୍ ସେବା ଦେଇଯାଇଛନ୍ତି, ତାହା ଅନେକ ଦିନଯାଏ ଏ ଜାତି ମନେରଖିବ।

ଓଡ଼ିଆ ସାହିତ୍ୟକୁ ସାତକଡ଼ିଙ୍କ ଦାନ ବିପୁଳ ଓ ଏହି ବିପୁଳତା ପୁଣି ନାନା ଭାବେ ଗୁଣାତ୍ମକ। ଓଡ଼ିଶାର ନିମ୍ନବର୍ଗ ତଥା ଆଦିବାସୀ ଜୀବନ ଜୀବିକାର ଯେଉଁ ଚିତ୍ର ସେ ତାଙ୍କ ଗଳ୍ପ, ଉପନ୍ୟାସରେ ପ୍ରଦାନ କରିଯାଇଛନ୍ତି, ତାହା ଓଡ଼ିଆ ପାଠିକାପାଠକଙ୍କ ଚିତ୍ତରେ ବହୁଦିନ ଉଜାଗର ରହିବ। ୧୯୬୬ରେ କବିତା ପୁସ୍ତକ 'ମଧୁଛନ୍ଦା'ରୁ ଏହି ଲେଖକଙ୍କର ସୃଜନଯାତ୍ରା ଆରମ୍ଭ। ତାଙ୍କ ରଚିତ ଉପନ୍ୟାସ 'ଆକୁଳ ହୃଦୟ, ସ୍ୱପ୍ନ ଶିଉଳି, ଏତେ ସ୍ୱପ୍ନ ଏତେ ଆଲୋକ, ଅନେକ ଦିଗନ୍ତ, ଅଶାନ୍ତ ଅରଣ୍ୟ, ଶତାବ୍ଦୀର ଶୋଷ ଯିଏ ପଢ଼ିଛନ୍ତି ସେମାନେ ଜାଣିଛନ୍ତି ସାତକଡ଼ି ଏଇ ସମୟର ଜଣେ ମନଚିହ୍ନା, ହୃଦୟଚିହ୍ନା ଲେଖକ, ଯାହାଙ୍କର ଚିତ୍ତ ସାମାଜିକ ନ୍ୟାୟ ଓ ସମତା ପାଇଁ ରାତିଦିନ ଅଥୟ। ମୟୂରଭଞ୍ଜ ଗଡ଼ଜାତର ଜଗନ୍ନାଥଖୁଣ୍ଟା ଗାଁର ଏକ କଅଁଳ କିଶଳୟ କିପରି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ବିଶ୍ୱସ୍ତ ଦିଗପାଳ ବନିଗଲେ, ତାଙ୍କ ଯିବା ପରେ ଆଜି ଏହା ଭାବିଲେ ସାତକଡ଼ିଙ୍କ ନିରୀହ, ପରଦୁଃଖାଚ୍ଛନ୍ନ ମୁହଁଟି ମନେପଡ଼େ।

ରାଜଧାନୀର ଏପରି କୌଣସି ବିଶିଷ୍ଟ ମଞ୍ଚ ନାହିଁ, ଯେଉଁ ମଞ୍ଚର ଚଉକି ତାଙ୍କୁ ଅପେକ୍ଷା କରେ ନାହିଁ। ଓଡ଼ିଆ ସାହିତ୍ୟର ସେ ଥିଲେ ଯଥାର୍ଥରେ ଏକ ବିସ୍ମୟକର ଯାତ୍ରୀ, ଯାହାର ଚିତ୍ତ ସଦା ଭୟଶୂନ୍ୟ, ପ୍ରଶାନ୍ତ, ହସହସ।

ନିଜ ଶକ୍ତିମତେ ଓଡ଼ିଆ ସାହିତ୍ୟକୁ ନିଜ ସାମର୍ଥ୍ୟର ସବୁତକ ସଞ୍ଚୟ ଅଜାଡ଼ି ଦେଇଥିବା ଏହି ସ୍ନେହଦୀପ୍ତ ଲେଖକଙ୍କୁ 'ଶାରଳା ପୁରସ୍କାର, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ସାହିତ୍ୟଭାରତୀ ଓ ବିଷୁବ ପୁରସ୍କାର ସହ ଦୁଇଟି ବିଶ୍ୱବିଦ୍ୟାଳୟ (ଓଡ଼ିଶା ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ)ରୁ ଡି.ଲିଟ୍ ଉପାଧି ମିଳିଛି ସତ, କିନ୍ତୁ ତାଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ବା ପଦ୍ମଶ୍ରୀଟିଏ ଦେଇପାରିଲା ନାହିଁ ଏ ଜାତି। ନ ଦେଉ, ଖ୍ୟାତି ବା ସମ୍ମାନ ପାଇଁ କେବେ ବି ହାତପାତି ନ ଥିବା ସାତକଡ଼ି ଜୀବନରେ କେବେ ବି ତାଙ୍କ ଆତ୍ମସମ୍ମାନକୁ ଅନ୍ୟ କାହାପାଖରେ ବଳି ପକାଇ ନାହାନ୍ତି। ଅସୂୟାଶୂନ୍ୟ ଏହି ଲେଖକଟି କେବେ କାହା ଅସୂୟାର ଯେ ଶିକାର ହୋଇଥିବେ ଏହା ଭାବିହୁଏ ନାହିଁ। ସାତକଡ଼ିଙ୍କ ହାତରେ ଆମରଣ ଜାଗ୍ରତ ଥିଲା ତାଙ୍କ ଲେଖନୀ ଓ ଓଡ଼ିଆ ସାହିତ୍ୟ-ସଂସ୍କୃତିର ଅନତ ବାନା। ସେ ଥିଲେ ଓଡ଼ିଆ ଜାତୀୟ ଜୀବନରେ ଏକ ବହମାନ ଖୁସ୍‌ବୁ। ଓଡ଼ିଆ ବାଙ୍ମୟ ଜଗତର ଏହି ଅଥକ ସ୍ରଷ୍ଟା, ସଂସ୍କୃତି-ନେତା, ଆଧ୍ୟାତ୍ମିକ ଧ୍ୱଜାଧାରୀ, ବିରାମହୀନ ପଦାତିକଙ୍କୁ ସରକାର ରାଜ୍ୟ-ସମ୍ମାନର ସହ ବିଦାୟ ଦେଇ ତାଙ୍କ ଅନୁରାଗୀଙ୍କର ଯେ ଶ୍ରଦ୍ଧାଭାଜନ ହୋଇଛନ୍ତି, ଏଥିରେ ସନ୍ଦେହ ନାହିଁ।

**ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ**
ମୋ: ୯୮୫୩୨୮୭୭୫୫

## କବିତା

### ପ୍ରତୀକ୍ଷିତ

**ବସନ୍ତ ମଞ୍ଜରୀ ମିଶ୍ର**

ଆଜି ବି ଚାହିଁଛି ଶବରୀ
ମିଠାକୋଳି ଅଣ୍ଟିରେ ଧରି
ଆଖି ଛଳଛଳ କରି
ପ୍ରଭୁ ଆସିବେ କି ଫେରି।

ପଥର ଭିତରେ ଥାଇ ଭାବୁଛି ଅହଲ୍ୟା
କି ହେଲା କି ହେଲା
ରାମଙ୍କ ଅଯୋଧ୍ୟା ପ୍ରବେଶ
ଆଜି ଏ କର୍ଣ୍ଣରେ ଶୁଭିଲା
ସତରେ କ'ଣ ତୁମେ ଆସିବ ପ୍ରଭୁ
କରିବାକୁ କିଛି ଚମତ୍କାର
ଦୂରେଇବାକୁ ଏ ଅନ୍ୟାୟ ତିମିର
ଏଠି କିନ୍ତୁ ଚାରିଆଡ଼େ ଘୋର ଅନ୍ଧକାର
ମିଥ୍ୟା, ପ୍ରବଞ୍ଚନାର ଘନ ଅନ୍ଧକାର
ଦିବାଲୋକରେ ହୁଏ ଏଠି
ଶୋଷଣ ଆଉ ଅତ୍ୟାଚାର
ଲୁଚି ବୁଲେ ଏଠି
ସତ୍ୟର ସୌଦାଗର
ଆଜି ଏଠି ଶହଶହ ରାବଣ
ଅନାୟାସେ କରନ୍ତି ବଳାତ୍କାର
ସତ୍ୟ ଆଉ ଧର୍ମର
ଅଗଣିତ ସୀତା ବନ୍ଦୀ ଏଠି ଅଶୋକ ବନରେ

ନିଇତି ଧୁଅନ୍ତି ସ୍ୱପ୍ନ ଆଖିର ଲୁହରେ।
ମୁହଁ ଢାଙ୍କି ଲୁଚି ଅଛି ପାପୀ
ଭଦ୍ରତାର ଖୋଳପା ଭିତରେ
କଳୁଷିତ ଶରୀରକୁ ଧରି
ଦିବାଲୋକେ କରୁଛି ଲୁଣ୍ଠନ
ଅଧର୍ମର ବିତ୍ତରେ ବୋଲାଉଛି ମହାଧନୀ
ହୃଦୟରେ ଭରି ହଳାହଳ ବିଷ
କରେ ସେ ପ୍ରୟାସ
ସତ୍ୟର କରିବାକୁ ସର୍ବନାଶ
ଏ ସୃଷ୍ଟିକୁ କରିବାକୁ ଧ୍ୱଂସ।

ତଥାପି ଭରିଛି ଆଶା
ଆସିବେ ପ୍ରଭୁ କୌଶଲ୍ୟା ନନ୍ଦନ
କରିବେ ନିଧନ
ମିଥ୍ୟା ଆଉ ପ୍ରତାରଣାର
ଭେଦି ତାଙ୍କ ମୁଖା ଆବରଣ।
ସତେ କ'ଣ ରାମ ରାଜ୍ୟ ଫେରିବ
ଧର୍ମର ଧ୍ୱଜା ଉଡ଼ିବ
ରାବଣର ଅନ୍ତ ହେବ।
ବହୁ ପ୍ରତୀକ୍ଷିତ ରାମରାଜ୍ୟ ଫେରିବ!

ମୋ: ୯୮୬୧୧୯୨୪୪୫

### ପରିଚୟ

**ଡ. ନିର୍ମଳ ଚନ୍ଦ୍ର ଶୂରଦେଓ**

ଭାଷାର ପାଖୁଡ଼ାରେ
ସାହିତ୍ୟର ଗୋଲାପ।
ଗୋଲାପ ବାସ୍ନା ଦେଇଛି
ତା' ପ୍ରେମରେ ବାନ୍ଧି ରଖିଛି ଆମକୁ-
ଆମେ ଯେଉଁମାନେ ଶବ୍ଦଶିଳ୍ପୀ
ନୀତି ପ୍ରତିଦିନ ଖୋଜୁଥାଉ
ଶବ୍ଦ ଆଉ ଭାଷାର
ଅମୂଲ୍ୟ ଅମୃତ।
ଆମେ ବଞ୍ଚିଛୁ, ଭାଷାର ଆତ୍ମାରେ।
ଆମ ପରିଚୟ, ଆମ ସାହିତ୍ୟରେ-
ଗୀତରେ, ଗଳ୍ପରେ, ନାଟକରେ
ଆମ କହିବା ପଣରେ
ଆମ ସଂସ୍କୃତି ଓ ପରମ୍ପରାର
ଅସରନ୍ତି ଆଲୋକ।
ପାଖୁଡ଼ା ଖସିଗଲେ, ଫୁଲ ମଉଳିଯାଏ
ଭାଷା ହଜିଗଲେ ଶବ୍ଦ ହଜିଯାଏ,
ସାହିତ୍ୟର ନଦୀ
ଶୁଖିଲା ନଦୀର ପରିଚୟ ଦିଏ।
ଆସ-ଫୁଲକୁ ସାଇତି ରଖିବା
ମନଭରି ତାକୁ ଭଲପାଇବା।

ମୋ: ୯୯୩୮୩ ୦୯୬୫୨

### ତମେ

**ମଧୁସୂଦନ ଦାଶ**

ତମ ଅଭିମାନ
ଆଷାଢ଼ର ଅଭିଆଡ଼ୀ ମେଘ
ବରଷିବ ବରଷିବ ହୋଇ
ବରଷେ ନାହିଁ।

ତମ ଲାଜ
ଚଇତର ଚୋରା ଚଇତାଳି
ଛୁଇଁବ ଛୁଇଁବ ବୋଲି
ବସେ ମୁଁ ଚାହିଁ।

ମୋ: ୯୪୩୭୩୩୨୪୯୮

### ତୁମେ

**ଦୀପ୍ତି ମିଶ୍ର**

ଗଛଠାରୁ ଶିଖିଥିଲି
ସମର୍ପଣ ଭାବ
ନିଜ ପାଇଁ କିଛି ନ ରଖି
ସବୁ ଦେଇ ଦେବାର
ଦିବ୍ୟ ଅନୁଭବ

ପକ୍ଷୀଠାରୁ ଶିଖିଥିଲି
ବାନ୍ଧିବାକୁ ଆକାଶ ସହ
ଆତ୍ମୀୟତା ଭାବ

ଫୁଲ ଶିଖାଇଥିଲା
ବାଣ୍ଟିବାକୁ ଖୁସିର ମହକ,
ମିତ ବସି ମଳୟ ସହିତ

ତୁମେ କିନ୍ତୁ ଶିଖାଇଲ
ଆଖିରେ କେମିତି ସାଗରକୁ,
ଆଉ ହୃଦୟରେ ପାହାଡ଼କୁ
ଧରି ରଖିହୁଏ।

ମୋ: ୬୩୭୦୨୧୨୯୧୮

## ପୁସ୍ତକ ପରିଚୟ

### ଶ୍ରୀରାମଚରିତମାନସ କଥାସାର

**ଲେଖକ:** ବିନୋଦ ମିଶ୍ର
**ପ୍ରକାଶକ:** ଶିଶୁ କଲମ, ସହିଦ ନଗର, ଭୁବନେଶ୍ୱର-୭
**ପ୍ରଥମ ପ୍ରକାଶ:** ୨୦୨୩, **ମୂଲ୍ୟ:** ଟ.୩୦୦/-




ଗୋସ୍ୱାମୀ ତୁଳସୀ ଦାସଙ୍କ ବିରଚିତ ଶ୍ରୀରାମଚରିତମାନସ (ରଚନାକାଳ ୧୬୩୧-୧୬୩୩)ର ଓଡ଼ିଆ ରୂପ, ଯାହାକୁ ସ୍ୱାମୀ ଶ୍ରଦ୍ଧାସ୍ୱରୂପାନନ୍ଦ ସରସ୍ୱତୀ ପ୍ରସ୍ତୁତ କରିଛନ୍ତି- ତା'ରି ସଂକ୍ଷିପ୍ତୀକରଣ ହେଉଛି ଆଲୋଚ୍ୟ ପୁସ୍ତକ। ଗ୍ରନ୍ଥକର୍ତ୍ତା ସର୍ବଜନବୋଧ ଗଦ୍ୟରେ ତାଙ୍କର ଏହି ସଂକ୍ଷିପ୍ତ ଓଡ଼ିଆ ରୂପଟିକୁ ସମ୍ପାଦିତ କରିଛନ୍ତି। 'ଅଭିମତ'ରେ ଶୋଭାକର ଦାସ ଫତେସିଂହ କହିଛନ୍ତି: ''ସଂକ୍ଷିପ୍ତ ହେଲେ ମଧ୍ୟ ଏହି ରଚନା ଅତ୍ୟନ୍ତ ମର୍ମସ୍ପର୍ଶୀ ହୋଇଥିବାରୁ ଜ୍ଞାନୀ, ଗୁଣିଜନମାନଙ୍କ ହୃଦୟକୁ ଛୁଇଁପାରିବ ବୋଲି ମୋର ଆଶା ଓ ବିଶ୍ୱାସ।'' ଗ୍ରନ୍ଥାରମ୍ଭରେ ଲେଖକ ଗୋସ୍ୱାମୀ ତୁଳସୀ ଦାସଙ୍କ ସଂକ୍ଷିପ୍ତ ଜୀବନୀର ଅବତାରଣା କରିଛନ୍ତି। ତା'ପରେ ବାଳକାଣ୍ଡ, ଅଯୋଧ୍ୟାକାଣ୍ଡ, ଅରଣ୍ୟକାଣ୍ଡ, କିଷ୍କିନ୍ଧାକାଣ୍ଡ, ସୁନ୍ଦରାକାଣ୍ଡ, ଲଙ୍କାକାଣ୍ଡ ଓ ଉତ୍ତରାକାଣ୍ଡର ନିର୍ଯାସ ଲିପିବଦ୍ଧ କରିଛନ୍ତି। ବାଳକାଣ୍ଡରେ ତୁଳସୀ ଦାସ ଭକ୍ତମାନଙ୍କ ସ୍ୱରୂପ ସମ୍ପର୍କରେ ଯାହା କହିଛନ୍ତି, ତା'ର ଉଦ୍ଧାର କରି ବିନୋଦ କହନ୍ତି: ''ତୁଳସୀ ଦାସ କହୁଛନ୍ତି- ଯଦି ତୁମେ ଅନ୍ତର ଓ ବାହାରକୁ ଆଲୋକିତ କରିବାକୁ ଚାହୁଁଛ, ତେବେ ମୁଖରୂପୀ ଦ୍ୱାରର ଜିହ୍ୱାରୂପୀ ଏରୁଣ୍ଡିବନ୍ଧରେ ରାମନାମରୂପୀ ମଣିଦୀପଟି ରଖ।'' ଅର୍ଥାର୍ଥୀ, ଆର୍ତ୍ତୀ, ଜିଜ୍ଞାସୁ ଓ ଜ୍ଞାନୀ- ଏହିପରି ରାମ ଭକ୍ତ ଚାରିପ୍ରକାରର। କିନ୍ତୁ ତୁଳସୀ ଦାସଙ୍କ ବିଚାରରେ ଏହି ଚାରିବର୍ଗର ଭକ୍ତ ପୁଣ୍ୟାତ୍ମା, ପାପରହିତ ଓ ଉଦାର। ଏଥିରୁ ତୁଳସୀ ଦାସଙ୍କ ଭେଦରହିତ ଆଧ୍ୟାତ୍ମିକ ଜ୍ଞାନକୁ ଚିହ୍ନିହୁଏ। ଗ୍ରାମୀଣ ଅବଧି ବୋଲିରେ ତୁଳସୀ ଦାସ ଶ୍ରୀରାମଚରିତମାନସ ଲେଖିଛନ୍ତି ଓ ତା'ର ସାରମର୍ମକୁ ସରଳ ଓଡ଼ିଆରେ ବିନୋଦ ଉପସ୍ଥାପନା କରି ଏକ ବୃହତ୍ ପାଠକ-ସମାଜର ଯେ ଅନେକ ଉପକାର ସାଧନ କରିଛନ୍ତି, ଏଥିରେ ସନ୍ଦେହ ନାହିଁ।

### ଜୀବନର ଚଉହଦି

**ରଚନା:** ଭୁବନେଶ୍ୱରୀ ପଣ୍ଡା
**ପ୍ରକାଶକ:** ପେନ୍ ଇନ୍ ବୁକ୍ସ, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର-୧୩
**ପ୍ରଥମ ପ୍ରକାଶ:** ୨୦୨୩,
**ମୂଲ୍ୟ:** ଟ.୧୯୯/-




ମୋଟ ୧୫ଟି ଗଳ୍ପ ଆଲୋଚ୍ୟ ସଂକଳନରେ ସ୍ଥାନିତ ଓ ଆକାର ଦୃଷ୍ଟିରୁ ଖୁବ୍ ଛୋଟ ଛୋଟ। ନିଜ ଚଉପାଶରେ, ପାରିବାରିକ ଓ କର୍ମଜୀବନରେ ଦୃଶ୍ୟମାନ ଘଟଣାଗୁଡ଼ିକ ଭିତରୁ ରସଦ ସଂଗ୍ରହ କରି ଗାଳ୍ପିକା ଏହି ଗଳ୍ପଗୁଡ଼ିକର ସଂରଚନା କରିଛନ୍ତି। ଏଥିରେ ଗଳ୍ପ ଗଠନର କୌଣସି କିତାବୀ ବୁଦ୍ଧି ନାହିଁ। ଯାହା ଘଟିତ ବା ଅନୁଭୂତ, ତାକୁ ସ୍ୱାଭାବିକ ଭାବେ ଦୈନନ୍ଦିନ ଜୀବନର ଭାଷା ଦେଇ ଲେଖିକା ପ୍ରକଟ କରିବାକୁ ଚାହିଁଛନ୍ତି। ଫଳରେ ଗଳ୍ପ ତା'ର ମୌଳିକରୂପ ନେଇ ବିନା ଅଳଙ୍କରଣରେ ପାଠକଙ୍କ ସାମ୍ନାରେ ଉପନୀତ ହୋଇଛି। 'ଜନ୍ମଦିନ' ଶୀର୍ଷକ ଗଳ୍ପରେ ଆଜିକାଲିର ଆନ୍ତରିକତାହୀନ ଜନ୍ମଦିନ ପାଳନର ଆବହାୱାଟି ଖୁବ୍ ପରିଚ୍ଛନ୍ନ ଭାବେ ସାକାର ହୋଇଛି। 'ମୁଖାଗ୍ନି'ରେ 'ଝିଅ'ର ମୁଖାଗ୍ନି ଦେବା ପ୍ରସଙ୍ଗ ମଧ୍ୟ ଦେଇ ଆଜିର ମା'-ବାପାଙ୍କ ମନସ୍ତତ୍ତ୍ୱ ପ୍ରକାଶ ପାଇଛି। 'ବନ୍ଧୁଚର୍ଚ୍ଚା' ଗଳ୍ପରେ ଲୋକଦେଖା ଆତିଥ୍ୟ ତଳେ ଲୁଚିଥିବା କୃତ୍ରିମ ଆନ୍ତରିକତାକୁ ଗାଳ୍ପିକା ଫୁଟେଇଛନ୍ତି ଗଳ୍ପକାରିତାର କୌଣସି ଖାଦ ନ ମିଶାଇ। ତେବେ ଗଳ୍ପଗୁଡ଼ିକୁ ସମଧିକ ହୃଦୟଗ୍ରାହୀ କରିବାକୁ ହେଲେ ଓ ବାସ୍ତବତାକୁ କଳ୍ପନାର ରସାୟନରେ ପୃକ୍ତ କରିବାର ଯେଉଁ ଦାୟବଦ୍ଧତା ଜଣେ କଥାକାରର ରହିବା କଥା, ଭୁବନେଶ୍ୱରୀଙ୍କ ଗଳ୍ପ ଆହୁରି ତା'ର ଅପେକ୍ଷାରେ ରହେ। ଆଶା, 'ସୃଜନ'ର ଏହି ଅକୁଳାଣପଣକୁ ସେ ତାଙ୍କ ସାଧନା ଦ୍ୱାରା ଖୁବ୍ ଶୀଘ୍ର ଅତିକ୍ରମ କରିଯିବେ।

## ଲୁହ

**ପ୍ରଭଞ୍ଜନ ଦାଶ**



ମନ୍ଦିର ଆଗରେ ମୁଣ୍ଡ ପିଟି କାନି ପତେଇ ସୁଲେଇ ବୋଉ ସେଦିନ ଖୁବ୍ କାନ୍ଦିଥିଲା। ତା' ଖାଲି କୋଳକୁ ଦେଖେଇ ଶିଖେଇ କିଏ କହୁଥିଲା ବାଞ୍ଝ ତ ଆଉ କିଏ କହୁଥିଲା, ଅଭାଗା, ଅଲକ୍ଷଣୀ ତା' ମୁହଁ ଚାହିଁଲେ ଖରାପ। କେତେ ବା ଆଉ ସେ ସହିବ? ସେଇ ଛୁଆଟିଏ ପାଇଁ ତ ତା'ର ଏତେ ପୂଜା, ଓଷା, ବ୍ରତ, ମାନସିକ। ଯା' ହଉ ଏତେ ଦିନକେ ଠାକୁର କଥା ଶୁଣିଲେ ତା' ଖାଲି କୋଳ ପୂରି ଉଠିବ। ସେ ମାଆ ଡାକ ଶୁଣିବ। ସେଇ ଖୁସିରେ ସୁଲେଇ ବୋଉ ଆଖିରେ ଥିଲା ଆଖିଏ ଲୁହ। ସେଦିନ ବି ସୁଲେଇ ବୋଉ ଭାରି କାନ୍ଦୁଥିଲା ପ୍ରସବ ଯନ୍ତ୍ରଣାରେ ଛଟପଟ ହୋଇ। କିଏ କହୁଥିଲା ମଲାଛୁଆ ତ ଆଉ କିଏ କହୁଥିଲା ଏ ସୁଲେଇ ଆଉ ବଞ୍ଚିବନି। ହେଲେ ମନ ଜାଣିଲା ପରି ଭଗବାନ ସୁଲେଇକୁ ସୁନ୍ଦର ପୁଅଟିଏ ଦେଲେ। ପୁଅକୁ ଦେଖି ସୁଲେଇ ମାଆ ଖୁସିରେ ଗଦ ଗଦ ହୋଇ ପଡୁଥିଲା। ପୁଅ କେଶବ ବଡ଼ ହେଲା, ଭଲ ପାଠ ପଢ଼ି ବଡ଼ ଚାକିରି କଲା, ବାହାସାହା ହେଲା। ପୁଅର ସବୁ ସଫଳତାରେ ସୁଲେଇ ମାଆ ନିଜ ଖୁସିଟିକୁ କେବଳ ନିଗାଡ଼ି ଦେଉଥିଲା କେଇ ଟୋପା ଲୁହ ଭିତରେ। ହେଲେ ଆଜିଯାଏ ବି ସୁଲେଇ ମାଆର ଆଖିରୁ ସେ ଲୁହ ଶୁଖିନି। ଜୀବନର ଯନ୍ତ୍ରଣାକୁ ସହି ସେ ଖୁବ୍ କଷ୍ଟପାଏ ନିଜ ନିଃସଙ୍ଗ ଜୀବନରେ, ନିଜେ ଅଲୋଡ଼ା ହେଇ ଖୋଜେ ନିଜ ପୁଅ ବୋହୂଙ୍କୁ ଏ ଦୁନିଆ ଭିଡ଼ରେ। ମନ ଭରି କାନ୍ଦେ କବାଟ କୋଣେ। ଆଉ ସେଇ ଲୁହଟିକୁ ଲୁଚେଇଦିଏ ନିଜ ଛିଣ୍ଡା ଶାଢ଼ି କାନି ତଳେ।

ମୋ: ୭୩୨୬୯୫୯୯୯୫

## କାଳକାଳକୁ



''ସତ କହିବାଠୁଁ କଷ୍ଟକର,
ତୋଷାମଦିଠୁଁ ସହଜ
ଆଉ କିଛି ଏ ପୃଥିବୀରେ ନାହିଁ।''
- ଏଫ୍.ଏମ୍. ଦସ୍ତୋଭସ୍କି

**ଏଫ୍.ଏମ୍. ଦସ୍ତୋଭସ୍କିଙ୍କ** ଜନ୍ମ ୧୧ ନଭେମ୍ବର ୧୮୨୧ରେ ରୁଷର ମସ୍କୋରେ ଓ ପରଲୋକ ୯ ଫେବୃଆରୀ ୧୮୮୧ରେ, ସେଣ୍ଟ ପିଟର୍ସବର୍ଗରେ। ଏକାଧାରରେ କଥାକାର, ଔପନ୍ୟାସିକ, ନିବନ୍ଧକାର ଓ ବାର୍ତ୍ତାଜୀବୀ ଏହି ରୁଷୀୟ ଲେଖକ ହେଉଛନ୍ତି ଊନବିଂଶ ଶତାବ୍ଦୀରେ ପୃଥିବୀର ଅନ୍ୟତମ ମହାନ୍ ସାହିତ୍ୟ ସ୍ରଷ୍ଟା, ଯେ କି ନାନା ଭାବେ ବିଶ୍ୱ କଥାସାହିତ୍ୟକୁ ପୁଷ୍ଟ କରିଛନ୍ତି। ତାଙ୍କର ପ୍ରମୁଖ ପୁସ୍ତକଗୁଡ଼ିକ ମଧ୍ୟରେ 'ନୋଟ୍ସ ଫ୍ରମ୍ ଅଣ୍ଡରଗ୍ରାଉଣ୍ଡ୍', 'କ୍ରାଇମ୍ ଆଣ୍ଡ୍ ପନିଶ୍‌ମେଣ୍ଟ', 'ଦ ଇଡିୟଟ୍', 'ଡେମୋନ୍ସ' ଓ 'ଏ ରାଇଟର୍ସ ଡାଏରୀ' ଅନ୍ତର୍ଭୁକ୍ତ।

## ଭୋକ

**ଅଲେଖ ଚରଣ ପଟ୍ଟନାୟକ**

**ଲଘୁଗଳ୍ପ**

ଡିସେମ୍ବର ମାସ ଶୀତ-ସକାଳ। ଶୀତ ଋତୁ ହେଲେ ବି ସକାଳ ସୂର୍ଯ୍ୟର କଅଁଳିଆ ଖରା ତାତି ଦେହକୁ ଅଲଗା ସ୍ପର୍ଶର ଅନୁଭୂତି ଦେଉଥାଏ। ସହରର ଏକ ଜନାକୀର୍ଣ୍ଣ ବସତି, କାହିଁ କେଉଁ ଅମଳରୁ ଏକ ନଡ଼ାଛପର ଚାଳିଆ ହୋଟେଲ 'ଅନାମ-ଭାଇନା' ନାମରେ ଜଣାଶୁଣା। ଆବାଳବୃଦ୍ଧବନିତାଙ୍କ ସେଇ ହୋଟେଲ ଉପରେ ନଜର। ଏବେ ବି ଜାଳେଣିକାଠକୁ ନେଇ କାଠଚୁଲା ଏବଂ ସବୁ ବ୍ୟଞ୍ଜନ ସେଥିରେ ପ୍ରସ୍ତୁତ ହୁଏ। ଖାଦ୍ୟ ଭାରି ସୁଆଦିଆ। ଥରେ ଯିଏ ଅନାମ ଭାଇନାର ସୁସ୍ୱାଦୁ ମନଲୋଭା ବ୍ୟଞ୍ଜନର ସ୍ୱାଦ ବାରିଛି, ସିଏ ବାରମ୍ବାର ଆସି ତା'ର ମଜା ଲୁଟିଛି। ଫୁଲବାଣୀର ଦୁଇଟି ଆଦିବାସୀ ପିଲାଙ୍କୁ ନେଇ ଅନାମ ଭାଇନା କାମ ଚଳେଇନିଏ। ପୁଅ ପରି ସେମାନଙ୍କୁ ସ୍ନେହବୋଳା କଥା କହେ। ବୁଝାଏ, ଗରାଖ-ଈଶ୍ୱରଙ୍କ ମନଜାଣି ଚର୍ଚ୍ଚା କରିବ। ହୋଟେଲର ଏତେ ଚାକଚକ୍ୟ ନାହିଁ। ତିନି ପାର୍ଶ୍ୱ କାନ୍ଥ ବାଉଁଶପଟି ଘେରା। ସେଥିରେ ଭିନ୍ନ ଭିନ୍ନ ଖବରକାଗଜ ଛାପା ହୋଇଛି। ଅନ୍ୟ କେଉଁ ସ୍ଥାନରେ ସେଇ ଖବରକାଗଜ ଉପରେ ରଙ୍ଗିନ୍ ସିନେମା ପୋଷ୍ଟର। ବର୍ଷେ ଦୁଇ ବର୍ଷରେ ମ୍ୟୁନିସିପାଲିଟିର ବାବୁଭାୟା ଆସନ୍ତି। ତାଗିଦା କରନ୍ତି। ସରକାରୀ ଜାଗା, ହୋଟେଲ ବନ୍ଦ ହେବ। ବିଚରା ନିରୀହ ଭାଇନା କଥା ମାନେ। ହୋଟେଲ ବନ୍ଦ କରେ। ଦିନେ କିମ୍ବା ଦୁଇଦିନ। ରୋଜଗାର ବନ୍ଦ ହୋଇଯିବାରୁ ମନମାରି ବସେ। ତା'ପରେ ସେଇ ଗରାଖ-ଈଶ୍ୱରଙ୍କ ଅନୁରୋଧରେ ପୁଣି ଥରେ ସକାଳର ଆଞ୍ଚ ଲାଗେ। କାଠଚୁଲିର ନିଆଁ ହୁତ୍‌ହୁତ୍ ହୋଇ ଜଳେ। ଧୂଆଁ ଉଠି ଆକାଶରେ କୁଣ୍ଡଳି ତୋଳେ। ଧୀରେ ଧୀରେ ନୀଳ ଗଗନରେ ମିଶିଯାଏ। ବେପାର ଚାଲେ, ଗରାଖ ଭିଡ଼ ଜମେ। ଅନାମ ଭାଇନାର ଓଠରେ ସ୍ମିତ ହାସ୍ୟରେଖା ବେଶ୍ ବାରିହୁଏ।

ସମୟଚକ୍ରର ଗତିରେ ସହରର ରୂପରେଖ କେତେ ଯେ ବଦଳିଗଲାଣି। ହେଲେ ଅନାମ-ଭାଇନାର ଚାଳିଆ ହୋଟେଲର ମାନଚିତ୍ର କିଛି ବି ବଦଳିନି। ସକାଳବେଳା ନିତିଦିନିଆ ଚା-ଇଡ୍‌ଲି, ମଟରଚଣା ଘୁଗୁନି। ମଧ୍ୟାହ୍ନରେ ଉଷୁନା ଚାଉଳ ଭାତ, ମାଛ ବେସର, ଚିକେନ୍, ଅଣ୍ଡାଝୋଳ। ସାଦାବାଲାଙ୍କ ନିମନ୍ତେ ଅରୁଆ ଅନ୍ନ, ଦହି ସାଲାଡ଼, ମିକ୍ସ କରି, ଖଜୁରି ଖଟା, ଛତୁ, ପନିର ଇତ୍ୟାଦି।

ଅନାମ ଭାଇନା ସର୍ବଦା ଚଳଚଞ୍ଚଳ। ସକାଳୁ ସଞ୍ଜଯାଏ କର୍ମତତ୍ପର। ସବୁ କାମ ଭିତରେ ଗୋଟିଏ ନିତିଦିନିଆ ଦୃଶ୍ୟ ନଜରକୁ ଆସେ। ଗୋଟିଏ ବାରବୁଲା ଝାମ୍ପୁରାମୁଣ୍ଡା ପାଗଳ ଲୋକଟିଏ କେଉଁଠି ଥାଏ କେଜାଣି, ବିଦ୍ୟୁତ୍‌ର ଝଟକା ଭଳି ଠିକ୍ ମଧ୍ୟାହ୍ନରେ ହୋଟେଲ ସାମ୍ନାରେ ପହଞ୍ଚିଯାଏ। ସେଇ ପୁରୁଣା ବଡିଖୁଣ୍ଟ, ସେଇ ଅଧାଭଙ୍ଗା ପଥର ଚଟାଣ, କ'ଣ ସବୁ ଏଣୁତେଣୁ ଗପୁଥାଏ। ଅଲରା କେଶଗୁଡ଼ିକୁ ସଜାଡୁଥାଏ। ଅମାନିଆ କେଶଗୁଡ଼ିକ ପବନରେ ଉଡୁଥାଏ। କାହିଁ କେତେ ଦିନରୁ ତେଲ ଲଗାଯାଇ ନ ଥିବା କେଶରେ ଠାଏଠାଏ ଜଟା ପରି ଓହଳି ପିଠିପଟକୁ ଅଣ୍ଟା ପର୍ଯ୍ୟନ୍ତ ଲମ୍ବିଥାଏ। ଦେହକୁ ଢାଙ୍କି ରହିଛି କାହିଁ କେତେ ଦିନରୁ ସଫା ହୋଇ ନ ଥିବା ଚିରାଫଟା ଶାର୍ଟଟିଏ।

ପାଗଳଟି କେଉଁ ସହରର। କିପରି ତା'ର ଏ ଦୁର୍ଦ୍ଦଶା! ନାନା ମୁନି, ନାନା ମତ। ଲୋକେ କହନ୍ତି, ପଡ଼ୋଶୀ ରାଜ୍ୟରେ ଜାତିଆଣଭାବ ଦଙ୍ଗାରେ ତା'ର ପରିବାର ଛାରଖାର ହୋଇଗଲା। ତା' ପରେ ସେ ଲୋକ ପାଗଳ ହୋଇ ଏଣେତେଣେ ଘୂରି ବୁଲୁଛି। ଅନ୍ୟ କେହି କହନ୍ତି ସେ ଜଣେ ବଡ଼ ବ୍ୟବସାୟୀ ଥିଲେ। ଆତ୍ମୀୟଜନଙ୍କ ବିଶ୍ୱାସଘାତକତାରୁ ବ୍ୟବସାୟରେ ଘୋର କ୍ଷତି ହେଲା। ଜୀବନ ହାରିବା ନିମନ୍ତେ ଆତ୍ମହତ୍ୟାର ବାଟ ଖୋଜିଲେ। ବିଷପାନ କଲେ, ଡାକ୍ତରଙ୍କ ପ୍ରଚେଷ୍ଟାରେ ଜୀବନ ରକ୍ଷା ହେଲା, ମାତ୍ର ମସ୍ତିଷ୍କ ବିକୃତି ଘଟିଲା। ସେ ପାଗଳ ବନିଗଲା।

ପ୍ରତିଦିନ ହୋଟେଲ ପିଲାଟି ଗୋଟିଏ ବଡ଼ ଖଲିପତ୍ରରେ ସମସ୍ତ ଖାଦ୍ୟ ପରଶିଦେଇ ପାଗଳ ସାମ୍ନାରେ ଥୋଇଦେଇ ଆସେ। ଠିକ୍ ସେତିକିବେଳେ ପାଖ ବୁଦାମୂଳେ ଶୋଇଥିବା କସରା ରଙ୍ଗର କୁକୁର ଛୁଆଟି ଧାଇଁ ଆସି ଖଲିରେ ମୁହଁ ଲଗାଇଦିଏ। ପାଗଳ ଖାଉଥାଏ, ସେ କୁକୁର ଛୁଆଟି ବି। ବାଁ ହାତରେ ପାଗଳଟି କୁକୁର ଛୁଆର ମୁଣ୍ଡକୁ ଆଉଁଶି ଦେଉଥାଏ। ନା ପ୍ରତିବାଦ, ନା ଘୃଣାଭାବ। ଦୁହେଁ ମନଭରି ଅନାମ-ଭାଇନା ହୋଟେଲ ପରଷା-ଖାଦ୍ୟକୁ ଉପଭୋଗ କରୁଥା'ନ୍ତି। ପେଟଭୋକର ଜ୍ୱାଳା ଉଭୟ ମଣିଷ ଏବଂ ପଶୁ ନିମନ୍ତେ ସମାନ। କେତେ ଯେ ଅନ୍ତରଙ୍ଗ ଏବଂ ଆତ୍ମୀୟତାର ମୁହୂର୍ତ୍ତ। କିଛି ପଥିକ ଦେଖଣାହାରି ଯିବାବେଳେ ଘଡ଼ିଏ ଠିଆ ହୋଇ ସେ ଦୃଶ୍ୟକୁ ଅବଲୋକନ କରି ନିଜ ନିଜ ରାସ୍ତାରେ ଚାଲିଯାଆନ୍ତି।

ମୋ: ୯୮୫୩୮୯୨୧୨୪



MINISTRY OF
NEW AND
RENEWABLE ENERGY
GOVERNMENT OF INDIA

सत्यमेव जयते

## ନିଜ ଘରକୁ ଦିଅନ୍ତୁ ମାଗଣା ବିଜୁଳି ଓ ସୌର ଶକ୍ତିର ଉପହାର

# ପ୍ରଧାନମନ୍ତ୍ରୀ ସୂର୍ଯ୍ୟ ଘର ମାଗଣା ବିଜୁଳି ଯୋଜନା

## ସହିତ ଯୋଡ଼ି ହୁଅନ୍ତୁ



"ଏହି ଯୋଜନା ଅଧିକ ଆୟ୍, କମ୍ ବିଜୁଳି ବିଲ୍ ଏବଂ ଲୋକଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି କରିବ।"

- ନରେନ୍ଦ୍ର ମୋଦୀ, ପ୍ରଧାନମନ୍ତ୍ରୀ

## ୧ କୋଟି ଘର ପାଇଁ ₹୭୫୦୦୦ କୋଟିର ଯୋଜନା

### ଯୋଜନାର ପ୍ରମୁଖ ବୈଶିଷ୍ଟ୍ୟାବଳୀ

- ମାସିକ ୩୦୦ ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି
- ₹୭୮୦୦୦ ପର୍ଯ୍ୟନ୍ତ ସବ୍‌ସିଡି
- ସ୍ୱଳ୍ପତର ସୁଧ ହାରରେ ଋଣ
- ସହଜ ପଞ୍ଜୀକରଣ ପ୍ରକ୍ରିୟା





pmsuryaghar.gov.in

ପଞ୍ଜୀକରଣ ପାଇଁ ଲଗ୍‌ଇନ୍ କରନ୍ତୁ କିମ୍ବା କ୍ୟୁଆର୍ କୋଡ୍ ସ୍କାନ୍ କରନ୍ତୁ

cbc 28101/13/0015/2324

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୦ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ Bhubaneswar, Saturday, February 17/ 2024

# ତୀବ୍ର ହେବ ଚାଷୀ ଆନ୍ଦୋଳନ



ଜମ୍ମୁରେ ଭାରତ ବନ୍ଦ ବେଳେ ସିଆଇଟିୟୁ ନେତା ୱାଇ. ତାରିଗାମୀ, ଅନ୍ୟ ଟ୍ରେଡ୍ ୟୁନିୟନ୍ ଫେଡେରେଶନ୍ ଏବଂ ଏସ୍‌କେଏମ୍ ନେତାମାନେ କେନ୍ଦ୍ର ସରକାରଙ୍କ ବିରୋଧରେ ବିକ୍ଷୋଭ କରୁଛନ୍ତି।

**ଉତ୍ପାଦିତ ଫସଲର ଏମ୍‌ଏସ୍‌ପି ସମେତ ବିଭିନ୍ନ ଦାବିରେ କୃଷକ ସଙ୍ଗଠନଗୁଡ଼ିକ ପକ୍ଷରୁ ଶୁକ୍ରବାର 'ଭାରତ ବନ୍ଦ' ଡାକରା ଦିଆଯାଇଥିଲା। ଦେଶରେ ଏହି ବନ୍ଦ ପାଳନର ମିଶ୍ର ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଉତ୍ତର ଭାରତର କେତେକ ରାଜ୍ୟକୁ ଛାଡ଼ିଦେଲେ ସ୍ଥିତି ପ୍ରାୟତଃ ସ୍ୱାଭାବିକ ରହିଥିଲା। ଚାଷୀଙ୍କ ପ୍ରତିନିଧି ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ଚାଲିଥିବା ଆଲୋଚନାରୁ ଏଯାଏ କୌଣସି ସୁଫଳ ମିଳିପାରି ନାହିଁ। ରବିବାର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ହେବ। ତେବେ ଦାବି ପୂରଣ ନ ହେଲେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍) ପକ୍ଷରୁ ଚେତାବନୀ ଦିଆଯାଇଛି।**

- ପଞ୍ଜାବରେ ବନ୍ଦ ଯୋଗୁ ଯାତ୍ରୀ ହନ୍ତସନ୍ତ
- ହରିୟାଣାର ଟୋଲ୍ ପ୍ଲାଜାରେ ଚାଷୀଙ୍କ ଧାରଣା

ଅମୃତସର/ହିସାର/ମୁଜାଫରନଗର,୧୬।୨(ପିଟି)

ସଂଯୁକ୍ତ କିଷାନ ମୋର୍ଚ୍ଚା (ଏସ୍‌କେଏମ୍)ର ଭାରତ ବନ୍ଦ ଡାକରା ଯୋଗୁ ଶୁକ୍ରବାର ପଞ୍ଜାବରେ ଗାଡ଼ିମୋଟର ଚଳାଚଳ ବନ୍ଦ ରହିଥିଲା। ଫଳରେ ବସ୍‌ଯାତ୍ରୀମାନେ ବିଭିନ୍ନ ଷ୍ଟାଣ୍ଡରେ ଅଟକି ରହି ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଫସଲର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ଉପରେ ଆଇନଗତ ଗ୍ୟାରେଣ୍ଟି ଦାବି ଗ୍ରହଣ କରିବା ନିମନ୍ତେ ସରକାରଙ୍କ ଉପରେ ଚାପ ପକାଇବା ପାଇଁ 'ଭାରତ ବନ୍ଦ' ଡାକରା ଦିଆଯାଇଥିଲା। ରାଜ୍ୟର ବିଭିନ୍ନ ସ୍ଥାନରେ ଦୋକାନବଜାର ଓ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହିଥିବାବେଳେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନେ ପଠାନକୋଟ, ତର୍ନତରନ, ବଠିଣ୍ଡା ଏବଂ ଜଲନ୍ଧର ଆଦି ବିଭିନ୍ନ ସ୍ଥାନରେ ଜାତୀୟ ରାଜପଥ ଅବରୋଧ କରିଥିଲେ।

ଭାରତ ବନ୍ଦ ଯୋଗୁ ହରିୟାଣାର ହିସାରରେ ସଡ଼କ ପରିବହନ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ପରିବହନ କର୍ମଚାରୀମାନେ ଭାରତ ବନ୍ଦକୁ ସମର୍ଥନ ଜଣାଇ କାମରେ ଯୋଗଦେଇ ନ ଥିଲେ। ହରିୟାଣାର ବିଭିନ୍ନ ଟୋଲ ପ୍ଲାଜାରେ ଭାରତୀୟ କିଷାନ ୟୁନିୟନ (ଚାରୁନି)ର ସଦସ୍ୟମାନେ ଧାରଣାରେ ବସିବାରୁ ଟୋଲ୍ ଆଦାୟ ହୋଇପାରି ନ ଥିଲା। ଏହା ବ୍ୟତୀତ ପଶ୍ଚିମ ଉତ୍ତରପ୍ରଦେଶରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସ୍ୱାମୀନାଥନ କମିଶନଙ୍କ ରିପୋର୍ଟ କାର୍ଯ୍ୟକାରୀ କରିବା, କୃଷିଋଣ ଛାଡ଼ ଆଦି ବିଭିନ୍ନ ଦାବି ନେଇ ଆନ୍ଦୋଳନ ଜାରି ରହିଥିବା ଟିକାଏତ୍ କହିଛନ୍ତି। ବିଜନୁର୍‌ରେ ବିକେୟୁ ସଦସ୍ୟମାନେ ଆଖୁ ଓଜନ କେନ୍ଦ୍ରରେ କାମ ବନ୍ଦ କରାଇଥିଲେ। ବାଗପତ୍‌ରେ ବନ୍ଦ ସମର୍ଥନରେ ପ୍ରତୀକ ବିକ୍ଷୋଭ କରାଯାଇଥିଲା। ଆନ୍ଦୋଳନକାରୀ ଚାଷୀଙ୍କ ସ୍ୱର ଚାପିଦେବାକୁ କେନ୍ଦ୍ର ଉଦ୍ୟମ କରୁଛନ୍ତି। କୃଷକ ଆନ୍ଦୋଳନକୁ ଦେଖାଉଥିବା ୭୦ ଜଣ ୟୁଟ୍ୟୁବରଙ୍କ ଆକାଉଣ୍ଟକୁ ସ୍ଥଗିତ ରଖାଯାଇଥିବା ପଞ୍ଜାବ କିଷାନ ମଜଦୁର ସଂଘର୍ଷ କମିଟି ସାଧାରଣ ସମ୍ପାଦକ ସରୱନ ସିଂ ପାନ୍ଧେର୍ କହିଛନ୍ତି।

## ଶମ୍ଭୁ ସୀମାରେ ଲୁହବୁହା ଗ୍ୟାସ୍ ପ୍ରୟୋଗ

**ଚଣ୍ଡିଗଡ଼,୧୬।୨:** କୃଷକ ସଂଗଠନ ଗୁଡ଼ିକର ଦିଲ୍ଲୀ ଚଲୋ ଡାକରାର ଚତୁର୍ଥ ଦିନରେ ଅମ୍ବାଲା ନିକଟ ଶମ୍ଭୁ ସୀମାଠାରେ ଥିବା ବ୍ୟାରିକେଡ୍ ନିକଟକୁ ଆନ୍ଦୋଳନରତ ଚାଷୀ ଆଗେଇଆସିବାରୁ ସେମାନଙ୍କୁ ଘଉଡ଼ାଇବାକୁ ଯାଇ ହରିୟାଣା ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଥିଲା। ଆନ୍ଦୋଳନକାରୀ ଚାଷୀମାନେ ହରିୟାଣା ସୀମାର ଶମ୍ଭୁ ଏବଂ ଖନୌରୀ ପଏଣ୍ଟରେ ଡେରା ପକାଇ ରହିଛନ୍ତି। ଦିଲ୍ଲୀ ଚଲୋ ଅଭିଯାନର ପ୍ରଥମ ଦୁଇ ଦିନ ଚାଷୀ ଏବଂ ହରିୟାଣା ପୋଲିସ ମଧ୍ୟରେ ସଂଘର୍ଷ ଘଟିଥିଲା। ଶମ୍ଭୁ ସୀମାରେ ଆନ୍ଦୋଳନରତ ଚାଷୀ ଡେରା ପକାଇଥିବାବେଳେ ୭୮ ବର୍ଷୀୟ ଜ୍ଞାନ ସିଂଙ୍କର ଶୁକ୍ରବାର ଭୋର ସମୟରେ ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ତାଙ୍କ ଘର ଗୁରୁଦାସପୁର ଜିଲାର ଚଚୋକି ଗ୍ରାମରେ। ସେ କିଷାନ ମଜଦୁର ମୋର୍ଚ୍ଚାର ସକ୍ରିୟ ସଦସ୍ୟ ଥିଲେ।

ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୩ ମନ୍ତ୍ରୀ କୃଷକ ସଂଗଠନଗୁଡ଼ିକର ନେତାମାନଙ୍କ ସହ ଗୁରୁବାର ରାତିରେ ଚଳାଇଥିବା ଆଲୋଚନା ସକାରାତ୍ମକ ହୋଇଛି ବୋଲି ମନ୍ତ୍ରୀ ଅର୍ଜୁନ ମୁଣ୍ଡା କହିଛନ୍ତି। ଇତିମଧ୍ୟରେ ୩ ପର୍ଯ୍ୟାୟ ଆଲୋଚନା ଶେଷ ହୋଇଥିଲେ ମଧ୍ୟ କୌଣସି ନିଷ୍କର୍ଷ ବାହାରିପାରି ନାହିଁ। ରବିବାର ଚତୁର୍ଥ ପର୍ଯ୍ୟାୟ ଆଲୋଚନା ଅନୁଷ୍ଠିତ ହେବ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ପଞ୍ଜାବ ଏବଂ ହରିୟାଣାର ଦୁଇଟି ସୀମାନ୍ତ ପଏଣ୍ଟରୁ ଚାଷୀମାନେ ଉଠିବେ ନାହିଁ ବୋଲି ଏହାର ନେତା କହିଛନ୍ତି।



ଶମ୍ଭୁ ସୀମାରେ ଆନ୍ଦୋଳନରତ ଚାଷୀଙ୍କୁ ଘଉଡ଼ାଇବା ପାଇଁ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିଛି।

## ବିମାନରେ ହ୍ୱିଲ୍ ଚେୟାର ନ ମିଳିବାରୁ ବୃଦ୍ଧଙ୍କ ମୃତ୍ୟୁ

**ମୁମ୍ବାଇ, ୧୬।୨ :** ମୁମ୍ବାଇ ବିମାନବନ୍ଦରରୁ ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ଏୟାର ଇଣ୍ଡିଆ ବିମାନରେ ନ୍ୟୁୟର୍କରୁ ମୁମ୍ବାଇ ପହଞ୍ଚିଥିବା ଜଣେ ବୃଦ୍ଧ ଯାତ୍ରୀଙ୍କର ହ୍ୱିଲ ଚେୟାର ନ ମିଳିବାରୁ ମୃତ୍ୟୁ ଘଟିଛି। ବିମାନବନ୍ଦରରେ ହ୍ୱିଲ ଚେୟାରର ଅଭାବ କାରଣରୁ କାଉଣ୍ଟରରେ ଅପେକ୍ଷା କରିବାକୁ ସମ୍ପୃକ୍ତ ବୃଦ୍ଧ ବ୍ୟକ୍ତିଙ୍କୁ ଅନୁରୋଧ କରିଥିଲେ ଏୟାର ଇଣ୍ଡିଆ କର୍ମଚାରୀ। କିନ୍ତୁ ବୃଦ୍ଧ ଜଣକ ଅପେକ୍ଷା ନ କରି ନିଜ ସ୍ତ୍ରୀଙ୍କ ସହ ଚାଲିଚାଲି ଯିବାକୁ ନିଷ୍ପତ୍ତି ନେଇଥିଲେ। ତେବେ ଚାଲିକରି ଯିବା ସମୟରେ ବୃଦ୍ଧ ଜଣକ ପଡ଼ିଯାଇଥିଲେ ଓ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଏୟାର ଇଣ୍ଡିଆ ପକ୍ଷରୁ ସୂଚନା ଦିଆଯାଇଛି। ଘଟଣାକୁ ସମ୍ବେଦନଶୀଳ ମନେକରି ଏୟାର ଇଣ୍ଡିଆ ପକ୍ଷରୁ ସମ୍ପୃକ୍ତ ବୃଦ୍ଧଙ୍କ ପରିବାରକୁ ଜରୁରୀ ସହାୟତା ପ୍ରଦାନ ନେଇ ପ୍ରତିଶ୍ରୁତି ଦିଆଯାଇଛି। ମୃତ ବୃଦ୍ଧଙ୍କ ବୟସ ୮୦ରୁ ଉର୍ଦ୍ଧ୍ୱ ହୋଇଥିବା ସୂଚନା ମିଳିଛି। ଏନେଇ ବେସାମରିକ ବିମାନ ଚଳାଚଳ ନିର୍ଦ୍ଦେଶାଳୟ (ଡିଜିସିଏ) ଏୟାରଇଣ୍ଡିଆକୁ ସ୍ପଷ୍ଟୀକରଣ ମାଗିଛି।

## ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସ୍ଥଗିତ ଖବରକୁ ସିବିଏସ୍‌ଇର ଖଣ୍ଡନ

**ନୂଆଦିଲ୍ଲୀ,୧୬।୨:** ଚାଷୀ ଆନ୍ଦୋଳନ ଯୋଗୁ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ସ୍ଥଗିତ ରହିବା ନେଇ ଖବର ପ୍ରକାଶ ପାଇଥିଲା। ଏହା ଏକ ଗୁଜବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ପରୀକ୍ଷା ସ୍ଥଗିତ ନେଇ ଜାଲ୍ ଚିଠି ଭାଇରାଲ କରିଥିବା ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସିବିଏସ୍‌ଇ କହିଛି। ଛାତ୍ରୀଛାତ୍ର ଓ ଅଭିଭାବକମାନେ ପରୀକ୍ଷା ସମ୍ପର୍କିତ ସୂଚନା ପାଇଁ ସିବିଏସ୍‌ଇ ୱେବ୍‌ସାଇଟ୍ ଦେଖିବାକୁ ପରାମର୍ଶ ଦିଆଯାଇଛି।

## ଟିଭି ଅଭିନେତ୍ରୀ କବିତା ଚୌଧୁରୀଙ୍କ ପରଲୋକ



**ଅମୃତସର, ୧୬।୨:** ଜଣାଶୁଣା ଟେଲିଭିଜନ ଅଭିନେତ୍ରୀ କବିତା ଚୌଧୁରୀ (୬୭) ଙ୍କର ଅମୃତସରରେ ହୃଦ୍‌ଘାତରେ ପରଲୋକ ଘଟିଛି। କର୍କଟ ରୋଗରେ ପୀଡ଼ିତ ଥିବା କବିତାଙ୍କର ଦୀର୍ଘଦିନ ଧରି ଚିକିତ୍ସା ଚାଲିଥିଲା। କବିତା ଅଶୀ ଦଶକରେ ଜଣେ ପ୍ରତିଭାବାନ ଅଭିନେତ୍ରୀ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଥିଲେ। ୧୯୮୯ରୁ ୧୯୯୧ ମଧ୍ୟରେ ଦୂରଦର୍ଶନରେ ପ୍ରସାରିତ ହେଉଥିବା ଧାରାବାହିକ 'ଉଡ଼ାନ'ରେ ସେ ଆଇପିଏସ୍ ଅଧିକାରୀ କଲ୍ୟାଣୀ ସିଂହ ଭୂମିକାରେ ଅଭିନୟ କରି ଦର୍ଶକଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟତା ହାସଲ କରିଥିଲେ। ଏଥିସହିତ ୨୦୦୦ରେ 'ୟୋର ଅନର' ଓ ୨୦୧୫ରେ 'ଆଇପିଏସ୍ ଡାଏରୀ'ରେ ମଧ୍ୟ ସେ ଅଭିନୟ କରିଥିଲେ।

## ଇନ୍‌ସାଟ-୩ଡିଏସ୍ ସାଟେଲାଇଟ୍ ଲଞ୍ଚ୍ ଆଜି

ଚେନ୍ନାଇ,୧୬।୨

ଇନ୍‌ସାଟ୍-୩ଡିଏସ୍ ପାଣିପାଗ ସାଟେଲାଇଟ୍ ଶନିବାର ଲଞ୍ଚ୍ ହେବାକୁ ଥିବାବେଳେ ଏଥିପାଇଁ ଅବଗଣନା ଆରମ୍ଭ ହୋଇଯାଇଛି। ଜିଏସ୍‌ଏଲ୍‌ଭି-ଏଫ୍୧୪ ରକେଟ୍‌ର ଏହା ୧୬ତମ ମିଶନ। ଆନ୍ଧ୍ରପ୍ରଦେଶ ଶ୍ରୀହରିକୋଟାସ୍ଥିତ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଶନିବାର ଅପରାହ୍ନ ୫ଟା ୩୫ ମିନିଟ୍‌ରେ ଉତ୍କ୍ଷେପଣ କରାଯିବ ବୋଲି ଭାରତୀୟ ମହକାଶ ଗବେଷଣା ସଂସ୍ଥା (ଇସ୍ରୋ) ପକ୍ଷରୁ କୁହାଯାଇଛି। ତୃତୀୟ ପିଢ଼ି ପାଣିପାଗ ସାଟେଲାଇଟ୍‌ର ଏହା ଏକ ଅନୁବର୍ତ୍ତୀ ମିଶନ। ଉକ୍ତ ସାଟେଲାଇଟ୍‌କୁ ଭୂସ୍ଥିର କକ୍ଷପଥରେ ସ୍ଥାପନ କରାଯିବ। ଏଥିପାଇଁ ୨୭.୫ ଘଣ୍ଟାର ଅବଗଣନା ଆରମ୍ଭ ହୋଇଥିବା ଇସ୍ରୋ କହିଛି। ଏହା ପୂର୍ବରୁ ଗତବର୍ଷ ମେ' ୨୯ରେ ଜିଏସ୍‌ଏଲ୍‌ଭି ଉତ୍କ୍ଷେପଣ ସଫଳ ହୋଇଥିଲା। କିନ୍ତୁ ୨୦୨୧ ଅଗଷ୍ଟ ୧୨ରେ ଅନ୍ୟ ଏକ ଉତ୍କ୍ଷେପଣ ବିଫଳ ହୋଇଥିଲା।

## କାର୍ଟୋସାଟ୍-୨କୁ ସଫଳତାର ସହ ଖସାଇଲା ଇସ୍ରୋ

ବେଙ୍ଗାଲୁରୁ,୧୬।୨

ଭାରତୀୟ ମହାକାଶ ଗବେଷଣା ସଂସ୍ଥା(ଇସ୍ରୋ) ୧୭ ବର୍ଷ ପୂର୍ବେ ଲଞ୍ଚ୍ କରିଥିବା ଏହାର ଦ୍ୱିତୀୟ ପିଢ଼ିର ପ୍ରଥମ ହାଇରିଜଲ୍ୟୁଶନ ଇମେଜିଂ ସାଟେଲାଇଟ୍ କାର୍ଟୋସାଟ୍-୨କୁ ମହାକାଶରୁ ସଫଳତାର ସହ ଭାରତର ବାୟୁମଣ୍ଡଳ ମଧ୍ୟକୁ ଆଣିଛି। ବୁଧବାର ଅପରାହ୍ନ ୩ଟା ୪୮ ମିନିଟ ସମୟରେ ଉକ୍ତ ସାଟେଲାଇଟ୍ ଭାରତ ମହାସାଗର ଉପରିସ୍ଥ ବାୟୁମଣ୍ଡଳରେ ପ୍ରବେଶ କରିଥିଲା। ଏହା ବାୟୁମଣ୍ଡଳରେ ଜଳିଯାଇଥିବା କିମ୍ବା କିଛି ଅଂଶ ସମୁଦ୍ରରେ ପଡ଼ିଥାଇପାରେ ବୋଲି ଇସ୍ରୋର ଜଣେ ଅଧିକାରୀ କହିଛନ୍ତି। ୬୮୦ କିଲୋଗ୍ରାମ ଓଜନର ଉକ୍ତ ସାଟେଲାଇଟ୍‌କୁ ୨୦୦୭ ଜାନୁଆରୀ ୧୦ରେ ମହାକାଶକୁ ଛଡ଼ାଯାଇଥିଲା। ୬୩୫ କିଲୋମିଟର ଉଚ୍ଚ କକ୍ଷପଥରେ ରହି ଏହା କାର୍ଯ୍ୟ କରୁଥିଲା ଏବଂ ୨୦୧୯ ପର୍ଯ୍ୟନ୍ତ ସହରୀ ଯୋଜନା ପାଇଁ ହାଇରିଜଲ୍ୟୁଶନ ଫଟୋ ପଠାଉଥିଲା। ପ୍ରାକୃତିକ ଭାବେ କକ୍ଷଚ୍ୟୁତ ହେବାକୁ ଏହାକୁ ୩୦ ବର୍ଷ ଲାଗିଥାନ୍ତା। କିନ୍ତୁ ଅନ୍ତର୍ଜାତୀୟ ମହାକାଶ ବର୍ଜ୍ୟ ପ୍ରଶମନ ଗାଇଡ୍‌ଲାଇନ ଅନୁପାଳନ ନିମନ୍ତେ ଇସ୍ରୋ ଉକ୍ତ ଅଚଳ ସାଟେଲାଇଟ୍‌କୁ ନିରାପଦର ସହ ଖସାଇଦେଇଛି।

## ମଣିପୁରରେ ସୁରକ୍ଷାକର୍ମୀଙ୍କ ଗୁଳି: ୨ ମୃତ

ଇମ୍ଫାଲ, ୧୬।୨

**ଚୁରାଚାନ୍ଦପୁରରେ ଇଣ୍ଟରନେଟ ସେବା ବନ୍ଦ**

ମଣିପୁରର ଚୁରାଚାନ୍ଦପୁର ଠାରେ ପୁଣି ହିଂସା ଦେଖାଦେଇଛି। କୁକି ସମୁଦାୟର ହେଡ କନ୍‌ଷ୍ଟେବଲଙ୍କୁ ନିଲମ୍ବନ କରାଯିବାର ପ୍ରତିବାଦରେ ଗୁରୁବାର ବିଳମ୍ବିତ ରାତିରେ ପ୍ରାୟ ୩୦୦ରୁ ୪୦୦ ସଂଖ୍ୟାରେ ଉପଦ୍ରବକାରୀ ପୋଲିସ ଅଧୀକ୍ଷକ (ଏସପି) ଓ ଜିଲାପାଳଙ୍କ କାର୍ଯ୍ୟାଳୟକୁ ଢେଲାପଥର ମାଡ଼ କରିବା ସହ ଆକ୍ରମଣ କରିଥିଲେ। ପ୍ରତି ଜବାବରେ ସୁରକ୍ଷା କର୍ମୀଙ୍କ ପକ୍ଷରୁ ହୋଇଥିବା ଗୁଳିମାଡ଼ରେ ୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି। ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ଉପଦ୍ରବକାରୀମାନେ ଅତିଷ୍ଠ ହୋଇ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ବସ ସମେତ ଅନେକ ଯାନବାହନ ମଧ୍ୟ ଜାଳିଦେଇଥିବା ସୂଚନା ମିଳିଛି। ତେବେ ଏହି ହିଂସାର ସଜ୍ଞାନ ନେଇ କୁକି ବହୁଳ ଥିବା ଚୁରାଚାନ୍ଦପୁର ଜିଲାରେ ଆଗାମୀ ୫ ଦିନ ପର୍ଯ୍ୟନ୍ତ ଇଣ୍ଟରନେଟ ସେବାକୁ ବନ୍ଦ କରିବାକୁ ମଣିପୁର ସରକାର ନିଷ୍ପତ୍ତି ନେଇଛନ୍ତି। ଜିଲାରେ ସାମ୍ପ୍ରଦାୟିକ ସଦ୍‌ଭାବ ବିଗିଡ଼ିବାର ଆଶଙ୍କା କରି ଏପରି ନିଷ୍ପତ୍ତି ନିଆଯାଇଥିବା ରାଜ୍ୟର ଗୃହ ସଚିବ ସୂଚନା ଦେଇଛନ୍ତି।

## ୮୪,୫୬୦ କୋଟିର ପ୍ରତିରକ୍ଷା କ୍ରୟକୁ ମଞ୍ଜୁରୀ

ନୂଆଦିଲ୍ଲୀ,୧୬।୨(ପିଟି) : ସଶସ୍ତ୍ର ବଳର ଆକ୍ରମଣ କ୍ଷମତା ବଢ଼ାଇବା ପାଇଁ ମଲ୍ଟିମିଶନ ବିମାନ ସମେତ ୮୪,୫୬୦ କୋଟି ଟଙ୍କାର ସାମରିକ ସରଞ୍ଜାମ କ୍ରୟ ପ୍ରସ୍ତାବକୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଶୁକ୍ରବାର ମଞ୍ଜୁରୀ ପ୍ରଦାନ କରିଛି। ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କ ଅଧ୍ୟକ୍ଷତାରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଥିଲା। କ୍ରୟ ହେବାକୁ ଥିବା ସାମଗ୍ରୀ ମଧ୍ୟରେ ନୂଆ ପିଢ଼ିର ଟ୍ୟାଙ୍କ ବିଧ୍ୱଂସୀ ମାଇନ୍ସ, ଏୟାର ଡିଫେନ୍ସ ଟାକ୍ଟିକାଲ କଣ୍ଟ୍ରୋଲ ରାଡାର, ଓଜନଦାର ଟାର୍ପେଡୋସ୍, ମଧ୍ୟମ ଦୂରଗାମୀ ସାମୁଦ୍ରିକ ପାଟ୍ରୋଲିଂ ଏବଂ ମଲ୍ଟିମିଶନ ବିମାନ, ଆକାଶମାର୍ଗରେ ଯୁଦ୍ଧବିମାନରେ ଇନ୍ଧନ ଭରିବା ପାଇଁ ବିମାନ ଏବଂ ସଫ୍ଟୱେର ରହିଛି।

## ଇଡି ସମନ ପରେ ଆସ୍ଥା ଲୋଡ଼ିଲେ କେଜ୍‌ରିୱାଲ

ନୂଆଦିଲ୍ଲୀ,୧୬।୨



ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା ସହ ସମ୍ପୃକ୍ତି ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଷଷ୍ଠ ଥର ପାଇଁ ସମନ ଜାରି କରିଥିବାବେଳେ ତାଙ୍କୁ ଗିରଫ କରାଯାଇପାରେ ବୋଲି କଳ୍ପନାଜଳ୍ପନା ସୃଷ୍ଟି ହୋଇଛି। ବିଧାନସଭାରେ ତାଙ୍କ ସରକାରର ଶକ୍ତି ପ୍ରଦର୍ଶନ ପାଇଁ କେଜ୍‌ରିୱାଲ ଶୁକ୍ରବାର ଆସ୍ଥାଭୋଟ ଲୋଡ଼ିଛନ୍ତି। ଶନିବାର ଏହା ଉପରେ ଆଲୋଚନା ହେବ। ଆସ୍ଥା ଲୋଡ଼ିବା ସମ୍ପର୍କରେ ଏଏପି ଆବାହକ କହିଛନ୍ତି, ତାଙ୍କ ଦଳର ୨ ବିଧାୟକଙ୍କ ସହ ଭାଜପା ସଦସ୍ୟ ଯୋଗାଯୋଗ କରିଥିଲେ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଖୁବ୍‌ଶୀଘ୍ର ଗିରଫ ହେବେ ବୋଲି ସେମାନେ କହିବା ସହ ବିଧାୟକଙ୍କୁ ଦଳ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ ବୋଲି ସେମାନେ ଜଣାଇଥିବା କେଜ୍‌ରିୱାଲ କହିଛନ୍ତି। ଏଏପିର ୨୧ ବିଧାୟକ ଦଳ ଛାଡ଼ିବା ପାଇଁ ରାଜି ହୋଇଛନ୍ତି ଏବଂ ଅଧିକ ବିଧାୟକଙ୍କ ସହ ଭାଜପା ଯୋଗାଯୋଗରେ ରହିଛି। ଭାଜପାରେ ଯୋଗଦେବା ପାଇଁ ବିଧାୟକମାନଙ୍କୁ ୨୫ କୋଟି ଲେଖାଏ ଟଙ୍କା ଯଚାଯାଉଛି। ଏଥିରୁ ସ୍ପଷ୍ଟ ଯେ, ଅବକାରୀ ନୀତି ସ୍କାମ୍ ଏକ ଦୁର୍ନୀତି ନୁହେଁ। ମିଛ ମାମଲା ଦାଏର କରି ଆମ ଦଳ ଓ ସରକାରକୁ ଭାଙ୍ଗିଦେବା ପାଇଁ ଉଦ୍ୟମ ବୋଲି କେଜ୍‌ରିୱାଲ କହିଛନ୍ତି।

# ବିରୋଧୀଙ୍କୁ ସନ୍ଦେଶଖାଲି ମନା

- ଭାଜପା, କଂଗ୍ରେସ ନେତାଙ୍କୁ ଛଡ଼ାଗଲା ନାହିଁ
- ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ପାଇଁ ଏନ୍‌ସିଏସ୍‌ସିର ସୁପାରିସ

କୋଲକାତା/ନୂଆଦିଲ୍ଲୀ,୧୬।୨(ପିଟି)



ଭାଜପାର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ସଦସ୍ୟଙ୍କୁ ପୋଲିସ ଅଟକାଇବା ପରେ ସେମାନେ ଧାରଣାରେ ବସିଛନ୍ତି।

ପଶ୍ଚିମବଙ୍ଗ ଉତ୍ତର ୨୪ ପ୍ରଗଣା ଜିଲାର ସନ୍ଦେଶଖାଲି ବ୍ଲକ୍ ଅଞ୍ଚଳରେ ମହିଳାମାନଙ୍କୁ ଯୌନ ନିର୍ଯାତନା ଓ ସେମାନଙ୍କ ଜମିକୁ ବଳପୂର୍ବକ ଦଖଲ ଘଟଣାକୁ ନେଇ ଶାସକ ଓ ବିରୋଧୀ ଦଳ ପରସ୍ପରକୁ ଦୋଷାରୋପ କରୁଥିବାବେଳେ ଉତ୍ତେଜନା ବଢ଼ିବାରେ ଲାଗିଛି। ଶୁକ୍ରବାର ଭାଜପା ଓ କଂଗ୍ରେସର ବରିଷ୍ଠ ନେତାମାନେ ଉକ୍ତ ଅଞ୍ଚଳକୁ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିକୁ ବଢ଼ାଇବା ସହ ଘଟଣାକୁ ସାମ୍ପ୍ରଦାୟିକ ରୂପ ଦେବାକୁ ଉଦ୍ୟମ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି।

ଜାତୀୟ ଅନୁସୂଚିତ ଜାତି କମିଶନ (ଏନ୍‌ସିଏସ୍‌ସି) ପଶ୍ଚିମବଙ୍ଗରେ ରାଷ୍ଟ୍ରପତି ଶାସନ ଲାଗୁ କରିବା ପାଇଁ ସୁପାରିସ କରିଥିବା ଏହାର ଅଧ୍ୟକ୍ଷ ଅରୁଣ ହାଲଦାର କହିଛନ୍ତି। ସନ୍ଦେଶଖାଲିରେ ମହିଳାମାନଙ୍କୁ ଟିଏମ୍‌ସି ସମର୍ଥକମାନେ ହଇରାଣ କରିବା ସହ ନିର୍ଯାତନା ଦେଉଥିବା କମିଶନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଦେଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ଦିନକ ପୂର୍ବରୁ କମିଶନ ସନ୍ଦେଶଖାଲି ଗସ୍ତ କରିଥିଲେ।

ସନ୍ଦେଶଖାଲିରେ ଟିଏମ୍‌ସିର କେତେଜଣ ନେତା ଗାଁର ମହିଳାମାନଙ୍କୁ ଯୌନ ନିର୍ଯାତନା ଦେବା ସହ ଅତ୍ୟାଚାର କରୁଥିବା ଅଭିଯୋଗରେ ଆନ୍ଦୋଳନ ଜାରି ରହିଛି। ଏହାକୁ ନେଇ ରାଜନୈତିକ ବାକ୍‌ଯୁଦ୍ଧ ଜୋର୍‌ଦାର ହୋଇଛି। ଜାତୀୟ ସ୍ତରରେ ଇଣ୍ଡିଆ ମେଣ୍ଟରେ ଟିଏମ୍‌ସି ରହିଥିଲେ ମଧ୍ୟ ପଶ୍ଚିମବଙ୍ଗରେ କଂଗ୍ରେସର ବରିଷ୍ଠ ନେତାମାନେ ଟିଏମ୍‌ସିକୁ ସମାଲୋଚନା କରିବାକୁ ପଛାଇ ନାହାନ୍ତି। ସନ୍ଦେଶଖାଲି ମାମଲାରେ ସେମାନେ ମମତାଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜ୍ୟ କଂଗ୍ରେସ ସଭାପତି ଅଧୀର ରଞ୍ଜନ ଚୌଧୁରୀଙ୍କ ନେତୃତ୍ୱରେ ଏକ ଟିମ୍ ସନ୍ଦେଶଖାଲି ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇବାରୁ ମୁହାଁମୁହିଁ ସ୍ଥିତି ଉପୁଜିଥିଲା। ମମତା ସନ୍ଦେଶଖାଲି ପ୍ରସଙ୍ଗକୁ ରାଜନୀତିକରଣ ଓ ସାମ୍ପ୍ରଦାୟିକୀକରଣ କରୁଥିବା ଅଧୀର ଅଭିଯୋଗ କରିଛନ୍ତି।

ସେହିପରି କେନ୍ଦ୍ରମନ୍ତ୍ରୀ ପ୍ରତିମା ଭୌମିକ ଏବଂ ଅନ୍ନପୂର୍ଣ୍ଣା ଦେବୀଙ୍କ ନେତୃତ୍ୱରେ ଭାଜପାର ଏକ କେନ୍ଦ୍ରୀୟ ପ୍ରତିନିଧି ଦଳ ସନ୍ଦେଶଖାଲି ଯିବାବେଳେ ପୋଲିସ ସେମାନଙ୍କୁ ରାମପୁର ନିକଟରେ ଅଟକାଇଥିଲା। ଘଟଣାସ୍ଥଳକୁ ମାତ୍ର ୪ ଜଣଙ୍କୁ ଛାଡ଼ିବା ପାଇଁ ଭାଜପା ପ୍ରତିନିଧି କହିବା ସତ୍ତ୍ୱେ ପୋଲିସ ସେମାନଙ୍କୁ ଅନୁମତି ଦେଇ ନ ଥିଲା ବୋଲି ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ କହିଛନ୍ତି। ଫଳରେ ପ୍ରତିନିଧି ଦଳ ସେଠାରେ ଧାରଣାରେ ବସିଥିଲେ। ପରେ ସେମାନେ ପଶ୍ଚିମବଙ୍ଗ ରାଜ୍ୟପାଳ ସି.ଭି. ଆନନ୍ଦ ବୋଷଙ୍କୁ ଭେଟିଛନ୍ତି। ପୋଲିସ ଅପରାଧୀମାନଙ୍କୁ ସୁରକ୍ଷା ଦେବାକୁ ଉଦ୍ୟମ କରୁଥିବା ମନ୍ତ୍ରୀ ଭୌମିକ କହିଛନ୍ତି। ୧୪୪ ଧାରା ଆଳରେ ଭାଜପାର ସତ୍ୟ ଅନୁସନ୍ଧାନକାରୀ ଟିମ୍‌କୁ ସନ୍ଦେଶଖାଲି ଯିବାକୁ ଦିଆଗଲା ନାହିଁ। ଏପରିକି ୨ ଜଣ ମହିଳା ସଦସ୍ୟଙ୍କୁ ଛାଡ଼ିବା ନିମନ୍ତେ ଅନୁରୋଧକୁ ମଧ୍ୟ ପୋଲିସ ପ୍ରତ୍ୟାଖ୍ୟାନ କରିଦେଇଥିଲା ବୋଲି ଭୌମିକ କହିଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଗଠନ କରିଥିବା ୬ ଜଣିଆ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌ରେ ଅନ୍ୟମାନଙ୍କ ମଧ୍ୟରେ ସୁନୀତା ଡୁଗଲ, କବିତା ପଟିଦାର, ସଙ୍ଗୀତା ଯାଦବ ଏବଂ ବ୍ରିଜ୍ ଲାଲ୍ ରହିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ 50 Years
# ଧରିତ୍ରୀ
DHARITRI
ପୃଷ୍ଠା–୧୨+୮
ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ (୧୨+୮=୨୦ ପୃଷ୍ଠା) Bhubaneswar, Saturday, February 17/2024 Page 20 ₹ 7.00 | SAMBALPUR



**ଦେଶୀ ରନ୍ଧାମଦ ଜବତ**

ଟିଟିଲାଗଡ,(ଶରତ ମିଶ୍ର): ଟିଟିଲାଗଡ ନିକଟ ଦିଗସିରା ଗ୍ରାମରେ ଶୁକ୍ରବାର ଅବକାରୀ ବିଭାଗ ଚଢ଼ାଉ କରି ୮୫ ଲିଟର ଦେଶୀ ରନ୍ଧା ଜବତ କରିଛି। ମଦ କାରବାରରେ ସଂଶ୍ଲିଷ୍ଟ ଥିବା ଅଭିଯୋଗରେ ମୋହନ ପାଠ୍ୟା ସିଂଙ୍କୁ ଗିରଫ କରାଯାଇଛି। ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସବଇନ୍ସପେକ୍ଟର ଆଶିଷ ବେହେରାଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା।

**ସଂକ୍ଷେପରେ**

## ଶିବିରରେ ୧୪୧ ଜଣଙ୍କ ଚକ୍ଷୁ ପରୀକ୍ଷା

ଖପ୍ରାଖୋଲ, ୧୬।୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ଚକ୍ଷୁ ପରୀକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ୧୪୧ ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲଶ। ୧୦୩ ଜଣକୁ ମାଗଣା ଚଷମା ବଣ୍ଟନ କରାଯାଇଥିଲା। ଏହି ଅବସରରେ ଡ଼ା ରାଜ ନାରାୟଣ ସ୍ୱାଇଁ, ଚକ୍ଷୁ ପରୀକ୍ଷକ ତୁଳସୀରାମ ସାହୁ, ବିନୟ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଅଲେଖ ମହିମା ମଠରେ ବିଶ୍ୱ ବ୍ରହ୍ମଯଜ୍ଞ

ସଇଁତଲା,୧୬।୨(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ସଇଁତଲା ବ୍ଲକ ଡୁଙ୍ଗୁରିପାଲି ପଞ୍ଚାୟତ ଜଳକପଦର ମହିମା ମଠରେ ଚାଲିଥିବା ବିଶ୍ୱ ବ୍ରହ୍ମ ଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ମଠ ମୁଖ୍ୟ ମହନ୍ତ ବସନ୍ତ ଦାସଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଯଜ୍ଞରେ କଳାହାଣ୍ଡି, ନୂଆପଡ଼ା ଓ ବଲାଙ୍ଗୀର ଜିଲାର ଅଲେଖ ମହିମା ଧର୍ମାମ୍ବଲମ୍ବୀ ସାଧୁମାନେ ଏକତ୍ରିତ ହୋଇଥିଲେ। ବୁଧବାର ସନ୍ଧ୍ୟାରେ ଯଜ୍ଞ ଆରମ୍ଭ ହୋଇଥିବାବେଳେ ଶୁକ୍ରବାର ଭୋର ୫ଟାରେ ପୂର୍ଣ୍ଣାହୁତି ପଡ଼ିଥିଲା। ଏହି ଯଜ୍ଞରେ ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝି, ଅଭିନେତା ମନୋଜ ମିଶ୍ର, ସିମରନ ସିଂ ଭୋଇ, ଜିଲା ପରିଷଦ ସଦସ୍ୟ ପ୍ରମୋଦ ଭୋଇ, ଭାଜପା ନେତା ନବୀନ ଜୈନ, ହେମନ୍ତ ସାହୁ ଯୋଗଦେଇ ଆଶୀର୍ବାଦ ଭିକ୍ଷା କରିଥିଲେ।

# ମୃତ୍ୟୁସଂଖ୍ୟା ୪ରେ ପହଞ୍ଚିଲା

ବେଲପଡ଼ା, ୧୬।୨(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ କାନୁଟ ଗ୍ରାମରେ ଗତ ୧୦ତାରିଖ ମହେଶ ଆଦବାରିଆ ଘରେ ରନ୍ଧନ ଗ୍ୟାସ ସିଲିଣ୍ଡର ପାଇପ ଲିକ୍ ହୋଇ ନିଆଁ ଲାଗିଯିବାରେ ୬ଜଣ ଗୁରୁତର ହୋଇଥିଲେ। ସମସ୍ତ ଗୁରୁତରଙ୍କୁ ଭୀମ ଭୋଇ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ ଓ ପରେ ବୁର୍ଲା ସ୍ଥାନାନ୍ତର କରାଯାଇଥିଲା। ୧୧ତାରିଖ ଭାନୁ ଅଦବାରିଆଙ୍କ ବୁର୍ଲାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ପରେ ଅନ୍ୟ ଆହତମାନଙ୍କୁ ରାଉରକେଲା ଜେପି ବର୍ଣ୍ଣ ହସ୍ପିଟାଲ ନିଆଯାଇଥିଲା। ଗୁରୁବାର ରାତିରେ ମହେଶ ଆଦବରିଆ ଓ ଭୈରବୀ ଅଦାବରିଆଙ୍କ ମୃତ୍ୟୁ ଘଟିଥିଲା। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ମାଳତୀ ମହାଖୁଡଙ୍କ ମୃତ୍ୟୁ ହୋଇଯାଇଥିବା ସେମାନଙ୍କ ପରିବାର ଲୋକଙ୍କଠାରୁ ଜଣାପଡିଛି। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ୪ଜଣଙ୍କର ମୃତ୍ୟୁ ଘଟିସାରିଲାଣି। ତେବେ ଗୁରୁବାର ମୃତ୍ୟୁ ଘଟିଥିବା ୨ଜଣଙ୍କ ମୃତଦେହ ଗ୍ରାମକୁ ଆସୁଥିବା ବେଳେ ଶୁକ୍ରବାର ମୃତ ମାଳତୀଙ୍କ ମରଶରୀର ବ୍ୟବଚ୍ଛେଦ ପରେ ଶନିବାର ସୁଦ୍ଧା କାନୁଟ ପହଞ୍ଚିବ ବୋଲି ଜଣାପଡିଛି। ସମସ୍ତ ମୃତକ ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ ଆଣିବା ଓ ଚିକିତ୍ସାଧୀନଙ୍କୁ ଉଚ୍ଚତର ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସରପଞ୍ଚ ଆଶୋକ ମହାପାତ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ଶୁକ୍ରବାର କାନୁଟ ପଞ୍ଚାୟତ ଅଫିସ ସମ୍ମୁଖରେ ରାସ୍ତାରୋକୋ କରିଥିଲେ। ଖବର ପାଇ ତହସିଲଦାର ବନବିହାରୀ ହରପାଲ, ବିଡ଼ିଓ ରାଜେଶ ମେହେର, ଏସ୍‌ଡିପିଓ ସଦନନ୍ଦ ପୂଝାରୀ, ଏବିଡ଼ିଓ ସାରଥୀ ସାହୁ ଧାରଣସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ରେଡକ୍ରସରୁ ସାହାଯ୍ୟ ସହ ମୃତଦେହ ଆଣିବା ଖର୍ଚ୍ଚ ସହ ଗୁରୁତର ଥିବା ୨ଜଣଙ୍କୁ ଉଚ୍ଚତର ଚିକିତ୍ସା ପାଇଁ ରାଉରକେଲା ଆଇଜିଏଚ୍‌କୁ ସ୍ଥାନାନ୍ତର କରି ସରକାରୀ ଚିକିତ୍ସା ଖର୍ଚ୍ଚ କରାଯିବା ବ୍ୟବସ୍ଥା କରାଯିବା ପ୍ରତିଶ୍ରୁତି ଦେବା ପରେ ଧାରଣା ଉଠିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତକ ପରିବାରଙ୍କୁ ଗ୍ୟାସ କମ୍ପାନୀଠାରୁ ସରକାରଙ୍କ ନିୟମ ମୁତାବକ ସରକାରୀ ସାହାଯ୍ୟ ପ୍ରଦାନ କରାଯିବ ବୋଲି ତହସିଲଦାର ହରପାଲ କହିଥିଲେ। ସୂଚନାଯୋଗ୍ୟ ଯେ, ଚିକିତ୍ସାଧୀନ ଭାଗ୍ୟବତୀ ଅଦାବାରିଆ ଓ ଦୃତି ଅଦାବରିଆଙ୍କ ଅବସ୍ଥା ମଧ୍ୟ ଗୁରୁତର ରହିଛି। ଭାଗ୍ୟବତୀଙ୍କ ୨ ମାସର ଶିଶୁକନ୍ୟା ରହିଛନ୍ତି। ଗୁରୁତର ମହିଳାଙ୍କ ଚିକିତ୍ସା ପାଇଁ ଚାନ୍ଦା କରି ୫୦ହଜାର ଟଙ୍କା ଅର୍ଥ ସଂଗ୍ରହ କରିଥିବା ସଂଘର ଜ୍ୟୋତି ପଣ୍ଡା କହିଛନ୍ତି।



ସହାୟତା ଦାବିରେ ଯୁବକ ସଂଘ ପକ୍ଷରୁ ରାସ୍ତାରୋକୋ କରାଯାଇଛି।



ମୃତକ ଭାନୁମତୀ ଆଦାବରିଆ।



ଭୈରବୀ ଅଦାବରିଆ।



ମହେଶ ଅଦାବରିଆ।



ମାଳତୀ ମାହାଖୁଡ।

**ଗ୍ୟାସ୍ ପାଇପ ଲିକ୍‌ରୁ ନିଆଁ ଲାଗି ୬ ଗୁରୁତର ଘଟଣା**

- ସରକାରୀ ସହାୟତା ଦାବିରେ ରାସ୍ତାରୋକୋ

## ବଳାତ୍କାର ଅଭିଯୁକ୍ତଙ୍କୁ ୧୦ବର୍ଷ ଜେଲ

ଟିଟିଲାଗଡ଼, ୧୬।୨(ଶରତ ମିଶ୍ର)

ଟିଟିଲାଗଡ଼ ଅତିରିକ୍ତ ଜିଲା ଦୌରା ଏବଂ ସେସନ ବିଚାରପତି ସନ୍ଦୀପ କୁମାର ପଟ୍ଟନାୟକ ଏକ ବଳାତ୍କାର ମାମଲାର ବିଚାର କରି ଶୁକ୍ରବାର ଅଭିଯୁକ୍ତ ସ୍ୱର୍ଣ୍ଣରାଜା ଦୀପକୁ ୧୦ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି । ପୀଡିତାଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ସରକାରୀ ଅଧିବକ୍ତା ରାଧାକାନ୍ତ ପାଢ଼ୀ ଏବଂ ରବୀନ୍ଦ୍ର ନାରାୟଣ ଭୋଇଙ୍କ ସୂଚନାମତେ ୨୦୧୮ ଫେବୃୟାରୀ ୧୦ତାରିଖରେ ସଇଁତଲା ଥାନା ଅନ୍ତର୍ଗତ ବିବିନା ଗ୍ରାମର ସ୍ୱର୍ଣ୍ଣରାଜା ପୀଡିତାଙ୍କୁ ଅପହରଣ କରି ନେଇ ବଳାତ୍କାର କରିଥିଲେ। ଏକଥା ବାହାରେ ପ୍ରକାଶ କଲେ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା । ଏନେଇ ସଇଁତଲା ଥାନାରେ ଅଭିଯୋଗ ପରେ ଏକ ମାମଲା( ୧୩୧/୧୮) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା । ୧୪ ଜଣଙ୍କ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି ବିଚାରପତି ବୃତାନ୍ତ ରାୟ ପ୍ରକାଶ କରି ଦଫା ୩୭୬ (୧)ରେ ୧୦ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୫ ହଜାର ଟଙ୍କା ଜରିମାନାଦେଶ କରିଛନ୍ତି। ଜରିମାନା ଅନାଦାୟ ୬ ମାସ ଅତିରିକ୍ତ ସଶ୍ରମ କାରାଦଣ୍ଡ ଆଦେଶ ହୋଇଛି। ଏହା ସହ ଧାରା ୩୪୧ରେ ୧ ମାସ ଜେଲ, ଧାରା ୫୦୬ରେ ୬ ମାସ ଜେଲ ଦଣ୍ଡ ଶୁଣାଇଛନ୍ତି। ଅଭିଯୁକ୍ତ ପୂର୍ବରୁ ଜାମିନରେ ଥିବା ବେଳେ ଶୁକ୍ରବାର ତାଙ୍କୁ ଟିଟିଲାଗଡ଼ ଉପକାରାଗାରକୁ ପଠାଇ ଦିଆଯାଇଛି ।

## ଗୋପାଳ କାଣ୍ଡ ମେମୋରିଆଲ ଫୁଟ୍‌ବଲ: ଦେବଙ୍ଗ ବିଜୟୀ

ମୁରିବାହାଲ, ୧୬।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ଗ୍ରାମ ପଞ୍ଚାୟତ ଘୁଷୁରାମୁଣ୍ଡା ଗ୍ରାମ ଖେଳ ପଡିଆରେ ଶୁକ୍ରବାର ୨ୟ ବାର୍ଷିକ ଗୋପାଳ କାଣ୍ଡ ମେମୋରିଆଲ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଧରିତ୍ରୀ ଖବରଦାତା ତଥା ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶ୍ରୀବତ୍ସ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ କ୍ରୀଡ଼ାବିତ କେଦାର ବଡ଼ଜେନା, ୱାର୍ଡ଼ସଭ୍ୟ ଲକ୍ଷ୍ମୀକାନ୍ତ ଧରୁଆ ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଘୁଷୁରାମୁଣ୍ଡା ଓ ଦେବଙ୍ଗ ଦଳ ମଧ୍ୟରେ ହୋଇଥିଲା। ନିର୍ଦ୍ଧାରିତ ସମୟ ସୀମାରେ ଖେଳ ବରାବର ରହିବାରୁ ଟାଇବ୍ରେକରେ ମଧ୍ୟମରେ ଦେବଙ୍ଗ ୭-୬ ଗୋଲରେ ବିଜୟୀ ହୋଇଛି। ଆୟୋଜକ କମିଟି ସଭାପତି ରୁଗଧର କୁଅାର, ସମ୍ପାଦକ ଗଣେଶ ଭୋଇ, କୋଷାଧ୍ୟକ୍ଷ ରୁମାନ ଭୋଇଙ୍କ ନେତୃତ୍ୱରେ ବାଳକୃଷ୍ଣ କାଣ୍ଡ, କାନ୍ତ କୁଅର, ବୈରାମ ଭୋଇ, ସଞ୍ଜୟ କାଣ୍ଡ ଟୁର୍ନାମେଣ୍ଟ ଆୟୋଜନରେ ସହଯୋଗ କରୁଛନ୍ତି।



ଉଭୟ ଦଳର ଖେଳାଳିମାନଙ୍କ ଗହରଣରେ ଅତିଥିମାନେ।

## ଫାଇଲେରିଆ ନିରାକରଣ ସଚେତନତା

କଣ୍ଟାବାଞ୍ଜି, ୧୬।୨(ଗୁରୁ ଦୟାଲ ହଂସ)

ଫାଇଲେରିଆକୁ ସମୂଳେ ନାଶ କରିବାକୁ ସରକାରଙ୍କ ତରଫରୁ ଚଳିତ ମାସ ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ଫାଇଲେରିଆ ନିରାକରଣ ଅଭିଯାନ ଚାଲିଛି। ଏହି ପରିପ୍ରେକ୍ଷୀରେ ଡୁରେକେଲା କ୍ଲଷ୍ଟର ଅନ୍ତର୍ଗତ ବକବାହାଲ ପ୍ରାଥମିକ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କ୍ଲଷ୍ଟର ସଂଯୋଜକ ବିରଞ୍ଚି ନାରାୟଣ ଦାଶଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଚେତନତା ସଭାରେ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ କୁନି ସାହୁ, ଅଙ୍ଗନବାଡ଼ି କର୍ମୀ ଦିବାନୀ ରଣା ଉପସ୍ଥିତ ଥିଲେ। କ୍ଲଷ୍ଟର ସଂଯୋଜକ ଦାଶ ଫାଇଲେରିଆ ଓ କୃମି ଉପରେ ସଚେତନ କରାଇଥିଲେ। ଅଙ୍ଗନବାଡ଼ି କର୍ମୀ ବୟସ, ଉଚ୍ଚତାକୁ ନେଇ କିଏ କେତୋଟି ବଟିକା ଖାଇବେ ତାହା ଉପରେ ଛାତ୍ରୀଛାତ୍ରୀ, ଅଭିଭାବକ ଓ କମିଟି ସଭ୍ୟାସଭ୍ୟଙ୍କୁ ବୁଝେଇଥିଲେ। ଗାଁରେ ଯେପରି କେହି ଔଷଧ ନଖାଇ ରହି ନ ଯାନ୍ତି ସେଥପ୍ରତି ସମସ୍ତେ ଦୃଷ୍ଟି ଦେବାକୁ କୁହାଯାଇଥିଲା।

# ୯ଦଫା ଦାବିରେ ଉପଜିଲାପାଳ ଅଫିସ ଘେରାଉ





ଉପଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆଶାକର୍ମୀ ସଂଘ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

ପାଟଣାଗଡ,୧୬।୨(ସଚ୍ଚିଦାନନ୍ଦ ମହାକୁର)

**ନିଖିଳ ଓଡ଼ିଶା ଏମ୍‌ଡିଏମ୍ ପାଚିକା ସହାୟିକା ଓ ଆଶାକର୍ମୀ ସଂଘ ଆନ୍ଦୋଳନ**

୯ଦଫା ଦାବି ନେଇ ଶୁକ୍ରବାର ପାଟଣାଗଡ ଉପଖଣ୍ଡର ଖପ୍ରାଖୋଲ, ବେଲପଡା ଓ ପାଟଣାଗଡ ବ୍ଲକ ନିଖିଳ ଓଡ଼ିଶା ଏମ୍‌ଡିଏମ ପାଚିକା ସହାୟିକା ଓ ଆଶାକର୍ମୀ ସଂଘ ଆନ୍ଦୋଳନକୁ ଓହ୍ଲାଇଥିଲା। ସ୍ଥାନୀୟ ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣରୁ ଉଭୟ ସଂଘ କର୍ମକର୍ତ୍ତାମାନେ ଏକତ୍ରିତ ହୋଇଥିଲେ। ନିଖିଳ ଓଡ଼ିଶା ଏମଡିଏମ ପାଚିକା ସହାୟିକା ସଂଘ ଜିଲା ସଭାପତି ପାଣ୍ଡବ ଭୋଇଙ୍କ ନେତୃତ୍ୱରେ ପାଚିକା ସହାୟିକାମାନେ ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ସହରର ମୁଖ୍ୟ ରାସ୍ତାଦେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ଅନୁରୂପଭାବେ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ ପାଟଣାଗଡ ବ୍ଲକ ସଭାପତି ଲଳିତା ବାଗଙ୍କ ନେତୃତ୍ୱରେ ଆଶା କର୍ମୀମାନେ ମଧ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ଉପଜିଲାପାଳ ଅମିତ କୁମାର ନାୟକ ଅନୁପସ୍ଥିତ ଥିବାରୁ ପାଚିକା, ସହାୟିକା ଓ ଆଶା କର୍ମୀମାନେ ବିଭିନ୍ନ ପ୍ରକାର ନାରାବାଜି କରିଥିଲେ। ପରେ ସେମାନେ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ଧସେଇ ପଶିବାକୁ ଚେଷ୍ଟା କଲାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା। ପରେ ସହକାରୀ ଜିଲାପାଳ ନିରୂପମା ଟେଟେ ଆନ୍ଦୋଳନକାରୀଙ୍କ ସମ୍ମୁଖକୁ ଆସିବାରୁ ସେମାନେ ତାଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୯ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ମଧ୍ୟରେ ଆଶା, ଅଙ୍ଗନବାଡ଼ି ଓ ପାଚିକାଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କା, ଇପିଏଫ ଇଏସଆଇ ଏବଂ ଗ୍ରାଚ୍ୟୁଇଟି ଭଳି ସାମାଜିକ ସୁରକ୍ଷା ପ୍ରଦାନ, ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର, ଶ୍ରମିକ ବିରୋଧୀ ୪ ଶ୍ରମକୋଡ ବାତିଲ, କୃଷି ଉତ୍ପାଦନର ଏମଏସପି ଆଇନ ପ୍ରଣୟନ ଓ ଦରବୃଦ୍ଧି ବନ୍ଦକରିବା ପ୍ରଭୃତି ଦାବିଗୁଡିକ ରହିଛି । ଏହି ଘେରାଉରେ ୩ ବ୍ଲକର ଉଭୟ ସଂଘର ପାଚିକା, ସହାୟିକା ଓ ଆଶାକର୍ମୀ ଉପସ୍ଥିତ ଥିଲେ।

## ଆତ୍ମରକ୍ଷା ତାଲିମ ଶିବିର

ଲୋଇସିଂହା,୧୬।୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ବିଲେଇସର୍ଦା ରାଧେଶ୍ୟାମ ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜକ ମିତ୍ରଭାନୁ ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଷ୍ଟରଟ୍ରେନର ହରିପ୍ରିୟା ବିଶ୍ୱାଳ ୪୨ଜଣ ଛାତ୍ରୀଙ୍କୁ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷ ପୁରୁଷୋତ୍ତମ ଭଞ୍ଜ ଏବଂ ଅଧାପକ ଯୋଗଦେଇଥିଲେ। ସେହିପରି ଲୋଇସିଂହା ବ୍ଲକ ଯୋଗିସର୍ଡ଼ା ହରିହର ଉଚ୍ଚତର ମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୪ ଛାତ୍ରୀ ତାଲିମ ନେଇଥିଲେ। ମାଷ୍ଟରଟ୍ରେନର ସୁବନମ ବାନୁ ୧୦ ଦିନ ଧରି ତାଲିମ ପ୍ରଦାନ କରିଥିଲେ। ଉଦଯାପନୀ ସମାରୋହରେ ଅଧ୍ୟକ୍ଷ ରଘନାଥ ସାହୁ କହିଥିଲେ ଯେ, ତାଲିମ ନେଇଥିବା ଛାତ୍ରୀମାନେ ସାହିପଡିଶାରେ ଥିବା ଅନ୍ୟ ଯୁବତୀଙ୍କୁ ଉକ୍ତ କୌଶଳ ବତାଇବା ସହ ଆବଶ୍ୟକ ସମୟରେ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ।

## କ୍ରିକେଟ ଟୁର୍ନାମେଣ୍ଟ: କତରଲଗା ଚାମ୍ପିୟନ

ଦେଓଗାଁ,୧୬।୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଡୁମେରଯୋରରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। କତରଲଗା ଓ ଭଣ୍ଡାରବାଞ୍ଜି ମଧ୍ୟରେ ଫାଇନାଲ ଖେଳ ହୋଇଥିଲା । ଏଥିରେ କତରଲଗା ଦଳ ୧୧ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବିରେନ ମିଶ୍ର, ସମ୍ମାନୀତ ଅତିଥିଭାବେ ବ୍ଲକ କଂଗ୍ରେସ କମିଟି ସଭାପତି ରାମଜୀ ଚୌଧୁରୀ ଯୋଗଦେଇ ଚାମ୍ପିୟନ ଓ ରନରଅପ ଦଳକୁ ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟ ଆୟୋଜନରେ ବରୁଣ ଖୁଟଲା, ଆକାଶ ଭୋଇ, ଅଜିତ କୁମୁରା ତଥା ଜୟ ଜଗନ୍ନାଥ କ୍ରିକେଟ କ୍ଲବର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।



ଚାମ୍ପିୟନ ଦଳ ସହ ଅତିଥିଗଣ।

## ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

ଖପ୍ରାଖୋଲ, ୧୬।୨(ଅଭୟ ତ୍ରିପାଠୀ)

ଖପ୍ରାଖୋଲ ବ୍ଲକ ନାନ୍ଦୁପଲା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ନିଲେନ୍ଦ୍ରୀ ପୂଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ବ୍ଲକ ଅଧକ୍ଷା ନିରୁପମା ପଟେଲ, ସମ୍ମାନିତ ଅତିଥି ବ୍ଲକ ଉପାଧକ୍ଷ ସୁଖିରାମ ସାଣ୍ଡ, ଧଣ୍ଡାମୁଣ୍ଡା ସରପଞ୍ଚ ବୈଦ୍ୟନାଥ ମିଶ୍ର, ମହାରାପଦର ସରପଞ୍ଚ ସୁମତୀ ପ୍ରଧାନ, ପବିତ୍ର ପଟେଲ ଯୋଗଦେଇ ସରକାରୀ ଯୋଜନା ଓ ଗ୍ରାମୀଣ ବିକାଶ ଉପରେ ଆଲୋକପାତ କରିଥିଲେ। ପରେ ଏସ୍‌ଏଚ୍‌ଜି ମହିଳାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ପିଠା ପ୍ରଦର୍ଶିତ ହୋଇଥିଲା। ବିଭିନ୍ନ ସରକାରୀ ଯୋଜନା ଉପରେ ସଚେତନତା ଫ୍ଲେକ୍ସ ପ୍ରଦର୍ଶିତ ହୋଇଥିଲା। ଶେଷରେ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମକୁ ପିଇଓ ଖିରାଧର୍ ବରିହା ପରିଚାଳନା କରିଥିବା ବେଳେ ଜିଆର୍‌ଏସ ସଦାନନ ମାଝି ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଭାନପୁର ପଞ୍ଚାୟତରେ ସରପଞ୍ଚ ରୀନା ଜାଲଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

# ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ସଇଁତଲା,୧୬।୨(ରାଖାଲ ପ୍ରସାଦ ଶତପଥୀ)

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଢ଼େଙ୍ଗ ପଞ୍ଚାୟତ ଅନ୍ତର୍ଗତ ବ୍ରାହ୍ମଣୀ ଗ୍ରାମ ଖେଳପଡ଼ିଆଠରେ ଆମ ଓଡ଼ିଶା ନବୀନ ଓଡ଼ିଶା ସଚେତନତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଢ଼େଙ୍ଗ ସରପଞ୍ଚ ଇତିଶ୍ରୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନୀତ ଅତିଥିଭାବେ ରାଜକିଶୋର ଢ଼ାଙ୍ଗ, ମକରଧ୍ୱଜ ବଗର୍ତ୍ତି, ନାଏବ ସରପଞ୍ଚ ଶଶିକାନ୍ତ ପଧାନ, ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ମହାନ୍ତି, ଏମବିକେ ସୂର୍ଯ୍ୟକାନ୍ତି କୁମ୍ଭାର, ରେଡ଼ିଓ କଳାକାର ବିଳମ୍ବ କୁମ୍ଭାର ମଞ୍ଚାସୀନ ଥିଲେ । ଏଥିରେ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ଜନସଚେତନତା କରାଯାଇଥିଲା। ଏହି ଅବସରରେ ଉଦ୍ୟାନ, କୃଷି, ଶିକ୍ଷା, ଜଙ୍ଗଲ, ସ୍ୱାସ୍ଥ୍ୟ, ପ୍ରାଣୀସମ୍ପଦ, ବିଜୁଳି, ସମନ୍ୱିତ ଶିଶୁ ବିକାଶ, ଅଗ୍ନିଶମ ବିଭାଗର ଷ୍ଟଲ ଖୋଲାଯାଇଥିଲା।



ଜନକଲ୍ୟାଣ ଯୋଜନାର ପୁସ୍ତିକା ଉନ୍ମୋଚନ ଅବସରରେ ଅତିଥିଗଣ ।

# ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ କାର୍ଯ୍ୟକାରୀ କର

ମୁରିବାହାଲ, ୧୬।୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଜିନ୍ଦାବାଦ ସଂଗଠନ ତରଫରୁ ୧୪ଖଣ୍ଡ ଗ୍ରାମର ବିଭିନ୍ନ ସମସ୍ୟାକୁ ନେଇ ଶୁକ୍ରବାର ବ୍ଲକ ଅଫିସ ଘେରାଉ କରାଯାଇଥିଲା। ବ୍ଲକ ଅଫିସ ସମ୍ମୁଖରେ ସଙ୍ଗଠନ ସଭାପତି ସଦାନନ୍ଦ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲା ଆବାହକ ଆଇନଜୀବୀ ତ୍ରିଲୋଚନ ପୁଞ୍ଜି ମୁଖ୍ୟ ଅତିଥିଭାବେ ଯୋଗଦେଇ ଆଦିବାସୀଙ୍କ ସମ୍ବିଧାନିକ ଅଧିକାର, ଗୋଷ୍ଠୀଗତ, ଗୋଷ୍ଠୀ ସମ୍ବଳ ଓ ବ୍ୟକ୍ତିଗତ ଅଧିକାର, ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ କାର୍ଯ୍ୟକାରୀ ହେବାର ୧୬ ବର୍ଷ ବିତି ଯାଇଥିଲେ ମଧ ଆଦିବାସୀ ଓ ବନବାସୀଙ୍କ ପାଇଁ ଉପଯୋଗୀ ହୋଇ ପାରୁନାହିଁ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଜିନ୍ଦାବାଦ ସଂଗଠନ ସାଧାରଣ ସମ୍ପାଦକ କେଶବ ଧରୁଆ, ଧନମତ ପାତ୍ର, ମୁରଲୀ ଧରୁଆ, ଗୁପ୍ତେଶ୍ୱର ମାଝି, ରୁକଧର ବିଶୋଇ ଉପସ୍ଥିତ ଥିଲେ। ରାଜ ସରକାରଙ୍କ ମୋ ଜମି ଜଙ୍ଗଲ ଯୋଜନା ଠିକ୍‌ଭାବେ କାର୍ଯ୍ୟହେଉ ନ ଥିବା, ପଟ୍ଟା ମିଳିଥିଲେ ବି ଅନେକଙ୍କ ଜମି ଚିହ୍ନଟ ହୋଇ ନ ଥିବା ବିଷୟରେ ଆଲୋକପାତ କରାଯାଇଥିଲା। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ୧୧ଦଫା ସମ୍ବଳିତ ଦାବିପତ୍ର ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲ ଅନୁପସ୍ଥିତରେ ମୁଖ୍ୟ କିରାଣୀ ରାଜୁ ନାୟକଙ୍କୁ ପ୍ରଦାନ କରାଯାଇଥିଲା। ପ୍ରମୁଖ ଦାବିଗୁଡିକ ମଧ୍ୟରେ ଆଦିବାସୀ ଓ ବନବାସୀକୁ ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ଅନୁସାରେ ସୁବ୍ୟବସ୍ଥା କରିବା, ଜଙ୍ଗଲରେ ଥିବା ଗ୍ରାମ ଓ ପଡାକୁ ନେଇ ଜଙ୍ଗଲ ଅଧିକାର କମିଟି ଗଠନ, ଆଦିବାସୀଙ୍କ ନାମରେ ଥିବା ମକଦ୍ଦମାକୁ ପ୍ରତ୍ୟାହାର, ଜଙ୍ଗଲରେ ଥିବା ସମସ୍ତ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବା ଅନ୍ୟତମ। ଏଥିପୂର୍ବରୁ ମୁରିବାହାଲ ସାପ୍ତାହିକ ବଜାର ନିକଟରୁ ପେରୁଆମାଲ, ଡ଼ାଡ଼ିଆପଦର, ଡ଼ଙ୍ଗାବାଞ୍ଜି, କାକଡାପଦର, ଡେଙ୍ଗପଦର, ଖରାଲି, ଟିକିନୀବାହାଲି, ରାନୀଲିସିକେଟ୍, ସୁକୁନିପଦର, ବେହେରାଖାଇ, କୁର୍ଟିନିଝାରନ, ଲତାସରଡା, କରନଡ଼ବରା, ବାବେଙ୍ଗୁରୀ ଆଦି ୧୪ ଖଣ୍ଡ ଗ୍ରାମର ଜନସାଧାରଣ ଓ ଜିନ୍ଦାବାଦ ସଂଗଠନ କର୍ମକର୍ତ୍ତା ଏକ ଶୋଭାଯାତ୍ରାରେ ବ୍ଲକ ଅଫିସ ସମ୍ମୁଖକୁ ଯାଇଥିଲେ।





ବ୍ଲକ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଛି।

**ବ୍ଲକ ଅଫିସ ଘେରିଲା ଜିନ୍ଦାବାଦ ସଂଗଠନ**

## ସଂକ୍ଷେପରେ

### ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ

ତରଭା,୧୬।୨(ମାନଭଞ୍ଜନ ମିଶ୍ର)

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଅନ୍ତର୍ଗତ ସିଂହାରୀ ଗ୍ରାମ ପଞ୍ଚାୟତର ମହାଦେବ ମନ୍ଦିର ନିକଟ ପଡିଆଠାରେ ଆମ ଓଡ଼ିଶା ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ସରପଞ୍ଚ ଭୁମତି ଘିବେଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପିଇଓ ନନ୍ଦକିଶୋର ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ହୋଇଥିବା ଏହି ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ସରୋଜ କର୍ଣ୍ଣ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶତ୍ରୁଘ୍ନ ପୃଷ୍ଟି , ସମିତି ସଭ୍ୟ ରଶ୍ମିତା କୁଆଁର, ଏବିଡିଓ ନିରଞ୍ଜନ ନାଏକ, ନାଏବ ସରପଞ୍ଚ ପୁଷ୍ପାଞ୍ଜଳି ମାଝୀ, ସୁନୀଲ ସାହୁ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତର କଳାକାର, ବରିଷ୍ଠ ନାଗରିକ, ୱାର୍ଡ଼ ସଭ୍ୟାସଭ୍ୟ, ଏମବିକେ, ସିଆରପି, ଅଙ୍ଗନବାଡି କର୍ମୀ, ଆଶାକର୍ମୀଙ୍କୁ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବ୍ଲକ କଳା ସଂସ୍କୃତି ସଂଘ ଉପସଭାପତି ମାନଭଞ୍ଜନ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ପିଇଓ ନନ୍ଦକିଶୋର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଶଙ୍କର ବେହେରାଙ୍କ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁବାସ ସେଠୀ, ପୀତବାସ ଘିବେଲା, ଅଶ୍ୱିନୀ ସାହୁ, ଆଦିତ୍ୟ ଚୌହାନ, ବଳଭଦ୍ର ସାହୁ, ଜୟ ବୁଡ଼େକ, ଅକ୍ଷୟ ସାହୁ,ଦୟା ସାଗର କୁଆଁରଙ୍କ ସମେତ ଅଙ୍ଗନୱାଡି କର୍ମୀ, ସିଆରପି, ଆଶା କର୍ମୀ ଓ ପଞ୍ଚାୟତବାସୀ ସହଯୋଗ କରିଥିଲେ।

# ଅଭିଯୁକ୍ତ ସୁଶୀଲ ମହାନନ୍ଦିଆଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ

**ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଅପହରଣ ମାମଲା**

- ଦୁଇ ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

ବୌଦ୍ଧ,୧୬।୨(ଅଜିତ କୁମାର ବାରିକ)

ବୌଦ୍ଧ ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ ସରୋଜିନୀ ପତି ଶୁକ୍ରବାର ଦିନ ଏକ ମାମଲାର ବିଚାର କରି ଅଭିଯୁକ୍ତ ସୁଶୀଲ ମହାନନ୍ଦିଆଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ଅନ୍ୟ ଦୁଇ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାରୁ ପ୍ରକାଶ ଯେ, ବୌଦ୍ଧ ଜିଲା ବାଉଁଶୁଣୀ ଥାନା ତେନ୍ତୁଲିପାଲି ଗ୍ରାମର ଜଣେ ନାବାଳିକା ଗତ ତା ୨୬।୮।୨୦ ରିଖ ଦିନ ପରିବାର ଲୋକ ଖାଇସାରି ଶୋଇଯିବା ପରେ ରାତିରୁ କୁଆଡେ ପଳାଇ ଯାଇଥିଲେ । ପରିବାର ଲୋକ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ । ପରେ ନାବାଳିକାଙ୍କ ପରିବାର ଲୋକ ଜାଣିବାକୁ ପାଇଥିଲେ ଯେ, ତାଙ୍କ ଝିଅକୁ ବୌଦ୍ଧ ଥାନା ଅନ୍ତର୍ଗତ ଗୁଡବାହାଲି ଗ୍ରାମର ସୁଶୀଲ ମହାନନ୍ଦିଆ (୨୪) ବିବାହର ପ୍ରତିଶ୍ରୁତି ଦେଇ ଅପହରଣ କରି ନେଇ ଯାଇଛନ୍ତି । ଗତ ତା୨।୯।୨୦ରେ ନାବାଳିକାଙ୍କ ବାପା ଅଭିଯୁକ୍ତ ସୁଶୀଲଙ୍କ ଘରକୁ ଯାଇ ପଚାରିବାରୁ ସେ ତାଙ୍କ ଝିଅକୁ ବିବାହ କରିବାକୁ ଅପହରଣ କରିଥିବା ନେଇ କହିବା ସହ ଗାଳିଗୁଲଜ କରିବା ଓ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ନାବାଳିକାଙ୍କ ବାପା ଗତ ୪।୯।୨୦ରେ ବାଉଁଶୁଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ବାଉଁଶୁଣୀ ଥାନାରେ ନଂ ୯୦/୨୦ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏହି ଘଟଣାରେ ଅଭିଯୁକ୍ତ ସୁଶୀଲ ମହାନନ୍ଦିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ପୋଲିସ ତଦନ୍ତରେ ଏହି ଘଟଣାରେ ଆଉ ଦୁଇ ଅଭିଯୁକ୍ତ ବୌଦ୍ଧ ଇରିଗେଶନ କଲୋନୀର ଚିନ୍ମୟ ପାତ୍ର (୨୫) ଓ ବୌଦ୍ଧ ଖଲିଆବଗିଚାର ସୁଦର୍ଶନ ଜେନା ସଂପୃକ୍ତ ଥିବା ନେଇ ଜାଣିବା ପରେ ମାମଲା କରି ବିଚାର ପାଇଁ କୋର୍ଟକୁ ପଠାଇଥିଲା । ପରବର୍ତ୍ତୀ ସମୟରେ ମାମଲାଟି ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଅଦାଲରେ ସ୍ପେଶାଲ କେସ ନଂ ୧୯/୨୦( ପୋକ୍ସୋ) ହୋଇ ବିଚାର ହୋଇଥିଲା । ମାମଲାରେ ସରକାରଙ୍କ ପକ୍ଷରୁ ୨୦ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ପ୍ରମାଣ ଥିବା ନେଇ ଅଭିଯୁକ୍ତ ସୁଶୀଲଙ୍କୁ ୨୦ ବର୍ଷ କାରାଦଣ୍ଡାଦେଶ ଦେବା ସହ ୨୦ ହଜାର ଟଙ୍କା ଜରିମାନା ଆଦେଶ କରିଛନ୍ତି। ଏଥିସହ ଜରିମାନା ଅନାଦେୟ ହେଲେ ଆଉ ଅଧିକ ୬ ମାସ କାରାଦଣ୍ଡାଦେଶ ଦେବା ସହ ଅନ୍ୟ ଦୁଇ ଅଭିଯୁକ୍ତ ଚିନ୍ମୟ ପାତ୍ର ଓ ସୁଦର୍ଶନ ଜେନାଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପିପି ଧୁରୀଣ କୁମାର ଦେହୁରୀ ପରିଚାଳନା କରୁଥିବା ବେଳେ ଅଭିଯୁକ୍ତ ଚିନ୍ମୟ ଓ ସୁଦର୍ଶନଙ୍କ ପାଇଁ ଆଇନଜୀବୀ ଅଶୋକ କୁମାର ସାହୁ ଓ ପ୍ରଦୀପ କୁମାର ମହାରଣା ମାମଲା ପରିଚାଳନା କରୁଥିଲେ।

## ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମ


କାର୍ଯ୍ୟକ୍ରମରେ ଅତିଥି ଓ ଅନ୍ୟମାନେ।

**ଆମ୍ବଗାଁ ହାଇସ୍କୁଲ**

ଘଣ୍ଟାପଡ଼ା,୧୬।୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ା ଥାନା ଅଧୀନ ଆମ୍ବଗାଁସ୍ଥିତ ଜନତା ସରକାରୀ ହାଇସ୍କୁଲରେ ଷ୍ଟୁଡେଣ୍ଟ ପୋଲିସ କ୍ୟାଡେଟ କାର୍ଯ୍ୟକ୍ରମ ସ୍ଥାନୀୟ ପ୍ରଧାନଶିକ୍ଷକ ଶୁକଦେବ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଘଣ୍ଟାପଡ଼ା ଥାନା ଏଏସଆଇ ପବିତ୍ର ମୋହନ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ସଡ଼କ ସୁରକ୍ଷା, ସାମାଜିକ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। ସେହିପରି ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ତ୍ରିନାଥ ପାଣି ଯୋଗଦେଇ କ୍ୟାଡ଼େଟର ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ସହକାରୀ ଶିକ୍ଷକ ଲକ୍ଷ୍ମଣ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ଶିକ୍ଷକ ଦେବାଶିଷ ଥନାପତି, ସୌମିତ୍ରୀ ପ୍ରଧାନ, ସନ୍ତୋଷ ପାତ୍ର, ମହେନ୍ଦ୍ର ସାହୁ, ବୃହସ୍ପତି କାଲସେ, ଅରୁଣ ରଣା ପ୍ରମୁଖ ସହଯୋଗ କରିଥିଲେ।

## ରାମଧୁନ କ୍ଲବ ସୁବର୍ଣ୍ଣପୁର ସେମିରେ


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

**ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ୍ ଟୁର୍ନାମେଣ୍ଟ**

ସୋନପୁର,୧୬।୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଗାନ୍ଧୀ ପଡିଆରେ ଚାଲିଥିବା ୧୫ତମ ସର୍ବଭାରତୀୟ ରାମଧୁନ କପ୍ ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ପୁଲ୍-ବିର ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚ୍‌ରେ ଟୁର୍ନାମେଣ୍ଟ ଆୟୋଜକ ସୁବର୍ଣ୍ଣପୁର ରାମଧୁନ କ୍ଲବ ୧-୦ ଗୋଲରେ ବିହାର ବକ୍ସରର ମା କାମାକ୍ଷା କ୍ଲବକୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛି। ରାମଧୂନ କ୍ଲବର ଅଭୟ ମୁଣ୍ଡାଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରା ଯାଇଥିଲା। ମ୍ୟାଚ୍‌କୁ ରେଫେରି ଦିଲ୍ଲିପ ରାଉତ ପରିଚାଳନା କରିଥିବା ବେଳେ ଜିତେନ୍ଦ୍ରୀୟ ଥନାପତି ଓ ସଲିଳ ବେହେରା ସହଯୋଗ କରିଥିଲେ। ଭୁକୁଲୁ ବକ୍ସି ମ୍ୟାଚ୍ କମିଶନର ଦାୟିତ୍ୱ ନିର୍ବାହ କରିଥିଲେ। ବୌଦ୍ଧ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ମୁଖ୍ୟ ଅତିଥିଭାବେ ଯୋଗଦେଇ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ବରିଷ୍ଠ ଫୁଟବଲ ଖେଳାଳି ତଥା ବିନିକା ଏନ୍‌ଏସିର ପ୍ରାକ୍ତନ ନିର୍ବାହୀ ଅଧିକାରୀ ଆଶାରାମ ନାଏକ, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ଯୁବ ସାମାଜିକକର୍ମୀ ଅରବିନ୍ଦ ବାରିକ ଓ ଗୋବିନ୍ଦ ଦାସ ତରିଆ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ମନୋରଞ୍ଜନ ତ୍ରିପାଠୀ ସଭାକୁ ସଂଯୋଜନା କରିଥିଲେ। ରାଇଜୁ ଅଲ୍ଲି ଧାରା ବିବରଣୀ ପ୍ରଦାନ କରିଥିଲେ। ରାମଧୂନ କ୍ଲବର କର୍ମକର୍ତ୍ତା ଓ ସଦସ୍ୟ ମାନେ ମ୍ୟାଚ୍ ଆୟୋଜନରେ ସହଯୋଗ କରିଥିଲେ। ଶନିବାର ସେମିଫାଇନାଲ ମ୍ୟାଚ୍ ସୁବର୍ଣ୍ଣପୁର ରାମଧୂନ କ୍ଲବ ଓ ସୁନାବେଡା ପିୱାଇସି ମଧ୍ୟରେ ଅନୁଷ୍ଠିତ ହେବ।

## ଶାଳକାଠ ଜବତ: ୩ ଗିରଫ

ଘଣ୍ଟାପଡା,୧୬।୨ (ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ରେଞ୍ଜ ଅନ୍ତର୍ଗତ ମଲିକୁଦ ଗ୍ରାମ ଗୁରୁଦାପଡା ଛକ ନିକଟରୁ ୮୦ ଖଣ୍ଡ ଶାଳ କାଠ ବନ ବିଭାଗ ଜବତ କରଛି। ଏହି ଘଟଣାରେ ୩ ଜଣକୁ ଗିରଫ କରାଯାଇଛି । ଶୁକ୍ରବାର ଏକ ଟାଟା ମ୍ୟାଜିକ୍(ନଂ ଓଡି ୦୩ ଏ ୧୧୨୧)ରେ କାଠ ଚାଲାଣ ହେଉଥିବା ଖବର ପାଇ ବନ ବିଭାଗ କର୍ମଚାରୀମାନେ ଗୁରୁଦାପଡା ଛକ ନିକଟରେ ଗାଡିକୁ ଅଟକାଇଥିଲେ। ଯାଞ୍ଚ ପରେ ଗାଡିରେ ସାଇଜ କାଠ ଥିବା ଜଣାପଡିଥିଲା। ଏହି ଘଟଣାରେ ଗିରଫ ବ୍ୟକ୍ତିମାନେ ହେଲେ ମନମୁଣ୍ଡା ଥାନା ନୂଆପାଲି ଗ୍ରାମର ଅଶୋକ ସାହୁ, ସୁବର୍ଣ୍ଣପୁର ଜିଲା ବାଙ୍କବିଜା ଗ୍ରାମର ତ୍ରିଲୋଚନ ବାଘ ଓ ଗୁଲୁ ଗ୍ରାମର କମ୍ପୁ କର୍ମୀ। ଶୁକ୍ରବାର ସନ୍ଧ୍ୟାରେ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ଚଢାଉରେ ମଲିକୁଦ ବିଟ୍ ଭାରପ୍ରାପ୍ତ ବନପାଳ ବୁଲି ବେହେରା, ରଶ୍ମିରଞ୍ଜନ ବେହେରା, ଅକ୍ଷୟ ଗାଇଗୌରିଆ ସାମିଲ ଥିଲେ।

## ଅମରପାଲି ହାଇସ୍କୁଲରେ ବିଦାୟକାଳୀନ ସମ୍ବର୍ଦ୍ଧନା

ଅମରପାଲି,୧୬।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅମରପାଲି ହାଇସ୍କୁଲର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସ୍କୁଲ ପ୍ରଧାନଶିକ୍ଷକ ଉମେଶ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷକ ଶ୍ୟାମସୁନ୍ଦର ସେଠୀ, ପଦ୍ମନାଭ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ ମଞ୍ଚାସୀନ ଥିଲେ। ଶିକ୍ଷକ ସସ୍ମିତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଶ୍ଳୋକ ମିଶ୍ର, କୁନ୍ତୀ ସାହୁ, ପ୍ରାଚୀରାଣୀ ପଣ୍ଡା,ବାସୁଦେବ ନାଏକ, ଶ୍ରଦ୍ଧାସୁମନ ପ୍ରଧାନ, ସୋନାଲି ପ୍ରଧାନ ପ୍ରମୁଖ ସ୍କୁଲ ସମୟର ସ୍ମୃତିଚାରଣ କରିଥିଲେ। ଏହାସହିତ ପରୀକ୍ଷାର୍ଥୀଙ୍କୁ କ୍ୟାରିୟର କାଉନସେଲିଂ ଲିଫ୍‌ଲେଟ ବଣ୍ଟନ କରାଯାଇଥିଲା। ଆଗାମୀ ପରୀକ୍ଷା କିଭଳି ସେମାନଙ୍କୁ ସହଜ ହେବ ସେନେଇ ଶିକ୍ଷକମାନେ ଟିପ୍ସ ପ୍ରଦାନ କରିଥିଲେ। ବ୍ରହ୍ମାନନ୍ଦ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଜୟ ଫାଇଟର, ଶ୍ରୀତମ ୱାରିୟର ବିଜୟୀ

**୩ୟ ବାଉଁଶୁଣୀ କ୍ରିକେଟ ଲିଗ୍ ଉଦ୍‌ଘାଟିତ**

ବାଉଁଶୁଣୀ,୧୬।୨(ଦେବାଶିଷ ନେପାକ)

ବୌଦ୍ଧ ଜିଲା ବାଉଁଶୁଣୀ ହାଇସ୍କୁଲ ଖେଳପଡିଆରେ ଶୁକ୍ରବାର ୩ୟ ବାଉଁଶୁଣୀ କ୍ରିକେଟ ଲିଗ୍ ଉଦ୍‌ଘାଟିତ ହୋଇଛି। ବାଉଁଶୁଣୀ ଲିଟିଲ ମାଷ୍ଟର ସ୍ୱିଙ୍ଗ କ୍ଲବ ତରଫରୁ ୩ୟ ବାଉଁଶୁଣୀ କ୍ରିକେଟ ଲିଗକୁ ବାଉଁଶୁଣୀ ସରପଞ୍ଚ ଅଁଇଠୁ ମହାଲିକ, ବାଉଁଶୁଣୀ ସମିତି ସଭ୍ୟ ପ୍ରମୋଦ ଦେହୁରୀ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଖେଳ ବିଜୟ ଫାଇଟର ଓ ଲୋପା ଷ୍ଟ୍ରାଇକର ମଧ୍ୟରେ ହୋଇଥିଲା। ୧୦ ଓଭର ବିଶିଷ୍ଟ ଖେଳରେ ପ୍ରଥମେ ବ୍ୟାଟିଂ କରି ଲୋପା ଷ୍ଟ୍ରାଇକର ୮୫ ରନ କରିଥିଲା। ଜବାବରେ ବିଜୟ ଫାଇଟର ୮୬ ରନ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ଖେଳ ୱାନ ପ୍ଲସ ସ୍ପୋର୍ଟିଂ ଓ ଶ୍ରୀତମ ୱାରିୟର ମଧ୍ୟରେ ହୋଇଥିଲା। ୱାନପ୍ଲସ ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫୫ ରନ କରିଥିଲା। ଜବାବରେ ଶ୍ରୀତମ ୱାରିୟର ୫୬ ରନ କରି ବିଜୟୀ ହୋଇଥିଲା। ଟୁକୁନ ମହାରଣା, ରାଜା ଦାସ, କୈଳାସ ସେଠୀ ଖେଳ ପରିଚାଳନା କରିଥିଲେ।

## ପାତାଳି ଶ୍ରୀକ୍ଷେତ୍ର ସୁବର୍ଣ୍ଣପୁରର ପରିଚୟ


ପାତାଳି ମହୋତ୍ସବରେ ମଞ୍ଚାସୀନ ଅତିଥି ।

**୧୯ ତମ ପାତାଳି ମହୋତ୍ସବ**

ଅମରପାଲି,୧୬।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୋଟସମଲେଇସ୍ଥିତ ପାତଳି ଶ୍ରୀକ୍ଷେତ୍ରରେ ହେଉଥିବା ୧୯ ତମ ପାତଳି ମହୋତ୍ସବର ଶୁକ୍ରବାର ଥିଲା ଶେଷ ସନ୍ଧ୍ୟା। ଏହି ଅବସରରେ ଟ୍ରଷ୍ଟ ସାଧାରଣ ସମ୍ପାଦକ ଉତ୍ତର କୁମାର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ପୂର୍ବତନ ମନ୍ତ୍ରୀ ତଥା ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଥିଲେ, ପାତାଳି ଶ୍ରୀକ୍ଷେତ୍ର ହେଉଛି ସୁବର୍ଣ୍ଣପୁର ଜିଲାର ପରିଚୟ । ଏହାର ବିକାଶ ପାଇଁ ସବୁ ସ୍ତରରେ ଉଦ୍ୟମ ହେବା ଆବଶ୍ୟକ । ରାଜ୍ୟ ସରକାର ଏଥିପ୍ରତି ଗୁରୁତ୍ୱ ଦେଇ ଏହାର ଆନୁସଙ୍ଗିକ ବିକାଶ ପାଇଁ ଆର୍ଥିକ ଅନୁଦାନ ଦେଇଥିବା ମନ୍ତ୍ରୀ ବେହେରା ପ୍ରକାଶ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଢୀ ସଭା ପରିଚାଳନା କରିଥିବା ବେଳେ ଅନ୍ତର୍ଜାତୀୟ ଯାଦୁଗର ଉଦ୍ଧବ ପଧାନ ମ୍ୟାଜିକ ପରିବେଷଣ କରିଥିଲେ। ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଭୁବନେଶ୍ୱରର ବାବା ବାଲୁଙ୍କେଶ୍ୱର ଅନୁଷ୍ଠାନ ପକ୍ଷରୁ ସୁଧାଂଶୁ ଶେଖର ମହାପାତ୍ର ଓ ସାଥୀଙ୍କ ଦ୍ୱାରା ଭଜନ ପରିବେଷଣ କରାଯାଇଥିଲା। ଶେଷରେ ନଳିନୀକାନ୍ତ ବାଘ ଧନ୍ୟବାଦ ଅର୍ପଣ କରିଥିଲେ।

## ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟ: ବଡ଼ଖମାର ଚାମ୍ପିୟନ


ଅତିଥିଙ୍କ ସହିତ ବଡ଼ଖମାର ଦଳର ଖେଳାଳିମାନେ।

ଅମରପାଲି,୧୬।୨(ପୀତାମ୍ବର ସାହୁ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବାଗବର ପଞ୍ଚାୟତର ଭାଲିଆପଦରଠାରେ ଚାଲିଥିବା ୧୦ମ ମା’ ମାହେଶ୍ୱରୀ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲରେ ଷଣ୍ଢା ଦଳକୁ ପରାସ୍ତ କରି ବଡ଼ଖମାର ଦଳ ଚାମ୍ପିୟନ ହୋଇଛି। ଫାଇନାଲ ଖେଳ ଟି -୧୦ ଓ ୮-୮ ଓଭର ବିଶିଷ୍ଟ ଦୁଇଟି ଫର୍ମାଟରେ ହୋଇଥିଲା। ପ୍ରଥମ ଫର୍ମାଟରେ ଷଣ୍ଢା ଦଳ ପ୍ରଥମେ ବ୍ୟାଟିଂ କରି ୯.୪ ଓଭରରେ ସମସ୍ତ ଉଇକେଟ ହରାଇ ୫୮ ରନ କରିଥିଲା। ଜବାବରେ ବଡ଼ଖମାର ଦଳ ୭.୪ ଓଭରରେ ୩ ଉଇକେଟ ହରାଇ ୫୯ ରନ କରିଥିଲା। ସେହିଭଳି ଦ୍ୱିତୀୟ ଫର୍ମାଟରେ ଷଣ୍ଢା ଦଳ ୮ ଓଭରରେ ୩ ଉଇକେଟ ହରାଇ ୫୮ ରନ କରିଥିଲା। ଜବାବରେ ବଡ଼ଖମାର ଦଳ ୬.୨ ଓଭରରେ ୫ ଉଇକେଟ ହରାଇ ୫୯ ରନ କରିଥିଲା। ଉଭୟ ଫର୍ମାଟରେ ବିଜୟୀ ହୋଇଥିବା ବଡ଼ଖମାର ଦଳ ଚାମ୍ପିୟନ ହୋଇଥିଲା। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷା ଶାନ୍ତି ଲୁହା ମୁଖ୍ୟଅତିଥି, ଚମ୍ପାମାଳ ସମିତି ସଭ୍ୟ ଲକ୍ଷ୍ମୀନାରାୟଣ ପୁରୋହିତ, କ୍ରୀଡାବିତ ନିରୋଧ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବଡ଼ଖମାର ଦଳର ଅରବିନ୍ଦ ପଧାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଭାବେ ପୁରସ୍କୃତ କରାଯାଇଥିଲା। ନିଖିଲ ପଣ୍ଡା ଓ କର୍ଣ୍ଣ ଝାଙ୍କର ଖେଳ ପରିଚାଳନା କରିଥିଲେ। ସୁଧୀର ପଣ୍ଡା ସ୍କୋରର ଓ ଧୁମକେତୁ ମେହେର ଧାରା ବିବରଣୀ ପ୍ରଦାନ କରିଥିଲେ।

## ବାଳକ ମୃତ, ପରିବାରର ୫ ଆହତ

ସୋନପୁର,୧୬।୨(ମୃତ୍ୟୁଞ୍ଜୟ ଶତପଥୀ)

ବାହାଘର ଭୋଜି ସାରି ବିଳମ୍ବିତ ରାତିରେ ଜ୍ୱାଇଁ ଘରକୁ ଫେରୁଥିଲେ। ଜ୍ୱାଇଁ ଘରଠାରୁ ଦୂରତା ଆଉ ମାତ୍ର ଦେଢ କିଲୋମିଟର ଥିଲା। କିନ୍ତୁ ବିଧିର ବିଧାନ ଥିଲା ଭିନ୍ନ। ହରଡଖୋଲ ଛକ ନିକଟରେ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ଏକ ଟ୍ରକ୍‌କୁ ପଛପଟୁ କାର ଧକ୍କା ଦେଇଥିଲା। ଏଥିଯୋଗୁ ବୌଦ୍ଧ ଜିଲା ନାରାୟଣ ନଗର ଅଞ୍ଚଳର ସୁଧୀର ମେହେର(୪୫)ଙ୍କ ପୁଅ ସସ୍ମିତ୍(୧୧)ଙ୍କ ମୃତ୍ୟୁ ହୋଇଛି। ପରିବାରର ଅନ୍ୟ ୫ଜଣ ଆହତ ହୋଇଛନ୍ତି।

ବୌଦ୍ଧ ଜିଲା ବାଉଁଶୁଣୀ ନିକଟସ୍ଥ ଅଇଁଳାପାଲି ଗାଁରେ ଗୁରୁବାର ରାତିରେ ମେହେର ପରିବାରର ଏକ ବିବାହ ଉତ୍ସବ ଥିଲା। ବରଯାତ୍ରୀ ଭୋଜି ସରିବା ପରେ ବିଳମ୍ବିତ ରାତିରେ ଏକ ମାରୁତି ବଲେନୋ କାର(ନଂ ଓଡି୦୩ଏକ୍ସ-୬୩୦୯)ରେ ଦାମୋଦର ମେହେର(୭୦), ସାବିତ୍ରୀ ମେହେର(୪୫), ସୁନା ମେହେର(୪୫), ମମତା ମେହେର(୪୦), ସୁଧୀର ମେହେର(୪୫) ଓ ସସ୍ମିତ୍(୧୧) ସୋନପୁର ଥାନା ସାଗରପାଲି ଗାଁରେ ଥିବା ଜ୍ୱାଇଁଙ୍କ ଘରକୁ ଯାଉଥିଲେ। ତେବେ ରାତି ୨ଟା ୩୦ରେ କାର୍ ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ହରଡଖୋଲ ଛକ ନିକଟରେ ଏହି ଦୁର୍ଘଟଣା ହୋଇଥିଲା। ପୋଲିସ ଓ ଅଗ୍ନିଶମ ବିଭାଗ କର୍ମଚାରୀ କାର୍ ଭିତରୁ ଆହତଙ୍କୁ ଉଦ୍ଧାର କରି ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସସ୍ମିତ୍‌ଙ୍କ ମୃତ୍ୟୁ ହୋଇଥିଲା। ସସ୍ମିତ୍‌ଙ୍କ ବାପା ସୁଧୀରଙ୍କୁ ଗୁରୁତର ଅବସ୍ଥାରେ କଟକ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି । ଅନ୍ୟମାନେ ଚିକିତ୍ସିତ ହେଉଛନ୍ତି। ଏ ସମ୍ପର୍କରେ ସୋନପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ପରେ ପୋଲିସ ସସ୍ମିତ୍‌ଙ୍କ ମୃତଦେହ ତାଙ୍କ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।


ଦୁର୍ଘଟଣାରେ କାର୍ ଭାଙ୍ଗିରୁଜି ଯାଇଛି।

- ଟ୍ରକ୍‌କୁ ଧକ୍କା ଦେଲା କାର୍
- ବାହାଘର ସାରି ଜ୍ୱାଇଁଙ୍କ ଘରକୁ ଫେରୁଥିଲେ

## ଶିକ୍ଷା ଏକ ନିରନ୍ତର ପ୍ରକ୍ରିୟା

**ଖଣ୍ଡହତା ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବ**

ଅମରପାଲି,୧୬।୨(ପୀତାମ୍ବର ସାହୁ)

ଶିକ୍ଷା ଏକ ନିରନ୍ତର ପ୍ରକ୍ରିୟା। ଏହା ଆହରଣ କରିବା ପାଇଁ ସମସ୍ତ ଛାତ୍ରୀଛାତ୍ର ପ୍ରୟାସ କରିବା ଆବଶ୍ୟକ। ଉତ୍ତମ ଆଚରଣ, ଶୃଙ୍ଖଳିତ ବ୍ୟବହାର ଓ କଠିନ ପରିଶ୍ରମ କଲେ ସଫଳତା ଆପେ ଆପେ ଆସିଥାଏ। ଶୁକ୍ରବାର ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ସରକାରୀ ୟୁପି ସ୍କୁଲର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତ ରଖିଛନ୍ତି। ବୀରମହାରାଜପୁର ବିଇଓ ଶାନ୍ତନୁ କୁମ୍ଭାକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବୀରମହାରାଜପୁର ବିଧାୟକ ପଦ୍ମନାଭ ବେହେରା ମୁଖ୍ୟଅତିଥି, ଦୁଷରା କଲେଜ ଅବସରପ୍ରାପ୍ତ ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରସନ୍ନ କୁମାର କର୍ଣ୍ଣ ମୁଖ୍ୟବକ୍ତା ଏବଂ ବୀରମହାରାଜପୁର ଜୋନ-୨ ଜିଲା ପରିଷଦ ସଦସ୍ୟା ଚନ୍ଦ୍ରକାନ୍ତି ଦନ୍ତା, ଖଣ୍ଡହତା ସରପଞ୍ଚ ଜୟଶ୍ରୀ ଦେହୁରୀ, ବୌଦ୍ଧ ଜିଲା ମନୁପାଲି ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ କରୁଣାକର ଘଣ୍ଟୁଆଳ, ଖଣ୍ଡହତା ସିଆରସିସି ନାରାୟଣ ଜଗଦଲା, ସ୍କୁଲ ପରିଚାଳନା କମିଟି ସଭାପତି ଗଙ୍ଗାଧର ସାହୁ, ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ନାଏକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଶିକ୍ଷକ ବଳରାମ ମିଶ୍ର ଅତିଥି ପରିଚୟ, ଶଲୋନି ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଧାନଶିକ୍ଷକ ବିଶ୍ୱାମିତ୍ର ନାଏକ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ଉକ୍ତ ସ୍କୁଲର ଅବସରପ୍ରାପ୍ତ ଶିକ୍ଷକ ରତ୍ନାକର ବିଶ୍ୱାଳ, ବେଣୁଧର ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ପୂର୍ଣ୍ଣିମା ସାହୁଙ୍କୁ ଶ୍ରେଷ୍ଠ ଛାତ୍ରୀ, ଗୋପୀନାଥ ପୁରୋହିତଙ୍କୁ ଶ୍ରେଷ୍ଠ ଛାତ୍ର, ମିଥୁନ ମେହେରଙ୍କୁ ଶୃଙ୍ଖଳିତ ଛାତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବରୁ ୨୨ଟି ବିଭାଗର ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପରେ ସ୍କୁଲର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ସଦାନନ୍ଦ ସାହୁ, ପ୍ରିତିକା ମହାକୁର, ତନୟାବତୀ ଭୋଇ ସାଂସ୍କୃତିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିକ୍ଷକ ପର୍ଶ୍ଚ ବୁଡେକ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟିର ସଭ୍ୟ ଓ ଅଭିଭାବକ ଯୋଗଦେଇଥିଲେ।



ବାର୍ଷିକ ଉତ୍ସବ ଉପଲକ୍ଷେ ଅନୁଷ୍ଠିତ ସଭାରେ ମଞ୍ଚାସୀନ ଅତିଥି।

## ସଂକ୍ଷେପରେ

### ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ବଡ଼ଗାଁ,୧୬।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ମହାବୀର ଛକ ନିକଟ ରାଜ୍ୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ସଡ଼କ ଦୁର୍ଘଟଣାରେ ଆହତ ହୋଇ ଚିକିତ୍ସିତ ହେଉଥିବା ଜଣେ ଯୁବକଙ୍କର ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକ ହେଲେ ଚଲନାମୁଣ୍ଡାର ଲାଲୁ ଧରୁଆ(୩୫)। ମିଳିଥିବା ସୂଚନା ଅନୁଯାୟୀ, ଲାଲୁ ଗରିଆମାଲସ୍ଥିତ ସଦ୍‌ଗୁରୁ ମେଟାଲିକ କାରଖାନାରେ କାମ ସାରି ସାଇକେଲରେ ଘରକୁ ଫେରୁଥିବା ବେଳେ ସର୍ତିଦେବୀ ଉଚ୍ଚ ବିଦ୍ୟାଳୟ ସମ୍ମୁଖରେ ଏକ ବାଇକ୍ ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ବଡ଼ଗାଁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାଉରକେଲା ଜୟପ୍ରକାଶ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା।

### କୁଆଁରମୁଣ୍ଡାରେ ଦୀକ୍ଷାନ୍ତ ସମାରୋହ, ପଞ୍ଚକୁଣ୍ଡୀୟ ଯଜ୍ଞ

**କୁଆଁରମୁଣ୍ଡା,୧୬।୨(ମହେନ୍ଦ୍ର କୁମାର ସାହୁ):** ଦଶମ ବୋର୍ଡପରୀକ୍ଷାରେ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରି କଚାରୁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶୁକ୍ରବାର ଦୀକ୍ଷାନ୍ତ ସମାରୋହ ସହ ଗାୟତ୍ରୀ ପରିବାର ପକ୍ଷରୁ ପଞ୍ଚ କୁଣ୍ଡିୟ ଯଜ୍ଞ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ବିଇଓ ଗୁରୁଚରଣ ସାହୁ, କୁଆଁରମୁଣ୍ଡା ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଦରୋଥିଆ ଟପ୍ପୋ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଠୁରକା ସିଂ, ସ୍କୁଲ ପରିଚାଳନା ସମିତି ସଭାନେତ୍ରୀ କାମିନୀ ସିଂ ପ୍ରମୁଖ ଅତିଥିଭାବେ ଯୋଗଦେଇ ବିଦ୍ୟାର୍ଥୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ପାଣି ଓ ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

### ବ୍ରହ୍ମପୁରା ସମାଜ ସହଯୋଗରେ ସମୂହ ବ୍ରତୋପନୟନ

**ବଡ଼ଗାଁ,୧୬।୨(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ ଜିଲା ବଡ଼ଗାଁ ଦେବ ମଣ୍ଡପଠାରେ ଶୁକ୍ରବାର ଅନୁଶୀଳନ ବ୍ରହ୍ମପୁରା ବ୍ରାହ୍ମଣ ସମାଜ ସହଯୋଗରେ ସମୂହ ବ୍ରତୋପନୟନ ଅନୁଷ୍ଠିତ ହୋଇଯାଇଛି। ପୂଜକ ସ୍ୱପ୍ନେଶ୍ୱର ନାୟକ, ଦିବ୍ୟାଲୋଚନ ମିଶ୍ର, ଶାଶ୍ୱତ ପାଣିଗ୍ରାହୀ, ସୋନୁ ପାଣିଗ୍ରାହୀ, ତୁଷାର ରଞ୍ଜନ ପାଣିଗ୍ରାହୀ, ରତ୍ନାକର ପୂଜାରୀ ବ୍ରତ କର୍ମ ତୁଲାଇଥିଲେ। ବ୍ରାହ୍ମଣ ସମାଜ ସଭାପତି ଉପାଧ୍ୟାୟ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମାଜର କର୍ମକର୍ତ୍ତା ରେଣୁ ମାଧବ ହୋତା, ସୁଧୀର ବିଶି, ପଦ୍ମନାଭ ପାଣିଗ୍ରାହୀ, ବେଣୁ ମାଧବ ବିଶି, ପଦ୍ମଲୋଚନ ପାଣିଗ୍ରାହୀ, ଶଙ୍କର ମହାପାତ୍ର, ପ୍ରତାପ ମହାପାତ୍ର, ସତ୍ୟବାନ ବିଶି, ପରମାନନ୍ଦ ପାଣିଗ୍ରାହୀ, ସୁଧୀର ନାୟକଙ୍କ ସହିତ ସମାଜର ଲୋକେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ବାଇପାସ୍ ଛକଠାରେ ଶୁକ୍ରବାର ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନ ପକ୍ଷରୁ ରାସ୍ତା ଅବରୋଧ କରାଯାଇଛି।

# ଭାରତ ବନ୍ଦ: ରାସ୍ତା ରୋକିଲା ସିଆଇଟିୟୁ

**ଲହୁଣୀପଡା,୧୬।୨(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ରାଜାମୁଣ୍ଡା ବାଇପାସ ଛକଠାରେ ଶୁକ୍ରବାର ସଂଯୁକ୍ତ କୃଷକ ମୋର୍ଚ୍ଚା ଓ ମିଳିତ କେନ୍ଦ୍ରୀୟ ଟ୍ରେଡ ୟୁନିୟନର ଭାରତ ବନ୍ଦ ଡାକରାରେ ସିଆଇଟିୟୁ ପକ୍ଷରୁ ବିଭିନ୍ନ ଦାବିନେଇ ରାସ୍ତା ଅବରୋଧ କରାଯାଇଥିଲା। ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ, ଔଷଧ ଉପରୁ ଜିଏସଟି ଛାଡ଼, ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, କରୋନା ପୂର୍ବରୁ ରେଳଯାତ୍ରୀଙ୍କ ପାଇଁ ଥିବା ସମସ୍ତ ରିହାତି ବ୍ୟବସ୍ଥାକୁ ଲାଗୁ କରିବା, ଖାଦ୍ୟ ସୁରକ୍ଷାକୁ ନିଶ୍ଚିତ କରିବା, ନୂତନ ଶିକ୍ଷା ନୀତି ୨୦୨୦କୁ ବନ୍ଦ କରିବା, ମାଗଣାରେ ସମସ୍ତଙ୍କୁ ଶିକ୍ଷା ପ୍ରଦାନ, ସମସ୍ତଙ୍କୁ ବାସ ଗୃହ ପ୍ରଦାନ, ଜଙ୍ଗଲ ଅଧିକାର ଆଇନ ଲାଗୁ କରିବା,ସର୍ବନିମ୍ନ ମଜୁରୀ ବୃଦ୍ଧି କରିବା, ରାଷ୍ଟ୍ରାୟତ ଉଦ୍ୟୋଗକୁ ଘରୋଇ କରଣ ନ କରିବା, ୨୦୨୨ ବିଦ୍ୟୁତ ଆଇନକୁ ବନ୍ଦ କରିବା, କୃଷକଙ୍କ ଉତ୍ପାଦନର ସର୍ବନିମ୍ନ ସହାୟକ ମୂଲ୍ୟ ନିଶ୍ଚିତ କରିବା ସହିତ କର୍ପୋରେଟ ଲୁଣ୍ଠନ ଏବଂ ସାମ୍ପ୍ରଦାୟିକ କୁଚକ୍ର ବିରୋଧରେ ଗ୍ରାମୀଣ ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଜତୀୟ ରାଜପଥ ଅବରୋଧ ସହ ପୋଷ୍ଟ ଅଫିସ, ଷ୍ଟେଟ ବ୍ୟାଙ୍କ, ବିଇଓ, ବିଡିଓ, ତହସିଲ,ସିଡିପିଓ ଆଦି ସରକାରୀ କାର୍ଯ୍ୟାଳୟ ସବୁ ବନ୍ଦ ହୋଇଥିଲା। ରାସ୍ତା ଅବରୋଧ ହୋଇଥିବାରୁ ଉଭୟ ପାର୍ଶ୍ୱରେ ବହୁ ସଂଖ୍ୟାକ ଯାନବାହନ ଅଟକି ରହିଥିଲା। ଫଳରେ ଜନ ସାଧାରଣ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହି ଗ୍ରାମୀଣ ଭାରତ ବନ୍ଦ କାର୍ଯ୍ୟକ୍ରମରେ ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ଜିଲା ସମ୍ପାଦକ ପ୍ରମୋଦ କୁମାର ସାମଲ,ଲହୁଣୀପଡା ବ୍ଲକ ଶାଖା ସମ୍ପାଦକ ଲାଲ ବାହାଦୂର ମାହାନ୍ତ, ଲହୁଣୀପଡା ସରପଞ୍ଚ ନେଲସନ ହେମ୍ବ୍ରମ, ପ୍ରଦୀପ ବେହେରା,ଦୁର୍ଯ୍ୟୋଧନ ମାହାନ୍ତ, ଚଳତ ପଣ୍ଡା,ଲକ୍ଷ୍ମଣ କିଷାନ,ଗୋବର୍ଦ୍ଧନ କିଷାନ, ପୂର୍ଣ୍ଣ ଭୂମିଜ,ପ୍ରଶାନ୍ତ ମାହାନ୍ତ, ନିକୁଞ୍ଜ ସିଂ,ଡିଲେଶ୍ୱର କିଷାନ, ପ୍ରମୁଖ ଙ୍କ ନେତୃତ୍ୱରେ ଶତାଧିକ କର୍ମୀ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମ ଉପସ୍ଥିତ ଥିଲେ।

## ଟାଙ୍ଗରପାଲି, ସଦର ବ୍ଲକ ସମ୍ମୁଖରେ ବନ୍ଦ ପାଳନ

**ସୁନ୍ଦରଗଡ,୧୬।୨(ଜୟ ନାରାୟଣ ମେଣ୍ଡୁଲି)**




କେନ୍ଦ୍ରୀୟ ମିଳିତ ଶ୍ରମିକ ସଙ୍ଗଠନ ଓ ସଯୁକ୍ତ କିଶାନ ମୋର୍ଚ୍ଚାର ଡାକରାରେ ଶୁକ୍ରବାର ଗ୍ରାମୀଣ ଭାରତ ବନ୍ଦ ଡାକରା ପରିପ୍ରେକ୍ଷୀରେ ସୁନ୍ଦରଗଡ ଓ ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଏଆଇଟିୟୁସି ଅନୁବନ୍ଧିତ ସଙ୍ଗଠନ ପକ୍ଷରୁ ବନ୍ଦପାଳନ କରାଯାଇଥିଲା। ଅନୁଷ୍ଠିତ ପ୍ରତିବାଦ ସଭାରେ ଏଆଇଟିୟୁସି ରାଜ୍ୟ ସଭାପତି ଅଶୋକ ଦାଶ ଯୋଗଦେଇ କେନ୍ଦ୍ରସରକାରଙ୍କ ଶ୍ରମିକ ଓ ଚାଷୀ ମାରଣ ନୀତି ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏଆଇଟିୟୁସି ନେତା କମଳ ଷଣ୍ଢ,ଚାଷୀ ନେତା ସୁନୀଲ ନାଏକ, ସନ୍ତୋଷ କୁମାର ଆଚାର୍ଯ୍ୟ ପ୍ରମୁଖ ବକ୍ତବ୍ୟ ରଖି ଉଭୟ ଶ୍ରମିକ ଓ ଚାଷୀ ମାରଣନୀତିକୁ ସମାଲୋଚନା କରିଥିଲେ। ଏଥିରେ ଆଶା କର୍ମୀ ସଂଘର ସନ୍ତୋଷିନୀ ପଣ୍ଡା, ପାଚିକକା ସଂଘର ଗୋଲପି ନାଏକ, ଏଆଇଟିୟୁସିର ଗୋପାଳ ସେନ, ତରଣୀସେନ ରଣି, ସୁଶାନ୍ତ ଓରାମ, ରାମେଶ୍ୱର ପଟେଲ ପ୍ରମୁଖ ସାମିଲ ଥିଲେ।

### ଉଜ୍ଜ୍ୱଳପୁର ବ୍ୟବସାୟିକ ପ୍ରତିଷ୍ଠାନ ଉପରେ ଜିଏସ୍‌ଟି ଚଢ଼ାଉ

ସୁନ୍ଦରଗଡ,୧୬।୨(ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ଜିଲା ଉଜ୍ଜ୍ୱଳପୁରର ସୀତା ଟ୍ରେଡ ଓ କମର୍ସରେ ଶୁକ୍ରବାର ବଡଧରଣ ଜିଏସଟି ଚଢ଼ାଉ ହୋଇଛି। ସମ୍ବଲପୁର ଓ ଝାରସୁଗୁଡା ଜିଲାର ୬ଟି ଜିଏସଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଛନ୍ତି। ୨ଟି ଦୋକାନ, ୩ଟି ଗୋଦାମ ଓ ଘରେ ଏହି ଚଢ଼ାଉ ହୋଇଛି। ଖବର ଲେଖା ସୁଦ୍ଧା ରାତି ୯ଟା ଚଢ଼ାଉ ଜାରି ରହିଛି। ଉଜ୍ଜ୍ୱଳପୁରର ବ୍ୟବସାୟୀ ବିଜୟ କୁମାର ଅଗ୍ରୱାଲା ଜିଏସଟି ଫାଙ୍କି ନିଜର ବ୍ୟବସାୟ ଚଳାଉଥିବା ନେଇ ଅଭିଯୋଗ ହୋଇଥିଲା।

### ଲୋକନାଥ ମନ୍ଦିରରେ ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ

**କୁଆଁରମୁଣ୍ଡା,୧୬।୨ (ମହେନ୍ଦ୍ର କୁମାର ସାହୁ):** ସୁନ୍ଦରଗଡ ଜିଲା କୁଆଁରମୁଣ୍ଡା ସ୍ଥିତ ଲୋକନାଥ ମନ୍ଦିରରେ ମାଘ ସପ୍ତମୀ ଉପଲକ୍ଷେ ଅଷ୍ଟମ ପ୍ରହରୀ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳୁ ମହିଳାମାନେ କଳସ ଶୋଭାଯାତ୍ରାରେ ଯାଇ ନିକଟସ୍ଥ ଜଳାଶୟରୁ କଳସୀରେ ଜଳ ଆଣିବା ପରେ ଅଧିବାସ ଆରମ୍ଭ ହୋଇଥିଲା। ପୂଜକ କୈଳାଶ ତ୍ରିପାଠୀ ପୂଜା କାର୍ଯ୍ୟ ସଞ୍ଚାଳନ କରୁଛନ୍ତି। ଏହା ଶନିବାର ଉଦ୍‌ଯାପିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଆୟୋଜକ କମିଟି ପକ୍ଷରୁ ସନାତନ ସିଂ, ଘନଶ୍ୟାମ ଦେବତା, ଈଶ୍ୱର ପାଲ, ରାଜୁ ତିୱାରୀ, ଶଙ୍କର ପୁଝାରୀ, ବାଲ କିଶନ ଅଗ୍ରୱାଲ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି।

## ତୈଳିକ ବୈଶ୍ୟ ସମାଜର ବୈଠକ, କମିଟି ଗଠନ



ନୂତନ କମିଟିର ଚୟନ କର୍ମକର୍ତ୍ତାଙ୍କ ସହିତ ସାମାଜିକ କର୍ମୀ ବୃନ୍ଦ।

**ବଡ଼ଗାଁ,୧୬।୨(ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଜାଙ୍ଗଲି ଗ୍ରାମରେ ଶୁକ୍ରବାର ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜର ବୈଠକ ଓ ନୂତନ କମିଟି ଗଠନ କରାଯାଇଛି। କୌସିକ ବେହେରାଙ୍କ ସଭାପତିତ୍ୱରେରେ ଅନୁଷ୍ଠିତ ବୈଠକରେ ତୈଳିକ ସମାଜ ଜାଙ୍ଗଲି ଗ୍ରୁପ୍ ଅଧୀନ ବୁଢୁନା, ଟୁରୀପୋଷ, ବାଇବାଇ, କଣ୍ଟିଆମୁରା, ମଚାମରା, କାଦୋପଡା, ଛାମୁଣ୍ଡା, ଫୁଲବାରୀ ଓ ପୁର୍କାପାଲି ଗ୍ରାମର ସାମାଜିକ ବ୍ୟକ୍ତି ଯୋଗଦେଇ ଆଲୋଚନା କରିଥିଲେ। ବୈଠକ ଆରମ୍ଭରେ ସମାଜର ବରିଷ୍ଠ କର୍ମକର୍ତ୍ତା ଶିବ ଶଙ୍କର ବେହେରା ସାମାଜିକ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଜାତି ସମାଜର ଇଷ୍ଟ ଦେବତା ଗଣେଶଙ୍କ ପୂଜାର୍ଚ୍ଚନା କଲାପରେ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ସାମାଜିକ ଚାଲିଚଳନ, ବିବାହ, ରୀତିନୀତି, ଶିକ୍ଷା, କୁ ସଂସ୍କାର ଦୂରୀକରଣ ଉପରେ ଆଲୋଚନା ହୋଇଥିଲା। ଏହାପରେ ଉତ୍ତର ଉତ୍କଳ ତୈଳିକ ବୈଶ୍ୟ ସମାଜ ଜାଙ୍ଗଲି ଗ୍ରୁପ୍‌ର କମିଟି ଗଠନ କରାଯାଇଥିଲା। କମିଟି ଗଠନ ପାଇଁ ପର୍ଯ୍ୟବେକ୍ଷକ ଭାବେ ସମାଜର କେନ୍ଦ୍ରୀୟ କମିଟି କର୍ମକର୍ତ୍ତା କୁତ୍ରାର ଶିବ ଶଙ୍କର ବେହେରା ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ଉପସ୍ଥିତିରେ ସର୍ବ ସମ୍ମତି କ୍ରମେ ମନମଥ ବେହେରାଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା। ଟୁରୀପୋଷ ଗ୍ରାମର କୌଶିକ ବେହେରାଙ୍କୁ ଉପ ସଭାପତି, ମଚାମରା ଗ୍ରାମର ତ୍ରିନାଥ ବେହେରାଙ୍କୁ ସମ୍ପାଦକ ଓ ଜାଙ୍ଗଲି ଗ୍ରାମର ଜୟ ନାରାୟଣ ବେହେରାଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା। ଏହା ସହିତ କଲ୍ୟାଣୀ ପୃଷେଟ, କୁନ୍ତଳା ସା ଓ ରସାନନ୍ଦ ସାହୁଙ୍କୁ କମିଟିର କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ କରାଯାଇଥିଲା।

### ଟ୍ରେନ୍ ରହଣି ଦାବିରେ ସ୍ମାରକପତ୍ର ପ୍ରଦାନ

**ରାଉରକେଲା,୧୬।୨(ସଙ୍ଗୀତା ଜେନା)**

ଓଡ଼ିଶା ପ୍ରତି ରେଳ ବିଭାଗର ବୈମାତୃକ ମନୋଭାବ ରହିଆସିଛି। ରେଲୱେ ଡିଭିଜନ, ବିମଳାଗଡ଼ ତାଳଚେର ରେଳଲାଇନ୍, ଦୁରନ୍ତୋ ଟ୍ରେନର ରାଉରକେଲାରେ ରହଣି ଆଦି ଦାବି ହେଉଥିଲେ ମଧ୍ୟ ତାହା ପୂରଣ ହୋଇପାରୁନାହିଁ। ସେହିପରି ହାୱଡ଼ା-ପୁଣେ ୧୨୨୨୨/୨୧ ଓ ହାୱଡ଼ା-ମୁମ୍ବାଇ ଟ୍ରେନ ୧୨୨୬୨/୬୧ ସିଏସ୍‌ଟିଏମର ରାଉରକେଲାରେ ରହଣି ପାଇଁ ଦାବି ହୋଇଆସୁଛି। ଏହି ପରିପ୍ରେକ୍ଷୀରେ ଗୁରୁବାର ଉତ୍ତର ଭାରତୀୟ ସମନ୍ୱୟ ସମିତି ପକ୍ଷରୁ ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏବଂ ଦକ୍ଷିଣ ପୂର୍ବ ରେଲୱେ ଜିଏମ୍‌ଙ୍କ ଉଦ୍ଦେଶ୍ୟରେ ରାଉରକେଲା ଷ୍ଟେଶନ ମ୍ୟାନେଜର ପ୍ରଭାସ ଦାସଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସମସ୍ତ ଦାବି ପୂରଣ ପାଇଁ ସମିତି ପକ୍ଷରୁ ନିବେଦନ କରାଯାଇଛି। ସ୍ମାରକପତ୍ର ପ୍ରଦାନ ବେଳେ ସମିତିର ବେଦପ୍ରକାଶ ତିୱାରୀ, ଉପେନ୍ଦ୍ର ସିଂହ, ହରିଶଙ୍କର ଶାହା, ଅଜିତ ସିଂ ଯାଦବଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ସଡ଼କ ସୁରକ୍ଷା ଅଭିଯାନ ଆରମ୍ଭ



ଅଧିକାରୀ ଓ କର୍ମଚାରୀ ସଡ଼କ ସୁରକ୍ଷା ବାର୍ତ୍ତା ବାଣ୍ଟୁଛନ୍ତି।

**ରାଉରକେଲା,୧୬।୨(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପି ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଜାନୁୟାରୀ ୧୫ରୁ ଚାଲିଥିବା ଜାତୀୟ ସଡ଼କ ସୁରକ୍ଷା ଅଭିଯାନ ମାଧ୍ୟମରେ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଯାନରେ ଅକ୍ସିଜେନ ପ୍ଲାଣ୍ଟ ଓ ଶକ୍ତି ପରିଚାଳନା ବିଭାଗ ୧୦୦ରୁ ଊର୍ଦ୍ଧ୍ୱ ଅଧିକାରୀ, କର୍ମଚାରୀ ଏବଂ ଠିକା ଶ୍ରମିକ ଭାଗ ନେଇଥିଲେ। ଅକ୍ସିଜେନ ପ୍ଲାଣ୍ଟ ବିଭାଗର ଜିଏମ୍ ଇନଚାର୍ଜ ଆର. କେ. ସାହା ନେତୃତ୍ୱ ନେଇଥିବା ବେଳେ ସୁରକ୍ଷା ବିଭାଗର ଜିଏମ୍ ଇନଚାର୍ଜ ସୁଶ୍ରୀ ଆଶା କାର୍ଥା, ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ୍ ଅବକାଶ ବେହେରାଙ୍କ ସମେତ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗତି ସୀମା, ରେଡ୍ ଲାଇଟ ଉଲ୍ଲଂଘନ ରୋକିବା, ଓଭରଟେକ୍ ନ କରିବା ଉପରେ ବିଶେଷ ଆଲୋକପାତ କରାଯାଇଥିଲା। ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଆସିଷ୍ଟାଣ୍ଟ ମ୍ୟାନେଜର ଦୀପକ କୁମାର ସେଠୀ ଏବଂ ରଶ୍ମୀ ରଞ୍ଜନ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ପେରିଫେରାଲ ହକି ଟୁର୍ନାମେଣ୍ଟ: କାଲଟା ହାଇସ୍କୁଲ ଚାମ୍ପିୟନ

**ଟେନ୍‌ସା,୧୬।୨(ସମୀର କୁମାର ପାଢୀ)**

ସୁନ୍ଦରଗଡ଼ ଜିଲା ଟେନ୍‌ସରେ ଥିବା ସେଲ୍ ଅଧୀନସ୍ଥ ବରସୁଆଁ ଲୌହ ଖଣି ସାମାଜିକ ଦାୟିତ୍ୱ ବୋଧ ବିଭାଗ ତଥା ସିଏସ୍‌ଆର ଅଧିକାରୀ ଅମୀୟ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପେରିଫେରାଲ୍ ହକି ଟୁର୍ନାମେଣ୍ଟ ଟେନ୍‌ସା ଇସ୍ପାତ ଷ୍ଟାଡିୟମଠାରେ ଉଦ୍‌ଯାପିତ ହୋଇଯାଇଛି। ବଣାଇଁ ଉପଖଣ୍ଡରୁ ୩୨ଟି ଦଳ ଏଥିରେ ଭାଗ ନେଇଥିଲେ। ୧୬ଟି ଦଳ ବରସୁଆଁରେ ଏବଂ ୧୬ଟି ଦଳ ଟେନ୍‌ସାରେ ଖେଳୁଥିଲେ। ବରସୁଆଁରେ ଖେଳୁଥିବା ୧୬ଟି ଦଳ ମଧ୍ୟରୁ ଓଏମସି ପ୍ଲଟ ବିଜେତା ହୋଇଥିଲା। ଟେନ୍‌ସାରେ ଖେଳୁଥିବା ୧୬ଟି ଦଳ ମଧ୍ୟରୁ କାଲଟା ହାଇସ୍କୁଲ ଦଳ ବିଜେତା ହୋଇଥିଲା। ଉଭୟ ଟିମ୍‌କୁ ନେଇ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। କାଲଟା ହାଇସ୍କୁଲ ଦଳ ୧.୦ଗୋଲରେ ବିଜୟ ଲାଭ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଟେନ୍‌ସା ସରପଞ୍ଚ ଅନିତା ପୂର୍ତ୍ତି, ସମ୍ମାନିତ ଅତିଥି ଭାବେ ବରସୁଆଁ ଲୌହଖଣିର ଡିଜିଏମ ଇଲେକ୍ଟ୍ରିକାଲ ଏସ ଲସ୍କର, ସିଭିଲି ବିଭାର ମୁଖ୍ୟ ବି. ଦତ୍ତ, ସମାଜିକ କର୍ମୀ ପପୁ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଜେତା ଦଳକୁ ଟ୍ରଫି ସମେତ ନଗଦ ଟଙ୍କା, ଉପବିଜେତା ଦଳକୁ ଟ୍ରଫି ସମେତ ନଗଦ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା।



ଅତିଥିଙ୍କ ସହ ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

## ୮ ଦଫା ଦାବିରେ ଆଶାକର୍ମୀ ସଂଘର ଧର୍ମଘଟ, ବିକ୍ଷୋଭ

### ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

**ବଡ଼ଗାଁ,୧୬।୨(ଅଶୋକ ଷଡ଼ଙ୍ଗୀ)**



ଧର୍ମଘଟରେ ବସିଛନ୍ତି ଆଶାକର୍ମୀ।

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅଫିସ୍ ସମ୍ମୁଖ ରାଜପଥ ପାର୍ଶ୍ୱରେ ଶୁକ୍ରବାର ପୂର୍ବାହ୍ନରୁ ୪ ଘଣ୍ଟା ପର୍ଯ୍ୟନ୍ତ ନିଖିଳ ଓଡ଼ିଶା ଆଶାକର୍ମୀ ସଂଘ, ନିଖିଳ ଓଡ଼ିଶା ଏମ୍‌ଡିଏମ୍, ପାଚିକା ଓ ସହାୟିକା ସଂଘ ପକ୍ଷରୁ ୮ ଦଫା ଦାବିକୁ ନେଇ ଧର୍ମଘଟ ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଆଇଟିୟୁସି ସୁନ୍ଦରଗଡ଼ ଜିଲା କାର୍ଯ୍ୟକାରୀ ସଭାପତି ତଥା ଆଶାକର୍ମୀ ସଂଘ ସଭାନେତ୍ରୀ ମାତିଲଦା କୁଲୁ ଓ ସଂଘର ବ୍ଲକ ସଭାନେତ୍ରୀ ପଦ୍ମିନୀ କିଷାନଙ୍କ ନେତୃତ୍ୱରେ ଶତାଧିକ ଆଶାକର୍ମୀ, ପାଚିକା ଓ ସହାୟିକାମାନେ ଏକାଠି ହୋଇ ବିଭିନ୍ନ ନାରା ଦେଇଥିଲେ। ରାଜପଥ ପାର୍ଶ୍ୱରେ ୪ ଘଣ୍ଟା ବିକ୍ଷୋଭ ପ୍ରଦର୍ଶନ କଲାପରେ ବିଡିଓଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ। ଦାବିପତ୍ରରେ ଦର୍ଶାଯାଇଛି ଯେ, ଅଙ୍ଗନୱାଡି, ଆଶାକର୍ମୀ, ପାଚିକା ଓ ସହାୟିକାଙ୍କୁ ଭାରତୀୟ ଶ୍ରମ ସମ୍ମିଳନୀ ସୁପାରିସ ଭିତ୍ତିରେ ୱାର୍କର ମାନ୍ୟତା ପ୍ରଦାନ, ଶ୍ରମିକଙ୍କ ପାଇଁ ମାସିକ ସର୍ବନିମ୍ନ ମଜୁରି ୨୬ ହଜାର ଟଙ୍କାକୁ ବୃଦ୍ଧି, ସମସ୍ତ ସ୍କିମ୍ ୱାର୍କରଙ୍କ ପାଇଁ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି,କର୍ମଚାରୀ ରାଜ୍ୟ ବୀମା ଗ୍ରାଚୁଇଟି ଓ ପେନ୍‌ସନ ବ୍ୟବସ୍ଥା, ଶ୍ରମିକ ଶ୍ରେଣୀ ସ୍ୱାର୍ଥ ବିରୋଧୀ ୪ଟି ଶ୍ରମ କୋଡ୍ ପ୍ରତ୍ୟାହାର କରିବା ଓ ସମସ୍ୟାର ସମାଧାନ ପାଇଁ ଶ୍ରମ ବିଭାଗର ସକ୍ରିୟ ହସ୍ତକ୍ଷେପ ବ୍ୟବସ୍ଥା, ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରତ୍ୟାହାର, ଦରଦାମ ବୃଦ୍ଧି ନିୟନ୍ତ୍ରଣ, ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ ବନ୍ଦ,କୃଷି ଉତ୍ପାଦନର ସହାୟକ ମୂଲ୍ୟ ପ୍ରଦାନ ପାଇଁ ଏମ୍‌ଏସ୍‌ପି କେନ୍ଦ୍ରୀୟ ଆଇନ ପ୍ରଣୟନ, ପୁରୁଣା ପେନ୍‌ସନ ସ୍କିମ୍ ଲାଗୁ କରାଯାଉ। ଏହି ଦାବିକୁ ନେଇ ଏଆଇଟିୟୁସି ସହ ସହବନ୍ଧିତ ନିଖିଳ ଓଡ଼ିଶା ଆଶାକର୍ମୀ, ପାଚିକା ଓ ସହାୟିକ ସଂଘ ଧର୍ମଘଟ କରିଛି।

## ସଂକ୍ଷେପରେ

### ଝୁଯୋମୁରା ମହାକୁଡ଼ପାଲିରେ ହାତୀ ଉପଦ୍ରବ

ସମ୍ବଲପୁର,୧୬।୨( ଭବାନୀ ଶଙ୍କର ଭୋଇ) ଝୁଯୋମୁରା ବ୍ଲକ ଗଡଲୋଇସିଂ ଗ୍ରାମପଞ୍ଚାୟତ ଅନ୍ତର୍ଗତ ମହାକୁଡ଼ପାଲି ଗ୍ରାମରେ ଗୁରୁବାର ରାତିରେ ହାତି ଉପଦ୍ରବ ଦେଖିବାକୁ ମିଳିଥିଲା। ଏକ ଦନ୍ତା ହାତୀ ମହାକୁଡପାଲି ଗାଁକୁ ଆସି ନାରେନ୍ ବରର୍ତ୍ତୀଙ୍କ ଘର ଭାଙ୍ଗି ଦେଇ ଥିବା ସୂଚନା ମିଳିଛି। ଦନ୍ତା ହାତୀ ଘରର କାନ୍ଥ ଭାଙ୍ଗି ଧାନ ଖାଇଦେଇଥିଲା। ଖବରପାଇ ଗଡାଲୋଇସିଂ ବନ ବିଭାଗ କର୍ମଚାରୀମାନେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ ହାତୀକୁ ଘଉଡାଇଥିଲେ। ଏହି ସମୟରେ ନରେନଙ୍କ ଘରେ ତାଙ୍କ ସ୍ତ୍ରୀ, ୨ ପୁଅ ଏବଂ ତାଙ୍କ ମା' ଏକାକୀ ଥିଲେ। ଗାଁ ଠାରୁ ଘରଟି ଟିକିଏ ଦୂରରେ ରହିଥିବାରୁ ତାଙ୍କ ପରିବାର ପ୍ରତି ଭୟ ରହୁଥିବା ପଡାବାସୀ ବନ ବିଭାଗକୁ ଜଣାଇବା ସହ ସୁରକ୍ଷା ପାଇଁ ଅନୁରୋଧ କରିଛନ୍ତି। ଏପରି ପରିସ୍ଥିତିରେ ହାତୀ ଘଉଡାଇବାରେ ବିଳମ୍ବ ନ କରି ଉଚିତ ପଦକ୍ଷେପ ନିଅନ୍ତୁ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟପକ୍ଷରେ କିଛି ଦିନ ପୂର୍ବରୁ ଝୁଯୋମୁରା ବ୍ଲକର ଝାଙ୍କରପାଲି ନିକଟରେ ହାତୀ ଦଳିଦେବା ଯୋଗୁ ଜଣେ ବୃଦ୍ଧଙ୍କର ମୃତ୍ୟୁ ଘଟିଥିଲା। ସେଥିପାଇଁ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ଲାଗି ରହିଥିବା ଲୋକେ କହିଛନ୍ତି।

### ୧୯ରେ ସମ୍ବଲପୁର ଜିଲା ପାଇଁ ଉଦ୍‌ଘାଟିତ ହେବ ଲକ୍ଷ୍ମୀ ବସ ସେବା

ସମ୍ବଲପୁର,୧୬।୨( ଭବାନୀ ଶଙ୍କର ଭୋଇ) ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସୁନିଶ୍ଚିତ ବସ ସଂଯୋଗ କରିବା ସହ ମହିଳା, ଛାତ୍ରୀଛାତ୍ର ଏବଂ ସାଧାରଣ ଲୋକଙ୍କୁ ସଶକ୍ତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ମୀ ବସ ସେବା ଆରମ୍ଭ କରିଛନ୍ତି। ଆସନ୍ତା ଫେବୃଆରୀ ୧୯ରେ ସମ୍ବଲପୁର ଜିଲା ମଧ୍ୟ ଏଥିରେ ଯୋଡି ହେବାକୁ ଯାଉଛି। ଲୋକେସନ ଆକ୍ସେସିଭଲ ମଲ୍ଟିମୋଡାଲ ଇନିସିଏଟିଭ ସ୍କିମ(ଲକ୍ଷ୍ମୀ) ଓଡ଼ିଶା ସରକାରଙ୍କ ଏକ ପ୍ରମୁଖ କାର୍ଯ୍ୟକ୍ରମ। ସମ୍ବଲପୁର ଜିଲାରେ ଏହି ଯୋଜନାରେ ନୂଆ ବସ ମୁଖ୍ୟମନ୍ତ୍ରୀ ଆଭାସି ଜରିଆରେ ପୂର୍ବାହ୍ନ ୧୧ଟା ୩୦ଟାରେ ଉଦଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଯୋଜନା ଜରିଆରେ ସରକାର ପରିବହନ ସୁବିଧାରେ ଉନ୍ନତି ଆଣିବା ସହିତ ମାତ୍ର ୫ ଟଙ୍କାରେ ମହିଳାମାନେ ପଞ୍ଚାୟତରୁ ବ୍ଲକକୁ ଯାଇପାରିବେ। ଲକ୍ଷ୍ମୀ ବସ ସେବା ଦ୍ୱାରା ପର୍ଯ୍ୟଟନ ଏବଂ ଆଞ୍ଚଳିକ ଅର୍ଥ ବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳିପାରିବ ବୋଲି ଆଶା କରାଯାଉଛି।

### ଇଂ. ଅନମୋଲ ଦାଶ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ନିଯୁକ୍ତ



ସମ୍ବଲପୁର,୧୬।୨(ପ୍ରମୋଦ ବହିଦାର)– ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀଙ୍କ ମାର୍ଗଦର୍ଶନରେ କଠିନ ପରିଶ୍ରମ ବଳରେ ସମ୍ବଲପୁରରେ ଛାତ୍ର ସଙ୍ଗଠନକୁ ସୁଦୃଢ଼ କରିବାରେ ସକ୍ଷମ ହୋଇଥିବା ଯୁବନେତା ଇଂ. ଅନମୋଲ ଦାଶ ଛାତ୍ର ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ନିଯୁକ୍ତ ହୋଇଛନ୍ତି। ବିଭିନ୍ନ ବିକାଶମୂଳକ ଯୋଜନାକୁ ଆଗେଇ ନେଇ ନିଜ ଗୁରୁ ଦାୟିତ୍ୱକୁ ସଫଳତାର ସହ ତୁଲାଇ ଆସିଥିବା ଇଂ. ଦାଶଙ୍କୁ ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ପଦବୀରୁ ପଦୋନ୍ନତି ଦିଆଯାଇ ସାଧାରଣ ସମ୍ପାଦକରେ ଅଭିଷିକ୍ତ କରାଯାଇଛି। ଏଥିପାଇଁ ଇଂ.ଦାଶ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ସମ୍ବଲ୨ପୁର ବିଜେଡି ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ଓ ରେଢ଼ାଖୋଲ ବିଧାୟକ ଇଂ ରୋହିତ ପୂଜାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଦୁର୍ବୃତ୍ତଙ୍କ ଗୁଳିମାଡ଼ରେ ସୁନା ଦୋକାନୀ ଗୁରୁତର




ଗୁଳିକାଣ୍ଡ ପରେ ଦୋକାନ ସମ୍ମୁଖରେ ଲୋକଙ୍କ ଭିଡ଼।

ସମ୍ବଲପୁର, ୧୬।୨(ପ୍ରମୋଦ ବହିଦାର):

ସମ୍ବଲପୁର ସହରର ଜନଗହଳିପୂର୍ଣ୍ଣ ଅଞ୍ଚଳ ଗୋବିନ୍ଦତୋଲାରେ ଶୁକ୍ରବାର ସ୍ପଷ୍ଟ ଦିବାଲୋକରେ ଜଣେ ସୁନା ଦୋକାନୀଙ୍କୁ ଗୁଳିକରି ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ଗୁଳିମାଡ଼ରେ ଦୋକାନ ମାଲିକ ସୁଜିତ୍ ସ୍ୱର୍ଣ୍ଣକାର(୪୦) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ପ୍ରଥମେ ବୁର୍ଲା ଭିମ୍‌ସାର ଓ ପରେ ଭୁବନେଶ୍ୱରସ୍ଥିତ

## ଭୁବନେଶ୍ୱର ସ୍ଥାନାନ୍ତର

ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଗୁଳିକାଣ୍ଡର କାରଣ ସମ୍ପର୍କରେ କିଛି ଜଣାପଡ଼ି ନାହିଁ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ, ଅପରାହ୍ନରେ ଦୁଇଟି ବାଇକ୍‌ରେ ୬ ଜଣ ଯୁବକ ଆସି ଗୋବିନ୍ଦତୋଲାରେ ଥିବା ନ୍ୟୁ ପାୟଲ ଜୁଏଲେରି ଦୋକାନରେ ପଶିଥିଲେ। ଏହି ସମୟରେ ଦୋକାନରେ ମାଲିକ ସୁଜିତ୍ ସ୍ୱର୍ଣ୍ଣକାରଙ୍କ ସହ ତାଙ୍କ ସାନଭାଇ ଓ ତିନିଜଣ ମହିଳା କର୍ମଚାରୀ ଉପସ୍ଥିତ ଥିଲେ। କୌଣସି କଥାକୁ ନେଇ ହଠାତ୍ ଉକ୍ତ ଯୁବକମାନଙ୍କ ମଧ୍ୟରୁ ଜଣେ ଏକ ବନ୍ଧୁକ ବାହାରକରି ମାଲିକ ସ୍ୱର୍ଣ୍ଣକାରଙ୍କ ଉପରକୁ ଏକ ରାଉଣ୍ଡ ଗୁଳି ଚଳାଇ ସମସ୍ତେ ସେଠାରୁ ତତ୍‌କ୍ଷଣାତ୍ ଫେରାର ହୋଇଯାଇଥିଲେ। ଖବରପାଇ ଧନୁପାଲି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଛି। ଅପରପକ୍ଷେ ଗୁରୁତର ଆହତ ସ୍ୱର୍ଣ୍ଣକାରଙ୍କୁ ତାଙ୍କ ସାନଭାଇ ଓ କର୍ମଚାରୀମାନେ ସ୍ଥାନୀୟ ଲୋକଙ୍କ ସହାୟତାରେ ଭିମ୍‌ସାରକୁ ନେଇଥିଲେ। ଦୁର୍ବୃତ୍ତମାନେ ଉକ୍ତ ଦୋକାନକୁ ଲୁଟ୍ ଉଦ୍ଦେଶ୍ୟରେ ଆସି ବିଫଳ ହେବାରୁ ଗୁଳିଚାଳନା କରି ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି। ତେବେ ଉକ୍ତ ଘଟଣା ପରେ ପୋଲିସ ପକ୍ଷରୁ ସହରର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରାଯିବା ସହ ଦୁର୍ବୃତ୍ତଙ୍କ ସନ୍ଧାନରେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ସେହିପରି ଗୁଳିକାଣ୍ଡର କିଛି ସମୟ ପୂର୍ବରୁ ଦୋକାନର ସିସିଟିଭି ଅକାମୀ ହୋଇଯାଇଥିବାବେଳେ ରାସ୍ତା ଉପରେ ଅନ୍ୟ ଦୋକାନ ବା ବ୍ୟବସାୟିକ ଅନୁଷ୍ଠାନରେ ଲାଗିଥିବା ସିସିଟିଭିକୁ ପୋଲିସ ପକ୍ଷରୁ ଯାଞ୍ଚ କରାଯାଉଛି ବୋଲି ଧନୁପାଲି ଥାନା ଅଧିକାରୀ ରଞ୍ଜନ ବିଶ୍ୱାଳ କହିଛନ୍ତି। ଏହି ଘଟଣାକୁ ନେଇ ସହରବାସୀ ଆତଙ୍କିତ ହୋଇପଡ଼ିଛନ୍ତି।

# ୨ ବନ୍ୟଜନ୍ତୁ ଶିକାରୀ ଗିରଫ, ୨ ବନ୍ଧୁକ ଜବତ



ଗିରଫ ବନ୍ୟଜନ୍ତୁ ଶିକାରୀ।

ସମ୍ବଲପୁର,୧୬।୨(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଝୁଯୋମୁରା ପୋଲିସ ପାଟ୍ରୋଲିଂ ଦଳ ନିକଟସ୍ଥ ଅଢ଼ାପଡ଼ା କଲଭର୍ଟ ନିକଟରେ ବୁଲୁଥିବା ଦୁଇଜଣ ବନ୍ଧୁକଧାରୀ ବ୍ୟକ୍ତିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବିନା ଲାଇସେନ୍ସର ଦୁଇଟି ଦେଶୀ ବନ୍ଧୁକ ମଧ୍ୟ ପୋଲିସ ଜବତ କରିଛି। ତେବେ ସମ୍ଭବତଃ ଉଭୟ ବନ୍ଧୁକଧାରୀ ବନ୍ୟଜନ୍ତୁ ଶିକାର ଅନ୍ୱେଷଣରେ ବୁଲୁଥିଲେ। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଝୁଯୋମୁରା ଥାନା ଅନ୍ତର୍ଗତ ଅଢ଼ାପଢ଼ାର ପ୍ରଶାନ୍ତ ଭୋଇ (୩୦) ଓ କାନ୍ତ ଭୋଇ(୨୯)। ସେମାନଙ୍କ ବିରୋଧରେ ଝୁଯୋମୁରା ଥାନାରେ ଏକ ମାମଲା (ନଂ.୨୫/୨୦୨୪) ରୁଜୁ ହୋଇଛି। ଉଭୟଙ୍କୁ ପଚରାଉଚରା ବେଳେ ସେମାନେ ବାସୁପାଲିର ତରଣୀସେନ ପ୍ରଧାନ ନାମକ ଜଣେ ବ୍ୟକ୍ତିଙ୍କ ଠାରୁ ଉକ୍ତ ବନ୍ଧୁକ ଦ୍ୱୟ ସଂଗ୍ରହ କରିଥିବା ସ୍ୱୀକାର କରିଥିଲେ। ଉଭୟଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି।

# ସମ୍ପଦର ସଦୁପଯୋଗ ଅର୍ଥନୀତିକୁ ସୁଦୃଢ଼ କରେ

## ଆଇନ ମହାବିଦ୍ୟାଳୟରେ ସମ୍ପଦର ସୁରକ୍ଷା ଓ ବିନିଯୋଗ ଶୀର୍ଷକ ପାଠଚକ୍ର



ଲଜପତ ରାୟ ଆଇନ ମହାବିଦ୍ୟାଳୟ ଓ ଜାତୀୟ ଷ୍ଟକ ଏକ୍ସଚେଞ୍ଜ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ପାଠଚକ୍ରରେ ଉପସ୍ଥିତ ଛାତ୍ରୀଛାତ୍ର ।

ସମ୍ବଲପୁର,୧୬।୨(ବି.ଶଙ୍କର)

ସମ୍ପଦର ସଦୁପଯୋଗ ଅର୍ଥନୀତିକୁ ସୁଦୃଢ଼ କରେ। ତେଣୁ ଅନାବଶ୍ୟକ ବସ୍ତୁ କିଣାରେ ଅର୍ଥ ନିବେଶ କରିବା ଉଚିତ ନୁହେଁ । ଏହାକୁ ନେଇ ସମ୍ପ୍ରତି ଗ୍ରାମ ଓ ସହରରେ ଜନସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି। ସ୍ଥିର ଓ ଚଳାୟମାନ ବସ୍ତୁଗୁଡିକର ଠିକ ଉପଯୋଗ ହିଁ ବୁଦ୍ଧିମତାର ପରିଚୟ। ସ୍ଥାନୀୟ ଲଜପତ ରାୟ ଆଇନ ମହାବିଦ୍ୟାଳୟ ଓ ଜାତୀୟ ଷ୍ଟକ ଏକ୍ସଚେଞ୍ଜ ଏକାଡେମୀର ମିଳିତ ଆନୁକୂଲ୍ୟରେ ଆୟୋଜିତ ପାଠଚକ୍ରରେ ଅର୍ଥନୀତି ବିଷାରଦ ରୋହିତ ଚୌଧୁରୀ ଏହା କହିଛନ୍ତି । ଶୁକ୍ରବାର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ.ବିଜୟାନନ୍ଦ ବେହେରାଙ୍କ ପୌରୋହିତ୍ୟ ସମ୍ପଦ ସୁରକ୍ଷା ଓ ବିନିଯୋଗ ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ପାଠଚକ୍ରରେ ମୁଖ୍ୟ ଅତିଥି ଚୌଧୁରୀ କହିଲେ ଯେ, ସଞ୍ଚୟ କରିବାର ଅଭ୍ୟାସ ଆର୍ଥିକ ସ୍ୱାବଲମ୍ବି ହେବାରେ ସହାୟକ ହୋଇଥାଏ। ସେୟାର ମାର୍କେଟ କିମ୍ବା ମ୍ୟୁଚୁଆଲ ଫଣ୍ଡ ମାଧ୍ୟମରେ ବ୍ୟକ୍ତିଗତ ଆର୍ଥିକ ସୁରକ୍ଷା ସାଙ୍ଗକୁ ଦେଶର ଅର୍ଥ ବ୍ୟବସ୍ଥା ମଧ୍ୟ ସୁଦୃଢ ଏବଂ ଦେଶର ଅର୍ଥ ମଧ୍ୟ ଶତପ୍ରତିଶତ ବିନିଯୋଗ ହୋଇଥାଏ। ସମ୍ମାନିତ ଅତିଥି ଭାବରେ ଆର୍ଥିକ ପ୍ରବନ୍ଧନ ପ୍ରଶିକ୍ଷକ ପ୍ରଫେସର ଇନ୍ଦୁଭୂଷଣ ମହାପାତ୍ର ଯୋଗଦେଇ କହିଥିଲେ ଯେ, ଜାପାନର ଅର୍ଥ ବ୍ୟବସ୍ଥା ତୁଳନାରେ ଭାରତର ଅର୍ଥ ବ୍ୟବସ୍ଥା ଭଲ ରହିଛି। ଭାରତର ଆର୍ଥିକ ମେରୁଦଣ୍ଡ ଅଧିକ କ୍ରିୟାଶୀଳ ଓ ପ୍ରୟୋଗାତ୍ମକ କରିବାରେ ମ୍ୟାନେଜମେଣ୍ଟ ଛାତ୍ରୀଛାତ୍ରମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ଛାତ୍ରୀଛାତ୍ର ଅର୍ଥ ସଞ୍ଚୟ କରିବାର ଉପାଦେୟତା ସମ୍ପର୍କରେ ସଚେତନ ହେବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଅନ୍ୟତମ ସହକାରୀ ପ୍ରଫେସର ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଛାତ୍ରୀ ନିଲୁ ଶର୍ମା, ଆର୍ଯ୍ୟପ୍ରଜ୍ଞା ବେହେରା ଓ ଛାତ୍ର ଲାଲଗୋପାଳ ନନ୍ଦ, ଅବିନାଶ କେରକେଟା, ଅଙ୍କିତ ପାଢୀ ଓ ଅମୃତ ସାଗର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ହୀରାକୁଦ ଶାଖାର ସମୀକ୍ଷା ବୈଠକ

ସମ୍ବଲପୁର,୧୬।୨
( ଭବାନୀ ଶଙ୍କର ଭୋଇ)

ହୀରାକୁଦଠାରେ ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ହୀରାକୁଦ ନଗର ପକ୍ଷରୁ ଗୁରୁବାର ଏକ ସମୀକ୍ଷା ବୈଠକ ହୋଇଯାଇଛି। ବୈଠକରେ ଗତ ଜାନୁଆରୀ ୨୨ତାରିଖ ପର୍ଯ୍ୟନ୍ତ ଶ୍ରୀରାମଙ୍କ ସେବା କାର୍ଯ୍ୟରେ ବ୍ୟସ୍ତ ଥିବା ରାମ ଭକ୍ତମାନେ ସେମାନଙ୍କ ଅନୁଭୂତି ପ୍ରକାଶ କରିଥିଲେ । ବୈଠକରେ ମହାନଗର ମୁଖ୍ୟ ସଂଯୋଜକ ଦାମୋଦର କର ନିଜ ଅଭିଭାଷଣରେ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ଶ୍ରୀରାମଙ୍କ କାର୍ଯ୍ୟ ଓ ସେବା କରି ଦେଶରେ ରାମରାଜ୍ୟ ପ୍ରତିଷ୍ଠା କରିବା ପାଇଁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ମହାନଗର ପାଳକ ରାମକୃଷ୍ଣ ନାୟକ, ହୀରାକୁଦ ସଂଯୋଜକ ଯୋଗେନ୍ଦ୍ର ପ୍ରଧାନ, ପାଳକ ଗୌରାଙ୍ଗ ଦାସ , ମଂଚାସୀନ ଥିଲେ. ଅନ୍ୟ ମାନଙ୍କ ମଧ୍ୟରେ ମନୋଜ ସ୍ୱାଇଁ, ପୁଷ୍ପା ଜେନା, ବିକାଶ, ନିରଞ୍ଜନ ସାହୁ,ଶେଫାଳି ସେଠି,ଦର୍ପ ବାଗ ଙ୍କ ସହ ଅନେକ ରାମ ଭକ୍ତ ଉପସ୍ଥିତ ଥିଲେ ।

# ମେଧାବୀ ଛାତ୍ରଙ୍କ ପରିବାର ସଦସ୍ୟଙ୍କୁ ପୁସ୍ତକ ପ୍ରଦାନ



ମେଧାବୀ ଛାତ୍ର ସ୍ମାରକ ପ୍ରଧାନଙ୍କ ପରିବାର ସଦସ୍ୟଙ୍କୁ ପୁସ୍ତକ ପ୍ରଦାନ କରାଯାଉଛି।

ସମ୍ବଲପୁର,୧୬।୨(ବି.ଶଙ୍କର)

ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଶାନ୍ତିନଗର ବାସିନ୍ଦା ମେଧାବୀ ଛାତ୍ର ସ୍ମାରକ ପ୍ରଧାନ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ କଠିନ ପରିଶ୍ରମ ଓ ଅଧ୍ୟବସାୟ ବଳରେ ଅଖିଳ ଭାରତୀୟ ଭେଷଜ ପ୍ରତିଷ୍ଠାନ (ଏମ୍ସ) ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ସମ୍ପ୍ରତି ସ୍ମାରକ ଇତିମଧ୍ୟରେ ପଶ୍ଚିମବଙ୍ଗ କଲ୍ୟାଣୀରେ ପ୍ରଥମ ବର୍ଷ ମେଡିକାଲ ପାଠ୍ୟକ୍ରମରେ ପ୍ରବେଶ କରିଛନ୍ତି। ତେବେ ମେଡିକାଲ ପାଠ୍ୟପୁସ୍ତକ ସମୂହର ଅତ୍ୟଧିକ ମୂଲ୍ୟ ଅଟେ। ସମସ୍ତ ପୁସ୍ତକ କ୍ରୟ କରିବାରେ ସେ ସମସ୍ୟାର ସମ୍ମୁଖୀନ ହୋଇଥିଲେ। ଏହି ପ୍ରସଙ୍ଗ ଭିମସାରର କମ୍ୟୁନିଟି ମେଡିସିନ ବିଭାଗର ଅତିରିକ୍ତ ପ୍ରଫେସର ଡାକ୍ତର ସଞ୍ଜିବ ମିଶ୍ରଙ୍କ ନଜରକୁ ଆସିଥିଲା। ଏହାପରେ ଡାକ୍ତର ସଞ୍ଜିବ ଭିମସାରର ସ୍ନାତକୋତ୍ତର ଛାତ୍ରୀଛାତ୍ରଙ୍କ ସହାୟତାରେ ପାଠ୍ୟପୁସ୍ତକ ସଂଗ୍ରହ କରିଥିଲେ। ଶୁକ୍ରବାର ସଂଗୃହିତ ପୁସ୍ତକ ଉଦୀୟମାନ ଛାତ୍ର ସ୍ମାରକ ପରିବାର ସଦସ୍ୟଙ୍କୁ ପ୍ରଦାନ କରାଯାଇଛି। ସାମାଜିକ କର୍ମୀ ଟୁଲୁ ରଥ ଉପସ୍ଥିତ ଥିଲେ। ଡାକ୍ତର ସଞ୍ଜିବ ଓ ପିଜି ଛାତ୍ରୀଛାତ୍ରଙ୍କ ଏହି ଉଦ୍ୟମକୁ ସମସ୍ତ ମହଲରେ ପ୍ରଶଂସା କରାଯାଇଛି।

# ନୂଆ ଓ ଛାତ୍ରବୃତ୍ତି ଯୋଜନା ପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଦେଲେ ଜିଏମୟୁ ଛାତ୍ର

ସମ୍ବଲପୁର,୧୬।୨
( ଭବାନୀଶଙ୍କର ଭୋଇ)

ରାଜ୍ୟ ସରକାରଙ୍କ ନୂଆ ଓ ଛାତ୍ରବୃତ୍ତି ଯୋଜନା ପାଇଁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବିଜୁ ଛାତ୍ର ଜନତା ଦଳ ତରଫରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଛି। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଆବାହକ ଶୁଭମ୍ ମହାନ୍ତିଙ୍କ ନେତୃତ୍ୱରେ ସମ୍ବଲପୁରର ଛାତ୍ର ନେତା ଚୁମନ୍ କୁମାର୍ ପ୍ରଧାନ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ଉଦିତ ପ୍ରତାପ ଭୋଇ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅନୁଜ ଛତ୍ରିଆ, ପ୍ରଦ୍ୟୁମ୍ନ ଦାସ, ଆଦେଶ ସାହୁ, ଲମ୍ବୋଦର ମେହେର,ସ୍ନେହ ପଣ୍ଡା, ନିରୋଜ୍, ସୁଧାଂଶୁ ଆର୍ଯ୍ୟାନ୍, ଅର୍ୟମାନ୍, ପ୍ରୟାସ,ସପନ୍, ପ୍ରିୟାଂଶୁ, ଚନ୍ଦ୍ରକଳା, ଆଦିତ୍ୟ, ହରିଶ୍, ଶୁଭମ୍, ମୋନାଲିସା, ବିନୟ ଆଦି ଉପସ୍ଥିତ ଥିଲେ।

# ରେଳବାଇ ପୋଲିସ ଦ୍ୱାରା ଲାପଟପ୍ ଚୋର ଗିରଫ

ସମ୍ବଲପୁର,୧୬।୨(ପ୍ରମୋଦ ବହିଦାର):

ସମ୍ବଲପୁର ରେଳବାଇ ପୋଲିସ ଜଣେ ଲାପଟପ ଚୋରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ସମ୍ବଲପୁର ସାହୁ କଲୋନୀର କାର୍ତ୍ତିକ ବେହେରା ବୋଲି ଜଣାପଡ଼ିଛି। ଗତ ଜାନୁଆରୀ ୩୧ ତାରିଖ ସନ୍ଧ୍ୟାରେ ବରଗଡ଼ ଜିଲା ସୋହେଲା ମାଷ୍ଟରପଡ଼ାର ସାଗର କୁମାର ବେହେରା ନାମକ ଜଣେ ବ୍ୟକ୍ତି ସମ୍ବଲପୁର ରେଳଷ୍ଟେସନରୁ ରାଉରକେଲା ଯିବା ପାଇଁ ଜଗଦଲପୁର–ହାୱଡ଼ା ସମଲେଶ୍ୱରୀ ଟ୍ରେନ୍‌ରେ ଚଢ଼ିଥିଲେ। ସେ ତାଙ୍କ ସିଟ୍‌ରେ ଲ୍ୟାପଟପ୍ ବ୍ୟାଗକୁ ରଖି ଟ୍ରେନ୍‌ରୁ ଓହ୍ଲାଇ ପାଣିବୋତଲ କିଣିବାକୁ ଯାଇଥିଲେ। ପାଣିବୋତଲ କିଣି ଫେରିବା ପରେ ସିଟ୍‌ରେ ତାଙ୍କ ଲ୍ୟାପଟପ୍ ବ୍ୟାଗକୁ ନ ପାଇ ସାଗର ରେଳବାଇ ଥାନାରେ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଆଧାର କରି ରେଳବାଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ପ୍ଲାଟଫର୍ମରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବାରେ ସକ୍ଷମ ହୋଇଛି। ଅଭିଯୁକ୍ତଙ୍କ ନିକଟରୁ ଚୋରି ଲ୍ୟାପଟପ୍‌କୁ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି।



ଚୋରି ଲାପଟପ୍ ସହ ଗିରଫ ଅଭିଯୁକ୍ତ।

# ମନମୋହିଲା ଆଦିବାସୀ ନୃତ୍ୟ

## ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ

ସମ୍ବଲପୁର,୧୬।୨(ଭବାନୀଶଙ୍କର ଭୋଇ)–ସମ୍ବଲପୁର ଜିଲା ଝୁଯୋମୁରା ବ୍ଲକ ଝୁଯୋମୁରା ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଶୁକ୍ରବାର ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବ ୨୦୨୩––୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଝୁଯୋମୁରା ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା କଳାକାରମାନେ ଆଦିବାସୀ ପରମ୍ପରା ଅନୁଯାୟୀ ବିଭିନ୍ନ ନୃତ୍ୟ ପରିବେଷଣ କରିଥିଲେ। ଆଦିବାସୀ ସାଂସ୍କୃତିକ ନାଚ, କରମା ନାଚ ତଥା ମୁଣ୍ଡା ଖଡ଼ିଆ ସମାଜର ନାଚ ଗୀତ ପରିବେଷଣ କରିଥିଲେ। ନୃତ୍ୟସବୁ ଆକର୍ଷଣୀୟ ହୋଇଥିବାବେଳେ ନୃତ୍ୟଗୀତ ଦର୍ଶକଙ୍କ ମନକୁ ମୋହିଥିଲା। ଏହି କାର୍ଯ୍ୟକ୍ରମରେ ଲିପିଣ୍ଡା ସରପଞ୍ଚ ପ୍ରଫୁଲ୍ଲ କୁମାର ମିର୍ଦ୍ଧା ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷା ମମତା ନାଏକ, ସମ୍ମାନିତ ଅତିଥି ଭାବେ ବ୍ଲକ୍ ଉପାଧ୍ୟକ୍ଷା ମନ୍ଦାକିନୀ ବିଶ୍ୱାଳ, ଜିଲା ପରିଷଦ ଉପସଭାପତି ମାଧବ ମିର୍ଦ୍ଧା, ଏବିଡିଓ ପ୍ରଜ୍ଞା ପାଣିଗ୍ରାହୀ, ଅବନୀ କୁମାର କୁମୁରା, ଜିପିଓ ଲାଲମୋହନ ବୁଢ଼େକ, ସହକାରୀ ଯନ୍ତ୍ରୀ ସନାତନ କେଛୁ ଯୋଗ ଦେଇଥିଲେ। ବିଶିଷ୍ଟ



ବ୍ଲକସ୍ତରୀୟ ଜନଜାତି ସାଂସ୍କୃତିକ ମହୋତ୍ସବରେ ଆଦିବାସୀ ନୃତ୍ୟ ପରିବେଷଣ।

ପାଲା ଗାୟକ ମହେନ୍ଦ୍ର ନାଏକ, ଗଣ୍ଡ ସମାଜର ସ୍ୱତନ୍ତ୍ର କର୍ମକର୍ତ୍ତା ସୁରେନ୍ଦ୍ର ଭୋଇ ତଥା ଆଦିବାସୀ ସମାଜର ସକ୍ରିୟ କର୍ମକର୍ତ୍ତା ଡେଭିଡ ଟପ୍ପୋ ବିଚାରକ ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୋଟ ୯ଟି ଦଳ ଭାଗ ନେଇଥିଲେ। ଛାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ବୁର୍ଡା ଗ୍ରାମର ଜନ୍ମେଜୟ ବାଗଙ୍କ କରମା ନୃତ୍ୟ ପ୍ରଥମ ସ୍ଥାନ, ମେଘପାଲ ପଞ୍ଚାୟତ ଅନ୍ତର୍ଗତ ରାମତାଇ ଗ୍ରାମର ଅଜୟ ଡାଙ୍ଗଙ୍କ ଆଦିବାସୀ ନାଚ ଦ୍ୱିତୀୟ ସ୍ଥାନ ଏବଂ ଗଡଲୋଇସିଂହ ପଞ୍ଚାୟତର ମହାକୁଡ଼ପାଲି ଗ୍ରାମର ସୁଚିତା ସୋରେଙ୍ଗଙ୍କ ଆଦିବାସୀ ନାଚ ତୃତୀୟ ସ୍ଥାନ ଅଧିକାର କରିଥିଲା। ଶେଷରେ ଅତିଥିଙ୍କଠାରୁ ବିଜେତା ଦଳ ପୁରସ୍କାର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଅଞ୍ଚଳର ବହୁ ଜନସାଧାରଣ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ପ୍ରଥମ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି କୁହାଯାଇଛି।




# ‘ବିକାଶ ଆଜି ଓଡ଼ିଶାର ପରିଚୟ ହୋଇପାରିଛି’

## ପାରାଦୀପରେ ବୃହତ୍ ଷ୍ଟିଲ୍ କାରଖାନାର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- ୧୩.୨ ମିଲିଅନ ଟନ୍ ଷ୍ଟିଲ ଉତ୍ପାଦନ ଲକ୍ଷ୍ୟ
- ବିନିଯୋଗ ହେବ ୬୫ ହଜାର କୋଟି ଟଙ୍କା
- ୩୦ ହଜାରରୁ ଊର୍ଦ୍ଧ୍ୱ ଯୁବବର୍ଗଙ୍କୁ ନିଯୁକ୍ତି ସୁଯୋଗ

ଜଗତ୍‌ସିଂହପୁର, ୧୬।୨
(ପ୍ରମୋଦ କୁମାର ନାୟକ)

ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ ପକ୍ଷରୁ ପାରାଦୀପ ନିକଟ ଢିଙ୍କିଆରେ ୬୫ ହଜାର କୋଟି ଟଙ୍କା ବିନିମୟରେ ୧୩.୨ ଏମ୍‌ପିଏ (ମିଲିଅନ ଟନ୍ ପର ଆନମ୍) ବିଶିଷ୍ଟ ଇଣ୍ଟିଗ୍ରେଟେଡ୍ ଷ୍ଟିଲ କାରଖାନା ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଏହି ବୃହତ୍ ଇସ୍ପାତ କାରଖାନା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହା ପ୍ରତିଷ୍ଠା ହେଲେ ପ୍ରାୟ ୩୦ ହଜାର ଯୁବବର୍ଗଙ୍କୁ କର୍ମ ନିଯୁକ୍ତି ସୁଯୋଗ ମିଳିବ। ସେହିପରି ରିନ୍ୟୁ ଇ-ଫୁଏଲ୍ସ ପ୍ରାଇଭେଟ୍ ଲିମିଟେଡ୍ ମାଧ୍ୟମରେ ୨୨ ହଜାର କୋଟି ଟଙ୍କା ପୁଞ୍ଜି ନିବେଶରେ ୧.୨୦ ଏମ୍‌ପିଟିଏ ଗ୍ରୀନ ଆମୋନିଆ କାରଖାନା ପ୍ରତିଷ୍ଠା ହେବ। ସିଲୋକ୍ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ମଧ୍ୟ ୫୦୦ କୋଟି ଟଙ୍କା ପୁଞ୍ଜି ନିବେଶରେ ୨୫ ହଜାର ଏମ୍‌ପିଟିଏ ଅତ୍ୟାଧୁନିକ ରାସାୟନିକ କାରଖାନା କରାଯିବ। ଏହି ପ୍ରକଳ୍ପ ମାଧ୍ୟମରେ ପ୍ରାୟ ୫ ହଜାର ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି କୁହାଯାଇଛି। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ପାରାଦୀପ ଆସିଲେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁବାବୁଙ୍କ କଥା ସ୍ମୃତି ପଟକୁ ଭାସି ଆସେ। ୧୯୬୦ ମସିହା ପ୍ରାରମ୍ଭରେ ବିଜୁବାବୁ ପାରାଦୀପ ବନ୍ଦର ସ୍ଥାପନ ନେଇ ଯୁଗାନ୍ତକାରୀ ନିଷ୍ପତ୍ତି ନେଇଥିଲେ, ଯାହାକି ଓଡ଼ିଶା ବିକାଶରେ ମାଇଲଷ୍ଟୋନ ହୋଇ ରହିଛି। ଏହି ସ୍ଥାନ ପୂର୍ବ ଭାରତର ଏକ ପ୍ରମୁଖ ପୁଞ୍ଜି ନିବେଶସ୍ଥଳୀ ହୋଇପାରିଛି। ବନ୍ଦର ନଗରୀ ଭାବେ ପରିଚିତ ପାରାଦୀପର ସୁନାମ ବୃଦ୍ଧି ପାଇଚାଲିଛି। ଖୁସିର କଥା ହେଲା, ଜେଏସ୍‌ଡବ୍ଲ୍ୟୁର ମେଗା ଇସ୍ପାତ କାରଖାନା ସମେତ ଗ୍ରୀନ ଆମୋନିଆ ଓ ଅତ୍ୟାଧୁନିକ ରାସାୟନିକ କାରଖାନା ପାଇଁ ମଧ୍ୟ ଭିତ୍ତି

☞ପୃଷ୍ଠା-୪




ପାରାଦୀପ ନିକଟ ଢିଙ୍କିଆରେ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ ପକ୍ଷରୁ ହେବାକୁ ଥିବା ବୃହତ୍ ଷ୍ଟିଲ୍ କାରଖାନାର ଶିଳାନ୍ୟାସ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଉପହାର ପ୍ରଦାନ କରୁଛନ୍ତି ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ଅଧ୍ୟକ୍ଷା ସଂଗୀତା ଜିନ୍ଦଲ। ନିକଟରେ ଅଛନ୍ତି ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ, ଜେଏସ୍‌ଡବ୍ଲ୍ୟୁ ଗ୍ରୁପ୍ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ।

# ଜେଲରେ ପୁଟିନ୍ ବିରୋଧୀ ଏଲେକ୍ସିଙ୍କ ସନ୍ଦେହଜନକ ମୃତ୍ୟୁ

ମସ୍କୋ, ୧୬।୨



ଏଲେକ୍ସି ନଭଲନି

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ସବୁଠୁ ବଡ଼ ସମାଲୋଚକ ତଥା ବିରୋଧୀ ନେତା ଏଲେକ୍ସି ନଭଲନିଙ୍କର ଶୁକ୍ରବାର ଆର୍କଟିକ୍ ପ୍ରିଜନ୍ କଲୋନିରେ ମୃତ୍ୟୁ ଘଟିଛି। ୪୭ ବର୍ଷୀୟ ଆଲେକ୍ସି ଏକ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ୟାମାଲୋ-ନେନେଟ୍ସ ଅଞ୍ଚଳର ଉକ୍ତ ଜେଲରେ ୧୯ ବର୍ଷ ପାଇଁ ଦଣ୍ଡ ଭୋଗୁଥିଲେ। ଏଲେକ୍ସିଙ୍କ ମୃତ୍ୟୁ ସମ୍ପର୍କରେ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଅବଗତ କରାଯାଇଥିବା ଜେଲ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଅନ୍ୟପକ୍ଷେ ଲଗାତର ଭାବେ ଜଣେ ପରେ ଜଣେ ପୁଟିନ୍ ସମାଲୋଚକଙ୍କ ମୃତ୍ୟୁ ଘଟିଚାଲିଥିବାବେଳେ ରୁଷିଆ ରାଷ୍ଟ୍ରପତି ନିର୍ବାଚନର କିଛିସପ୍ତାହ ପୂର୍ବରୁ ଏଲେକ୍ସିଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଅନେକ ବିଶ୍ୱନେତା ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି। ୧୯୭୬ ଜୁନ୍ ୪ରେ ଜନ୍ମିତ ଏଲେକ୍ସି ଆନାଟୋଲିଏଭିଚ୍ ନଭଲନି ଆମେରିକାର ୟେଲ୍‌ରେ ପାଠପଢ଼ା ସାରି ଆଇନଜୀବୀ ବୃତ୍ତିକୁ ଆପଣାଇଥିଲେ। ସେ ଦୁର୍ନୀତି ନିରୋଧୀ ଆକ୍ଟିଭିଷ୍ଟ ଏବଂ ରାଜନୈତିକ ବନ୍ଦୀ ଥିଲେ। ରାଷ୍ଟ୍ରପତି ପୁଟିନ୍ ଓ ତାଙ୍କ ସରକାରଙ୍କ ଦୁର୍ନୀତି ବିରୋଧରେ ଏଲେକ୍ସି ବହୁବାର ସ୍ୱର ଉତ୍ତୋଳନକରି

☞ପୃଷ୍ଠା-୪

# ୪ ସପ୍ତାହ ମଧ୍ୟରେ କମିଟି ଅଧ୍ୟକ୍ଷ ନିଯୁକ୍ତି ନିର୍ଦ୍ଦେଶ

## ରତ୍ନଭଣ୍ଡାର ଖୋଲି ଅଳଙ୍କାର ଗଣତି ମାମଲା

କଟକ, ୧୬।୨ (କାର୍ତ୍ତିକ ସାହୁ)

ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲି ସେଥିରେ ଥିବା ଅଳଙ୍କାର ଓ ଅନ୍ୟାନ୍ୟ ଜିନିଷ ଗଣନା ପାଇଁ ଗଠିତ ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ନିଯୁକ୍ତି ୪ ସପ୍ତାହ ମଧ୍ୟରେ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଓ ବିଚାରପତି ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଛନ୍ତି। ଆସନ୍ତା ୪ ସପ୍ତାହ ପରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ। ହାଇକୋର୍ଟ ଅଥବା ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କୁ କମିଟିର ଅଧ୍ୟକ୍ଷ କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଉଚ୍ଚସ୍ତରୀୟ କମିଟି ଗଠନ ହୋଇଥିବା ନେଇ ଶୁକ୍ରବାର ଶୁଣାଣିବେଳେ ହାଇକୋର୍ଟଙ୍କୁ ଅବଗତ କରାଯାଇଛି।



☞ପୃଷ୍ଠା-୪

# ପ୍ରଫୁଲ୍ଲଙ୍କ ପୁଅଙ୍କ ଘରୁ ୧୦ ଲକ୍ଷ ଟଙ୍କା, କାର୍ ଜବତ

## ବରପଦା ଇଞ୍ଜିନିୟରିଂ କଲେଜ ଦୁର୍ନୀତି ଘଟଣା

ଭୁବନେଶ୍ୱର, ୧୬।୨ (ସତ୍ୟଜିତ୍ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ପକ୍ଷରୁ ଚଢ଼ାଉ ଘଟଣାକୁ ନେଇ ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଛି। ବରପଦା ସ୍କୁଲ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍ନୋଲୋଜି ଦୁର୍ନୀତି ମାମଲାରେ ହେଉଥିବା ଏହି ଯାଞ୍ଚରେ ଇଡି ଟିମ୍ ଭୁବନେଶ୍ୱର ପଳାଶପଲ୍ଲୀସ୍ଥିତ ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତିଙ୍କ ଘରୁ ୧୦ ଲକ୍ଷ ଟଙ୍କା ସହ ଏକ ଦାମୀ କାର୍ ଜବତ କରିଥିବା ଜଣାପଡିଛି। ତେବେ ଯାଞ୍ଚ ଜାରି ରହିଥିବାରୁ ଏନେଇ ଇଡି ପକ୍ଷରୁ ବିଧିବଦ୍ଧ ଭାବେ ସ୍ପଷ୍ଟ ସୂଚନା ଦିଆଯାଇନାହିଁ। କିଛିଦିନ ମଧ୍ୟରେ ଏନେଇ ପ୍ରେସ ବିଜ୍ଞପ୍ତି

☞ପୃଷ୍ଠା-୪

# ବରପଦା ଇଞ୍ଜିନିୟରିଂ କଲେଜ ଆଗରେ ବିଧାୟକଙ୍କ କୁଶପୁତ୍ତଳିକା ଦାହ

ଭଦ୍ରକ, ୧୬।୨ (ସନାତନ ରାଉତ)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ବାସଭବନ, ବରପଦା ଇଞ୍ଜିନିୟରିଂ କଲେଜ ସମେତ ୧୦ ଜାଗାରେ ଗୁରୁବାର ଇଡି ପକ୍ଷରୁ ଚଢ଼ାଉ କରାଯାଇଥିଲା। ଶୁକ୍ରବାର ବରପଦା ଇଞ୍ଜିନିୟରିଂ କଲେଜ ଫାଟକ ଆଗରେ ବିଧାୟକ ସାମଲ ଓ ବିଜେଡି ଜିଲା ପର୍ଯ୍ୟବେକ୍ଷକ ସଞ୍ଜୟ ଦାସବର୍ମାଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। କଲେଜର କେତେଜଣ କର୍ମଚାରୀ ବକେୟା ଦରମା ନ ପାଇ ପୂର୍ବରୁ କଲେଜ ସାମ୍ନାରେ ଧାରଣା ଦେଇଥିଲେ। ଇଡି ଚଢ଼ାଉ ପରେ ଅବସରପ୍ରାପ୍ତ କର୍ମଚାରୀ

☞ପୃଷ୍ଠା-୪

# କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କଲା ଆଇଟି ବିଭାଗ

## ଅପିଲ୍ ପରେ ଆକାଉଣ୍ଟ ସଚଳ ହେଲା

ନୂଆଦିଲ୍ଲୀ, ୧୬।୨

ଲୋକ ସଭା ନିର୍ବାଚନକୁ ୨ ମାସ ବାକି ଥିବାବେଳେ କଂଗ୍ରେସର ମୁଖ୍ୟ ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ୨୧୦ କୋଟି ଟଙ୍କାର ଆୟକର (ଆଇଟି) ରିଟର୍ନ ନ ଭରିବା ଅଭିଯୋଗରେ ଶୁକ୍ରବାର ଫ୍ରିଜ୍ କରାଯାଇଥିଲା। କିନ୍ତୁ କଂଗ୍ରେସ ଏହାକୁ ଏକ ଆୟକର ଅପିଲେଟ୍ ଟ୍ରିବ୍ୟୁନାଲ (ଆଇଟିଏଟି)ରେ ଚ୍ୟାଲେଞ୍ଜ କରିବା ପରେ ଆକାଉଣ୍ଟଗୁଡ଼ିକୁ ସଚଳ କରାଯାଇଛି। ଆସନ୍ତା ସପ୍ତାହରେ ଏହି ପ୍ରସଙ୍ଗରେ ଟ୍ରିବ୍ୟୁନାଲରେ ଶୁଣାଣି ହେବ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଓ ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ସମେତ ଦଳର ଅନେକ ନେତା କେନ୍ଦ୍ର ସରକାରଙ୍କ ଏହି କାର୍ଯ୍ୟାନୁଷ୍ଠାନକୁ ଗଣତନ୍ତ୍ର ପ୍ରତି ଉପହାସ ବୋଲି ସମାଲୋଚନା କରିଛନ୍ତି।

କଂଗ୍ରେସ କୋଷାଧ୍ୟକ୍ଷ ଅଜୟ ମାକେନ୍ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଥିଲେ, ୨୦୧୮-୧୯ ଆର୍ଥିକ ବର୍ଷରେ ଆୟକର ନ ଦେବା ଅଭିଯୋଗରେ ୨୧୦ କୋଟି ଟଙ୍କାର ଡିମାଣ୍ଡ୍ ରିକଭରି ନୋଟିସ ଦଳକୁ ଦିଆଯାଇଥିଲା। ସେହି ବର୍ଷର ଆୟକର କିଛିଦିନ ବିଳମ୍ବରେ ଦିଆଯାଇଥିଲା। ବିଧାୟକ ଏବଂ ଏମ୍‌ପିମାନେ ନିଜ ଦରମାରୁ ୧୪.୪ ଲକ୍ଷ ଟଙ୍କା ଦାନ କରିଥିଲେ। ଏହାର ରସିଦରେ ବ୍ୟତିକ୍ରମ ଥିବାରୁ ଆଇଟି ବିଭାଗ କଂଗ୍ରେସ ଓ ଯୁବ କଂଗ୍ରେସର ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ ଫ୍ରିଜ୍ କରିଦେଇଛି। ଆଗକୁ ସାଧାରଣ ନିର୍ବାଚନ ଥିବାରୁ କଂଗ୍ରେସକୁ ରାଜନୈତିକ ଭାବେ ନିଷ୍କ୍ରିୟ କରିଦେବା ପାଇଁ କେନ୍ଦ୍ର ସରକାରଙ୍କ ଚାପରେ ପଡ଼ି ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ସେ ସମାଲୋଚନା କରିଥିଲେ। ଏଥିସହ ଦେଶର ଗଣତନ୍ତ୍ର ପ୍ରତି ବିପଦ ସୃଷ୍ଟିହୋଇଥିବା ମାକେନ କହିଥିଲେ। ତେବେ ଏହି ପଦକ୍ଷେପକୁ ଆଇଟି ଅପିଲେଟ୍ ଅଥରିଟିଙ୍କ ନିକଟରେ ଚ୍ୟାଲେଞ୍ଜ କରାଯାଇଥିବାରୁ କର୍ତ୍ତୃପକ୍ଷ ପରେ ଏହାକୁ ସଚଳ କରିଦେଇଛନ୍ତି। ଟ୍ରିବ୍ୟୁନାଲ କର୍ତ୍ତୃପକ୍ଷ ୧୧୫ କୋଟି ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିବା ପାଇଁ ଦଳକୁ ଅନୁମତି ଦେଇଛନ୍ତି। ଆଇଟି ବିଭାଗ ବିରୋଧରେ ଟ୍ରିବ୍ୟୁନାଲରେ ମାମଲା ପରିଚାଳନା କରୁଥିବା କଂଗ୍ରେସ ନେତା ବିବେକ ତନଖା ଯୁକ୍ତି ବାଢ଼ିଥିଲେ, ଆକାଉଣ୍ଟଗୁଡ଼ିକୁ ଅଚଳ କରାଗଲେ ଦଳ ନିର୍ବାଚନୀ ପର୍ବରେ ଭାଗ ନେଇପାରିବ ନାହିଁ। ଏହା ଶୁଣିବା ପରେ ଟ୍ରିବ୍ୟୁନାଲ ଆକାଉଣ୍ଟ ସଚଳ ପାଇଁ ଅନୁମତି ଦେଇଛନ୍ତି। ଟ୍ରିବ୍ୟୁନାଲ ଆସନ୍ତା ବୁଧବାର ଏନେଇ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ଏନେଇ କଂଗ୍ରେସ ଅଧ୍ୟକ୍ଷ ଖାର୍ଗେ ମାଇକ୍ରୋବ୍ଲଗିଂ ସାଇଟ୍

☞ପୃଷ୍ଠା-୪



# ଗ୍ରାମୀଣ ଭାରତ ବନ୍ଦ, ଜୀବନଯାତ୍ରା ବ୍ୟାହତ

ବଲାଙ୍ଗୀର,୧୬।୨ (ବୀରେନ୍ଦ୍ର କୁମାର ଝାଙ୍କର)



ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

- ସଂଯୁକ୍ତ କୃଷକ ମୋର୍ଚ୍ଚା ପକ୍ଷରୁ ଦିଆଯାଇଥିଲା ଡାକରା
- ଗାଡିମୋଟର ଚଳାଚଳ, ଦୋକାନ ବଜାର, ସରକାରୀ ଅଫିସ ବନ୍ଦ
- କଂଗ୍ରେସ, ଆଇଏନ୍‌ଟିୟୁସି, ଚାଷୀମୁଲିଆ ସଙ୍ଗଠନ ପକ୍ଷରୁ ବିକ୍ଷୋଭ

ସଂଯୁକ୍ତ କୃଷକ ମୋର୍ଚ୍ଚାର ଗ୍ରାମୀଣ ଭାରତ ବନ୍ଦ ଡାକରାରେ ବଲାଙ୍ଗୀର ଜିଲାରେ ବନ୍ଦ ପାଳନ ସଫଳ ହୋଇଛି। ଏହି ବନ୍ଦକୁ ଜିଲା କିଷାନ କଂଗ୍ରେସ ପକ୍ଷରୁ ସମର୍ଥନ କରାଯାଇଥିଲା। ସକାଳୁ ସ୍ଥାନୀୟ ରାମମନ୍ଦିରଠାରୁ ଜିଲା କିଷାନ କଂଗ୍ରେସ ସଭାପତି ସାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଏକ ବାଇକ ରାଲି ବାହାରି ଦୋକାନୀ ଓ ସାଧାରଣ ଜନତାଙ୍କୁ ବନ୍ଦକୁ ସମର୍ଥନ କରିବା ପାଇଁ ନିବେଦନ କରାଯାଇଥିଲା । ଶେଷରେ ସ୍ଥାନୀୟ କଚେରୀ ଛକଠାରେ ଏକତ୍ରିତ ହୋଇ ବକ୍ତାମାନେ କେନ୍ଦ୍ର ସରକାରଙ୍କ ଚାଷୀ ବିରୋଧ ନୀତି ବିରୋଧରେ ଗର୍ଜିଥିଲେ। ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଆଇଏନ୍‌ଟିୟୁସି, ଚାଷୀ ମୂଲିଆ ସଙ୍ଗଠନ ସମେତ ୨୭ଟି ଟ୍ରେଡ ୟୁନିଅନ୍ ପକ୍ଷରୁ ସମର୍ଥନ ଘୋଷଣା କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବନ୍ଦ ଯୋଗୁ ବଲାଙ୍ଗୀର ସହରର ସମସ୍ତ ଦୋକାନ ବଜାର, ଗାଡି ମୋଟର ଚଳାଚଳ, ଜିଲାପାଳ ଅଫିସ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଡାକଘର, ବୀମା ପ୍ରତିଷ୍ଠାନ, ଘରୋଇ ଅଫିସ ବନ୍ଦ ରହିଥିଲା। ପରୀକ୍ଷା ରହିଥିବାରୁ କଲେଜଗୁଡିକୁ ବନ୍ଦରୁ ବାଦ୍ ଦିଆଯାଇଥିଲା।

ଭାରତ ବର୍ଷର ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ସ୍ୱାମୀନାଥ କମିଟିଙ୍କ ସୁପାରିଶ ଆଧାରରେ ସର୍ବନିମ୍ନ ସହାୟକ ମୂଲ୍ୟବୃଦ୍ଧି ଓ ଏନ୍‌ଏସ୍‌ପିକୁ ଆଇନଗତ ଗ୍ୟାରେଣ୍ଟି ପ୍ରଭୃତି ପ୍ରମୁଖ ଦାବିନେଇ ଗତ ଫେବୃୟାରୀ ୧୩ ତାରିଖଠାରୁ କେନ୍ଦ୍ର ସରକାରଙ୍କ ବିରୋଧରେ ଦିଲ୍ଲୀଚଲୋ ଅଭିଯାନ ଜାରି ରହିଛି। କିନ୍ତୁ ଆନ୍ଦୋଳନରତ ଚାଷୀଙ୍କ ସ୍ୱରକୁ ଚପାଇ ଦେବା ପାଇଁ ପୋଲିସ ଦ୍ୱାରା ଅକଥନୀୟ ଭାବେ ରବର ବୁଲେଟ ମାଡ, ଡ୍ରୋନରୁ ଲୁହବୁହା ଗ୍ୟାସ ଓ ପାଣିମାଡ କରାଯାଉଛି। ତେଣୁ ଏହା ବିରୋଧରେ ଶୁକ୍ରବାର ବିଭିନ୍ନ କୃଷକ ସଂଗଠନ ପକ୍ଷରୁ ଦେଶବ୍ୟାପୀ ବନ୍ଦ ଡାକରା ଦିଆଯାଇଥିଲା। ଜିଲା କିଷାନ କଂଗ୍ରେସ କମିଟି ଅଧ୍ୟକ୍ଷ ସାନନ୍ଦ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବନ୍ଦରେ ଚାଷୀ ନେତା ସରୋଜ ରଥ, ଗଗନ ନାଥ, ଲଳିତ ପଟେଲ, ହିମାଂଶୁ ନନ୍ଦ, ନଗର କଂଗ୍ରେସ ସଭାପତି ବୁଲୁ ଦାନୀ, ଅସିତ ମିଶ୍ର, ମନୀଷ ମିଶ୍ର, ଅଙ୍କିତ ସାହୁ, ଆଇଏନ୍‌ଟିୟୁସିର କୃଷ୍ଣଚନ୍ଦ୍ର ସାହୁ, ଚାଷୀ ମୁଲିଆ ସଙ୍ଗଠନର ପ୍ରେମାନନ୍ଦ ଭୋଇ ଓ ଛାତ୍ର କଂଗ୍ରେସ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ । ଦଳିତ ନେତା ଜ୍ୟୋତିଷ ମୁଗ୍ରୀ ଧନ୍ୟବାଦ ଦେଇଥିଲେ।

# ଠିକ୍‌ରେ ଚାଲୁନି ଓଏସ୍‌ଏସ୍‌ଏସ୍‌ସି ୱେବ୍‌ସାଇଟ୍

## ବାରମ୍ବାର ଆବେଦନ ଅବଧି ବୃଦ୍ଧି, ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ

ଭୁବନେଶ୍ୱର,୧୬।୨ (ଅସମାପିକା ସାହୁ)

ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ(ଓଏସ୍‌ଏସ୍‌ଏସ୍‌ସି)ର ୱେବ୍‌ସାଇଟ୍ ଠିକ ଭାବେ କାର୍ଯ୍ୟ କରୁ ନ ଥିବାରୁ କମ୍ବାଇନ୍‌ଡ ରିକ୍ରୁଟ୍‌ମେଣ୍ଟ ଏକ୍‌ଜାମ୍‌ର ଆବେଦନ ଅବଧି ବାରମ୍ବାର ବୃଦ୍ଧି କରାଯାଉଛି। ଦୁଇ ମାସ ହେଲାଣି ଆବେଦନ ପ୍ରକ୍ରିୟା ଜାରି ରହିଥିଲେ ମଧ୍ୟ ଆଶାୟୀମାନେ ଆବେଦନ କରିପାରୁନାହାନ୍ତି। ଶୁକ୍ରବାର ପୁଣି ଆବେଦନ ଅବଧିକୁ ମାସେ ବଢ଼ାଇଛି ଓଏସ୍‌ଏସ୍‌ଏସ୍‌ସି। ଅନ୍ୟପଟେ ଆବେଦନ ହୋଇପାରୁ ନ ଥିବାରୁ ସମ୍ପୂର୍ଣ୍ଣ ନିଯୁକ୍ତି ପ୍ରକ୍ରିୟା ବିଳମ୍ବିତ ହେଉଛି। ଦୀର୍ଘଦିନରୁ ଆବେଦନ କରିବା ପାଇଁ ପ୍ରୟାସ କରୁଥିବା ଆଶାୟୀମାନେ ଆୟୋଗର ଏପରି ନୀତିରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ, ଦୁଇମାସରୁ ଅଧିକ ହେଲାଣି ବୈଷୟିକ କାରଣ ଦର୍ଶାଇ ସାମୟିକ ଭାବେ ୱେବ୍‌ସାଇଟ୍‌କୁ ବନ୍ଦ କରି ଦିଆଯାଉଛି। ସକାଳ ୧୦ଟାରୁ ସନ୍ଧ୍ୟା ୬ ଯାଏ ଆବେଦନ ପ୍ରକ୍ରିୟା ବନ୍ଦ ରହୁଥିବା ୱେବ୍‌ସାଇଟ୍‌ରେ ଦର୍ଶାଯାଉଛି। ଅବଶିଷ୍ଟ ସମୟ ଅର୍ଥାତ୍ ସନ୍ଧ୍ୟା ୬ରୁ ସକାଳ ୧୦ଟା ପର୍ଯ୍ୟନ୍ତ ଆବେଦନ କରିବାକୁ ପରାମର୍ଶ ଦିଆଯାଉଛି। ହେଲେ ଏହି ସମୟ ମଧ୍ୟରେ ବି ୱେବ୍‌ସାଇଟ ଠିକ୍ ଭାବେ ଚାଲୁନାହିଁ। ନୂତନ ପଞ୍ଜୀକରଣ କରିବାକୁ କୌଣସି ଅପଶନ୍ ଆସୁନାହିଁ। ତେଣୁ ଆଶାୟୀଙ୍କ ସମୟ ନଷ୍ଟ ହେଉଛି। ରାଜସ୍ୱ ନିରୀକ୍ଷକ, ସହ ରାଜସ୍ୱ ନିରୀକ୍ଷକ, ଅମିନ, ଆଇସିଡିଏସ୍ ସୁପରଭାଇଜର ଓ ଏସ୍‌ଏସ୍‌ଏଫ୍ ପଦ ପାଇଁ ଆବେଦନ ପ୍ରକ୍ରିୟା ଡିସେମ୍ବର ୩୧ ତାରିଖରୁ ଆରମ୍ଭ ହୋଇଛି। ହେଲେ ୱେବ୍‌ସାଇଟ୍ ଠିକ ଭାବେ କାର୍ଯ୍ୟ କରୁ ନ ଥିବାରୁ ଆବେଦନ ଅବଧିକୁ ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଫାର୍ମାସିଷ୍ଟ ଓ ମଲ୍ଟିପୁଲ୍ ହେଲ୍‌ଥ ୱାର୍କର ପଦ ପାଇଁ ଡିସେମ୍ବର ୨୨ରୁ ଆବେଦନ ଆରମ୍ଭ ହୋଇଥିବାବେଳେ ଏହାର ଅବଧିକୁ ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ବଢ଼ାଯାଇଛି। ଏକାଧିକଥର ଆବେଦନ ଅବଧି ବଢ଼ାଯାଉଥିଲେ ମଧ୍ୟ କେବେ ୱେବ୍‌ସାଇଟ ସମ୍ପୂର୍ଣ୍ଣ ବା ଠିକ୍ ଭାବେ କାର୍ଯ୍ୟକ୍ଷମ ହେବ ସେନେଇ ଆୟୋଗ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ। ତେଣୁ ଏହି ସମୟ ମଧ୍ୟରେ ସମସ୍ୟାର ସମାଧାନ ହେବ ନା ଆୟୋଗ ପୁଣି ଆବେଦନ ଅବଧି ବୃଦ୍ଧି କରିବ ସେନେଇ ଆଶାୟୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ସୋସିଆଲ ମିଡିଆ 'ଏକ୍ସ'ରେ ବହୁ ଆଶାୟୀ ପ୍ରତିକ୍ରିୟା ପ୍ରକାଶ କରି ୱେବ୍‌ସାଇଟକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରିବାକୁ ଦାବି କରୁଛନ୍ତି।

# ଅଭିଯୁକ୍ତ ଫାର୍ମାସିଷ୍ଟଙ୍କୁ ଆଜୀବନ ଜେଲ

### ଖଣ୍ଡଗିରି ଟ୍ରିପଲ ମର୍ଡର ଘଟଣାର ୧୦ବର୍ଷ ପରେ ରାୟ

ଭୁବନେଶ୍ୱର,୧୬।୨ (ସୂର୍ଯ୍ୟକାନ୍ତ ବେହେରା)

ଭୁବନେଶ୍ୱର ଖଣ୍ଡଗିରି ଅଞ୍ଚଳରେ ୨୦୧୪ରେ ଘଟିଥିବା ଡାକ୍ତରଙ୍କ ସମେତ ୩ଜଣଙ୍କୁ ହତ୍ୟା ଘଟଣାର ୧୦ବର୍ଷ ପରେ ରାୟ ପ୍ରକାଶ ପାଇଛି। ଭୁବନେଶ୍ୱର ଏଡିଜେ-୧ କୋର୍ଟର ବିଚାରପତି ଦେବାଶିଷ ରାଉତ ମାମଲାର ଶୁଣାଣି କରି ଅଭିଯୁକ୍ତ ଫାର୍ମାସିଷ୍ଟ ସ୍ନେହସ୍ୱାକ୍ଷର ସାମଲଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଜରିମାନା ଦେବାକୁ ନିର୍ଦ୍ଦେଶ ରହିଛି। ୨୬ ଜଣଙ୍କ ସାକ୍ଷ୍ୟ ଓ ୬୪ ଦସ୍ତାବିଜ ଆଧାରରେ ଏହି ଦଣ୍ଡାଦେଶ ହୋଇଛି।

ଫାର୍ମାସିଷ୍ଟ ସ୍ନେହସ୍ୱାକ୍ଷର ତାଙ୍କ ଝିଅଙ୍କୁ ନେଇ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲକୁ ଯାଇଥିଲେ। ସେଠାରେ ଅର୍ଥୋପେଡିକ ଡାକ୍ତର ଅତୁଲ୍ୟ ମେହେରଙ୍କୁ ଦେଖାଇବା ସମୟରେ କୌଣସି କାରଣକୁ ନେଇ ସ୍ନେହସ୍ୱାକ୍ଷର ଓ ଡାକ୍ତର ଅତୁଲ୍ୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏହାପରେ ସ୍ନେହସ୍ୱାକ୍ଷର ରାଗ ରଖି ଅତୁଲ୍ୟଙ୍କ ଘର ଠିକଣା ଖୋଜି ପାଇବା ପରେ ୨୦୧୪ ଅକ୍ଟୋବର ୧୪ ସକାଳେ ଫୁଲତୋଡା ଧରି ଡାକ୍ତର ମେହେରଙ୍କ ଘରେ ପ୍ରବେଶ କରିଥିଲେ। ବ୍ୟାଗରେ ନେଇଥିବା ଧାରୁଆ ଛୁରି ବାହାର କରି ଡାକ୍ତର ଅତୁଲ୍ୟ, ୧୪ ବର୍ଷର ପୁଅ ମିନୁ ଓ ଘରୋଇ ସହାୟକ ପ୍ରଶାନ୍ତ ବେହେରାଙ୍କୁ ଅତି ନିର୍ମମ ଭାବେ ହତ୍ୟା କରିଥିଲେ।

# 'ଗୋଟିଏ ଭେସେଲ୍ସରେ ୨୫୦ ଟିୟୁ ସାମଗ୍ରୀ ରପ୍ତାନି-ଆମଦାନୀ ହୋଇପାରିବ'

ଭୁବନେଶ୍ୱର,୧୬।୨ (ସୁନିତ୍ ମିଶ୍ର)

### ଭିଜିଏଫ୍ ଯୋଜନା ଅନ୍ତର୍ଗତ ରାଜ୍ୟ ସରକାରଙ୍କ ସହ ଏମ୍‌ଏସ୍‌ସି(ଇଣ୍ଡିଆ) ପ୍ରା. ଲିଃର ଚୁକ୍ତି ସ୍ୱାକ୍ଷର




ପାରାଦୀପ ପୋର୍ଟ ଜରିଆରେ କାର୍ଗୋ ରପ୍ତାନି ଓ ଆମଦାନୀ ପାଇଁ ବିଶ୍ୱର ବୃହତ୍ତମ କଣ୍ଟେନର ଶିପିଂ କମ୍ପାନୀ ଏମ୍‌ଏସ୍‌ସି ସହ ଓଡ଼ିଶା ସରକାରଙ୍କ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଚୁକ୍ତି ଅନୁସାରେ କମ୍ପାନୀ ଗୋଟିଏ ଭେସେଲ୍ସରେ ୨୫୦ ଟିୟୁ ସାମଗ୍ରୀ ରପ୍ତାନି-ଆମଦାନୀ କରିପାରିବ। ବିଶେଷତଃ ନାଲ୍‌କୋ, ବେଦାନ୍ତ, ଜେଏସ୍‌ଡବ୍ଲ୍ୟୁ (ଜିନ୍ଦଲ ଷ୍ଟିଲ୍), କୋଇଲା, ଖଣିଜ ପଦାର୍ଥ, ଇଲେକ୍ଟ୍ରୋନିକ୍ସ ଉତ୍ପାଦ, ଧାତବ ପଦାର୍ଥ ସହ ଅନ୍ୟାନ୍ୟ କମ୍ପାନୀ, କୃଷି ଓ ଉଦ୍ୟାନ କୃଷି ଭିତ୍ତିକ ଦ୍ରବ୍ୟ ଏବଂ ସାମୁଦ୍ରିକ ଖାଦ୍ୟ, ମସଲା ବିଦେଶକୁ ରପ୍ତାନି କରିବ। ସେହିପରି ବିଦେଶରୁ ମଧ୍ୟ ଆବଶ୍ୟକ ପଦାର୍ଥ ନିର୍ଦ୍ଦିଷ୍ଟ ଓଜନ ପରିମାଣରେ ଆମଦାନୀ କରାଯିବ। ଏହି ଅବସରରେ ଏକ ସମ୍ମିଳନୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ ସଚିବ ଶାଶ୍ୱତ ମିଶ୍ର ଏବଂ ମେଡିଟେରିଆନ୍ ଶିପିଂ କମ୍ପାନୀ ଏମ୍‌ଏସ୍‌ସିର ଅଧ୍ୟକ୍ଷ କ୍ୟାପ୍‌ଟେନ୍ ଦୀପକ ତିୱାରୀଙ୍କ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଏହି ଅବସରରେ ବିଭାଗୀୟ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ ଦେବ ଉପସ୍ଥିତ ଥିଲେ।

ଏହି ଅବସରରେ ଦୀପକ ତିୱାରୀ କହିଛନ୍ତି, ଏହା ଭାରତର କୌଣସି ରାଜ୍ୟରେ ଏପରି ଏଗ୍ରିମେଣ୍ଟ ପୂର୍ବରୁ ହୋଇ ନ ଥିଲା। ଏହା ଓଡ଼ିଶାରେ ପ୍ରଥମ କରି ସମ୍ଭବ ହୋଇଛି। ଓଡ଼ିଶାର କାର୍ଗୋ ଓଡ଼ିଶା ବନ୍ଦର ମଧ୍ୟ ଦେଇ ରପ୍ତାନି ହେଉ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରୁଛନ୍ତି। ମୁଖ୍ୟ ଶାସନ ସଚିବ ଜେନା କହିଛନ୍ତି, ଯଦିଓ ଭାଇଜାକ୍ ଓ ହଳଦିଆ ମଧ୍ୟ ଦେଇ ଓଡ଼ିଶାରେ ଦ୍ରବ୍ୟ ରପ୍ତାନି ହେଉଥିଲା, ବର୍ତ୍ତମାନ ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗର କିଛି ଅଂଶ ଓ ବାଂଲାଦେଶ ପାରାଦୀପ ପୋର୍ଟ ଜରିଆରେ ଆମଦାନୀ-ରପ୍ତାନି ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ପାରାଦୀପ ପୋର୍ଟର ଉପାଧ୍ୟକ୍ଷ ନୀଳାମ୍ବର ଦାସଗୁପ୍ତା କହିଛନ୍ତି, ବହୁ ଶତାବ୍ଦୀ ପରେ ପୁଣି ସାମୁଦ୍ରିକ ବାଣିଜ୍ୟ ଆରମ୍ଭ ହେବାର ଏକ ନୂଆ ଯୁଗ ସୃଷ୍ଟି ହୋଇଛି। ପାରାଦୀପ ପୋର୍ଟରେ ଇକୋସିଷ୍ଟମ୍, ଆଧୁନିକ କଣ୍ଟେନର, ଆଧୁନିକ କାର୍ଗୋ କଣ୍ଟେନର ଓଡ଼ିଶାର ସାମୁଦ୍ରିକ ବାଣିଜ୍ୟିକ ଅର୍ଥନୀତିକୁ ସୁଦୃଢ଼ କରିପାରିଛି। ମନ୍ତ୍ରୀ ଦେବ କହିଛନ୍ତି, ୨୦୨୧-୨୨ ଆର୍ଥିକ ବର୍ଷରେ ରାଜ୍ୟରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ୧,୨୭,୦୦୦ କୋଟି ଟଙ୍କାର କାରବାର ହୋଇଥିଲା। ମେଡିଟେରିଆନ୍ ଶିପିଂ କମ୍ପାନୀ ଏମ୍‌ଏସ୍‌ସି ପ୍ରାଇଭେଟ୍ ଲିମିଟେଡ୍‌ର ପାରାଦୀପ ପୋର୍ଟ ଜରିଆରେ ନିୟମିତ କଣ୍ଟେନର କାର୍ଗୋ ରପ୍ତାନି-ଆମଦାନୀ ଦ୍ୱାରା ସାମୁଦ୍ରିକ ବାଣିଜ୍ୟ କ୍ଷେତ୍ରରେ ଓଡ଼ିଶାର ଅର୍ଥନୀତିରେ ଅଭିବୃଦ୍ଧି ଘଟିବ ବୋଲି ସେ କହିଛନ୍ତି।

ପ୍ରଥମ ପୃଷ୍ଠାରୁ...

## 'ବିକାଶ ଆଜି...

ଦିଆଯାଇଛି। ଓଡ଼ିଶାରେ ଶିଳ୍ପ ଅଭିବୃଦ୍ଧି ପାଇଁ ଜିନ୍ଦଲ ଗ୍ରୁପର ସହଯୋଗ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଓଡ଼ିଶାକୁ ଦେଶର ପ୍ରମୁଖ ଶିଳ୍ପାଞ୍ଚଳରେ ପରିଣତ କରିବା ପାଇଁ ଜିନ୍ଦଲ ଗ୍ରୁପର ମହତ୍ତ୍ୱପୂର୍ଣ୍ଣ ସହଭାଗିତା ରହିବା ଆଶା କରାଯାଉଛି। ଜେଏସ୍‌ଡବ୍ଲ୍ୟୁ ସମେତ ଅନ୍ୟ ଶିଳ୍ପାନୁଷ୍ଠାନଗୁଡ଼ିକ ମଧ୍ୟ ଓଡ଼ିଶାରେ ପ୍ରାୟ ୯୦ ହଜାର କୋଟି ଟଙ୍କାର ପୁଞ୍ଜି ନିବେଶ ଆଣିଛନ୍ତି। ବଡ଼ କଥା ହେଲା, ପ୍ରକଳ୍ପଗୁଡ଼ିକ ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ଅନେକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ମୁଖ୍ୟମନ୍ତ୍ରୀ ଏକଥା ମଧ୍ୟ କହିଛନ୍ତି, ବିକାଶ ଆଜି ଓଡ଼ିଶାର ପରିଚୟ ହୋଇପାରିଛି। ଶିଳ୍ପ ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ ସବୁ କ୍ଷେତ୍ରରେ ନୂଆ ଯୁଗ ଆରମ୍ଭ ହୋଇଛି। ସାଧାରଣ ଲୋକ, ଚାଷୀ, ମା' ଓ ଯୁବଗୋଷ୍ଠୀ ବିକାଶର କର୍ଣ୍ଣଧାର ହୋଇଛନ୍ତି। ଶିଳ୍ପ ପ୍ରତିଷ୍ଠା ହେଲେ ସେହି ଅଞ୍ଚଳର ସବୁ ପରିବାର ଉପକାର ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉତ୍ସବରେ ଜେଏସ୍‌ଡବ୍ଲ୍ୟୁ ଗ୍ରୁପ ଅଧ୍ୟକ୍ଷ ସଜ୍ଜନ ଜିନ୍ଦଲ ଅତିଥିଭାବେ ଯୋଗଦେଇ କହିଛନ୍ତି, ଦୀର୍ଘ ବର୍ଷ ପୂର୍ବେ ବିଜୁ ପଟ୍ଟନାୟକ ଏହି ପ୍ରକଳ୍ପ ପାଇଁ ଯୋଜନା କରିଥିଲେ। ପ୍ରକୃତରେ ଏହା ଥିଲା ତାଙ୍କ ସ୍ୱପ୍ନ, ଯାହା ତାଙ୍କ ସୁପୁତ୍ରଙ୍କ ଦ୍ୱାରା ପୂରଣ ହେବାକୁ ଯାଉଛି। ଏହା ଦେଖି ସେ ଖୁସି ଅନୁଭବ କରୁଥିବେ। ନବୀନଙ୍କ ନେତୃତ୍ୱରେ ଓଡ଼ିଶାରେ ବିକାଶ କ୍ରିୟାଶୀଳ ହେଉଛି। ଆଉ ଓଡ଼ିଶା ହେଉଛି ଜେଏସ୍‌ଡବ୍ଲ୍ୟୁ ପାଇଁ ପ୍ରମୁଖ ନିବେଶସ୍ଥଳୀ। ଓଡ଼ିଶାର ଅର୍ଥନୈତିକ ଅଭିବୃଦ୍ଧିରେ ଆମେ ସବୁବେଳେ ସହଯୋଗ କରିବୁ। ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ରୋଜଗାର ଦେବା ପ୍ରାଥମିକତା ରହିବ ବୋଲି ଜିନ୍ଦଲ କହିଛନ୍ତି।

ପ୍ରାରମ୍ଭରେ ବାଲିକୁଦା-ଏରସମା ବିଧାୟକ, ପୂର୍ବତନ ମନ୍ତ୍ରୀ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁନନ୍ଦନ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତ୍‌ସିଂହପୁର ବିଧାୟକ ପ୍ରଶାନ୍ତ ମୁଦୁଲି, ଜଗତ୍‌ସିଂହପୁର ଏମ୍‌ପି ରାଜଶ୍ରୀ ମଲ୍ଲିକ, ପାରାଦୀପ ବିଧାୟକ ସମ୍ବିତ ରାଉତରାୟ ପ୍ରମୁଖ ଯୋଗଦେଇ ଏହିସବୁ ପ୍ରକଳ୍ପ ଜିଲାର ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବା ସହ ଜିଲାକୁ ସମୃଦ୍ଧ କରିବ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କୁ ଜିନ୍ଦଲ ପରିବାର ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଉପସ୍ଥିତ ଥିଲେ। ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ ଶର୍ମା ଧନ୍ୟବାଦ ଦେଇଥିଲେ।

## ଜେଲରେ ପୁଟିନ୍ ବିରୋଧୀ...

ବିକ୍ଷୋଭ ସମାବେଶର ଆୟୋଜନ କରିଥିଲେ। ରୁଷିଆରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ ବ୍ୟବସ୍ଥାରେ ସଂସ୍କାର ଆଣିବାକୁ ପ୍ରୟାସ କରିଆସିଥିଲେ। ଆଲେକ୍ସି ରୁଷୀୟ ବିରୋଧୀ ସମନ୍ୱୟ ପରିଷଦର ସଦସ୍ୟ ମଧ୍ୟ ଥିଲେ। ଫ୍ୟୁଚର ପାର୍ଟି ନେତା ଆଲେକ୍ସି ଆଣ୍ଟି କରପ୍ସନ ଫାଉଣ୍ଡେସନ ପ୍ରତିଷ୍ଠା କରିଥିଲେ। ମାନବାଧିକାର କ୍ଷେତ୍ରରେ ଅବଦାନ ପାଇଁ ତାଙ୍କୁ ସଖାରୋଭ୍ ପୁରସ୍କାର ଦିଆଯାଇଥିଲା। ୨୦୨୧ ସୁଦ୍ଧା ୟୁଟ୍ୟୁବ୍‌ରେ ତାଙ୍କର ୬ ନିୟୁତରୁ ଅଧିକ ସବ୍‌ସ୍କ୍ରାଇବର ଥିଲେ। ନିଜ ସୋସିଆଲ ମିଡିଆ ଚ୍ୟାନେଲ ଜରିଆରେ ସେ ଓ ତାଙ୍କ ଟିମ୍ ରୁଷିଆରେ ଚାଲିଥିବା ଦୁର୍ନୀତିକୁ ଲୋକଲୋଚନକୁ ଆଣିଥିଲେ। ୨୦୧୧ରେ ଏଲେକ୍ସି ଏକ ସାକ୍ଷାତ୍‌କାରରେ ଶାସକ ୟୁନାଇଟେଡ୍ ପାର୍ଟିକୁ ଚୋରମାନଙ୍କ ଦଳ ଭାବେ ଅଭିହିତ କରିଥିଲେ। ଏଲେକ୍ସିଙ୍କୁ ତାଙ୍କ ପ୍ରଶଂସକମାନେ ନେଲସନ ମଣ୍ଡେଲାଙ୍କ ସହ ତୁଳନା କରୁଥିଲେ। ୨୦୧୧ ଓ ୨୦୧୩ରେ ପୁଟିନ୍‌ଙ୍କ ବିରୋଧରେ ବିକ୍ଷୋଭ କରି ସେ ଗିରଫ ହୋଇଥିଲେ। ମସ୍କୋ ମେୟର ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ୨୭% ଭୋଟ ପାଇଥିଲେ। ଏହା ପରେ ତାଙ୍କୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ବାସନ୍ଦ କରାଯାଇଥିଲା। ୨୦୨୦ ଅଗଷ୍ଟରେ ଏଲେକ୍ସିଙ୍କୁ ସର୍ବିଆର ଏକ ଜେଲରେ ବିଷ ଦେଇ ହତ୍ୟା ଉଦ୍ୟମ ହୋଇଥିବା ସେ ପ୍ରଘଟ କରିଥିଲେ। ୨୦୨୧ ଜାନୁୟାରୀରେ ଜର୍ମାନୀକୁ ଫେରିବା ପରେ ଏଲେକ୍ସି ବିଶ୍ୱ ସମୁଦାୟର ଦୃଷ୍ଟି ଆକର୍ଷଣ କରିଥିଲେ। ତେବେ ରୁଷିଆରେ ପହଞ୍ଚିବା ମାତ୍ରେ ତାଙ୍କୁ ଗିରଫ କରାଯାଇ ୧୧ ବର୍ଷ ପାଇଁ ଜେଲକୁ ପଠାଯାଇଥିଲା। ୨୦୨୨ ମାର୍ଚ୍ଚରେ ଏଲେକ୍ସିଙ୍କୁ ଏକ ଦୁର୍ନୀତି ଓ କୋର୍ଟ ଅବମାନନା ମାମଲାରେ ଅତିରିକ୍ତ ୯ ବର୍ଷ ଜେଲ ଦଣ୍ଡାଦେଶ ହୋଇଥିଲା। ୨୦୨୩ରେ ତାଙ୍କୁ ଅନ୍ୟ ଏକ ମାମଲାରେ ୧୯ ବର୍ଷ ଜେଲ ଦଣ୍ଡାଦେଶ କରାଯାଇଥିଲା। ସମ୍ପୂର୍ଣ୍ଣ ଦଣ୍ଡାଦେଶ ଭୋଗିଥିଲେ ସେ ୨୦୩୮ ଡିସେମ୍ବରରେ ମୁକ୍ତ ହୋଇଥାନ୍ତେ। ଅର୍ଥାତ୍ ସକ୍ରିୟ ରାଜନୀତିରେ ସେ ଅଂଶ ଗ୍ରହଣ କରି ନ ପାରିବା ଭଳି ଦଣ୍ଡ ବ୍ୟବସ୍ଥା କରାଯାଇଥିବା ଏଲେକ୍ସି ପୂର୍ବରୁ କହିଥିଲେ।

ରାଜଧାନୀ ମସ୍କୋରୁ ୧୯୦୦ କି.ମି. ଦୂର ଖାର୍ପର ଏକ ଜେଲରେ ତାଙ୍କୁ ରଖାଯାଇଥିଲା। ଜେଲର ପେନାଲ କଲୋନି ନମ୍ବର ୩ରେ ସେ ଶୁକ୍ରବାର ଚଲାବୁଲା କରିବା ପରେ ହଠାତ୍ ଅସୁସ୍ଥ ହୋଇଯିବାରୁ ମେଡିକାଲ୍ ଷ୍ଟାଫ୍ ଆସି ଆମ୍ବୁଲାନ୍ସ ଡକାଇଥିଲେ। ଏଲେକ୍ସିଙ୍କ ଚିକିତ୍ସା ପାଇଁ ସବୁ ପ୍ରକାର ଆବଶ୍ୟକ ଉଦ୍ୟମ କରାଯାଇଥିଲା। କିନ୍ତୁ ଡାକ୍ତରୀ ଦଳ ତାଙ୍କୁ ବଞ୍ଚାଇପାରିଲେ ନାହିଁ ବୋଲି ରୁଷୀୟ ଜେଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। କ୍ରେମ୍‌ଲିନ୍ ମୁଖପାତ୍ର ଡିମିଟ୍ରି ପେସ୍କୋଭ୍ କହିଛନ୍ତି, ମୃତ୍ୟୁର କାରଣ ସ୍ପଷ୍ଟ ହୋଇନାହିଁ। ଏନେଇ ତଦନ୍ତ ଚାଲିଛି। ଏଲେକ୍ସିଙ୍କର ସ୍ତ୍ରୀ ୟୁଲିଆ ନଭଲନାୟା ଓ ଦୁଇ ପିଲା ଅଛନ୍ତି।

## ୪ ସପ୍ତାହ ମଧ୍ୟରେ...

ହାଇକୋର୍ଟ ୨୦୨୩ ସେପ୍ଟେମ୍ବର ୨୯ରେ ଦେଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା ପାଇଁ ଭାଜପାର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତି ଏକ ଅନ୍ତରୀଣ ଆବେଦନ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ରତ୍ନଭଣ୍ଡାରର ସୁରକ୍ଷା ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଆବେଦନକାରୀ ମହାନ୍ତି ହାଇକୋର୍ଟରେ ଏକ ରିଟ୍ ପିଟିଶନ ଦାଖଲ କରିଥିଲେ। ରତ୍ନଭଣ୍ଡାର ବିପଦସଙ୍କୁଳ ସ୍ଥିତିରେ ରହିଥିବାରୁ ରାଜ୍ୟପାଳଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇ ଅଳଙ୍କାର ଗଣତି ଏବଂ ରତ୍ନଭଣ୍ଡାରକୁ ତୁରନ୍ତ ଖୋଲି ମରାମତି କରାଯିବାକୁ ଆବେଦନକାରୀ ମହାନ୍ତି ପ୍ରାର୍ଥନା କରିଥିଲେ। ହାଇକୋର୍ଟ ମାମଲାର ଶୁଣାଣି କରି ୨୦୨୩ ସେପ୍ଟେମ୍ବର ୨୯ରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିଥିଲେ। ଏଥିପାଇଁ ୬୦ ଦିନ ମଧ୍ୟରେ ଉଚ୍ଚସ୍ତରୀୟ କମିଟି ଗଠନ କରିବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଉଚ୍ଚସ୍ତରୀୟ କମିଟି ରତ୍ନଭଣ୍ଡାର ରତ୍ନ ଗଣତିରେ ଶ୍ରୀମନ୍ଦିର ପରିଚାଳନା କମିଟିକୁ ସହାୟତା କରିବ। ଏଥିସହ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇ) ଓ ଶ୍ରୀମନ୍ଦିର ପରିଚାଳନା କମିଟି ମିଳିତ ଭାବେ ସକ୍ରିୟ ସହଯୋଗ କରି ରତ୍ନଭଣ୍ଡାର ସଂରକ୍ଷଣ କରିବେ। ରାଜ୍ୟ ସରକାର ମଧ୍ୟ ଏହି କାର୍ଯ୍ୟର ପରିଚାଳନା ନିମନ୍ତେ ଆଗେଇ ଆସିବେ ବୋଲି ହାଇକୋର୍ଟ ଆଶାପୋଷଣ କରିଥିଲେ। ସେହିପରି ଶ୍ରୀମନ୍ଦିର ପରିଚାଳନା କମିଟି ପକ୍ଷରୁ ରତ୍ନଭଣ୍ଡାର ମରାମତି ଓ ରତ୍ନ ଗଣତି ପାଇଁ ଉଚ୍ଚସ୍ତରୀୟ କମିଟି ଗଠନ ନେଇ ରାଜ୍ୟ ସରକାରଙ୍କୁ ପତ୍ର ଲେଖିବାକୁ ରିଜୋଲ୍ୟୁସନ ହୋଇଥିବା ନେଇ ହାଇକୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ହାଇକୋର୍ଟ ଅଥବା ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠନ ହେବ ବୋଲି ସତ୍ୟପାଠରେ ଦର୍ଶାଯାଇଥିଲା।

## କଂଗ୍ରେସର ବ୍ୟାଙ୍କ...

ଏକ୍ସ'ରେ କହିଛନ୍ତି, କ୍ଷମତାମତ୍ତ ସରକାର ଠିକ୍ ଲୋକ ସଭା ନିର୍ବାଚନ ପୂର୍ବରୁ ଭାରତର ସର୍ବବୃହତ୍ ବିରୋଧୀ ଦଳର ବ୍ୟାଙ୍କ ଆକାଉଣ୍ଟକୁ ଫ୍ରିଜ୍ କରିଦେବା ଗଣତନ୍ତ୍ର ପ୍ରତି ଆକ୍ରମଣ।

ଭାଜପା ସଂଗ୍ରହ କରିଥିବା ଅସାମ୍ବିଧାନିକ ଟଙ୍କାକୁ ସେମାନେ ନିର୍ବାଚନରେ ଖର୍ଚ୍ଚ କରିବେ। କିନ୍ତୁ ଲୋକଙ୍କଠାରୁ କଂଗ୍ରେସ ପାଇଥିବା ଟଙ୍କାକୁ ସିଲ୍ କରିବେ। ଏଥିପାଇଁ ଆଗକୁ ନିର୍ବାଚନ ହେବ ନାହିଁ ବୋଲି ମୁଁ କହିଥିଲି। ଦେଶର ବହୁଦଳୀୟ ବ୍ୟବସ୍ଥାରେ ନ୍ୟାୟପାଳିକା ଗଣତନ୍ତ୍ରକୁ ସୁରକ୍ଷା ଦେବା ଉଚିତ। ସେହିପରି ରାହୁଲ କହିଛନ୍ତି, କଂଗ୍ରେସ ଅର୍ଥବଳର ନାମ ନୁହେଁ, ବରଂ ଲୋକଙ୍କ ଶକ୍ତିକୁ ନେଇ ବଳୀୟାନ। ଏକଛତ୍ରବାଦ ଆଗରେ ଆମେ କେବେ ମୁଣ୍ଡ ନୁଆଁଇନୁ କି ଆଗକୁ ମଧ୍ୟ ନୁଆଁଇବୁ ନାହିଁ। ଭାରତର ଗଣତନ୍ତ୍ରକୁ ସୁରକ୍ଷା ଦେବା ପାଇଁ ପ୍ରତ୍ୟେକ କଂଗ୍ରେସ କର୍ମୀ ଲଢ଼େଇ କରିବେ।

## ପ୍ରଫୁଲ୍ଲଙ୍କ ପୁଅଙ୍କ...

ଜରିଆରେ ସୂଚନା ଦିଆଯିବ ବୋଲି ଜଣାପଡିଛି। ବରପଦା ଇଞ୍ଜିନିୟରିଂ କଲେଜ ପୂର୍ବରୁ ସରକାରୀ କଲେଜ ଥିବାବେଳେ ପରବର୍ତ୍ତୀ ସମୟରେ ଏହାକୁ ଘରୋଇକରଣ କରାଯାଇ ସୋସାଇଟି ଜରିଆରେ ପରିଚାଳନା କରାଯାଉଥିଲା। ୨୦୦୮ରୁ କଲେଜ ପରିଚାଳନା କମିଟିର ସଭାପତି ଦାୟିତ୍ୱ ପ୍ରଫୁଲ୍ଲଙ୍କ ପୁଅ ପ୍ରୟାସକାନ୍ତି ତୁଲାଉଛନ୍ତି। ତେବେ କଲେଜ ନାଁରେ ଏକାଧିକ ଦାମୀ ଗାଡି କିଣାଯିବା ଏବଂ ପ୍ଲଟ୍ କିଣାଯାଇ ବହୁ ଟଙ୍କା ହଡ଼ପ ହୋଇଥିବା ନେଇ କଲେଜର କର୍ମଚାରୀମାନେ ବିଧାୟକ ଓ ତାଙ୍କ ପୁଅଙ୍କ ବିରୋଧରେ ଅଭିଯୋଗ ଆଣି ଆନ୍ଦୋଳନ କରିଆସୁଛନ୍ତି।

## ବରପଦା ଇଞ୍ଜିନିୟରିଂ...

ଉମାକାନ୍ତ ବେହେରା, ଜୟୀରାମ ବିଶ୍ୱାଳ, ଦିଗମ୍ବର ନାୟକ ଓ ଦାମୋଦର ସାହୁଙ୍କ ନେତୃତ୍ୱରେ ପୂର୍ବରୁ ଧାରଣା ଦେଇଥିବା କର୍ମଚାରୀମାନେ ବିଭିନ୍ନ ନାରା ଦେଇ କୁଶପୁତ୍ତଳିକା ଦାହ କରିଥିଲେ। କଲେଜରେ ଆର୍ଥିକ ଅନିୟମିତତା ହୋଇଥିବା ସେମାନେ ଅଭିଯୋଗ କରିଥିବା ବେଳେ ସେହି ସମୟରେ ସଞ୍ଜୟ ଦାସବର୍ମା ସୋସାଇଟିର ଉପଦେଷ୍ଟା ଥିବାରୁ ତାଙ୍କ କୁଶପୁତ୍ତଳିକା ଦାହ କରିଥିବା କହିଛନ୍ତି। ଗୁରୁବାର ମଧ୍ୟ ଭଦ୍ରକ, ବନ୍ତ ଓ ଆଗରପଡ଼ା ସମେତ ବିଭିନ୍ନ ସ୍ଥାନରେ ବିଧାୟକ ଓ ତାଙ୍କ ପୁଅଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ଏହାକୁ ନେଇ ଭଦ୍ରକ ଜିଲା ରାଜନୀତି ସରଗରମ ହୋଇଛି।



ବରପଦା ଇଞ୍ଜିନିୟରିଂ କଲେଜ ଆଗରେ ପୂର୍ବତନ କର୍ମଚାରୀମାନେ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ କୁଶପୁତ୍ତଳିକା ଦାହ କରୁଛନ୍ତି।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ : ବାଲେଶ୍ୱର
ପୋଲିସ୍ ଲାଇନ୍ ଛକ ନିକଟ, ଓଟି ରୋଡ୍, ବାଲେଶ୍ୱର, ଓଡ଼ିଶା-୭୫୬୦୦୧

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ କଥିତ ଆକ୍ଟର ଧାରା ୧୩ (୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପରବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ **ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ **ୟୁକୋ ବ୍ୟାଙ୍କ, ଗରଦପୁର ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ । **କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ଉପଲବ୍ଧ ସମୟସୀମା ମଧ୍ୟରେ ସୁରକ୍ଷିତ ସମ୍ପତ୍ତିକୁ ବନ୍ଧକମୁକ୍ତ କରିବା ପାଇଁ ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ।**

| ଗରଦପୁର ଶାଖା / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍ / ଦଖଲ ନୋଟିସ୍‌ର ତାରିଖ | ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା: ଶ୍ରୀ ଗୁରୁପଦ ଦାସ, ପିତା: କାହ୍ନୁ ଚରଣ ଦାସ, ସା: ପୁରୁଷୋତ୍ତମପୁର, ପୋ: ଗରଦପୁର, ଜିଲ୍ଲା: କେନ୍ଦ୍ରାପଡା, ପିନ୍-୭୫୪୧୫୩ | ୦୫.୧୧.୨୦୨୧ ସୁଦ୍ଧା ଟ.୫,୬୨,୪୯୫/- + ସେବାବଦ ଭବିଷ୍ୟତ ସୁଧ, ଆନୁସଙ୍ଗିକ ଖର୍ଚ୍ଚ, ଆଇନଗତ ଦେୟ ଇତ୍ୟାଦି | ୦୫.୧୧.୨୦୨୧ / ୧୩.୦୨.୨୦୨୪ | ଶ୍ରୀ ବ୍ରଜକିଶୋର ଶତପଥୀଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଜ୍ରବାଣ, ଖାତା ନଂ.: ୧୫୨, ପ୍ଲଟ୍ ନଂ.: ୧୫୮, କ୍ଷେତ୍ର: ଏକର୦.୧୬ଡିସିମିଲି |

ସ୍ଥାନ: ବାଲେଶ୍ୱର, ତାରିଖ : ୧୬.୦୨.୨୦୨୪
କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**
always with U
ଆଞ୍ଚଳିକ କାର୍ଯ୍ୟାଳୟ : ପିପିଲି, ସା/ପୋ: ପିପିଲି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୪

**ଦଖଲ ନୋଟିସ୍**
[ପରିଶିଷ୍ଟ-୪(ରୁଲ ୮(୧)] (ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ୍ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ନିୟମ ୩ ସହିତ ଧାରା ୧୩(୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ଦର୍ଶିତ ଋଣ ରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।
୧) ଯେହେତୁ ଋଣଗ୍ରହୀତା(ମାନେ) ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନ ଦର୍ଶିତ ତାରିଖରେ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ **ଦଖଲ** ନେଇଛନ୍ତି। ୨) ତେଣୁ ବିଶେଷକରି ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ଉକ୍ତ ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର କରନ୍ତି ତେବେ **ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ**ର ଦାବି ମୁତାବକ ନିମ୍ନ ଦର୍ଶିତ ରାଶି ସହ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି, ଡିମାଣ୍ଡ ନୋଟିସ୍ ଜାରି ହେବା ପରେ ଡିମାଣ୍ଡ ନୋଟିସ୍ ତାରିଖ ଠାରୁ ପୈଠ ତାରିଖ ପର୍ଯ୍ୟନ୍ତ ପରିଶୋଧ ଯଦି କିଛି ଥାଏ ତାହାକୁ ଛାଡି ପ୍ରଦାନ କରିବାକୁ ବାଧ୍ୟ ହେବେ। ଦଖଲ ତାରିଖ ସୁଦ୍ଧା ଥିବା ବକେୟା ଦେୟ ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି ନିମ୍ନରେ ଦର୍ଶିତ। ୩) ଏତଦ୍‌ଦ୍ୱାରା **ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା ୮ ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ସାରଙ୍ଗଯୋଡି ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ /ଦଖଲ ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ /ଦଖଲ ନୋଟିସ୍ ତାରିଖ |
|---|---|---|---|
| ଋଣଗ୍ରହୀତା: ୧) ଶ୍ରୀମତୀ ବବିତା ପ୍ରଧାନ, ସ୍ୱାମୀ: ଶରତ ଚନ୍ଦ୍ର ମାଝୀ/ ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: ୨) ଶ୍ରୀ ଶରତ ଚନ୍ଦ୍ର ମାଝୀ, ପିତା: ସଦାଶିବ ମାଝୀ, ୩) ଶ୍ରୀ ବିଜୟ କୁମାର ମାଝୀ, ପିତା: ଗୌରାଙ୍ଗ ମାଝୀ, ୪) ଶ୍ରୀ ଦୁର୍ଗାମାଧବ ମାଝୀ, ପିତା: ଲିଙ୍ଗରାଜ ମାଝୀ, ୫) ଶ୍ରୀ ଧନଞ୍ଜୟ ମାଝୀ, ପିତା: ଉଦୟନାଥ ମାଝୀ, ସମସ୍ତଙ୍କ ଠିକଣା- ସା: ପୁରୁଣାବୁଢାକେରା, ପୋ: ନୂଆସନ୍ଥ, ଜିଲ୍ଲା: ପୁରୀ, ପିନ୍-୭୫୨୧୦୫ / ଜାମିନ୍‌ଦାର: ଶ୍ରୀ ରବିନ୍ଦ୍ରନାଥ ପ୍ରଧାନ, ପିତା: କୁବେର ପ୍ରଧାନ, ସା: ମଲସାହି, ପୋ: ଦିପିଦେଉଳି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୫ | ଉଦୟନାଥ ମାଝୀ, ଗୌରାଙ୍ଗ ମାଝୀ, ଲିଙ୍ଗରାଜ ମାଝୀ ଏବଂ ସଦାଶିବ ମାଝୀଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଳରାମପୁରଗଡ, ଖାତା ନଂ.: ୧୭୬, ପ୍ଲଟ୍ ନଂ.: ୧୪୫୩, କ୍ଷେତ୍ର: ଏକର୧.୨୮ଡିସିମିଲି | ୦୧.୧୨.୨୦୨୩ ସୁଦ୍ଧା ଟ.୨୦,୧୦,୪୦୪.୯୦/ ୦୮.୦୨.୨୦୨୪ ସୁଦ୍ଧା ଟ.୨୦,୪୨,୭୦୯.୬୨ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୦୬.୧୨.୨୦୨୩ / ୧୩.୦୨.୨୦୨୪ |
| ଋଣଗ୍ରହୀତା: ୧) ଶ୍ରୀମତୀ ସବିତା ପ୍ରଧାନ, ସ୍ୱାମୀ: ରବିନ୍ଦ୍ରନାଥ ପ୍ରଧାନ / ଜାମିନ୍‌ଦାର ଏବଂ ବନ୍ଧକଦାତା: ୨) ଶ୍ରୀ ରବିନ୍ଦ୍ରନାଥ ପ୍ରଧାନ, ପିତା: କୁବେର ପ୍ରଧାନ, ଉଭୟଙ୍କ ଠିକଣା- ସା: ମଲସାହି, ପୋ: ଦିପିଦେଉଳି, ଜିଲ୍ଲା: ପୁରୀ, ପିନ୍-୭୫୨୧୦୫ / ଜାମିନ୍‌ଦାର: ଶ୍ରୀ ଶରତ ଚନ୍ଦ୍ର ମାଝୀ, ପିତା: ସଦାଶିବ ମାଝୀ, ସା: ପୁରୁଣାବୁଢାକେରା, ପୋ: ନୂଆସନ୍ଥ, ଜିଲ୍ଲା: ପୁରୀ, ପିନ୍-୭୫୨୧୦୫ | ରବିନ୍ଦ୍ରନାଥ ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବଳରାମପୁରଗଡ, ଖାତା ନଂ.: ୧୧୩, ପ୍ଲଟ୍ ନଂ.: ୧୪୭୪, କ୍ଷେତ୍ର: ଏକର୦.୫୪ଡିସିମିଲି | ୦୧.୧୨.୨୦୨୩ ସୁଦ୍ଧା ଟ.୧୩,୬୬,୮୨୩.୦୦/ ୦୮.୦୨.୨୦୨୪ ସୁଦ୍ଧା ଟ.୧୩,୮୮,୬୮୪.୩୮ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ ଇତ୍ୟାଦି | ୦୬.୧୨.୨୦୨୩ / ୧୩.୦୨.୨୦୨୪ |

ତାରିଖ: ୧୬.୦୨.୨୦୨୪, ସ୍ଥାନ: ପିପିଲି
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ

**ନର୍ଲା ବ୍ଲକରେ ଯୁକ୍ତ ୨ ପରୀକ୍ଷା**

ନର୍ଲା,(ସନ୍ତୋଷ ପାତ୍ର): ଆରମ୍ଭ ହୋଇଛି ଯୁକ୍ତ ୨ ପରୀକ୍ଷା। ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ପରୀକ୍ଷାରେ କଳାହାଣ୍ଡି ଜିଲା ନର୍ଲା ପଞ୍ଚାୟତ ସମିତି କଲେଜ ଛାତ୍ରୀଛାତ୍ରଙ୍କ ସହିତ ନର୍ଲା ମାଉଣ୍ଟେନ ସ୍କୁଲ ଛାତ୍ରୀଛାତ୍ର ମଧ ପରୀକ୍ଷା ଦେଉଛନ୍ତି। ସମୟ ପୂର୍ବରୁ ସମସ୍ତ ଅଧାପକ ଅଧାପିକା କଲେଜରେ ପହଞ୍ଚି ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇ ନିର୍ଦ୍ଦିଷ୍ଟ ସମୟରେ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା କେନ୍ଦ୍ର ଭିତରକୁ ପ୍ରବେଶ କରିବା ସହିତ ସୁରୁଖୁରୁରେ ପରୀକ୍ଷା ଆରମ୍ଭ ହୋଇଛି। ଛାତ୍ରୀଛାତ୍ରମାନେ ଉତ୍ସାହର ସହିତ ପରୀକ୍ଷା ଦେଉଥିବା ଦେଖିବାକୁ ମିଳିଛି।

## ସଂକ୍ଷେପରେ

### ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ୭୩୭ ଛାତ୍ରୀଛାତ୍ର ଦେଲେ ପରୀକ୍ଷା

ଭବାନୀପାଟଣା,୧୬।୨(ଉତ୍ତମ କୁମାର ଦାଶ)

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ଦ୍ୱାରା ପରିଚାଳିତ ଯୁକ୍ତ ୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏଥିରେ ପ୍ରଥମ ଦିନ ଯୁକ୍ତ ୨ (ବିଜ୍ଞାନ) ଛାତ୍ରୀଛାତ୍ରମାନେ ସାହିତ୍ୟ ପରୀକ୍ଷା ଦେଇଥିଲେ। ଏହିପରିପ୍ରେକ୍ଷୀରେ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ଶୁକ୍ରବାର ପ୍ରଥମ ଦିନରେ ୭୪୭ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୭୩୭ଜଣ ପରୀକ୍ଷା ଦେଇଛନ୍ତି। ପ୍ରଥମ ଦିନରେ ୧୦ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ବିକାଶ କଲେଜ, ପ୍ରଗତି, ବିନାୟକ, ଏବିସିଏସ, ଗାୟତ୍ରୀ ଓ ସରସ୍ୱତୀ କଲେଜର ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ।

### କଳାହାଣ୍ଡିରେ କାଁଭାଁ ଭାରତ ବନ୍ଦ ପ୍ରଭାବ

ଭବାନୀପାଟଣା,୧୬।୨(ଉତ୍ତମ କୁମାର ଦାଶ)

କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିକୁ ବିରୋଧ କରି ବିଭିନ୍ନ ସଙ୍ଗଠନ ପକ୍ଷରୁ ଶୁକ୍ରବାର ଭାରତ ବନ୍ଦ ଡାକରା ଦିଆଯାଇଥିଲା। ଏହାର ପ୍ରଭାବ କଳାହାଣ୍ଡି ଜିଲାରେ କାଁଭାଁ ଦେଖିବାକୁ ମିଳିଛି। ଜିଲାର ମୁଖ୍ୟାଳୟ ଭବାନୀପାଟଣା ସମେତ ଜୁନାଗଡ଼ ସହରରେ ସଂଯୁକ୍ତ କିଷାନ ମୋର୍ଚ୍ଚା, ଟ୍ରେଡ ୟୁନିୟନ ମିଳିତ ମଞ୍ଚ, ସ୍ୱାଧୀନ ଫେଡେରେଶନ ସମୂହ, ଏଆଇଟିୟୁସି, ଏଆଇଏସଏଫ, ଉତ୍କଳ ମହିଳା ସମିତି, ସିପିଆଇ ସମେତ ବିଭିନ୍ନ ଶ୍ରମିକ ଓ ଚାଷୀ ସଙ୍ଗଠନ ପକ୍ଷରୁ ବିଭିନ୍ନ ସ୍ଥାନରେ ପିକେଟିଂ କରି ବନ୍ଦ ପାଳନ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। କୃଷି ଋଣ ଛାଡ ଓ ୪ଟି ଶ୍ରମ କୋର୍ଡ ବାତିଲ ଦାବିରେ ଆନ୍ଦୋଳନକାରୀମାନେ ମୋଦି ସରକାରଙ୍କ ବିରୋଧରେ ବର୍ଷିଥିଲେ।

### ପୋଲ ତଳୁ ଯୁବକଙ୍କ ମୃତଦେହ ଜବତ

ଭବାନୀପାଟଣା,୧୬।୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା କର୍ଲାପାଟ ଥାନା ଅନ୍ତର୍ଗତ ଡାଲଗୁମା ଗ୍ରାମ ଏକ ପୋଲ ତଳୁ ଶୁକ୍ରବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ସେହି ଗାଁର ମହାନ୍ତି ମାଝି। ଯୁବକ ଗତ ୨ଦିନ ଧରି ନିଖୋଜ ଥିବା ବେଳେ ଶୁକ୍ରବାର ତାଙ୍କ ମୃତଦେହ ମିଳିଥିଲା। ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଥିବା ସୂଚନା ମିଳିଛି । ଏ ନେଇ କର୍ଲାପାଟ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ପୋଲିସ ତଦନ୍ତ କରୁଛି।

### ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ

ରିଷିଡ଼ା,୧୬।୨(ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହସ୍ଥିତ ପିରବତୀ ମହିଳା କଲେଜଠାରେ ୨ୟ ବର୍ଷ ଛାତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ପ୍ରତିଷ୍ଠାତା ମୁରଲୀଧର ରଣାଙ୍କ ସଭାପତିତ୍ୱରେ କୌଶିକ ବାବା ଡିଗ୍ରୀ କଲେଜ ଇଂଲିଶ ଅଧ୍ୟାପକ ମାନସ ରଞ୍ଜନ ବାଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଙ୍କୁ ନୈତିକ ଶିକ୍ଷା ଉପରେ ବୁଝାଇଥିଲେ। ଓଡ଼ିଆ ଅଧାପକ ଯଶୋବନ୍ତ ରଣା ମଞ୍ଚ ପରିଚାଳନା କରିଥିଲେ। ସମାଜ ବିଜ୍ଞାନ ଅଧାପିକା ପିଙ୍କି ଭୋଇ, ଶିକ୍ଷା ଅଧାପିକା ସୁଶ୍ରୀ ଇପ୍ସିତା ରଣା, ଓଡ଼ିଆ ଅଧାପକ ଶ୍ରୀମାନ ଦେବବ୍ରତ ରଣା, ଶୋଭାକର ଘିଭେଲା, ହରେକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

### ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ନୂଆପଡ଼ା,୧୬।୨(ମକାରୁ ବେମାଲ)

ସ୍ଥାନୀୟ ମିନି ଷ୍ଟାଡିୟମଠାରେ ନୂଆପଡା ଜିଲା ପ୍ରଶାସନ ଓ ଓରମାସଙ୍କ ମିଳିତ ଆନୁକୂଲ୍ୟରେ ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦଘାଟିତ ହୋଇଯାଇଛି। ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି। ଜିଲା ପରିଷଦ ଅଧକ୍ଷା ଡଲି ମାଝି, ଉପାଧକ୍ଷା ଦୀପିକା ଦୀପ, ସଦର ବ୍ଲକ ଅଧକ୍ଷା ତାରେଶ୍ୱରୀ ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଜିଲା ମୁଖ୍ୟ ଉନ୍ନୟନ ନିର୍ବାହ ଅଧିକାରୀ ଲମ୍ବୋଦର ଧରୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମେଳାରେ ୧୫୩ଟି ଷ୍ଟଲ ଲାଗିଥିବା ବେଳେ ଓରମାସର ୯୬ଟି, ମିଶନଶକ୍ତିର ୪୦ଟି ଓ ଅନ୍ୟ ଷ୍ଟଲ ରହିଛି।

# କଳାହାଣ୍ଡି ପିଆଜର ଚାହିଦା ବଢୁଛି

- ଷ୍ଟୋରେଜ ପଏଣ୍ଟ ଅଭାବ ଚାଷୀ ପାଇଁ ସମସ୍ୟା ସାଜିଛି
- ଆବଶ୍ୟକ ବିହନର ୫୦ ପ୍ରତିଶତ ପହଞ୍ଚିଛି

ଭବାନୀପାଟଣା,୧୬।୨(ଉତ୍ତମ କୁମାର ଦାଶ)



ପିଆଜ ଚାଷ।

କଳାହାଣ୍ଡି ପିଆଜର ଚାହିଦା ଥାଇ ସୁଦ୍ଧା ନିର୍ଦ୍ଦିଷ୍ଟ କେତେକ କାରଣରୁ ଚାଷୀ ସବୁବେଳେ ଅସୁବିଧା ପରିଲକ୍ଷିତ ହେଉଥିବା ଲକ୍ଷ୍ୟ କରାଯାଇଛି। ପ୍ରତିବର୍ଷ ପିଆଜ ଚାଷୀ ଷ୍ଟୋରେଜ ପଏଣ୍ଟ ଓ ଶୀତଳ ଭଣ୍ଡାର ନ ଥିବାରୁ ଅମଳ ସମୟରେ ପିଆଜ କମ ମୂଲ୍ୟରେ ବିକ୍ରି କରୁଛନ୍ତି। ଏଥର ନୂଆ ସମସ୍ୟା ସ୍ୱରୂପ କଳାହାଣ୍ଡି ଜିଲାରେ ଆବଶ୍ୟକ ଥିବା ପିଆଜ ବିହନ ୫୦ ପ୍ରତିଶତ ବିହନ ପହଞ୍ଚିଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ଚାଷୀ ପିଆଜ ବିହନର ଅଭାବ ଯୋଗୁ ଚିନ୍ତାରେ ପଡିଛି। କଳାହାଣ୍ଡି ଜିଲାରେ ଧାନ, କପା ପରେ ପିଆଜ ଚାଷ ସମଗ୍ର ଓଡ଼ିଶାରେ ତାର ଏକ ସତନ୍ତ୍ର ସ୍ଥାନ ବଜାୟ ରଖିଛି। କଳାହାଣ୍ଡି ଜିଲାରେ ୨୭୬୮ ହେକ୍ଟର ଜମିରେ ପିଆଜ ଚାଷ ହେଉଥିବା ବେଳେ ଉଦ୍ୟାନ ବିଭାଗ ୩୦୦୦ରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ପିଆଜ ଚାଷ ପାଇଁ ଟାର୍ଗେଟ ରଖିଛି। କିନ୍ତୁ ତାହା ସମ୍ଭବ ହେଉନାହିଁ। ପ୍ରାୟ ୬୦୦୦ରୁ ଊର୍ଦ୍ଧ୍ୱ ପରିବାର ପିଆଜ ଚାଷ ଉପରେ ନିର୍ଭର କରୁଛନ୍ତି। ଜିଲାର ଗୋଲାମୁଣ୍ଡା, ଜୁନାଗଡ଼, ନର୍ଲା, କେସିଙ୍ଗା, ଭବାନୀପାଟଣା, କୋକସରା ବ୍ଲକରେ ପିଆଜ ଚାଷ ପ୍ରଚୁର ପରିମାଣରେ ହୋଇଥାଏ। ଜିଲାରେ ଷ୍ଟୋରେଜ ପଏଣ୍ଟ ନ ଥିବାରୁ ପ୍ରତିବର୍ଷ ଚାଷୀ ତରବରିଆ ହେଇ ପିଆଜ ବିକ୍ରୀ କରିବାକୁ ବାଧ ହେଉଛି। ବଜାରରେ କଳାହାଣ୍ଡି ପିଆଜ ଶେଷ ହେବା ପରେ ନାସିକ ପିଆଜ ଉପରେ ନିର୍ଭର କରିବାକୁ ପଡୁଛି। ଏଥି ପୂର୍ବରୁ କଳାହାଣ୍ଡି ଜିଲାରେ ଅନ୍ୟୁନ ୨୫୦୦ ମେଟ୍ରିକ ଟନ ପିଆଜ ଷ୍ଟୋରେଜ ବ୍ୟବସ୍ଥା କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୫୦୦ ମେଟ୍ରିକ ଟନ ୨ଟି ଷ୍ଟୋରେଜ ପଏଣ୍ଟ ଗୋଟିଏ ଭବାନୀପାଟଣା ବ୍ଲକ ବୋର୍ଡାଠାରେ ଏବଂ ଅନ୍ୟଟି ଜୁନାଗଡ଼ ବ୍ଲକରେ କରିବା ପାଇଁ ସ୍ଥିର କରାଯାଇଥିଲା। ଗୋଟିଏ ଷ୍ଟୋରେଜ ପଏଣ୍ଟ ୮୫ ଲକ୍ଷ ୬୮ ହଜାର ୧୬୪ ଟଙ୍କା ବିନିଯୋଗ ହେବ ବୋଲି ବିଭାଗ ସ୍ଥିର କରିବା ସହ ଟେଣ୍ଡର ଆହ୍ୱାନ କରିଥିଲେ ଏବଂ ଟେଣ୍ଡର ଖୋଲାଯିବା ପରେ ଯେଉଁ ବ୍ୟକ୍ତି ଟେଣ୍ଡର ପାଇଥିଲେ ଏଯାବତ୍ କୌଣସି ଖୋଜଖବର ନାହିଁ ବୋଲି ଡିଆରସିସି କାର୍ଯ୍ୟାଳୟ ପକ୍ଷରୁ ଜଣାପଡିଛି। ସମଗ୍ର ଜିଲାରେ ୩୭ଟି ଷ୍ଟୋରେଜ ଷ୍ଟ୍ରକଚର ଅଛି, କିନ୍ତୁ ଜିଲାରେ ୩୭୯୮୩ ମେଟ୍ରିକ ଟନ ପିଆଜ ଅମଳ ହେଉଛି। ଚାଷୀ ନିଜ ଉଦ୍ୟମରେ ୧୭୫୦୦୦ ଟଙ୍କା ବ୍ୟୟରେ ଷ୍ଟୋରେଜ ଷ୍ଟ୍ରକଚର କରିବା ପରେ ୮୭୫୦୦ ଟଙ୍କା ରିହାତି ମିଳିବା ବ୍ୟବସ୍ଥା ସ୍ଥାୟୀ ଥିଲେ ମଧ ଏକକାଳୀନ ଅର୍ଥ ବିନିଯୋଗ କରିବାରେ ଚାଷୀଙ୍କ ପାଇଁ ସମ୍ଭବ ହୋଇପାରୁନାହିଁ। ଅନେକ ସମୟରେ ପିଆଜ ସଂରକ୍ଷିତ କରି ରଖିବା ବ୍ୟବସ୍ଥା ନ ଥିବାରୁ କେଜି ପିଛା ସାତ ଆଠ ଟଙ୍କାରେ ବିକ୍ରି କରିବା ନଜିର ରହିଛି। ବର୍ଷର ମାତ୍ର କିଛି ମାସକୁ ବାଦ ଦେଲେ ଅନ୍ୟ ସମୟରେ କଳାହାଣ୍ଡିବାସୀ ନାସିକ ପିଆଜ ଉପରେ ନିର୍ଭର କରିବାକୁ ପଡୁଛି। ପିଆଜ ଚାଷୀଙ୍କ ହିତ ଦୃଷ୍ଟିରୁ ଅଧିକରୁ ଅଧିକ ଷ୍ଟୋରେଜ ପଏଣ୍ଟ ନିର୍ମାଣ କରିବା ଜରୁରୀ। ଜିଲା ପ୍ରଶାସନ ଓ ଉଦ୍ୟାନ ବିଭାଗ କେବେ ଚାଷୀଙ୍କ ଏହି ସମସ୍ୟା ଦୂର କରିବେ ତାହା ଆଗାମୀ ଦିନରେ ଜଣାପଡିବ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା




ବାର୍ଷିକ କ୍ରୀଡ଼ା ଉତ୍ସବରେ ମଞ୍ଚାସୀନ ଅତିଥି।

ଖଡ଼ିଆଳ,୧୬।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ସ୍ଥିତ ଉତ୍କଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ନେଇ ବ୍ଲକସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅସରଗ୍ରହଣ କରିଥିବା ବିଇଓ ସରୋଜ କୁମାର ବେହେରା, ମୁଖ୍ୟବକ୍ତା ଭାବେ ଅସରପ୍ରାପ୍ତ ଏବିଇଓ ପ୍ରମୋଦ ନାଥ ପତି, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଙ୍ଗୀତା ପାଲ, ସିଆରସିସି ପ୍ରଶାନ୍ତ କୁମାର ପଣ୍ଡା, ସିଆରସିସି ଜିତେନ୍ଦ୍ର କୁମାର ସାହୁ, ରାଜାଏଟି ହାଇସ୍କୁଲ କ୍ରୀଡା ଶିକ୍ଷକ ରତନ ସିଂ ବାରିକ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ଦିବ୍ୟାଙ୍ଗମାନେ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ପ୍ରୟାସ ଜାରି ରଖିଥିବାରୁ ପ୍ରଶଂସା କରିଥିଲେ। ପ୍ରତିଯୋଗିତାରେ ବିଭିନ୍ନ ଖେଳ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ କୃତିତ୍ୱ ହାସଲ କରିଥିବା ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ଭାଗ ନେଇଥିବା ସମସ୍ତ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ସାନ୍ତ୍ୱନା ମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ବିଆରଟି ଗୋପାଳକୃଷ୍ଣ ମେହେର ଓ ବିଆରଟି ମନୋଜ କୁମାର ପାଣିଗ୍ରାହୀ ପରିଚାଳନା କରିଥିଲେ।

## ଜିଲାସ୍ତରୀୟ ନିଯୁକ୍ତିମେଳା



ନିଯୁକ୍ତି ମେଳାକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ଖଡ଼ିଆଳ,୧୬।୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ରାଜା ଏଟି ଖେଳ ପଡିଆଠାରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଉଦଘାଟିତ ହୋଇଯାଇଛି। ମୁଖ୍ୟଅତିଥି ରୂପେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ଯୋଗ ନିଯୁକ୍ତିର ସୁଯୋଗ ସୃଷ୍ଟି ଦ୍ୱାରା ଯୁବ ପିଢୀ ଉପଯୁକ୍ତ ମାର୍ଗରେ ନିଯୁକ୍ତି ପାଇ ରୋଜଗାର କ୍ଷମ ହେଉଥିବା ପ୍ରକାଶ କରିଥିଲେ। ସଭାରେ ଜିଲା ନିଯୁକ୍ତି ଅଧିକାରୀ ବିନୋଦ ପ୍ରକାଶ ଲାକ୍ରା, ଖଡିଆଳ ବିଡ଼ିଓ ବିରସେନ ବେହେରା, ଖଡିଆଳ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ଖିଲାର, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ଖଡିଆଳ ଆଇଟିଆଇ ଅଧକ୍ଷ ଅକ୍ଷୟ କୁମାର ମିଶ୍ର ଯୋଗଦେଇ ଯୁବ ଗୋଷ୍ଠୀ ନିଯୁକ୍ତି ହେଲେ ରାଜ୍ୟ ବିକଶିତ ହେବା ସହ ପଥ ଭ୍ରଷ୍ଟ ହେବେ ନାହିଁ ବୋଲି ମତବ୍ୟକ୍ତ କରିଛନ୍ତି। ଜିଲା ତଥା ରାଜ୍ୟସ୍ତରରୁ ୨୫ରୁ ଊର୍ଦ୍ଧ୍ୱ କମ୍ପାନୀ ଆସିଥିବା ସୂଚନା ଦେଇଛନ୍ତି। ଖଡିଆଳ, ବୋଡ଼େନ, କୋମନା, ସିନାପାଲି ଏବଂ ନୂଆପଡ଼ା ବ୍ଲକରୁ ଶତାଧିକ ଯୁବକ ଯୁବତୀମାନେ ସାମିଲ ହୋଇଥିଲେ।

## ଜାତୀୟ ସେବା ଯୋଜନାର ସମୀକ୍ଷା ବୈଠକ




ଜାତୀୟ ସେବା ଯୋଜନା ବୈଠକରେ ଯୋଗଦେଇଥିବା ଅତିଥି।

ଭବାନୀପାଟଣା,୧୬।୨(ଉତ୍ତମ କୁମାର ଦାଶ)

ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ପ୍ରଭାଗ ଆନୁକୂଲ୍ୟରେ କଳାହାଣ୍ଡି ଓ ନୂଆପଡା ଜିଲାର ସମସ୍ତ କାର୍ଯ୍ୟକ୍ରମ ଅଧିକାରୀ ଓ ଅଫିସ ଆସିଷ୍ଟାଣ୍ଟଙ୍କୁ ନେଇ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିରୋ ବାଲାନ୍ସ ସବ୍‌ସିଡାରି ଆକାଉଣ୍ଟ ଦ୍ୱାରା ଜନସାଧାରଣ ଆର୍ଥିକ ପରିଚାଳନା ବ୍ୟବସ୍ଥା ମାଧ୍ୟମରେ ଏନଏସଏସ୍ ପାଣ୍ଠିର ବ୍ୟୟ, ବିଭିନ୍ନ ନିୟମିତ ଓ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ରିପୋର୍ଟ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବୈଠକରେ କୁଳପତି ପ୍ରଫେସର ସଞ୍ଜୟ କୁମାର ଶତପଥୀ ସଭାପତିତ୍ୱ କରିବା ସହିତ ଆଗାମୀ ଦିନରେ କିଭଳି ଭାବେ ଅଧିକରୁ ଅଧିକ ଛାତ୍ରୀଛାତ୍ର ନିଜକୁ ଏନଏସ ଏସ ମାଧ୍ୟମରେ ଶୃଙ୍ଖଳିତ ଓ ନେତୃତ୍ୱ ନେବାଲାଗି ପ୍ରସ୍ତୁତ କରିପାରିବେ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏନଏସଏସ କାର୍ଯ୍ୟକ୍ରମ ସଂଯୋଜକ ଡ. ଚିତ୍ତରଞ୍ଜନ ଖୁଣ୍ଟିଆ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ନୂଆପଡା ଜିଲା କାର୍ଯ୍ୟକ୍ରମ ଅଧିକାରୀ ପ୍ରଣତି ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ

କର୍ଲାମୁଣ୍ଡା,୧୬।୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଦରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୧୮ତମ ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାପତି ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ମୁଖ୍ୟବକ୍ତା ଭାବେ ସହଜିଲ୍ଲା ପ୍ରମୁଖ ମନ୍ମଥ କୁମାର ମିଶ୍ର, ସମ୍ମାନିତ ଅତିଥି ବ୍ଲକ ଅଧକ୍ଷା କୁନି ସାହୁ, ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ସୁରେଶ ଚୌଧୁରୀ, ଶିଶୁମନ୍ଦିର ସମ୍ପାଦକ କାହ୍ନୁ ଚରଣ ସାହୁ, ପ୍ରଧାନ ଆଚାର୍ଯ୍ୟ ଶାନ୍ତନୁ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଉତ୍ତମ ମଣିଷ ତିଆରିରେ ଗୁରୁଜୀ ଗୁରୁମାଙ୍କ ସହିତ ଅଭିଭାବକଙ୍କ ମଧ ସମାନ ଭୂମିକା ରହିଛି ବୋଲି ମତ ପ୍ରକାଶ କରିବା ସହ ପିଲାଙ୍କୁ ବୁଝିବା ଓ ତାଙ୍କ ପ୍ରତିଭାକୁ ଚିହ୍ନିବାକୁ ହେବ ବୋଲି ଅତିଥିମାନେ କହିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଭଉଣୀ ଭାଇ ଓ ସଫଳତା ପାଇଥିବା ପୁରାତନ ଭଉଣୀ ଭାଇମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ବିଦ୍ୟାମନ୍ଦିର ନୂତନ ଗୃହ ନିର୍ମାଣ ପାଇଁ ଭୂମୀ ଦେବାରେ ସହଯୋଗ କରିଥିବା ରଞ୍ଜା ଗ୍ରାମର କରୁଣା ଭୋଇ ଓ ତାଙ୍କ ପତ୍ନୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭଉଣୀ ଖିତିସ୍ମିତା ଭୋଇ ସଂଯୋଜନା ଓ ପୁରସ୍କାର ବିତରଣ ସଭାରେ ଗୁରୁଜୀ ତୁମ୍ଭେଶ୍ୱର ସାହୁ ସଂଯୋଜନା କରିଥିଲେ। ଯୁଗ୍ମ ସମ୍ପାଦକ ଜତୀନ୍ଦ୍ର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଭଉଣୀ ଭାଇମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କ ମନମୋହିଥିଲ।

## ଏମ୍‌ସିସି କ୍ରିକେଟ ଟୁର୍ନାମେଣ୍ଟ: ମଦନପୁର ଚାମ୍ପିୟନ



ମଦନପୁର,୧୬।୨(ସନ୍ତୋଷ କୁମାର ଦଣ୍ଡସେନା)

କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁର ଖେଳପଡିଆରେ ଚାଲିଥିବା ଏମସିସି. କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଛ। ମଦନପୁର ଏମସିସି ଓ ଉଫେର ମଧରେ ଅନୁଷ୍ଠିତ ଫାଇନାଲ ମ୍ୟାଚରେ ମଦନପୁର ଏମସିସି ଚାମ୍ପିୟନ ହୋଇଛି। ପ୍ରଥମେ ମଦନପୁର ଏମସିସି ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୭୭ କରିଥିଲା। ଜବାବରେ ଉଫେର ଦଳ ନିର୍ଦ୍ଧାରିତ ୧୦ ଓଭରରେ ୬୫ ରନ କରି ପରାଜିତ ହୋଇଥିଲା। ମଦନପୁର କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ଟୁର୍ନାମେଣ୍ଟର ଉଦଯାପନୀ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ରାଜ୍ୟ ସଭା ସଦସ୍ୟ ସୁଜିତ କୁମାର, ସମ୍ମାନିତ ଅତିଥି ଭାବେ ରାଜ୍ୟ ସରପଞ୍ଚ ସଂଘ ସଭାପତି ରୋମାଞ୍ଚିଲ ସାହୁ, ସାମାଜିକ କର୍ମୀ ବିକାଶ ରଞ୍ଜନ ସିଂଦେଓ ପ୍ରମୁଖ ଉପସ୍ଥିତଥିଲେ। ମୁଖ୍ୟ ଅତିଥି ଚାମ୍ପିୟନ ଏମସିସି ଦଳକୁ ପୁରସ୍କୃତ କରିଥିଲେ। ଅମ୍ପାୟର ଚିତ୍ତରଞ୍ଜନ ପୂଝାରୀ ଓ ଜିତୁ ମହାନନ୍ଦ ଖେଳ ପରିଚାଳନା କରିଥିଲେ। ଯେମନ୍ତ କପାଟ ଓ ମାଧବ ଭୋଇ ଧାରା ବିବରଣୀ ପ୍ରଦାନ କରିଥିଲେ। ରିତେଶ ମହାନନ୍ଦ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ।

## ମହୁଲପଡ଼ା ସେବାଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




ସିନାପାଲି/ବୋଡ଼େନ,୧୬।୨ (ମନଫୁଲ ମେହେର/ଟିକେଶ୍ୱର ନାଗ)

ନୂଆପଡା ଜିଲା ବୋଡ଼େନ ବ୍ଲକ ଅନ୍ତର୍ଗତ ମହୁଲପଡା ସେବାଶ୍ରମ ବିଦ୍ୟାଳୟ ଏକ ଅନୁସୂଚୀତ ଜାତି ଓ ଜନଜାତିଙ୍କ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ କମଲ ସିଂହ ମାଝିଙ୍କ ଅଧକ୍ଷତାରେ ବାର୍ଷିକ ଉତ୍ସବ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥି ଜିଲା ଶିକ୍ଷା ନିରୀକ୍ଷକ ଉଦୟ ସିଂ ମାଝି, ସମ୍ମାନିତ ଅତିଥି ପୂର୍ବତନ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗଦୀଶ ପ୍ରସାଦ ଖମାରୀ, ଜିଲା ଶିକ୍ଷକ ସଂଘ ସଭାପତି ଶୁଶୀଳ କୁମାର ପତୀ, ବ୍ଲକ ଶିକ୍ଷକ ସଂଘ ସଭାପତି ଶ୍ୟାମ କୁମାର ଦଣ୍ଡସେନା, ଉପ୍ରା ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ମହାବୀର ଯୋଷୀ, ମୁଖ୍ୟବକ୍ତା କନକ ବର୍ଦ୍ଧନ ସାହୁ ମଞ୍ଚାସୀନ ହୋଇଥିଲେ। ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ଗାନ ହୋଇଥିବା ବେଳେ ସେବିକା ଜୋସ୍ନାମୟୀ ଜଗତ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଶିଶୁର ସର୍ବାଙ୍ଗୀନ ବିକାଶ ପାଇଁ ବିଭିନ୍ନ ଉନ୍ନତି ମୂଳକ ପଦକ୍ଷେପ ତଥା ଶିଶୁ ପ୍ରତିଭାକୁ ପୁଷ୍ପିତ କରିବା ପାଇଁ ବିଦ୍ୟାଳୟ ଅବଦାନ ସମ୍ପର୍କରେ ଅତିଥିମାନେ ବକ୍ତବ୍ୟରେ ପ୍ରଦାନ କରି ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଶିକ୍ଷକ ଡ଼ିସମ୍ବର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକମାନଙ୍କୁ ଆକର୍ଷିତ କରିଥିଲା।

## କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ

କୋମନା,୧୬।୨(ସୋବିନ ଛତ୍ରିଆ)

ନୂଆପଡା ଜିଲା କୋମନା ବ୍ଲକ ଖଇରଭାଡିଠାରେ ୧୮ତମ ଜୟ ମା' ବନ୍ଦ ଗୋସିଆନ କ୍ରିକେଟ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଫାଇନାଲ ଖେଳ ଉଦ୍ୟାନବନ୍ଧ ଓ ଖଇରଭାଡି ମଧରେ ଅନୁଷ୍ଠିତ ହୋଇଥିଲା। ଉଦ୍ୟାନବନ୍ଧ ଟସ ଜିଣି ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରିଥିଲା। ଜବାବରେ ଖଇରଭାଡି ୫ ଉଇକେଟ ହରାଇ ୧୦୬ ରନ ସଂଗ୍ରହ କରି ମ୍ୟାଚ ଡ୍ର କରିଥିଲା। ପରେ ଖେଳ ପରିଚାଳକ ମାନେ ଦୁଇ ଟିମକୁ ଗୋଟିଏ ସୁପର ଓଭରର ସୁଯୋଗ ଦିଆଯାଥିଲା। ଖଇରଭାଡି ସୁପର ଓଭରରେ ୧୦ ରନ କରିଥିଲା। ଉଦ୍ୟାନବନ୍ଧ ୫ ବଲରେ ୧୧ ରନ କରି ବିଜେତା ହୋଇଥିଲା। ବିଜେତା ଦଳକୁ ପୁରସ୍କାର ଭାବେ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ରନର ଅପ୍ ଖଇରଭାଡି ଦଳକୁ ନଗଦ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭାଜପା ଯୁବ ମୋର୍ଚ୍ଚା ସଭାପତି ଅଭିନନ୍ଦନ ପଣ୍ଡା ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଜିଲା ପରିଷଦ ଉପାଧାକ୍ଷା ଦୀପିକା ଦୀପ, ଜିଲା ପରିଷଦ ସଭ୍ୟ ଭାନୁପ୍ରତାପ ମାଝି, ରାମଲାଲ ହଂସ, କୁରେଶ୍ୱର ସରପଞ୍ଚ ବିଜୟ ଲକ୍ଷ୍ମୀ ବରାଳ, ତୁଳସ ପଟେଲ, ଶତ୍ରୁଘନ ସ୍ୱାଇଁ, ସଦାନନ୍ଦନ ଯୋଶୀ ପ୍ରମୁଖ ଉପସ୍ଥିତଥିଲେ। ବିପେନ୍ଦ୍ର ମଲ୍ଲିକ ଓ ଦେବରାଜ ପୂଝାରୀ ଖେଳ ପରିଚାଳନା କରିଥିଲେ। ମୀନକେତନ ପୂଝାରୀ, ନରେନ୍ଦ୍ର ପୂଝାରୀ, ଯୋଗେନ୍ଦ୍ର ବିଶାଳ, ଜୟରାମ ଅହୀର, ମେମିଛନ ଅହିର, କୋମନ୍ଦଲ ମାଝି, ଧନରମ ଅହିର, ମେଘରାଜ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ଗ୍ରୀଷ୍ମ ପୂର୍ବରୁ ଲଛିପୁର, କଦଳୀମୁଣ୍ଡାରେ ଜଳ ସଙ୍କଟ

ବେହେରା,୧୬।୨(ଭୂପେଶ ତିୱାରୀ)

**ବସୁଧା ଯୋଜନା ବାଟବଣା**



କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ଲଛିପୁର ଓ କଦଳୀମୁଣ୍ଡା ଗ୍ରାମରେ ଗ୍ରୀଷ୍ମଋତୁ ପୂର୍ବରୁ ଜଳ ସଙ୍କଟ ଦେଖାଯାଇଛି। ସରକାର ଗ୍ରାମାଞ୍ଚଳ ଲୋକଙ୍କ ଜଳ ସମସ୍ୟା ଦୂର ପାଇଁ ବସୁଧା ଯୋଜନା ମାଧ୍ୟମରେ ପ୍ରତି ଘରକୁ ଜଳଯୋଗାଣ ବ୍ୟବସ୍ଥା କରିଛନ୍ତି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦୁରଦୃଷ୍ଟି ଅଭାବ ତଥା ଠିକାଦାରଙ୍କ ନିମ୍ନମାନର କାମ ଯୋଗୁ କଦଳୀମୁଣ୍ଡା ଗାଁରେ ଜଳଯୋଗାଣ ଠପ ହୋଇପଡିଛି। ପ୍ରକାଶ ଥାଉ କି ଗତ ୩ ବର୍ଷ ତଳେ ୬୪୪ ପରିବାରକୁ ଦୈନିକ ୭୦ ଲିଟର ପାଣି ଯୋଗାଇବା ଲକ୍ଷ ନେଇ ୨ କୋଟି ୮୭ ହଜାର ଟଙ୍କା ବ୍ୟୟରେ ବସୁଧା ଯୋଜନାରେ ପାଣି ଟାଙ୍କି ନିର୍ମାଣ କରାଯାଇଥିଲା। କିନ୍ତୁ ପାଣି ପାଇପ ନିମ୍ନମାନର ହୋଇଥିବାରୁ ଅନେକ ସମୟରେ ପାଣି ପାଇପ ଫାଟିଯାଇ ପାଣି ଯୋଗଣ ବନ୍ଦ ହୋଇଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଦୀର୍ଘ ୩ କି.ମି. ଥିବା ମୁଦ୍ରାନଦୀରୁ ପାଣି ଉଠାଯାଇ ଲଛିପୁର ଓ କଦଲୀମୁଣ୍ଡା ଗାଁକୁ ପାଣି ଯୋଗାଇ ଦିଆଯାଇଥାଏ। ନିର୍ମିତ ପାଣିଟାଙ୍କିଠାରୁ ଗାଁ ଦ୍ୱୟ ଉଚ୍ଚରେ ଥିବାରୁ ଅନେକ ସମୟରେ ପାଣି ପାଇପ ଫାଟି ଜଳଯୋଗାଣ ବନ୍ଦ ରହିଥାଏ। ପୁଣି ଡିଆଇ ପାଇପ ବଦଳରେ ଅର୍ଦ୍ଧେକ ଯାଗାରେ ପ୍ଲାଷ୍ଟିକ ପାଇପ ଦିଆଯାଇଥିବା ଏବଂ ନିମ୍ନମାନର ଯନ୍ତ୍ରାଂଶ ବ୍ୟବହାର ହେଉଥିବାରୁ ବସୁଧା ଯୋଜନା ଫେଲ ମାରୁଥିବା ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଗତ ସପ୍ତାହ ତଳେ ଆରଡି ବିଭାଗ ଦ୍ୱାରା ରାସ୍ତା କାମରେ ବ୍ୟବହୃତ ଜେସିବି ମେଶିନ ବାଜି ଲଛିପୁରି ପଟେଲପଡାଠାରେ ପାଣି ପାଇପ ଫାଟି ଯାଇଥିବାରୁ ପାଣି ପାଇପାରୁ ନାହାନ୍ତି। ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କର୍ଣ୍ଣପାତ କରୁ ନ ଥିବା ଗ୍ରାମବାସୀ ପ୍ରକାଶ କରନ୍ତି। ଏ ନେଇ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଏହାର ତଦନ୍ତ କରି ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ଆଗକୁ ପ୍ରବଳ ଗ୍ରୀଷ୍ମପ୍ରବାହ ଦୃଷ୍ଟିରେ ରଖି ଲୋକଙ୍କୁ ଜଳ ସଙ୍କଟରୁ ରକ୍ଷା କରିବା ପାଇଁ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ସଂକ୍ଷେପରେ

### ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

**ଝାରବନ୍ଧ,୧୬।୨ (ଦେବେନ୍ଦ୍ର ସାହୁ):** ଝାରବନ୍ଧ ଥାନା ଉଭାଠାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଶୁକ୍ରବାର ଜବତ ହୋଇଛି। ମୃତକ ହେଲେ ରାଜେନ୍ଦ୍ର କୈବର୍ତ୍ତ(୨୪)। ଝାରବନ୍ଧ ଥାନା ପୋଲିସ ଏକ ମାମଲା (ନଂ.୨/୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଆତ୍ମହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଉଭା ଗ୍ରାମ ନିକଟସ୍ଥ ଜଙ୍ଗଲର ଏକ ଗଛରେ ରାଜେନ୍ଦ୍ର ଝୁଲୁଥିବା ଦେଖି ପରିବାର ଲୋକେ ସୂଚନା ଦେଇଥିଲେ ବୋଲି ଥାନାଧିକାରୀ ଶୁଚିସ୍ମିତା ମହାନ୍ତି କହିଛନ୍ତି।

### ବିଦ୍ୟୁତ୍ ଖୁଣ୍ଟରୁ ପଡ଼ି ଲାଇନମ୍ୟାନ୍ ମୃତ

**ପାଇକମାଲ,୧୬।୨(ବଡ ଶତପଥି):** ବରଗଡ଼ ଜିଲା ପାଇକମାଲ ଛକ ନିକଟ ବିଦ୍ୟୁତ୍ ଖୁଣ୍ଟରେ ଚଢ଼ି ଲାଇନ ସଂଯୋଗ କରୁଥିବା ବେଳେ ତଳେ ପଡ଼ି ଜଣେ ଲାଇନ ମ୍ୟାନଙ୍କ ଶୁକ୍ରବାର ମୃତ୍ୟୁ ଘଟିଛି। ମୃତକ ହେଲେ ଚେରେଙ୍ଗାଝାଞ୍ଜି ଗ୍ରାମର କୁଦଣ୍ଡ ମଲ୍ଲିକ(୨୮)। ଏ ନେଇ କୁଦଣ୍ଡଙ୍କ ବାପା ପାଇକମାଳ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ. ୩୫/୨୪) ରୁଜୁ କରି ତଦନ୍ତ କରୁଛି। ଶୁକ୍ରବାର ପାଇକମାଳ ଟିପିଡବ୍ଲ୍ୟୁଓଡିଏଲର ୩ ଜଣ କର୍ମଚାରୀ ଜଣେ ହିତାଧିକାରୀଙ୍କ ବିଦ୍ୟୁତ୍ ସଂଯୋଗ ପାଇଁ ଯାଇଥିଲେ। କୁଦଣ୍ଡ ଲାଇନ ସଂଯୋଗ କରି ଓହ୍ଲାଇଲା ବେଳେ ତଳେ ପଡ଼ିଯାଇଥିଲେ। ମହେନ୍ଦ୍ର ଓ ସୁଜିତ ତାଙ୍କୁ ପାଇକମାଳ ସରକାରୀ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ।

### ବରିଷ୍ଠ ଭାଜପା ନେତାଙ୍କ ଦେହାନ୍ତ

**ସୋହେଲା,୧୬।୨(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ବ୍ଲକ ଡୁମେରପାଲିର ବରିଷ୍ଠ ଭାଜପା ନେତା ଅଖିଳ ବାରିକ(୬୫)ଙ୍କ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ଦେହାନ୍ତ ଘଟିଛି। ସ୍ୱର୍ଗତ ବାରିକ ଡୁମେରପାଲିର ସରପଞ୍ଚଭାବେ ଥରେ ନିର୍ବାଚିତ ହୋଇଥିଲେ। ଏଥିସହ କୃଷକ ବିକାଶ ମଞ୍ଚର ପ୍ରତିଷ୍ଠାତା ସଦସ୍ୟ ଥିଲେ। ତାଙ୍କ ବିୟୋଗରେ ପୂର୍ବତନ ବିଧାୟକ ମହମ୍ମଦ ରଫିକ, ଇରାସିସ୍ ଆଚାର୍ଯ୍ୟ, ସୁଶାନ୍ତ ମିଶ୍ର, ସୌରି ଚରଣ ବାରିକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

### ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ପାଇକମାଲ,୧୬।୨(ବଡ ଶତପଥି):** ପାଇକମାଲ ବ୍ଲକ ଏମଇ ସ୍କୁଲ ପଡିଆରେ ଶୁକ୍ରବାର ପଦ୍ମପୁର ପୂର୍ବତନ ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ସ୍ମୃତିରେ ପ୍ରଥମ ସର୍ବଭାରତୀୟ ବିଜୟ ରଞ୍ଜନ ସିଂ ବରିହା ସ୍ମାରକୀ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ପାଇକମାଳ ବ୍ଲକ ବିଜୁ ଯୁବ ଜନତା ଦଳର ସଭାପତି ଗୌତମ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟିକା ବର୍ଷା ସିଂ ବରିହା ଓ ସମ୍ମାନିତ ଅତିଥି ଭାବେ ସ୍ମୃତି ବଲିଆର ସିଂ, ବରଗଡ଼ ଜିଲା ପରିଷଦ ଅଧକ୍ଷା ମାନିନୀ ଭୋଇ, ପଦ୍ମପୁର ବ୍ଲକ ଅଧକ୍ଷା ରଞ୍ଜିତ ସିଂ ବରିହା, ପାଇକମାଲ ବ୍ଲକ ଅଧକ୍ଷା ଭାବନା ସିଂ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ସମ୍ବଲପୁର ଓ ଜୟପୁର ମଧ୍ୟରେ ହୋଇ ସମ୍ବଲପୁର ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ନୟାଗଡ ଓ ପାଇକମାଳ ମଧ୍ୟରେ ହୋଇ ନୟାଗଡ ବିଜୟୀ ହୋଇଥିଲା।

# ଗାଁ ଗାଁରେ ତାତିଲେ ଚାଷୀ ସଙ୍ଗଠନ

**ସଂଯୁକ୍ତ କିଷାନ ମୋର୍ଚ୍ଚାର ଗ୍ରାମୀଣ ଆନ୍ଦୋଳନକୁ ସମର୍ଥନ**

**ବରଗଡ଼,୧୬।୨(ପ୍ରେମାନନ୍ଦ ଖମାରୀ)**





ଭଟଲି ବ୍ଲକ କନକବିରାରେ ଚାଷୀ ସମାବେଶ । ଜୟ କିଷାନ ଆନ୍ଦୋଳନର ଚାଷୀ ସମାବେଶ ।

ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନରେ ଭାରତ ବନ୍ଦ ଗ୍ରାମୀଣ ଆନ୍ଦୋଳନ ଡାକରା ଦିଆଯାଇଥିଲା। ଏହାକୁ ବରଗଡ଼ ଜିଲାରେ ସମର୍ଥନ କରାଯାଇଛି। ଏହି କ୍ରମରେ ଜିଲାର ଚାଷୀ ସଙ୍ଗଠନ ଗୁଡ଼ିକ ବିଭିନ୍ନ ଗ୍ରାମରେ ଶୋଭାଯାତ୍ରା, ସଚେତନତା ବୈଠକ, ଚେତାବନୀ ସମାବେଶ ଆଦି କରିଥିବାବେଳେ କେନ୍ଦ୍ରର ମୋଦି ସରକାରକୁ କୃଷକ ନେତାମାନେ ସମାଲୋଚନା କରିଛନ୍ତି। ସେହିପରି ନିକଟ ଭବିଷ୍ୟତରେ ଜିଲାରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରିବାକୁ ନିଷ୍ପତ୍ତି ନିଆଯାଇଛି ।

ବରଗଡ଼ ଜୟ କିଷାନ ଆନ୍ଦୋଳନ ତରଫରୁ ବାଇକ୍ ରାଲି ସହିତ ବିଭିନ୍ନ ସ୍ଥାନରେ ଚାଷୀ ସମାବେଶ ହୋଇଥିଲା। ଜିଲାର ସଂଗ୍ରାମୀ ପୀଠ ସୋହେଲା ବ୍ଲକ ଅନ୍ତର୍ଗତ ପାଣିମୋରାରୁ ବାଇକ୍ ରାଲି ବାହାରିଥିଲା । ଛୁରିଆପାଲିରେ ରାଲି ସମାପନ ହୋଇଥିଲା। ଜୟ କିଷାନ ଆନ୍ଦୋଳନର ବରଗଡ଼ ଜିଲା ସଭାପତି ସୁଶିଲ କୁମାର ସାହୁ, ସାଧାରଣ ସମ୍ପାଦକ ହର ବଣିଆଁ, ବୃନ୍ଦାବନ ନାୟକ, ତପୋବନ୍ତ ନାୟକ, ଶୁଭେନ୍ଦୁ ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ସରୋଜ ପ୍ରଧାନ, ଯୋଗେଶ୍ୱର ନାୟକ, ଅଶ୍ୱିନୀ ପ୍ରଧାନ, ସୁବ୍ରତ ବାରିକ ପ୍ରମୁଖ ଏହାର ନେତୃତ୍ୱ ନେବା ସହିତ ବୈଠକରେ ଉଦ୍‌ବୋଧନ ଦେଇଥିଲେ। ଚାଷୀମାନେ ହକ୍ ଦାବି କରି ଗଣତାନ୍ତ୍ରିକ ଆନ୍ଦୋଳନକୁ ଓହ୍ଲାଇ ଥିବାବେଳେ ଚାଷୀଙ୍କ ଉପରେ ଯେଭଳି ଜୁଲମ କରାଯାଉଛି, ତାକୁ ସେମାନେ କଡ଼ା ସମାଲୋଚନା କରିଥିଲେ। ସେମାନେ ଉଦବୋଧନ ଦେଇ କହିଥିଲେ, ୩ ନୂତନ କୃଷି ଆଇନ ପ୍ରତ୍ୟାହାର ଏବଂ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦାବିରେ ୧୩ ମାସ ଧରି ଦେଶର କୋଣ, ଅନୁକୋଣରୁ ହଜାର ହଜାର ଚାଷୀ ଦିଲ୍ଲୀ ଯାଇଥିଲେ। ସେତେବେଳେ କୃଷକ ଆନ୍ଦୋଳନ ଯୋଗୁ ନୂତନ କୃଷି ଆଇନ ପ୍ରତ୍ୟାହାର କରାଯାଇଥିଲା। ମାତ୍ର ଏପର୍ଯ୍ୟନ୍ତ ଏମ୍‌ଏସ୍‌ପିକୁ ଆଇନଗତ ମାନ୍ୟତା ଦିଆଯାଇନାହିଁ। ଫଳରେ ପୁଣିଥରେ ପଞ୍ଜାବ, ହରିଆନା ଆଦି ରାଜ୍ୟର ଚାଷୀମାନେ ଦିଲ୍ଲୀ ଯାତ୍ରା କରିଛନ୍ତି। ମାତ୍ର କେନ୍ଦ୍ରର ମୋଦି ସରକାର ଚାଷୀଙ୍କ ଉପରେ ଜୁଲମ କରିଥିବା ସେମାନେ ଅଭିଯୋଗ କରିଛନ୍ତି ।

ସେହିପରି ବରଗଡ଼ ଜିଲା ସଂଯୁକ୍ତ କୃଷକ ସଙ୍ଗଠନ ତରଫରୁ ଭଟଲି ବ୍ଲକ କନକବିରାଠାରେ ଗାଁକୁ ଚାଲ ଅଭିଯାନ ସଚେତନତା ବୈଠକ ହୋଇଥିଲା। ଥବିର ସାହୁଙ୍କ ନେତୃତ୍ୱରେ ହୋଇଥିବା ଏହି ବୈଠକରେ ଶତାଧିକ କୃଷକ ସାମିଲ ହୋଇଥିଲେ। ବୈଠକରେ ଚାଷୀନେତା ରମେଶ ମହାପାତ୍ର, ଶାନ୍ତନୁ ମେହେର, ବବ୍ରୁବାହନ ସାହୁ, ବିଜେ ଠାକୁର, ପବିତ୍ର ପାତ୍ର, ଆନନ୍ଦ ମେହେର, ମୋତିରାମ ସାହୁ, ଜନ୍ମେଜୟ ଠାକୁର, ନେହେରୁ ସାହୁ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ସେମାନେ କହିଥିଲେ, ସଂଯୁକ୍ତ କିଷାନ ମୋର୍ଚ୍ଚା ତରଫରୁ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି) ଗ୍ୟାରେଣ୍ଟି ଆଇନ, ସ୍ୱାମୀନାଥନ କମିଟି ସୁପାରିଶକୁ କାର୍ଯ୍ୟକାରୀ କରିବା, ସମସ୍ତ କୃଷକଙ୍କ ଋଣଛାଡ଼, ନୂତନ ବିଦ୍ୟୁତ ଆଇନ କାର୍ଯ୍ୟାରୀ ନ କରିବା, ପୂର୍ବ ଆନ୍ଦୋଳନର ମାମଲା ବାତିଲ କରିବା, ଆନ୍ଦୋଳନରେ ମୃତ୍ୟୁବରଣ କରିଥିବା କୃଷକ ପରିବାରକୁ ୧କୋଟି ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ ଆଦି ଦାବିରେ ଦିଲ୍ଲୀ ଚଲୋ ଡାକରା ଦିଆଯାଇଥିଲା। ହରିଆନା, ପଞ୍ଜାବ, ଉତ୍ତର ପ୍ରଦେଶର ଚାଷୀ ସଙ୍ଗଠନମାନେ ଗତ ୧୩ତାରିଖରୁ ଦିଲ୍ଲୀ ଅଭିମୁଖେ ବାହାରିଥିଲେ। କିନ୍ତୁ ସରକାର ଚାଷୀମାନଙ୍କ ସମସ୍ୟା ସମାଧାନ କରିବା ବଦଳରେ ଦିଲ୍ଲୀ ପହଞ୍ଚିବା ପୂର୍ବରୁ ରାସ୍ତାରେ ବ୍ୟାରିକେଡ୍ ଲଗାଇ, ରାସ୍ତା ଖୋଳି ଦେଇ, ପୋଲିସ ଲଗାଇ, ପାଣି ସିଞ୍ଚନ କରି, ରବର ଗୁଳି ମାରି, ଲାଠିଚାର୍ଜ କରି ଗଣତାନ୍ତ୍ରିକ ଆନ୍ଦୋଳନକୁ ଭଣ୍ଡୁର କରିବାକୁ ପ୍ରୟାସ କରିଛନ୍ତି। ଏଭଳି ହୀନ ଚକ୍ରାନ୍ତ ପ୍ରତିବାଦରେ ଗ୍ରାମୀଣ ଆନ୍ଦୋଳନ ଆଗକୁ ଆହୁରି ଜୋରଦାର୍ ହେବ ବୋଲି ସେମାନେ କହିଛନ୍ତି। ଉକ୍ତ ଦାବି ସମୂହ ପୂରଣ ନ ହେଲେ ଆସନ୍ତା ୨୭ତାରିଖରେ ବରଗଡ଼ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଜିଲାସ୍ତରୀୟ ଚେତାବନୀ ସମାବେଶ ସହିତ ଜିଲାପାଳଙ୍କ ଅଫିସ ଘେରାଉ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି।

## ବୁଧାପାଲିରେ ବିଧାୟିକାଙ୍କ ଶିଳାନ୍ୟାସ

**ପଦ୍ମପୁର,୧୬।୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଧାପାଲିରେ ଶୁକ୍ରବାର ଅନେକ ଗୁଡ଼ିଏ ପ୍ରକଳ୍ପର ଶିଳାନ୍ୟାସ ହୋଇଛି। ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଥମେ ଶିବ ମନ୍ଦିରର ଭୋଗମଣ୍ଡପ, ସ୍କୁଲରେ ନୂତନ ଶ୍ରେଣୀ ଗୃହ, କମ୍ୟୁନିଟି ସେଣ୍ଟର ଏବଂ ଗୋଟିଏ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଶିଳାନ୍ୟାସ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବରଗଡ଼ ବିଜୁ ମହିଳା ଜନତା ଦଳ ଉପ ସଭାନେତ୍ରୀ ରଜନୀ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ପଞ୍ଚାୟତ ସଭାପତି ଉମେଶ ପ୍ରସାଦ ସାହୁ, ସିଆର୍‌ପି ପଦ୍ମିନୀ ପାଣ୍ଡେ,ଶୈଳଭାମା ପଟେଲ, କମଳା ସାହୁ, ମୁକ୍ତା ନେଗୀ, ଭାନା ମଗର ପ୍ରମୁଖ ଉପସ୍ଥିତ ଥିବା ବେଳେ ସଂଗ୍ରାମ ବହିଦାର, ଅଶ୍ୱିନୀ ପଟେଲ, ନରେନ୍ଦ୍ର ପଟେଲ, ଗୁନା ଡୁମୁନିଆ, ସୁଶାନ୍ତ ମହାପାତ୍ର, ବିଜୟ ଭୋଇ ପ୍ରମୁଖ ସହଯୋଗ କରିଥିଲେ।



ଶିଳାନ୍ୟାସ ଅବସରରେ ବିଧାୟିକା ଏବଂ ଅନ୍ୟମାନେ।

# ସୋହେଲାରେ ବସନ୍ତ ମହୋତ୍ସବ

**ସୋହେଲା,୧୬।୨(ଅଶ୍ୱିନୀ କୁମାର ପାତ୍ର)**




ମହୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ସୋହେଲା ବ୍ଲକ ବେହେରାପାଲି ଗ୍ରାମରେ ସାର୍ବଜନୀନ ସରସ୍ୱତୀ ପୂଜା କମିଟି ଆନୁକୂଲ୍ୟରେ ବସନ୍ତ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ଜୀବର୍ଦ୍ଧନ ବରିହା ମୁଖ୍ୟ ଅତିଥି ଏବଂ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁବ୍ରତ ବେହେରା ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ। ଏହି ଅବସରରେ ନବନିର୍ମିତ ଦଇନି ମଣ୍ଡପକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ବସନ୍ତ ମହୋତ୍ସବର ପ୍ରଥମ ରଜନୀରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦିବାକର ମେହେରଙ୍କ ସଭାପତିତ୍ୱରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ସଭାରେ କୁମର ମେହେର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ନକୁଳ ମେହେର କବିତା ପାଠ କରିଥିଲେ। ଫକିର ଭୁଏ, ଶ୍ରଦ୍ଧାକର ଭୁଏ, ଦୟାସାଗର ସୁଇ, ଶତ୍ରୁଘ୍ନ ଧୀବର, ଭୀଷ୍ମଦେବ ମେହେର, ପୁଷ୍ପରଞ୍ଜନ ମେହେର ମଞ୍ଚାସୀନ ଥିଲେ। କବି ରୋହିତ ମେହେର ସଭା ପରିଚାଳନା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବ୍ରହ୍ମାନନ୍ଦ ସୁଇ, ବାଳକୃଷ୍ଣ ଧୀବର, ବସନ୍ତ ବରିହା, ଜିନୁ ଭୁଏ, ଠାକୁର ବାଗ ଏବଂ ପୂଜା କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

## ବିକାଶମୂଳକ କାର୍ଯ୍ୟକୁ ଗୁରୁତ୍ୱ

**ବରଗଡ଼,୧୬।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ସଦର ବ୍ଲକ ଅନ୍ତର୍ଗତ ବରାହଗୋଡ଼ାରେ ପଞ୍ଚାୟତସ୍ତରୀୟ ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାବଲୁ କୁମ୍ଭାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ବରାହଗୋଡ଼ା ପଞ୍ଚାୟତରେ ହୋଇଥିବା ଉନ୍ନୟନମୂଳକ କାର୍ଯ୍ୟଗୁଡ଼ିକର ତାଲିକା ସେ ଉପସ୍ଥାପନ କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରଗତିଶୀଳ ସରକାର ଚାଲିଥିବାବେଳେ ଏହି ସରକାରରେ ଜନସାଧାରଣଙ୍କ ବ୍ୟାପକ ସମର୍ଥନ ଓ ସଚେତନତାର ଆବଶ୍ୟକତା ରହିଥିବା ବିଧାୟକ ଆଚାର୍ଯ୍ୟ କହିଥିଲେ। ଏହି ଅବସରରେ ଏକ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ଖୁଣ୍ଟପାଲି ସରପଞ୍ଚ ବେଲାର ମେହେର, ଗ୍ରାମର ବରିଷ୍ଠ ନାଗରିକ ଘନଶ୍ୟାମ ମେହେର, ଅରବିନ୍ଦ ପ୍ରଧାନ, ସୁରେନ୍ଦ୍ର ସାହୁ, ଅବିନାଶ ମଲ୍ଲିକ, ଜଗନ୍ନାଥ ଭୁଏ, ଗଗନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ମିଲୁ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଗ୍ରାମବାସୀ ସହଯୋଗ କରିଥିବାବେଳେ ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଉପସ୍ଥିତ ଥିଲେ ।



ବିକାଶମୂଳକ କାର୍ଯ୍ୟ ପୁସ୍ତିକାକୁ ଉନ୍ମୋଚନ କରାଯାଉଛି ।

# ବ୍ଲକସ୍ତରୀୟ ବେଟି ବଚାଓ ବେଟି ପଢ଼ାଓ, ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ

**ପଦ୍ମପୁର,୧୬।୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ସରକାରୀ ଉଚ୍ଚବିଦ୍ୟାଳୟରେ ବେଟି ବଚାଓ ବେଟି ପଢାଓ ଏବଂ ବ୍ଲକସ୍ତରୀୟ ବିଜ୍ଞାନ କଂଗ୍ରେସ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମାର୍ଦ୍ଧରେ ଚାରିଟି ଜୋନ୍‌ର ବାଳିକାମାନଙ୍କ ମଧ୍ୟରେ ଏକ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଜ୍ଞାନ କଂଗ୍ରେସରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୩ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଅପରାହ୍ନରେ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ଏବିଇଓ ଶିବ ପ୍ରସାଦ ଯୋଶୀ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଗୋପାଳଜୀ ପ୍ରସାଦ ପାଣିଗ୍ରାହୀ, ସମ୍ମାନିତ ଅତିଥି ଭାବେ ସିଡିପିଓ ମିନାକ୍ଷୀ ରାଜ, ସଦାନନ୍ଦ ପୁରୋହିତ, ଜମରତଳା ପ୍ରଧାନ ଶିକ୍ଷକ ରାଜେଶ କୁମାର ଖମାରୀ, ମୁଖ୍ୟ ବକ୍ତା ଭାବେ ଜୀବବିଜ୍ଞାନ ଅଧାପିକା ତାପନୀ ପଣ୍ଡା ଯୋଗଦାନ କରିଥିଲେ। ବିଜ୍ଞାନ ଶିକ୍ଷକ ଲକ୍ଷ୍ମୀନାରାୟଣ ସାହା ଓ ଅନିଲ ସାହୁ ବିଚାରକ ଦାୟିତ୍ୱ ତୁଲାଇଥିଲେ। ଫୁଟ୍‌ବଲ ମ୍ୟାଚ୍‌ରେ ସର୍ଗିବାହାଲ ସବ୍‌ଜୋନ୍ ବିଜେତା ଓ ଦହିତା ସବଜୋନ ଉପବିଜେତା ହୋଇଥିଲେ। ବିଗତ ବର୍ଷର ଦଶମ ପରୀକ୍ଷାରେ ବିଦ୍ୟାଳୟସ୍ତରରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀଙ୍କୁ ମାନପତ୍ର ଓ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ମାନସ ରଞ୍ଜନ ଶତପଥୀ ସଭା କାର୍ଯ୍ୟ ପରିଚାଳନା କରିଥିବା ବେଳେ ଏବିଇଓ ରାମସିଂ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ପ୍ରମାଣପତ୍ର ସହ ଛାତ୍ରୀ ଏବଂ ଅନ୍ୟମାନେ।

## ପରୀକ୍ଷା ପୂର୍ବରୁ ବୈଦିକ ଯଜ୍ଞ

**ବରଗଡ଼,୧୬।୨(ପ୍ରେମାନନ୍ଦ ଖମାରୀ)**

ଆସନ୍ତା ୨୦ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷାରେ ସଫଳତା ହାସଲ ପାଇଁ ଶୁକ୍ରବାର ବରଗଡ଼ ରାଣାପ୍ରତାପ ହାଇସ୍କୁଲର ଛାତ୍ରୀଛାତ୍ରମାନେ ସ୍କୁଲ ପରିସରରେ ବୈଦିକ ଯଜ୍ଞ କରିଥିଲେ। ପଣ୍ଡିତ ସତ୍ୟେନ୍ଦ୍ରୀୟ ଦେବତା ପୌରୋହିତ୍ୟ କରିଥିଲେ। ଉକ୍ତ ଯଜ୍ଞରେ ଦଶମ ଶ୍ରେଣୀର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଛାତ୍ରୀ ଅନ୍ନପୂର୍ଣ୍ଣା ଦାଶ ମୁଖ୍ୟ ଯଜମାନ ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ନବମ ଶ୍ରେଣୀ ଛାତ୍ରୀଛାତ୍ର ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦେଇଥିଲେ। ମାଟ୍ରିକ ପରୀକ୍ଷାର୍ଥୀମାନେ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କଠାରୁ ଆଶୀର୍ବାଦ କାମନା କରିଥିଲେ। ଶିକ୍ଷୟିତ୍ରୀ, ଶିକ୍ଷକ ସେମାନଙ୍କ ସଫଳତା କାମନା କରିଥିଲେ ।

## ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ

**ବରଗଡ଼,୧୬।୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ ଉପରେ ଆଧାରିତ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମରେ ଭୁକ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଗୀତାଞ୍ଜଳି ପଟେଲ ଯୋଗଦେଇ ସ୍ୱଚ୍ଛ ଭାରତ ଅଭିଯାନର ପୃଷ୍ଠଭୂମି ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ୩୫ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ଗାୟତ୍ରୀ ମାଳି ପ୍ରଥମ, କୁସୁମ ଦାଶ ଦ୍ୱିତୀୟ ଏବଂ ଅନୁ ଦାଶ ତୃତୀୟ ହୋଇଥିଲେ। ସୁପରଭାଇଜର ଗୋବିନ୍ଦ ପ୍ରଧାନ ଏବଂ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ସହଯୋଗ କରିଥିଲେ।

## ବଇପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ଭେଡେନ,୧୬।୨(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡେନ ବ୍ଲକ ମାନପୁର ପଞ୍ଚାୟତ ବଇପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ରସାନନ୍ଦ ଦଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସ୍ଥାନୀୟ ସରପଞ୍ଚ ସୌଦାମିନୀ ହୋତା ମୁଖ୍ୟ ଅତିଥି, ଅତାବିରା ଆର୍‌ଏମ୍‌ସି ଉପାଧ୍ୟକ୍ଷ ସୁବାସ ହୋତା, ମାନପୁର ନୋଡାଲ ସ୍କୁଲ୍ ପ୍ରଧାନ ଶିକ୍ଷକ ଅର୍ନ୍ତଯ୍ୟାମୀ ଦୋରା, ସିଆର୍‌ସି ଝସକେତନ ବରିହା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଅବିର କୁମାର ମେହେର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଥିଲେ। ବାର୍ଷିକ କ୍ରୀଡ଼ାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ପରିକ୍ଷିତ ଦାଶ, ପଙ୍କଜିନୀ ମୁଦୁଲି, ସୁଷମା ଦୋରା ଉତ୍ସବକୁ ପରିଚାଳନା କରିଥିଲେ।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

# ଏଥର ୧୮,୪୯୯ ମାଟ୍ରିକ୍ ପରୀକ୍ଷାର୍ଥୀ

**ବରଗଡ଼ ଜିଲା**
- ଚୂଡ଼ାନ୍ତ ପର୍ଯ୍ୟାୟରେ ପରୀକ୍ଷା ପରିଚାଳନା ପ୍ରସ୍ତୁତି
- ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ୯୬ ପରୀକ୍ଷା କେନ୍ଦ୍ର
- ୫୦ ଏସ୍‌ଓଏସ୍‌ସି, ୧୦୩ ମଧ୍ୟମା ପରୀକ୍ଷାର୍ଥୀ

**ବରଗଡ଼,୧୬।୨(ପ୍ରେମାନନ୍ଦ ଖମାରୀ)**



ପ୍ରସ୍ତୁତି ବୈଠକରେ ମଞ୍ଚାସୀନ ଶିକ୍ଷା ବିଭାଗର ଅଧିକାରୀବୃନ୍ଦ ।



ବୈଠକରେ ଉପସ୍ଥିତ ପରୀକ୍ଷାକେନ୍ଦ୍ର ଅଧୀକ୍ଷକବୃନ୍ଦ ।

ଆସନ୍ତା ୨୦ତାରିଖରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହେବ। ମାର୍ଚ୍ଚ ୪ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଏଥର ୯୬ ପରୀକ୍ଷା କେନ୍ଦ୍ରରେ ୧୮ହଜାର ୩୪୬ଜଣ ପରୀକ୍ଷା ଦେବେ। ଏସ୍‌ଓଏସ୍‌ସି (ଷ୍ଟେଟ ଓପନ ସ୍କୁଲ ସାର୍ଟିଫିକେଟ୍) ପରୀକ୍ଷା ପାଇଁ ଆଉ ଏକ ପରୀକ୍ଷା କେନ୍ଦ୍ର ରହିଛି। ସେହି ପରୀକ୍ଷା କେନ୍ଦ୍ରରେ ୫୦ଏସଓଏସସି ପରୀକ୍ଷାର୍ଥୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ସେହିପରି ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ରହିଥିବା ପରୀକ୍ଷାକେନ୍ଦ୍ର ମଧ୍ୟରୁ ୩ କେନ୍ଦ୍ରରେ ୧୦୩ ମଧ୍ୟମା ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଭଳି ଭାବେ ୯୭ପରୀକ୍ଷା କେନ୍ଦ୍ରରେ ସମୁଦାୟ ୧୮ହଜାର ୪୯୯ଜଣଙ୍କ ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏହି କ୍ରମରେ ଶୁକ୍ରବାର ବରଗଡ଼ ଜର୍ଜ ହାଇସ୍କୁଲ ଏବଂ ମେଲଛାମୁଣ୍ଡା ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ଅଧୀକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ରାଧାକାନ୍ତ ଛତ୍ରୀ, ଜିଲା ବିଜ୍ଞାନ ପରିଦର୍ଶକ ଧୀରୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ମାଟ୍ରିକ ପରୀକ୍ଷା ସୁପରିଚାଳନା ପାଇଁ ସେମାନେ ଉପସ୍ଥିତ କେନ୍ଦ୍ର ଅଧୀକ୍ଷକମାନଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ ।

ସୂଚନା ଅନୁଯାୟୀ, ସମୁଦାୟ ୧୮ହଜାର ୩୪୬ ମାଟ୍ରିକ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ଅମ୍ବାଭୋନା ବ୍ଲକର ୪ପରୀକ୍ଷା କେନ୍ଦ୍ରରେ ୭୬୨, ଅତାବିରାର ୧୦ କେନ୍ଦ୍ରରେ ୧୮୨୪, ବରଗଡ଼ର ୧୨କେନ୍ଦ୍ରରେ ୨୪୯୨, ବରପାଲିର ୭ କେନ୍ଦ୍ରରେ ୧୫୨୫, ଭଟଲିର ୬ କେନ୍ଦ୍ରରେ ୧୧୨୪, ଭେଡ଼େନର ୮କେନ୍ଦ୍ରରେ ୧୧୨୧, ବିଜେପୁରର ୮ କେନ୍ଦ୍ରରେ ୧୫୦୫, ଗାଇସିଲେଟର ୭ କେନ୍ଦ୍ରରେ ୧୩୩୭, ଝାରବନ୍ଧର ୬ କେନ୍ଦ୍ରରେ ୧୦୭୬, ପାଇକମାଳର ୧୦ କେନ୍ଦ୍ରରେ ୧୭୮୬, ରାଜବୋଡ଼ାସମ୍ବରର ୧୦ କେନ୍ଦ୍ରରେ ୧୯୨୬ ଏବଂ ସୋହେଲା ବ୍ଲକର ୮କେନ୍ଦ୍ରରେ ୧୫୬୮ ଜଣ ପରୀକ୍ଷା ଦେବାର ବ୍ୟବସ୍ଥା କରାଯାଇଛି। ସେହିପରି ୧୨ନୋଡ଼ାଲ ସେଣ୍ଟର ରହିଥିବାବେଳେ ୨୬ ଡେସ୍‌ପାଚ୍ ଟିମ୍ ଅଛନ୍ତି । ପରୀକ୍ଷା ତଦାରଖ ପାଇଁ ଜିଲାରେ ୨ଟି ସ୍କ୍ୱାଡ୍ ଗଠନ କରାଯାଇଛି।

## ସଂକ୍ଷେପରେ

### ଡମ୍ପର ଧକ୍କାରେ ବାଇକ୍ ଚାଳକ ମୃତ

ରାଉରକେଲା,୧୬।୨(ଦିନେଶ ମିଶ୍ର): ବେଲଡିହି ସ୍ଥିତ ଷ୍ଟେଟ୍ ହାଇୱେ ଉପରେ ଶୁକ୍ରବାର ଏକ ଡମ୍ପର ଧକ୍କା ଦେବାରୁ ଜଣେ ବାଇକ୍ ଚାଳକଙ୍କ ଶୁକ୍ରବାର ମୃତ୍ୟୁ ହୋଇଛି। ମୃତକ ହେଲେ ମଞ୍ଜିତ ଲାକ୍ରା(୩୨)ଙ୍କ ମୃତ୍ୟୁ ହୋଇଛି। ପୋଲିସ ଏ ନେଇ ତଦନ୍ତ କରୁଛି। ସୂଚନାଯୋଗ୍ୟ, ବେଲଡିହି ଖାଦାନ ବସ୍ତିର ମଞ୍ଜିତ ସକାଳ ସାଢେ ୭ଟାରେ ଏକ ବାଇକ ଯୋଗେ ରାଉରକେଲା ଅଭିମୁଖେ ଆସୁଥିବାବେଳେ ବେଲଡିହି ବାଇପାସ୍ ଛକ ନିକଟରେ ଏକ ଡମ୍ପର ତାଙ୍କୁ ପଛପଟୁ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଫଳରେ ଯୁବକ ଜଣଙ୍କ ରାସ୍ତାରେ ଛିଟିକି ପଡିଥିଲେ। ଗୁରୁତର ଅବସ୍ଥାରେ ହାଇୱେ ପାଟ୍ରୋଲିଂ ଗାଡି ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରିଥିଲା। ସେଠାରୁ ବୁର୍ଲା ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

### ଭୁଜାଲି ମାଡ଼ରେ ଯୁବକଙ୍କ ମୃତ୍ୟୁ

**ଅଭିଯୁକ୍ତ ଅଟକ, ହତ୍ୟାର କାରଣ ଅସ୍ପଷ୍ଟ**

ରାଉରକେଲା,୧୬।୨(ସଙ୍ଗୀତା ଜେନା) ରାଉରକେଲା ଝିରପାଣି ଥାନା ଅଧୀନ ସେକ୍ଟର-୨୦ ହିଲ୍‌ଟପ୍ ମାର୍କେଟରେ ଶୁକ୍ରବାର ସନ୍ଧ୍ୟାରେ ଭୁଜାଲି ମାଡ଼ରେ ଜଣେ ଗାଡି କିଣାବିକା କରୁଥିବା ବ୍ରୋକରଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବରଟୋଲି ଅଞ୍ଚଳର ନିହାର ରଞ୍ଜନ ଆଚାର୍ଯ୍ୟ(୪୨)। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଛି। ଖବର ଲେଖାହେବା ସୁଦ୍ଧା (ରାତି ୧୦ଟା) ଏ ନେଇ ଥାନାରେ ଏତଲା ହୋଇନାହିଁ। ଆଇଜିଏଚ୍ ମର୍ଗ ହାଉସରେ ମୃତଦେହ ରଖାଯାଇଛି। ସୂଚନା ଅନୁସାରେ, ସନ୍ଧ୍ୟାରେ ନିହାର ଓ ତାଙ୍କ ଅଭିଯୁକ୍ତଙ୍କ ମଧ୍ୟରେ କୌଣସି କଥାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଅଭିଯୁକ୍ତ ନିହାରଙ୍କ ପେଟକୁ ଭୁଜାଲିରେ ବାରମ୍ବାର ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆଇଜିଏଚ୍ ନିଆଯାଇଥିଲା। ସେଠାର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷେ ନିହାର ପୁରୁଣା ଗାଡ଼ି କିଣାବିକା କାମ କରୁଥିଲେ। ଉଭୟ ସାଙ୍ଗ ହୋଇଥିବାରୁ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ମାଡ଼ପିଟ୍ ହୋଇଥିଲା। ଅଭିଯୁକ୍ତ ନିଜ ଆତ୍ମରକ୍ଷା ପାଇଁ ଏପରି ପଦକ୍ଷେପ ନେଇଥିବା ପୋଲିସ କହିଛି।

### ମହାଲକ୍ଷ୍ମୀ ମନ୍ଦିରର ପ୍ରତିଷ୍ଠା ଦିବସ ସମ୍ପନ୍ନ

ରାଉରକେଲା,୧୬।୨(ଦିନେଶ ମିଶ୍ର): ଛେଣ୍ଡ ସ୍ଥିତ ଏଲସିଆର ବ୍ଲକଠାରେ ଶୁକ୍ରବାର ଶ୍ରୀମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଦିବସ ସମ୍ପନ୍ନ ହୋଇଛି। ଏହି ଅବସରରେ ମନ୍ଦିରର ମୁଖ୍ୟ ପୂଜକ ଦେବେନ୍ଦ୍ର ରଥଙ୍କ ତତ୍ତ୍ୱାବଧାନରେ ପୂଜା ସହ ମା' ଲକ୍ଷ୍ମୀଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ଏଥିରେ କର୍ତ୍ତା ଭାବେ ଅଭିନାଶ ଜେନା ଓ ପ୍ରତୀକ୍ଷା ଜାଲ ଯୋଗ ଦେଇଥିଲେ। ନୀଳାଚଳ ଜଗନ୍ନାଥ ମନ୍ଦିର କମିଟି ସଦସ୍ୟ କୃଷ୍ଣଚନ୍ଦ୍ର ବିଶ୍ୱାଳ, କିଶୋର ମିଶ୍ର, ଦେବକାନ୍ତ ନାୟକ, ସୁନିଲ ଦାସ, ଜେଷ୍ଟଲ ପରିଡା, ଅନୀଲ ମହାନ୍ତି, ଭାବାନି କବି, କୁଳମଣି ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ମନ୍ଦିରର ଭିତ୍ତିପ୍ରସ୍ତର ଗତବର୍ଷ ନଭେମ୍ବର ୨୭ ତାରିଖରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟ ଓ ସମାଜସେବୀ ହରିହର ରାଉତରାୟଙ୍କ କରମଳରେ କରାଯାଇଥିଲା।

# ୨୦ କଲେଜରେ ୭,୩୧୪ ପରୀକ୍ଷାର୍ଥୀ

ରାଉରକେଲା,୧୬।୨(ଦିନେଶ ମିଶ୍ର)

ଉଚ୍ଚ ମାଧ୍ୟମିକ ଶିକ୍ଷାବୋର୍ଡ (ସିଏଚ୍‌ଏସଇ) ପକ୍ଷରୁ ଯୁକ୍ତ ୨ ପରୀକ୍ଷା ସାରା ରାଜ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଛି। ଏହି ପରୀକ୍ଷା ମାର୍ଚ୍ଚ ୨୦ ତାରିଖରେ ଶେଷ ହେବ। ଚଳିତ ବର୍ଷ ସୁନ୍ଦରଗଡ ଜିଲାର ୬୮ଟି କଲେଜରେ ମୋଟ ୧୬ ହଜାର ୨ଶହ ୯୨ଜଣ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଉଛନ୍ତି। ସେମାନଙ୍କ ମଧ୍ୟରୁ କଳା ବିଭାଗରେ ୯ହଜାର ୫ଶହ ୪୫ ଜଣ, ବିଜ୍ଞାନରେ ୪ହଜାର ୭ଶହ ଏବଂ ବାଣିଜ୍ୟ ବିଭାଗରେ ୨ହଜାର ୧୩୮ ଜଣ ପରୀକ୍ଷାର୍ଥୀ ରହିଛନ୍ତି। ଜିଲାରେ ମୋଟ ୮ଟି ହବ୍‌ସେଣ୍ଟର ତିଆରି କରାଯାଇଛି। ଏହି ହବ୍ ସେଣ୍ଟ ଗୁଡିକରେ ପୋଲିସ ସୁରକ୍ଷାରେ ପ୍ରଶ୍ନପତ୍ର ରଖାଯାଇ ବିଭିନ୍ନ କଲେଜକୁ ପରୀକ୍ଷାର ୪୫ ମିନିଟ୍ ପୂର୍ବରୁ ପଠାଯାଉଛି। ଜିଲାରେ ଯୁକ୍ତ ୨ ଏକ୍ସ ରେଗୁଲାରରେ ମୋଟ ୧୭ଶହ ୫୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଛନ୍ତି। ସେମାନଙ୍କ ମଧ୍ୟରୁ କଳା ବିଭାଗରେ ୮ଶହ



ପରୀକ୍ଷାର୍ଥୀମାନେ ପରୀକ୍ଷା କେନ୍ଦ୍ରକୁ ଯାଉଛନ୍ତି।

**ରାଉରକେଲାରେ ଯୁକ୍ତ ୨ ପରୀକ୍ଷା ଆରମ୍ଭ**

୬୫ ଜଣ ବିଦ୍ୟାର୍ଥୀ ଥିବାବେଳେ ବିଜ୍ଞାନରେ ୬ଶହ ୭୪ ଜଣ ଏବଂ ବାଣିଜ୍ୟ ବିଭାଗରେ ୨ଶହ ୧୪ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଏହି କ୍ରମରେ କେବଳ ରାଉରକେଲା ସହରର ୨୦ଟି କଲେଜରେ ୭ହଜାର ୩ଶହ ୧୪ ଜଣ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଉଛନ୍ତି। ରାଉରକେଲା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପାନପୋଷ କଲେଜରେ ସମୁଦାୟ ୩୧୮ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ମ୍ୟୁନିସିପାଲ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ୩୨୯ ଜଣ ପରୀକ୍ଷା ଦେଇଛନ୍ତି। ରାଉରକେଲାର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପାନପୋଷ ଓ ସୁଶୀଳାବତୀ ମହିଳା ଉଚ୍ଚବିଦ୍ୟାଳୟ ୨ଟି ସ୍ଥାନରେ ହବ୍ ସେଣ୍ଟର କରାଯାଇଛି। ଏହି ହବ୍ ସେଣ୍ଟରରୁ ପୋଲିସ ସୁରକ୍ଷା ବଳୟରେ ସହରର ବିଭିନ୍ନ କଲେଜକୁ ପ୍ରଶ୍ନପତ୍ର ପଠାଯାଇଛି। ଶୁକ୍ରବାର ବିଜ୍ଞାନ ବିଭାଗର ଓଡିଆ ବିଷୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେଇଛନ୍ତି। ରାଉରକେଲାର ବିଭିନ୍ନ କଲେଜରେ କର୍ତ୍ତୃପକ୍ଷଙ୍କ ପକ୍ଷରୁ କଡା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପ୍ରତେକ ପରୀକ୍ଷା କେନ୍ଦ୍ରରେ ୨ଜଣ ଶିକ୍ଷକଙ୍କ ସମେତ ୩ ଜଣ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ପୂର୍ବାହ୍ନ ୧୦ଟାରେ ପରୀକ୍ଷା ଥିବାବେଳେ ପ୍ରାୟ ଅଧଘଣ୍ଟା ପୂର୍ବରୁ ଛାତ୍ରୀଛାତ୍ରମାନଙ୍କୁ କଡା ଯାଞ୍ଚ କରାଯାଇ ପରୀକ୍ଷାକେନ୍ଦ୍ରକୁ ଛଡାଯାଇଥିଲା। ପରୀକ୍ଷା କକ୍ଷରେ ସିସି କ୍ୟାମେରା ବ୍ୟବସ୍ଥା ସାଙ୍ଗକୁ କପି ନ ହେବା ପାଇଁ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ନିୟୋଜିତ କରାଯାଇଥିବା ଉଚ୍ଚ ମାଧ୍ୟମିକ ଶିକ୍ଷାବୋର୍ଡ ସମ୍ବଲପୁରର ଉପସଚିବ ଡକ୍ଟର ମହେନ୍ଦ୍ର ପ୍ରସାଦ ବେହେରା ସୂଚନା ଦେଇଛନ୍ତି।

## ଜେଇଇ ମେନ୍ ପରୀକ୍ଷାରେ ଡିଏଭି ଛାତ୍ରୀଛାତ୍ରଙ୍କ ସଫଳତା

ରାଉରକେଲା,୧୬।୨(ଦିନେଶ ମିଶ୍ର)

ସର୍ବଭାରତୀୟ ସ୍ତରରେ ଅନୁଷ୍ଠିତ ଜେଇଇ ମେନ୍ ପରୀକ୍ଷାର ଫଳ ପ୍ରକାଶ ପାଇଛି। ଏଥିରେ ରାଉରକେଲା ବାସନ୍ତୀ କଲୋନୀ ସ୍ଥିତ ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି। ସ୍କୁଲର ୩୦ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ଅଙ୍କିତ ସାହୁ ସର୍ବାଧିକ ୯୯.୭୪ ପ୍ରତିଶତ ରଖି ପ୍ରଥମ ଏବଂ ଋଷଭ ପାତ୍ର ୯୯. ୪୬ ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ତନ୍ମୟ ପ୍ରତିହାରୀ ୯୯.୪୦, ସମର୍ପଣ ଆଚାର୍ଯ୍ୟ ୯୯.୧୯, ରଶ୍ମୀ ପ୍ରକାଶ ପଲାଇ ୯୯.୦୨, ଅଙ୍କିତା ଜେନା ୯୮.୬୯, ପ୍ରତୀକ୍ଷା ପ୍ରିୟଦର୍ଶିନୀ ୯୮.୫୨, ଅଙ୍କିତା ଦାଶ ୯୮.୪୯ ଏବଂ ଓମ୍ ପ୍ରସାଦ ଦାସ ୯୮.୦୬ ପ୍ରତିଶତ ରଖିଛନ୍ତି। ସ୍କୁଲର ଆଦିତ୍ୟ ତରଫଦାର ୯୭.୮୨, ରାଧାକୁମାରୀ ଚୌଧୁରୀ ୯୭.୭୩, ଅଭିଜ୍ଞାନ ମହାରଣା ୯୭.୭୧, ପ୍ରିୟବ୍ରତ ନାୟକ ୯୭.୪୪, ଅଭିଜିତ ସାହୁ ୯୭.୩୪, ତଥାଗତ ବେଉରିଆ ୯୫.୮୨ ଏବଂ ସମ୍ବିତ ଶେଖର ପାଢୀ ୯୫.୦୧ ପ୍ରତିଶତ ମାର୍କ ରଖିଛନ୍ତି। ଏହି ସଫଳତା ପାଇଁ ସ୍କୁଲର ପ୍ରଧାନ ଅଧକ୍ଷା ତଥା ଡିଏଭି ସ୍କୁଲ ସମୂହ ଓଡିଶାର ଆଞ୍ଚଳିକ ଅଧିକାରୀ ଏଲ୍. ଏନ୍. ପ୍ରଧାନ ଛାତ୍ରଛାତ୍ରୀମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

## ୩ ହର୍ଡଲ୍ସ ଦୌଡ଼ରେ ଅଶୋକ ବିଜୟୀ

ରାଉରକେଲା,୧୬।୨(ସଙ୍ଗୀତା ଜେନା)

**ପରିଣତ ବୟସରେ କୃତିତ୍ୱ**



ଅଶୋକ ବିଶ୍ୱାଳ।

କ୍ରୀଡ଼ା ପାଇଁ ଯୁବ ସୁଲଭ ହେବା ଆବଶ୍ୟକ ନୁହେଁ। ଏଥିପାଇଁ ଦରକାର ପଡେ ପ୍ରଚଣ୍ଡ ଆଗ୍ରହ, ପ୍ରବଳ ଇଚ୍ଛାଶକ୍ତି ଓ ଦୃଢ଼ନିଷ୍ଠା। ରାଉରକେଲାର ଜଣେ ଶିକ୍ଷାବିତ୍ ପରିଣତ ବୟସରେ କ୍ରୀଡ଼ାରେ ସଫଳତା ହାସଲ କରି ଉଦାହରଣ ସୃଷ୍ଟି କରିପାରିଛନ୍ତି। ସେ ହେଲେ ରାଉରକେଲା ମହାନଗର ନିଗମ ଅଧୀନ ଶକ୍ତିନଗର ନିବାସୀ ଅଶୋକ ବିଶ୍ୱାଳ(୭୧)। ପୁଣେ ଭାଲେୱାଡ଼ି ସ୍ଥିତ ଛତ୍ରପତି ଶିବାଜୀ ଷ୍ଟାଡ଼ିୟମ୍‌ରେ ଆୟୋଜିତ ୪୪ତମ ଜାତୀୟ ମାଷ୍ଟର୍ସ ଆଥଲେଟିକ୍ସରେ ଅଶୋକ ଏହି ସଫଳତା ପାଇଛନ୍ତି। ସେ ୮୦ ମିଟର, ୩୦୦ ମିଟର, ୪୦୦ ମିଟର ହର୍ଡଲ୍ସରେ ପ୍ରଥମ ସ୍ଥାନ ଅଧିକାର କରି ୩ଟି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ସେ ୮୦ମିଟର ହର୍ଡଲ୍ସ ଦୌଡକୁ ୧୪.୫୭ ସେକେଣ୍ଡରେ ଶେଷ କରିଥିଲେ। ସେହିପରି ୩ଶହ ମିଟରକୁ ୫୧.୧ ସେକେଣ୍ଡ ଓ ୪ଶହ ମିଟରକୁ ୧.୦୮.୮୫ ସେକେଣ୍ଡରେ ଶେଷ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏ ନେଇ ଅଶୋକ କହିଛନ୍ତି, ଏନ୍‌ଆଇଟି (ତତ୍କାଳୀନ ଆର୍‌ଇସି)ରୁ ୧୯୭୫ରେ ମେକାନିକାଲ ଇଞ୍ଜିନିୟରିଂ ଡିଗ୍ରୀ ହାସଲ କରିବା ପରେ ବ୍ୟବସାୟ ପ୍ରତି ମନ ବଳାଇଥିଲେ। ୭୦ ବର୍ଷ ବୟସରେ ଖେଳ ସାଧନା ଆରମ୍ଭ କରି ସେ ଅନେକ ରେକର୍ଡ ହାସଲ କରିଥିଲେ। ସେଥିମଧ୍ୟରୁ ଚଳିତ ମାସ ଗୋଆରେ ଆୟୋଜିତ ଷଷ୍ଠ ଜାତୀୟ ମାଷ୍ଟର ଆଥଲେଟିକ୍ସ (୭୦ବର୍ଷ ବର୍ଗ)ରେ ୮୦ ମିଟର ହର୍ଡଲ୍ସରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ପୂର୍ବରୁ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଚାଲିଥିବା ୫ମ ଜାତୀୟ ମାଷ୍ଟର ଆଥଲେଟ୍‌ରେ ରେକର୍ଡ ହାସଲ କରିଥିଲେ। ୨୦୧୮ରୁ ଓଡ଼ିଶା ମାଷ୍ଟର ଆଥଲେଟିକ୍ସ ଆସୋସିଏଶନ ପକ୍ଷରୁ ଏହି ଜାତୀୟ ଖେଳରେ ଅଂଶଗ୍ରହଣ କରିଆସୁଛନ୍ତି। ଏହି କ୍ରୀଡ଼ା ପାଇଁ ତାଙ୍କ ପରିବାରରେ ପତ୍ନୀ, ପୁଅ ଓ ଝିଅ ବେଶ ଗର୍ବିତ ବୋଲି ଅଶୋକ କହିଛନ୍ତି।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଲହୁଣୀପଡା,୧୬।୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡା ବ୍ଲକ ଲଟେଇମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲହୁଣୀପଡା ବ୍ଲକ ଉପାଧକ୍ଷ ପଣ୍ଡିତ ଚରଣ ମୁଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁରାଗ ମିଶ୍ର,ଏବିଡିଓ ଟୁକା ଓରାମ, ଏସଏସଓ ଅଜୟ କୁମାର ସାହୁ,ସିଡିପିଓ ପୁଷ୍ପାଲତା ନାୟକ,ଡବ୍ଲ୍ୟୁଇଓ ଭାଗବତ ଗୁଡ୍ଡୁ,ଏପିଓ ବିଷ୍ଣୁ ମୋହନ ନାୟକ ଉଦ୍‌ଘାଟନ କରିଥିଲେ। ବଣେଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଶିବିରକୁ ପରିଦର୍ଶନ କରିଥିଲେ। ଶାରୀରିକ ଅକ୍ଷମ,ମୁକ ଓ ବଧିର,ଦୃଷ୍ଟି ହୀନତା,ମାନସିକ ଅନଗ୍ରସର ବିଭାଗରେ ମୋଟ ୩୦୧ ଜଣଙ୍କ ନାମ ପଞ୍ଜିକୃତ ହୋଇଥିବା ବେଳେ ଡା.ଦୁର୍ଗେସ ସଏ, ଡା.ସବ୍ୟସାଚୀ ପଟ୍ଟନାୟକ, ଡା.ସତ୍ୟବ୍ରତ କର, ଡା.ଏମ୍ କେ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସମ୍ପୃକ୍ତ ବିଭାଗକୁ ପରାମର୍ଶ ଦେଇଥିବା ଜଣାପଡିଛି। ବିଏସଏସଓ ଜାହ୍ନବୀ ମାହାନ୍ତ, ଶ୍ରୀକାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ବ୍ଲକ, ଆଇସିଡିଏସ, ବିଇଓ ସମ୍ପୃକ୍ତ ବିଭାଗର ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସହର ବିକାଶ ପାଇଁ ଜନ ସଚେତନତା ଆବଶ୍ୟକ

ରାଉରକେଲା,୧୬।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ବାସନ୍ତୀ ପାଠାଗାରର ୩୮ତମ ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପାଠାଗାର ସଭାପତି ଡାକ୍ତର ଶକ୍ତି ପ୍ରସାଦ ସାମନ୍ତରାୟଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଅଜୟ କୁମାର ପ୍ରଧାନଙ୍କ ଆବାହକତ୍ୱରେ ଅନୁଷ୍ଠିତ ବାର୍ଷିକ ସମାରୋହକୁ କନକଲତା ମିଶ୍ର ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବାସନ୍ତୀ ପାଠାଗାରର ସାହିତ୍ୟ ପ୍ରତି ପ୍ରତିବଦ୍ଧତା ଏବଂ ସାମାଜିକ କାର୍ଯ୍ୟ ପ୍ରତି ଥିବା ଦାୟିତବୋଧତାକୁ ପ୍ରଶଂସା କରିଥିଲେ। ଯେଉଁ ସହରର ଜନତା ଯେତେ ସଚେତନ ସେହି ସହର ସେତିକି ମାତ୍ରାରେ ବିକଶିତ ହୁଏ ବୋଲି ମନ୍ତ୍ରୀ ନାୟକ କହିଥିଲେ। ସମ୍ମାନିତ ଅତିଥି ଭାବେ ଚକ୍ଷୁ ବିଶେଷଜ୍ଞ ଡାକ୍ତର ସମୀର ପାତ୍ର, ସମାଜସେବୀ ନରେଶ ଅଗ୍ରୱାଲ ଓ ଶିକ୍ଷାବିତ୍ ଆଶୁତୋଷ ପାତ୍ର ଓ ସମ୍ମାନୀତ ବକ୍ତା ଭାବେ ଉଦିତନଗରର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ସାହିତ୍ୟ ଧରାଶାୟୀ ହେଲେ ସମାଜ ଧରାଶାୟୀ ହୁଏ। ସାହିତ୍ୟ ମା' ତୁଲ୍ୟ। ଏଣୁ ମମତା ଭରା ଭାବନା ହିଁ ସୁନ୍ଦର ସାହିତ୍ୟ ଲେଖନୀର ମୁଖ୍ୟ ପୃଷ୍ଠଭୂମିକୁ ମାଧୁର୍ଯ୍ୟ କରେ ବୋଲି ଅତିଥିମାନେ କହିଥିଲେ। ପ୍ରାରମ୍ଭରେ ପୁଲିନ ରାଉତରାୟ ଏବଂ ତାଙ୍କ ଗ୍ରୁପ୍ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ପାଠାଗାରର ପ୍ରାକ୍ତନ ସଭାପତି ପ୍ରତାପ ରାୟ ସରସ୍ୱତୀ ବନ୍ଦନା କରିଥିଲେ। ସଭାପତି ଡାକ୍ତର ସାମନ୍ତରାୟ ସ୍ୱାଗତ ଭାଷଣ ଦେଇଥିବା ବେଳେ ସାଧାରଣ ସମ୍ପାଦକ ପ୍ରଧାନ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଖେଳାଳି ସୁମିତ କୁମାର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ପାଠାଗାର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ପୂର୍ବରୁ ଆୟୋଜିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ବିକ୍ରମ ଚନ୍ଦ୍ର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରିୟା ପାତ୍ର, ସୁବାଷିନୀ ସାହୁ, ସଞ୍ଜୟ ମିଶ୍ର, ପ୍ରକାଶ ପାଢୀ, ବସନ୍ତ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ବିଦ୍ୟୁତ୍ ବିଭାଗ ଶ୍ରମିକଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୧୬।୨(ଦିନେଶ ମିଶ୍ର): ଏସ୍‌କେ ଡିଏଭି ପଲିଟେକ୍ନିକ୍ ନିକଟରେ ବିଦ୍ୟୁତ୍ କମ୍ପାନୀର ଜଣେ ଠିକା ଶ୍ରମିକ ଅଞ୍ଜାରୁଲ ହକ୍ ପୋଲ୍ ଉପରେ ଚଢି ତାର ସଂଯୋଗ କରୁଥିବାବେଳେ ହଠାତ ପୋଲଟି ଭାଙ୍ଗିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଜେଲ୍ ରୋଡ୍ ସ୍ଥିତ ଉତ୍କଳମଣି ଗୋପବନ୍ଧୁ ମାର୍କେଟ କମିଟି ପକ୍ଷରୁ ମୃତ ଠିକା ଶ୍ରମିକଙ୍କୁ ଗୁରୁବାର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସମ୍ପାଦକ କହରା ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ଦୁଇମିନିଟ୍ ନିରବ ପ୍ରାର୍ଥନା କରିଥିଲେ। ଏଥିସହ ମୃତକଙ୍କ ପରିବାରର ଜଣେ ସଦସ୍ୟଙ୍କୁ ନିଯୁକ୍ତି ସହ ଅର୍ଥରାଶି ପ୍ରଦାନ ଲାଗି ଦାବି କରାଯାଇଥିଲା। ଏଥିରେ କମିଟିର ସଭାପତି ବାବୁ ସିଂ, ସୁବାଷ ନାୟକ, ଅମୀୟ ପୋଥାଳ, ସୁକାନ୍ତି ମଲ୍ଲିକ, ମୁନି ମିଶ୍ର, ବାସୁ ବରାଳ, ଭ୍ରମରବର ଦାସ, ଟୁନୁ କର, ପଦ୍ମାବତୀ ସାହୁ, ସନ୍ତୋଷ ରାୟଗୁରୁ, ରଞ୍ଜନ ସାହୁ, ଅଜୟ ସେଠୀ, କବିତା ଜେନା, ଅରବିନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଆଖଣ୍ଡଳମଣି ମନ୍ଦିରର ବାର୍ଷିକୋତ୍ସବ ପାଳିତ



ନାମଯଜ୍ଞରେ ନାମ ସଂକୀର୍ତ୍ତନ କରାଯାଉଛି।

ରାଉରକେଲା,୧୬।୨(ଦିନେଶ ମିଶ୍ର)

ଉଦିତନଗରସ୍ଥିତ ଶ୍ରୀ ଶ୍ରୀ ଆଖଣ୍ଡଳମଣି ମନ୍ଦିର ପ୍ରାଙ୍ଗଣରେ ଆଖଣ୍ଡଳମଣି ମନ୍ଦିର ପରିଚାଳନା ସମିତି ପକ୍ଷରୁ ୪୮ତମ ବାର୍ଷିକୋତ୍ସବ ଓ ଅଷ୍ଟପ୍ରହର ନାମଯଜ୍ଞ ସଭାପତି ନବକିଶୋର ପାଣିଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରର ମୁଖ୍ୟ ପୂଜକ ରବୀନ୍ଦ୍ର କୁମାର ପଣ୍ଡା ଓ ଭକ୍ତବନ୍ଧୁ ପାଢୀଙ୍କ ତତ୍ତ୍ୱାବଧାନରେ ପ୍ରାତଃ ସମୟରେ ସୂର୍ଯ୍ୟପୂଜା, ଗୋପୂଜା, ମନ୍ଦିର ପାର୍ଶ୍ୱଦେବଦେବୀ ପୂଜା କରାଯାଇଥିଲା। ପରେ ଗୀତାଯଜ୍ଞ ଆୟୋଜନ ହୋଇଥିଲା। ଏଥିରେ କର୍ତ୍ତା ଭାବେ ଶ୍ୟାମସୁନ୍ଦର ପଣ୍ଡା ଯୋଗ ଦେଇଥିଲେ। ସନ୍ଧ୍ୟା ସମୟରେ ୧୦୮ ମହିଳା ବେଦବ୍ୟାସ ପୀଠ ତ୍ରିବେଣୀ ସଙ୍ଗମରୁ ନାମଯଜ୍ଞ କରି କଳସ ଯାତ୍ରା କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ବଡଗାଁର ଇତ୍ମା ସଙ୍କୀର୍ତ୍ତନ ମଣ୍ଡଳୀ, ସୁନ୍ଦରଗଡ ଓ କୁତ୍ରା ସଙ୍କୀର୍ତ୍ତନ ମଣ୍ଡଳୀ ପକ୍ଷରୁ ହରିନାମ ଜପ କରାଯାଇଥିଲା। ସମିତିର ଉପଦେଷ୍ଟା ଆଦିତ୍ୟ ପ୍ରସାଦ ତ୍ରିପାଠୀ, ବୈଲୋଚନ ବୈଜ, ଏସ୍.ଏସ. ପାଣି, ମନୁ ଦାସ, ସରୋଜ କୁମାର ମହାନ୍ତି, ମନ୍ଧର ମାଝୀ, ପ୍ରସନ୍ନ କୁମାର ନାୟକ, ଜ୍ଞାନ ପାଣି ପ୍ରମୁଖ ସହଯୋଗ କରିଥିଲେ।

# ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ରାଉରକେଲା,୧୬।୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜ ପରିସରରେ ଯୁକ୍ତ ୨ ବର୍ଗ ଛାତ୍ରୀଛାତ୍ରମାନଙ୍କ ପାଇଁ ଉଦ୍ଦିଷ୍ଟ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ନୋଡାଲ ଅଧିକାରୀ ଅଧ୍ୟାପିକା ମମତା ବକ୍ସଲା ଏବଂ ସଂଯୋଜିକା ନିମିତା ସ୍ୱାଇଁଙ୍କ ସଂଯୋଜନା ଏବଂ ମୁଖ୍ୟ ପ୍ରଫେସର ଡକ୍ଟର ବିଜୟ କୁମାର ବେହେରାଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୫ଦିନ ବ୍ୟାପୀ ଚାଲିଥିବା ଶିବିରରେ ଯୁକ୍ତ ୨ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରଶିକ୍ଷିକା ଦୁଲାଣୀ ମୁଣ୍ଡାରୀ ଓ ମହିମା ସୁନ୍ଦରୀ ମଲ୍ଲିକଙ୍କ ଦ୍ୱାରା ଶିବିର ପରିଚାଳିତ ହୋଇଥିଲା। ଶିବିରରେ ଆତ୍ମରକ୍ଷା ସହ ଛାତ୍ରୀମାନଙ୍କୁ ଖେଳକୁଦ, ସ୍ୱାସ୍ଥ୍ୟ ସଚେତନତା ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।



ଶିବିରରେ ଯୋଗ ଦେଇଥିବା ଛାତ୍ରୀମାନେ ।

## କ୍ରିକେଟ୍: ଫାଇନାଲରେ ବୀରମିତ୍ରପୁର

ରାଉରକେଲା,୧୬।୨(ଦିନେଶ ମିଶ୍ର)

ବାସନ୍ତୀ କଲୋନୀସ୍ଥିତ ଡିଏଭି ଖେଳ ପଡିଆରେ ଜିଏସ୍‌ଏ କ୍ଲବ ପକ୍ଷରୁ ପ୍ରଥମ ସୂର୍ଯ୍ୟକାନ୍ତ ମେମୋରିଆଲ ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଶେଷ ହୋଇଛି। ଏହି ମ୍ୟାଚ୍‌ରେ ରାଉରକେଲା ଜିମ୍‌ଖାନା ଦଳକୁ ବୀରମିତ୍ରପୁର କ୍ରିକେଟ କ୍ଲବ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛି। ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ରାଉରକେଲା ଜିମ୍‌ଖାନା ଓ ବୀରମିତ୍ରପୁର ମଧ୍ୟରେ ଖେଳାଯାଇଥିଲା। ଏଥିରେ ବୀରମିତ୍ରପୁର ଦଳ ପ୍ରଥମେ ଟସ୍ ଜିତି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଜିମ୍‌ଖାନା ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରେ ୯ ଉଇକେଟ ହରାଇ ୧୨୩ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତୀଶ କଂସାରୀ ୩୧ ବଲ ଖେଳି ସର୍ବାଧିକ ୨୮ ରନ କରିଥିଲେ। ବୀରମିତ୍ରପୁର ଦଳ ପକ୍ଷରୁ ସୁବାଷ ସାହୁ ୪ ଓଭର ବୋଲିଂ କରି ୩୨ ରନ ଦେଇ ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଏହି ରନ୍ ଲକ୍ଷ୍ୟକୁ ନେଇ ବୀରମିତ୍ରପୁର ଦଳ ତାର ୬ ଉଇକେଟ ହରାଇ ୧୨୪ ରନ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଏମ୍‌ଡି ସବା ସର୍ବାଧିକ ୨୨ ରନ କରିଥିଲେ। ସମାଜସେବୀ ଜେଷ୍ଟଲ ପରିଡା ଅତିଥି ଭାବେ ଯୋଗ ଦେଇଥିଲେ। ସୁବାଷ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଜିଏସ୍‌ଏ କ୍ଲବର ସରୋଜ ପରିଡା ଓ ଭରତ ଭୂଷଣ ପରିଡା ଅମ୍ପାୟାର ଭାବେ ମ୍ୟାଚ୍ ପରିଚାଳନା କରିଥିଲେ। ମ୍ୟାଚ୍‌ରେ ବିଶ୍ୱଜିତ ଚକ୍ରବର୍ତ୍ତୀ ଓ ଆୟୁଷ ସୋନକର ରନ ତଦାରଖ କରିଥିଲେ। ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ବିଡିସିଟି ଓ ବନ୍ଧମୁଣ୍ଡା ମଧ୍ୟରେ ଶନିବାର ଖେଳାଯିବ ବୋଲି ସଭାପତି ଆଶିଷ ମିଶ୍ର ସୂଚନା ଦେଇଛନ୍ତି ।

**ରାଉରକେଲାରେ ଭାରତ ବନ୍ଦ ପ୍ରଭାବଶୂନ୍ୟ**

# ବିଶ୍ରା ଛକରେ ବିକ୍ଷୋଭ

ରାଉରକେଲା,୧୬।୨(ସଙ୍ଗୀତା ଜେନା)

କେନ୍ଦ୍ରର ମୋଦି ସରକାରଙ୍କ କୁଶାସନ, ଶ୍ରମିକ, କୃଷକ ଓ ଜନବିରୋଧୀ ନୀତି ବିରୋଧରେ ଦେଶର ସମସ୍ତ କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ, ସ୍ୱାଧୀନ କର୍ମଚାରୀ ଫେଡେରେଶନ ଓ ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ୨୧ ଦଫା ଦାବି ନେଇ ଦେଶବ୍ୟାପୀ ୧୨ ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା। ଏହି କ୍ରମରେ ସକାଳ ୯ଟା ପର୍ଯ୍ୟନ୍ତ ବିଶ୍ରା ଛକରେ ବିଭିନ୍ନ ଟ୍ରେଡ୍ ୟୁନିୟନ ପକ୍ଷରୁ ପିକେଟିଂ କରାଯିବା ପରେ ବେଦବ୍ୟାସ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ଏହି ବନ୍ଦର ପ୍ରଭାବ ଇସ୍ପାତ ସହରରେ ସେତେଟା ପରିଲକ୍ଷିତ ହୋଇ ନ ଥିଲା। କିଛି ସ୍କୁଲ ବ୍ୟତୀତ ପ୍ରାୟ ସହରର ଅନେକ ସ୍କୁଲ, କଲେଜ, ବ୍ୟାଙ୍କ, କାର୍ଯ୍ୟାଳୟ, ଦୋକାନ ବଜାର ଆଦି ଖୋଲା ରହିଥିଲା। ଏପରିକି ଇସ୍ପାତ କାରଖାନାରେ କର୍ମଚାରୀ ଓ ଶ୍ରମିକମାନେ ନିର୍ଦ୍ଧାରିତ ସମୟରେ ଡ୍ୟୁଟିରେ ଯୋଗ ଦେଇଥିଲେ। ସେହିପରି ରିଂରୋଡ୍ ଓ ଅନ୍ୟ ରାସ୍ତାରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ବିଶ୍ରା ଛକରେ ଆୟୋଜିତ ବିକ୍ଷୋଭରେ ସିଟୁ ସର୍ବଭାରତୀୟ ନେତା ବିଷ୍ଣୁ ମହାନ୍ତି, ବିମାନ ମାଇତି, ବସନ୍ତ ନାୟକ, ରାଜିକଶୋର ପ୍ରଧାନ, ବି. ପି. ମହାପାତ୍ର, ହୃଦାନନ୍ଦ ଯାଦବ, ଜାହାଙ୍ଗୀର ଅଲ୍ଲୀ, ଆର୍‌ଏସ୍‌ଏସ୍‌ର ନିହାର ଦାସ, ବୀରକିଶୋର ଶେଖର ଦେଓ, ଆର୍‌ଏମ୍‌ଏସ୍‌ର ପ୍ରମୋଦ ଦାସ, ସଦାନନ୍ଦ ସାହୁ, ରମେଶ ସେଠୀ, ଅଜିତ ନାୟକ, ବିଷ୍ଣୁ ପଣ୍ଡା, କୃଷକ ମୋର୍ଚ୍ଚାର ସୁରେନ୍ଦ୍ର ଦାଶଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ। ଭାରତ ବନ୍ଦକୁ ରାଉରକେଲା ଜିଲା କଂଗ୍ରେସ ସମର୍ଥନ ଦେଇଥିଲା। କଂଗ୍ରେସ କର୍ମୀମାନେ ବିଶ୍ରା ଛକରେ ଏକାଠି ହୋଇ ବିଭିନ୍ନ ଦାବି ସମ୍ପର୍କରେ ସ୍ଲୋଗାନ ଦେଇଥିଲେ। ସଭାପତି ରବି ରାୟ, ପିସିସି ସାଧାରଣ ସମ୍ପାଦକ ବିରେନ ସେନାପତି, ପ୍ରାକ୍ତନ ବିଧାୟକ ପ୍ରଭାତ ମହାପାତ୍ର, ସନ୍ତୋଷ ବିଶ୍ୱାଳଙ୍କ ସମେତ ଶତାଧିକ କର୍ମୀ ଏଥିରେ ଅଂଶଗ୍ରହଣ କରିଥିଲେ।




ବିଶ୍ରା ଛକରେ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

## ସଂକ୍ଷେପରେ

### ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଦେବଗଡ଼,୧୬।୨(ଶଶାଙ୍କ ଶେଖର ଝାଙ୍କର): ତିଲେଇବଣି ବ୍ଲକ ଲୁଡରସ୍ଥିତ ସୁବାସ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୭ ତାରିଖଠାରୁ ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବାହ୍ନରେ ଅନୁଷ୍ଠାନର ଅଧ୍ୟକ୍ଷ ସରୋଜ କୁମାର ସେଠଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅନୁଷ୍ଠାନର ଅବସର ପ୍ରାପ୍ତ ଅଧ୍ୟାପକ ନରେଶ ଶଙ୍କର ହଂସ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀଙ୍କ ପାଇଁ ଆତ୍ମ ସୁରକ୍ଷା ତାଲିମର ପ୍ରାସଙ୍ଗିକତା ଓ ଆବଶ୍ୟକତା ଉପରେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଏଥିସହ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ୮ଦିନ ଧରି ଅନୁଷ୍ଠିତ ହୋଇଥିବା ଉକ୍ତ ପ୍ରଶିକ୍ଷଣ ଶିବିରରେ ମାଷ୍ଟର ଟ୍ରେନରଭାବେ ଦୀପା ବିଶ୍ୱାଳ ଯୋଗଦେଇ ଛାତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ଅଧ୍ୟାପକ ନରେନ୍ଦ୍ର କୁମାର ମହାପାତ୍ର, ନେତ୍ରାନନ୍ଦ ଜୟପୁରିଆ, ରାକେଶ ଚନ୍ଦ୍ର ସେଠୀ, ହିରଣ୍ମୟ ନନ୍ଦ, ମୋହନଲାଲ ବାଘ ଓ ସଞ୍ଜୟ କୁମାର ପ୍ରଧାନଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ ଓ କର୍ମଚାରୀ ଉପସ୍ଥିତ ଥିଲେ ।

### ଜିଲା କୃଷକ ସଂଘର ଗାଁକୁ ଚାଲ ବାଇକ୍ ଶୋଭାଯାତ୍ରା

ଦେବଗଡ଼,୧୬।୨(ଶଶାଙ୍କ ଶେଖର ଝାଙ୍କର): ସଂଯୁକ୍ତ କିସାନ ମୋର୍ଚ୍ଚାର ଭାରତ ବନ୍ଦ ଡାକରାରେ ପଶ୍ଚିମ ଓଡିଶା କୃଷକ ସମନ୍ୱୟ ସମିତିର ନିଷ୍ପତ୍ତି କ୍ରମେ ଦେବଗଡ ଜିଲା କୃଷକ ସଂଘ ପକ୍ଷରୁ ଶୁକ୍ରବାର ଗାଁକୁ ଚାଲ ଅଭିଯାନ ଆରମ୍ଭ ହୋଇଯାଇଛି। ଜିଲା କୃଷକ ସଂଘ ସଭାପତି ପ୍ରମୋଦ କୁମାର ଝାଙ୍କର, ଆଇନ ପରାମର୍ଶଦାତା ବିଭୂତି ଗଙ୍ଗଦେବ, ରାମସାଗର ମୁଣ୍ଡା, ସନ୍ତୋଷ ପ୍ରଧାନ, ସଚ୍ଚିଦାନନ୍ଦ ପଟ୍ଟନାୟକ, ବିନୋଦ ବିହାରୀ ନାୟକ, ଉପେନ୍ଦ୍ର କୁମୁରା, ପ୍ରମୋଦ କୁମାର ସାହୁ, ନିରଞ୍ଜନ ବେହେରା, କମଳ ପ୍ରଧାନ ଓ ପୂର୍ଣ୍ଣଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଚାଷୀମାନେ ବାରକୋଟ ବ୍ଲକର ଡଁରା, ବସାଲଇ, ତିଲେଇବଣି ବ୍ଲକର ସୁଗୁଡା ଓ କେନ୍ଦେଇଜୁରୀ ଏବଂ ରିଆମାଳ ବ୍ଲକର ତେନ୍ତଲାବାହାଳ ଓ ତାବଡା ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ଏକ ବାଇକ ଶୋଭାଯାତ୍ରାରେ ଯାଇ ନାରାବାଜି କରିଥିଲେ। ସମସ୍ତ କୃଷିଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ନର୍ଦ୍ଧାରଣ,ସ୍ୱାମୀନାଥନ କମିଟି ରିପୋର୍ଟକୁ କାର୍ଯ୍ୟକାରୀ କରିବା, ଚାଷୀଙ୍କୁ ବନୋସ ପ୍ରଦାନ କରିବା ସହ କୃଷିଋଣ ସମ୍ପୂର୍ଣ୍ଣ ଭାବେ ଛାଡ କରିବା ଆଦି ଦାବିରେ ଏହି ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ଶାଳକାଠ ଜବତ: ୩ ଗିରଫ

ଘଣ୍ଟାପଡା,୧୬।୨ (ପ୍ରଭାତ କୁମାର ସାହୁ): ବୌଦ୍ଧ ଜିଲା କଣ୍ଟାମାଳ ରେଞ୍ଜ ଅନ୍ତର୍ଗତ ମଲିଗୁଦ ଗ୍ରାମ ଗୁରୁଦାପଡା ଛକ ନିକଟରୁ ୮୦ ଖଣ୍ଡ ଶାଳ କାଠ ବନ ବିଭାଗ ଜବତ କରଛି। ଏହି ଘଟଣାରେ ୩ ଜଣକୁ ଗିରଫ କରାଯାଇଛି । ଶୁକ୍ରବାର ଏକ ଟାଟା ମ୍ୟାଜିକ୍‌ରେ କାଠ ଚାଲାଣ ହେଉଥିବା ଖବର ପାଇଥିଲେ।

# ଲୋକମୁକ୍ତି ସଙ୍ଗଠନ ପକ୍ଷରୁ ଗଣଧାରଣା

## ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

କୁଚିଣ୍ଡା,୧୬।୨(ବିରଞ୍ଚି ଦର୍ଜୀ)


ବାମରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ସାମିଲ ହୋଇଥିବା ମହିଳା, ପୁରୁଷ।

ଭୂମି ଅଧିକାର ଦାବି ନେଇ ଚାଲିଥିବା ଦେଶବ୍ୟାପି ଆନ୍ଦୋଳନ ଡାକରାକୁ ଲୋକମୁକ୍ତି ସଙ୍ଗଠନ ସମର୍ଥନ କରିଛି। ସଙ୍ଗଠନ ପକ୍ଷରୁ ଶୁକ୍ରବାର ସମ୍ବଲପୁର ଜିଲା ବାମରା ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଥିଲା। ଦରଦାମ ବୃଦ୍ଧି, ବେରୋଜଗାର, କୃଷକ ଓ ଶ୍ରମିକ ବିରୋଧି ନୀତି ସମେତ ବିଭିନ୍ନ ଦାବିରେ ଏହି ଆନ୍ଦୋଳନ ହୋଇଥିବାବେଳେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସଙ୍ଗଠନର ବାମରା ବ୍ଲକ ସଭାପତି ପାତ୍ର ବାଘଙ୍କ ସଭାପତିତ୍ୱରେ ହୋଇଥିବା ଗଣଧାରଣା ଓ ପ୍ରତିବାଦ ସଭାରେ ଲୋକମୁକ୍ତି ସଙ୍ଗଠନର କେନ୍ଦ୍ରୀୟ ସମ୍ପାଦକ ଗ୍ରେଗୋରୀ ସାମାଦ ସ୍ୱାଗତ ଭାଷଣ ଦେଇ ସଭା ପରିଚାଳନା କରିଥିଲେ। ଏଥିରେ ସଙ୍ଗଠନର ସଂଯୋଜକ ଜିନିତ ସାମାଦ, ଉପଦେଷ୍ଟା ଅନନ୍ତ କୁମାର, ସଗରା ସମିତି ସଭ୍ୟ ହାବିଲ ଏକ୍କା, ଗଡପୋଷ ସରପଞ୍ଚ ପୁଷ୍ପା ତିର୍କୀ, ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା, ଲୋକମୁକ୍ତି ସଙ୍ଗଠନର ମୁଖ୍ୟ ସଂଯୋଜକ ଉମାକାନ୍ତ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଜଙ୍ଗଲ ଅଧିକାର ଆଇନ ଓ ପେସା ଆଇନ ଲାଗୁ କରିବା ନିମନ୍ତେ ବକ୍ତାମାନେ ଆଲୋଚନା କରି ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରିବାକୁ ଆହ୍ୱାନ ଦେଇଥିଲେ। ପରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୨୧ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ତହସିଲଦାର ଦିଲୀପ କୁମାର ପ୍ରଧାନଙ୍କୁ ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ହେଉଛି, ପଞ୍ଚମ ଅନୁସୂଚିତ ଅଞ୍ଚଳରେ ବେଆଇନ ଜମି ଅଧିଗ୍ରହଣ ଓ ଜମି ହସ୍ତାନ୍ତର, ଆଦିବାସୀ ଜମି ଜବରଦଖଲ ଉପରେ କାର୍ଯ୍ୟାନୁଷ୍ଠାନ, ପେସା ଆଇନ ଲାଗୁ କରି ଏହାର ଅଧିକାର ଗ୍ରାମସଭାକୁ ପ୍ରଦାନ, ଗ୍ରାମସଭାର ବିନା ଅନୁମତିରେ ବାମରା ତହସିଲ ଅଞ୍ଚଳରେ ତଫସିଲଭୁକ୍ତ ସରକାରୀ ଜମିକୁ ଜମି ବ୍ୟାଙ୍କ ସୃଷ୍ଟି ଉଦ୍ଦେଶ୍ୟରେ ଓଡ଼ିଶା ଶିଳ୍ପାଞ୍ଚଳ ଭିତ୍ତିଭୂମି ବିକାଶ ନିଗମକୁ ହସ୍ତାନ୍ତର ପ୍ରସ୍ତାବ ପ୍ରତ୍ୟାହାର, ଜଳ, ଜମି, ଜଙ୍ଗଲ, ପ୍ରାକୃତିକ ସଂଶାଧନ ଉପରେ ଗ୍ରାମସଭା ଅଧିକାର ଓ ନିୟନ୍ତ୍ରଣକୁ ସୀକୃତି ପ୍ରଦାନ, ଜଙ୍ଗଲ ଅଧିକାର ଆଇନ ୨୦୦୬କୁ କାର୍ଯ୍ୟକାରୀ କରି ବ୍ୟକ୍ତିଗତ, ଗୋଷ୍ଠୀଗତ ଜଙ୍ଗଲ ଅଧିକାର, ଗୋଷ୍ଠୀ ଜଙ୍ଗଲ ସମ୍ବଳ ଅଧିକାର ପ୍ରଦାନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଆଦି ରହିଛି। ସେହିପରି ପାରମ୍ପରିକ ବନବାସୀଙ୍କୁ ବ୍ୟକ୍ତିଗତ ଜଙ୍ଗଲ ଜମି ଅଧିକାରର ସ୍ୱୀକୃତି ପ୍ରଦାନ, କେନ୍ଦ୍ର ସରକାରଙ୍କ ଦ୍ୱାରା ଅଣାଯାଇଥିବା ନୂତନ ବନ ସଂରକ୍ଷଣ ନିୟମକୁ ପ୍ରତ୍ୟାହାର କରିବା, ଶ୍ରମିକଙ୍କ ସର୍ବନିମ୍ନ ମଜୁରୀ ୮୭୦ଟଙ୍କା କରିବା, ୬୦ ବର୍ଷ ପରେ କୃଷକ ଓ ଶ୍ରମିକଙ୍କୁ ଅବସର ଘୋଷଣା କରି ମାସକୁ ୧୦ହଜାର ଟଙ୍କା ପେନସନ ଦେବା, ଏମ୍‌ଜିଏନ୍‌ଆରଇଜିଏସ୍ ଶ୍ରମିକଙ୍କୁ ୨୦୦ ଦିନର କାମ ଯୋଗାଇ ଦେବା, ବେକାର ଯୁବତୀ ଯବକଙ୍କୁ ସ୍ଥାୟୀ ନିଯୁକ୍ତି, ବେରୋଜଗାର ଯୁବତୀଯୁବକଙ୍କୁ ମାସିକ ୧୦ହଜାର ଟଙ୍କା ଭତ୍ତା, ପୂର୍ବ ପ୍ରଚଳିତ ପେନସନ ନୀତିକୁ ପୁନର୍ବାର ଲାଗୁ କରିବା, ଦରଦାମ ନିୟନ୍ତ୍ରଣ କରିବା ଆଦି ପ୍ରମୁଖ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଆନ୍ଦୋଳନରେ କୈଳାଶ ପିଙ୍ଗ, ରାଜେଶ ମେହେର, ବିରଞ୍ଚି ନିଖଣ୍ଡିଆ, ଅମ୍ଳାନ ତପ୍ପ, ପ୍ରତାପ ସାହୁ, ନାବର କୁଲୁ, ମୁନକୁ ଲାକ୍ରା, ଉତ୍ତମ କୁଲୁ, କିଶୋର ଲାକ୍ରା, ଆସିୟନି ସୁରିନ, ଗୁଣନିଧି ନିଖଣ୍ଡିଆ, ପରମାନନ୍ଦ ଦର୍ଜୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନାବାଳିକା ବଳାତ୍କାର ମାମଲା ୨ ନିର୍ଦ୍ଦୋଷରେ ଖଲାସ

ଦେବଗଡ଼,୧୬।୨(ଶଶାଙ୍କ ଶେଖର ଝାଙ୍କର)

ଅତିରିକ୍ତ ଜିଲା ଜଜ ତଥା ସ୍ୱତନ୍ତ୍ର ଅଦାଲତ ଏକ ନାବାଳିକା ବଳାତ୍କାର ମାମଲାର ବିଚାର କରି ଉପଯୁକ୍ତ ପ୍ରମାଣ ଅଭାବରୁ ୨ ଅଭିଯୁକ୍ତଙ୍କୁ ଶୁକ୍ରବାର ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୧ ସେପ୍ଟେମ୍ବର ୨୩ରେ ରିଆମାଳ ଥାନା ଅଞ୍ଚଳର ଜଣେ ଟ୍ୟୁସନ ଫେରନ୍ତା ୭ମ ଶ୍ରେଣୀ ଛାତ୍ରୀଙ୍କୁ ନିକଟସ୍ଥ ଗ୍ରାମର ଚିନ୍ମୟ ବାଦୀ ଓ ସୁବାସ ବାଦି ନାମକ ୨ ଜଣ ଯୁବକ ରାସ୍ତାରେ ଅଟକାଇ ଜଙ୍ଗଲ ମଧ୍ୟକୁ ନେଇ ବଳ ପୂର୍ବକ ବଳାତ୍କାର କରିଥିବା ରିଆମାଳ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଅଭିଯୁକ୍ତ ଚିନ୍ମୟ ଓ ସୁବାସଙ୍କ ବିରୋଧରେ ବଳାତ୍କାର ଓ ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରିବା ସହ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେହିଦିନ ଠାରୁ ସେମାନେ ବିଚାରାଧିନ ବନ୍ଦୀ ଭାବେ ଜେଲରେ ଥିଲେ। ଏହି ମାମଲାରେ ସାକ୍ଷୀଙ୍କ ବୟାନ ଓ ଉଭୟ ପକ୍ଷର ଓକିଲଙ୍କ ଜବାବ ସୁଆଲକୁ ଭିତ୍ତିକରି ଅତିରିକ୍ତ ଜିଲା ଜଜ ତଥା ସ୍ୱତନ୍ତ୍ର ଜଜ୍ ସନ୍ତୋଷ କୁମାର ନାୟକ ଉପଯୁକ୍ତ ପ୍ରମାଣ ଅଭାବରୁ ଅଭିଯୁକ୍ତ ଦ୍ୱୟଙ୍କୁ ନିର୍ଦ୍ଦେଷରେ ଖଲାସ କରିଥିଲେ। ଅଭିଯୁକ୍ତ ଚିନ୍ମୟ ପକ୍ଷରୁ ଆଇନଜୀବୀ ଦିଲ୍ଲୀପ କୁମାର ଗୁରୁ ଓ ସିଦ୍ଧେଶ୍ୱର ଗୁରୁ ଏବଂ ସୁବାସ ବାଦୀ ପକ୍ଷରୁ ପ୍ରମଥେଶ ଗୁରୁ ମୋକଦ୍ଦମା ପରିଚାଳନା କରିଥିଲେ।

# ଜିଲା କଂଗ୍ରେସ କମିଟିର ମିଶ୍ରଣ ପର୍ବ



ଦେବଗଡ଼,୧୬।୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲା କଂଗ୍ରେସ କମିଟି ପକ୍ଷରୁ ସର୍କିଟ ହାଉସରେ ଏକ ମିଶ୍ରଣ ପର୍ବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରିଆମାଳ ବ୍ଲକ ଗୁଣ୍ଡିଆପାଲି ପଞ୍ଚାୟତର ଯୁବନେତା ସୁନୀଲ ଦଳବେହେରା, କେଶବ ଚନ୍ଦ୍ର ପ୍ରଧାନ, ନିରଞ୍ଜନ ବେହେରା, କଷ୍ଟୁ ପ୍ରଧାନ, ପଞ୍ଚାନନ ଭୁକ୍ତା, ପୁରଣ ଘଡେଇ, ସଂସାର ବେହେରା,ପୌଲସ୍ତି ଗଡତିଆ, ବାମଦେବ ମାଝି,ବାବୁଲି ବେହେରା, ଦୀପୁ ବେହେରା, ଏସାକ ଗୁଡିଆ, ବିନୋଦ ବେହେରା, ପ୍ରଦୀପ ସାହୁ, ପ୍ରଶାନ୍ତ ଅମାତ୍ୟ, ପିଣ୍ଟୁ ବେହେରା, ସୁଶାନ୍ତ ବେହେରା, ଜୋହାନ ଗୁଡିଆ, ଡିଲେଶ୍ୱର ବେହେରା, ପ୍ରଶନ୍ନ ବେହେରାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆନୁଷ୍ଠାନିକଭାବେ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ସମାନଙ୍କୁ ଜିଲା କଂଗ୍ରେସ ସଭାପତି ସେମ୍ ହେମ୍ବ୍ରମ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। କଂଗ୍ରେସ ଦଳର ନୀତି ଓ ଆଦର୍ଶ ସାଙ୍ଗକୁ ରାହୁଳ ଗାନ୍ଧୀ ଓ ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଆକର୍ଷିତ ହୋଇ ସେମାନେ କଂଗ୍ରେସରେ ଯୋଗ ଦେଇଥିବା ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ ରମେଶ ପାତ୍ର, ଜିଲା କଂଗ୍ରେସ ଓବିସି ସେଲ ସଭାପତି ସୁବାସ ଚନ୍ଦ୍ର ଭୋଇ,ଦେବଗଡ ନଗର ସଭାପତି ରେବତୀ ମୋହନ ପଟ୍ଟନାୟକ, ଜିଲା ଯୁବ କଂଗ୍ରେସ ସଭାପତି ସଲମନ ହେନେଜ ଓ ସୋସିଆଲ ମିଡିଆ ସଭାପତି ଶ୍ରୀତମ ସାହୁଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ଆଗକୁ ସାଧାରଣ ନିର୍ବାଚନ ଥିବା ବେଳେ ନବାଗତଙ୍କ ଯୋଗଦାନ କଂଗ୍ରେସ ଦଳର ସଙ୍ଗଠନକୁ ଅଧିକ ସୁଦୃଢ କରିବ ବୋଲି ଜିଲା କଂଗ୍ରେସ ସଭାପତି ହେମ୍ବ୍ରମ ପ୍ରକାଶ କରିଛନ୍ତି।

# ଭାଜପା ମିଶ୍ରଣ ପର୍ବ: ବିଜେଡି କର୍ମୀଙ୍କ ଯୋଗଦାନ

ଜମନକିରା,୧୬।୨(ରବୀନ୍ଦ୍ର ପ୍ରସାଦ ଦାନୀ)


ଜମନକିରା ଭାଜପାର ମଣ୍ଡଳସ୍ତରୀୟ ମିଶ୍ରଣ ପର୍ବରେ ଉପସ୍ଥିତ ଦଳୀୟ କର୍ମକର୍ତ୍ତା।

ସମ୍ବଲପୁର ଜିଲା ଜମନକିରା ଭାଜପା (ଭାରତୀୟ ଜନତା ପାର୍ଟି)ର ମଣ୍ଡଳସ୍ତରୀୟ ମିଶ୍ରଣ ପର୍ବରେ ଶୁକ୍ରବାର ବହୁ ବିଜେଡି କର୍ମୀ ଯୋଗଦାନ କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କୁଚିଣ୍ଡାର ପୂର୍ବତନ ବିଧାୟକ ରବିନାରାୟଣ ନାଏକଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସେମାନେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି। ଏହି ମିଶ୍ରଣ ପର୍ବରେ କସଡ଼ାର ପଞ୍ଚାୟତର ପୂର୍ବତନ ବିଜେଡି ସଭାପତି ପରଦେଶୀ କିଷାନ, ଅବସରପ୍ରାପ୍ତ କୃଷି ଅଧିକାରୀ ସନାତନ ଖିଡ଼ିଡି, ବିଜୁ ଯୁବ ବାହିନୀର ଶତାଧିକ କାର୍ଯ୍ୟକର୍ତ୍ତା ଯୋଗଦେଇଥିବା ନେଇ ମଣ୍ଡଳ ସଭାପତି ଅମୋଘ ବୈରି ଗଞ୍ଜନ ପାଣିଗ୍ରାହୀ ପ୍ରେସ ବିବୃତ୍ତିରେ ସୂଚନା ଦେଇଛନ୍ତି। ଏମାନଙ୍କ ଯୋଗଦାନ ପରେ ଜମନକିରା ମଣ୍ଡଳ ସଙ୍ଗଠନକୁ ଆହୁରି ମଜବୁତ କରିଥିବାରୁ ମଣ୍ଡଳ ସଭାପତି ପାଣିଗ୍ରାହୀ ଯୋଗଦାନ କରିଥିବା କର୍ମୀଙ୍କୁ ସ୍ୱାଗତ ଏବଂ ଅଭିନନ୍ଦନ ଜଣାଇଛନ୍ତି। ଏହି ମିଶ୍ରଣପର୍ବ ବେଳେ କୁଚିଣ୍ଡାର ପୂର୍ବତନ ବିଧାୟକ ତଥା ରାଜ୍ୟ ଉପସଭାପତି ନାଏକଙ୍କ ସମେତ ବୀରେନ୍ଦ୍ର ଚୌଧୁରୀ ଜିଲା ଉପ ସଭାପତି ସମ୍ବଲପୁର, ସୁନୀଲ ମୁଦୁଲି ସାଂସଦ ପ୍ରତିନିଧି, ଲୋକେଶ ଚୌଧୁରୀ ପଞ୍ଚାୟତ ସଭାପତି କସଡ଼ା, ରାଜୀବ ନାୟକ ମଣ୍ଡଳ ଉପସଭାପତି, ଶ୍ରୀକାନ୍ତ ପଟେଲ ପୂର୍ବତନ ବ୍ଲକ ସଭାପତି ଜମନକିରା, ମିତ୍ରଭାନୁ ପଟେଲ, ବୀରକିଶୋର କାଲୋ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି ସ୍ୱାଗତ କରିଥିଲେ।

### ଗଛରେ ପିଟି ହେଲା ବୋଲେରୋ

ନାକଟିଦେଉଳ,୧୬।୨(ବୈକୁଣ୍ଠନାଥ ସାହୁ): ସମ୍ବଲପୁର ଜିଲା ନାକଟିଦେଉଳ ଥାନା ଅନ୍ତର୍ଗତ ଦେବଗଡ଼ -ରେଢ଼ାଖୋଲ ରାଜ୍ୟ ରାଜପଥର ଚନ୍ଦ୍ରପୁର ନିକଟରେ ଶୁକ୍ରବାର ଅପରାହ୍ନରେ ଏକ ବୋଲେରୋ ଗାଡି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ତିନି ଜଣ ଆହତ ହୋଇଥିବାବେଳେ ସେଥି ମଧ୍ୟରୁ ଦୁଇଜଣ ଗୁରୁତର ଥିବା ଜଣାପଡିଛି। ଅପରାହ୍ନ ପ୍ରାୟ ୩ଟାରେ ବୋଲେରୋ ରିଆମାଳ ପଟରୁ ନାକଟିଦେଉଳ ପଟକୁ ଆସୁଥିବାବେଳେ ଚନ୍ଦ୍ରପୁର ନିକଟରେ ଚାଳକ ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଆହତମାନେ ହେଲେ ନାକଟିଦେଉଳ ବ୍ଲକ ଉଇଁଚା ଗ୍ରାମର ଆନନ୍ଦମୟ ପ୍ରଧାନ (୨୩), କୁମୁଦ ମିର୍ଦ୍ଧା (୨୬) ଏବଂ ଅଜିତ ପ୍ରଧାନ (୨୦)। ତେବେ ଆନନ୍ଦମୟ ଏବଂ କୁମୁଦଙ୍କ ଅବସ୍ଥା ଗୁରୁତର ଥିବାରୁ ଉଭୟଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

# ଧଉରାଗୋଠରେ ଭାଜପାର ଗାଁକୁ ଚାଲ ଅଭିଯାନ


କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମୀବୃନ୍ଦ।

ଦେବଗଡ଼,୧୬।୨(ଶଶାଙ୍କ ଶେଖର ଝାଙ୍କର)

ଭାରତୀୟ ଜନତା ପାର୍ଟି ପକ୍ଷରୁ ରିଆମାଳ ବ୍ଲକ ଗୁଣ୍ଡିଆପାଲି ପଞ୍ଚାୟତ ଧଉରାଗୋଠ ଗ୍ରାମରେ ଗାଁକୁ ଚାଲ ଅଭିଯାନ ଅନୁଯାୟୀ ଶୁକ୍ରବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଭାଜପାର ୯ ବର୍ଷର ଶାସନ କାଳରେ ହୋଇଥିବା ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଉପରେ ଆଲୋଚନା ହୋଇଥିଲା। ଏଥିସହ ଗ୍ରାମବାସୀଙ୍କୁ ଭାଜପା ଦଳର କ୍ୟାଲେଣ୍ଡର, ପ୍ରଚାର ପତ୍ର, ଷ୍ଟିକର ସମେତ ବିକଶିତ ଭାରତ ଗ୍ୟାରେଣ୍ଟି ସମ୍ପର୍କିତ ଲିଫଲେଟ ବଣ୍ଟନ କରାଯାଇଥିଲା। ଭାଜପା ଯୁବନେତା ସୁଧିର କୁମାର ବ୍ରହ୍ମାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଲୋକ ଦ୍ୱିବେଦୀ, ମହେନ୍ଦ୍ର କୁମାର ରଣା ଓ ଲିପୁନ କୁମାର ବାରିକଙ୍କ ସମେତ ବହୁ ଭାଜପା ନେତା ଓ କର୍ମୀ ଉପସ୍ଥିତ ଥିଲେ।

# ମୋ ଜଙ୍ଗଲ ଜମି ଯୋଜନା ସମ୍ବନ୍ଧୀୟ ଜିଲା ସ୍ତରୀୟ ପ୍ରଶିକ୍ଷଣ ଶିବିର

ଦେବଗଡ଼,୧୬।୨(ଶଶାଙ୍କ ଶେଖର ଝାଙ୍କର)



ଶିବିରରେ ଉପସ୍ଥିତ ଅତିଥି ବୃନ୍ଦ।

ଦେବଗଡ ଜିଲା ପ୍ରଶାସନ ଓ ଅନୁସୂଚିତ ଜନଜାତି, ଜାତି ଉନ୍ନୟନ, ସଂଖ୍ୟାଲଘୁ ସଂପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ମୋ ଜଙ୍ଗଲ ଜମି ଯୋଜନା ସମ୍ବନ୍ଧୀୟ ଏକ ଜିଲା ସ୍ତରୀୟ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମଙ୍ଗଳ ଅଧିକାରୀ ବିଭୂ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଜଙ୍ଗଲ ଅଧିକାର ଆଇନ-୨୦୦୬ ଅଧିନସ୍ଥ ମୋ ଜଙ୍ଗଲ ଜମି ଯୋଜନାରେ ଯେଉଁ ଆଦିବାସୀ ଓ ଅଣ ଆଦିବାସୀ ଜଙ୍ଗଲ ଜମି ଅଧିକାର କରୁଛନ୍ତି ସେମାନଙ୍କୁ ସରକାରୀ ନୀତି ନିୟମ ଅନୁଯାୟୀ ଜଙ୍ଗଲ ଜମିର ଅଧିକାର ସ୍ୱତ୍ୱ ପ୍ରଦାନ ଉପରେ ଆଲୋକପାତ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଉପ ଜିଲାପାଳ ପରକ୍ଷୀତ ସାହୁ,ଆଇଟିଡିଏର ପ୍ରକଳ୍ପ ପ୍ରଶାସିକା ସଂଧାରାଣି ମାଝି, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ,ପ୍ରଗରାମ ଅଫିସର ତୁଷାର ଦାସ ଓ ବିଶ୍ୱରୂପ ସାହୁଙ୍କ ସମେତ ତହସିଲଦାର, ବନ ବିଭାଗର ରେଞ୍ଜ ଅଫିସର, ଫରେଷ୍ଟର ଓ ରେଭେନ୍ୟୁ ଇନ୍ସପେକ୍ଟର ଉପସ୍ଥିତ ଥିଲେ ।

# ପ୍ରତିଭା ବିକାଶ, ଏକତା, ପ୍ରଗତିର ବାର୍ତ୍ତା ବାଣ୍ଟୁଛନ୍ତି ଅକ୍ଷୟ

ପଢ଼ିଆବାହାଲ, ୧୬।୨(ରାଧାମୋହନ ଷଡ଼ଙ୍ଗୀ)


ଗୃହରକ୍ଷୀ ଅକ୍ଷୟ କୁମାର ନାୟକଙ୍କ ସହିତ ଗାଁର ପିଲାମାନେ।

ସମ୍ବଲପୁର ଜିଲା ଖଲିଆପାଲି ମାଲିପଡାରେ ନିଆରା ଢଙ୍ଗରେ ସରସ୍ୱତୀ ପୂଜା ପାଳିତ ହୋଇଥିଲା। ପୂଜା ସହିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଗୃହରକ୍ଷୀ କାମ କରୁଥିବା ଅକ୍ଷୟ କୁମାର ନାୟକ ସମସ୍ତ ଖର୍ଚ୍ଚ ତୁଲାଇଥିଲେ। ଅଞ୍ଚଳରେ ପ୍ରତିଭାର ବିକାଶ, ଏକତା ଓ ପ୍ରଗତି ପାଇଁ ସେ କାର୍ଯ୍ୟ କରୁଛନ୍ତି। ସେ ବୃତ୍ତିରେ ଜଣେ ଗୃହରକ୍ଷୀ ହେଲେ ମଧ ଜାତିରେ ବ୍ରାହ୍ମଣ ଓ ପିତାଙ୍କ ଅମଳରୁ ବିଭିନ୍ନ ଧର୍ମକାର୍ଯ୍ୟରେ ପଣ୍ଡିତ କାମ ମଧ କରିଥାନ୍ତି। କୌଳିକ ବୃତ୍ତିରୁ ଯାହାବି ଦାନ ଅର୍ଥରେ ସେ ପାଇଥାନ୍ତି ତାହାକୁ ଅନ୍ୟ କାମରେ ବ୍ୟବହାର ନ କରି ଗାଁରେ ପିଲାଙ୍କ ଉତ୍ସାହ ପାଇଁ ପାଳନ ହେଉଥିବା ଗଣେଷ ଓ ସରସ୍ୱତୀ ପୂଜାରେ ବିନିଯୋଗ କରିଥାନ୍ତି। ଏହାକୁ ନେଇ ଖଲିଆପାଲି ଗ୍ରାମରେ କେବଳ ପିଲାଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଉଛି ତା'ନୁହେଁ ବରଂ ଅକ୍ଷୟଙ୍କ ଏହି ଅକ୍ଷୟ ପ୍ରୋତ୍ସାହନ ପାଇଁ ସମାଜ ଚିତ୍ରରେ ଖଲିଆପାଲି ବିଶେଷ ଗାରିମାର ପରିଚୟ ସାଉଁଟିଛି। ଚଳିତବର୍ଷ ସରସ୍ୱତୀ ପୂଜା ଅବସରରେ ଜୁନିୟର ଓ ସିନିୟର ମଧ୍ୟରେ ମ୍ୟୁଜିକ ଚେୟାର, ରାମରାବଣ, ସାଇକେଲ ସ୍ଲୋ, ବ୍ଲାଇଣ୍ଡ ଫୁଡ, ପୁଚି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୃତୀ ପ୍ରତିଯୋଗୀଙ୍କ ମଧ୍ୟରେ ଲିପ୍ସା ବାଗ, ଶୁଭଶ୍ରୀ ମିଶ୍ର, ସତ୍ୟମ ମହାପାତ୍ର, ସିକ୍ସି ନାୟକ, ଶୋଭିତ ମହାପାତ୍ର, ସକ୍ଷମ ରଣା, କରନ ନାୟକ, ମଞ୍ଜୁଷା ପଣ୍ଡା, କରିନା ନାୟକ, ଶ୍ରେୟାଂସ ନାୟକ, ସୁମିତ କୁମାର ମିଶ୍ର, ନିତି ସିଂ, କିଶନ ମହାପାତ୍ର, ଅଙ୍କିତା ମହାପାତ୍ର, ଟିକି ସେଠ, କାଜଲ ସେଠ, ଶ୍ରାବଣୀ ବାଗ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ସମଗ୍ର କାର୍ଯ୍ୟକ୍ରମକୁ ଅକ୍ଷୟ କୁମାର ନାୟକ ପରିଚାଳନା କରିଥିବାବେଳେ ଏଥିରେ ତାଙ୍କ ପରିବାର ସଦସ୍ୟଙ୍କ ସହ ପଡାବାସୀ ସହଯୋଗ କରିଥିଲେ। ଗତ ୫ ବର୍ଷ ଧରି ଅକ୍ଷୟ ଉଭୟ ଗଣେଷ ଓ ସରସ୍ୱତୀ ପୂଜାରେ ସମସ୍ତ ଖର୍ଚ୍ଚ ବହନ କରିବା ସହ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରିଆସୁଛନ୍ତି। ଏହା ଭିତରେ ରହିଥିବା ଏକତା, ସଂହତି, ପ୍ରଗତି, ସଂସ୍କାର, ପ୍ରତିଭା ବିକାଶ, ଧାର୍ମିକ ମନୋଭାବ, ଦାନଧର୍ମ ଭଳି ବହୁ ବାର୍ତ୍ତା ସମାଜର ଦର୍ପଣ ସାଜିବା ଭଳି ଉଦାହରଣ ସାଜୁଛି।

# ଆମ ଓଡ଼ିଶା, ନବୀନ ଓଡ଼ିଶା ସଚେତନତା କାର୍ଯ୍ୟକ୍ରମ

## ସାହେବୀ ଏବଂ ସରାପାଲି ଗ୍ରାମ ପଞ୍ଚାୟତ

ନାକଟିଦେଉଳ,୧୬।୨(ବୈକୁଣ୍ଠନାଥ ସାହୁ)


ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସାହେବୀ ଏବଂ ସରାପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆମ ଓଡ଼ିଶା, ନବୀନ ଓଡ଼ିଶା ଆନୁକୂଲ୍ୟରେ ମୋ ପଞ୍ଚାୟତ ବିକାଶ ତଥା ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଏକ ସଚେତନତା ଶିବିର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାହେବୀ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏହି ସଚେତନତା ଶିବିରରେ ସାହେବୀ ସରପଞ୍ଚ ରାମପ୍ରସାଦ ସାହୁ ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ସମ୍ମାନିତ ଅତିଥି ଭାବେ ନାକଟିଦେଉଳ ବ୍ଲକର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଦ୍ୟାଧର ରାଉତରାୟ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ବାଟଗାଁ ସରପଞ୍ଚ ସୌଦାମିନୀ ବେହେରା, ଅବସରପ୍ରାପ୍ତ ବରିଷ୍ଠ କିରାଣୀ ସୁରେନ୍ଦ୍ର ଗଡ଼ତ୍ୟା, ଅବସରପ୍ରାପ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୟାମସୁନ୍ଦର ସାହୁ, ବ୍ଲକ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅଧିକାରୀ ଶେଷଦେବ ଧଳ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଏଥି ସହିତ ୫-ଟି ରୂପାନ୍ତରୀଣରେ ସାହେବୀ ପଞ୍ଚାୟତରେ ରାଜ୍ୟ ସରକାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ କରିଥିବା ବେଳେ ସରକାରଙ୍କ ସମସ୍ତ ଲୋକାଭିମୁଖୀ ଯୋଜନାର ସୁଫଳ ଯେପରି ତୃଣମୂଳ ସ୍ତରରେ ପହଞ୍ଚି ପାରିବ ସେ ଦିଗରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ମୁରଲୀଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା, ସିଆରପି, ଏମବିକେ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ୱାର୍ଡ଼ ସଭ୍ୟାସଭ୍ୟ ଯୋଗଦେଇଥିଲେ। ସେହିପରି ବ୍ଲକର ସରାପାଲି ଗ୍ରାମ ପଞ୍ଚାୟତରେ ମଧ ଶୁକ୍ରବାର ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମର ଏକ ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ଶିବାନୀ ବାରିକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା ଶିବିରରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁଦର୍ଶନ ସାହୁ, ମୁଖ୍ୟବକ୍ତା ଭାବେ ବାଟଗାଁ ଉଚ୍ଚମାଧ୍ୟମିକ ବିଦ୍ୟାଳୟର ରାଜନିତୀ ବିଜ୍ଞାନ ଅଧ୍ୟାପକ ପ୍ରଫୁଲ୍ଲ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଏବିଡ଼ିଓ ବିଦ୍ୟାଧର ରାଉତରାୟ, ନାକଟିଦେଉଳ ସ୍ନାତକ କଲେଜର ଅଧ୍ୟକ୍ଷ ସୁଧୀର କୁମାର ସାହୁ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ, ବ୍ଲକ ଯୁବ ବିଜେଡ଼ି ସଭାପତି ଧୀରେନ କୁମାର ସାହୁ, କୃଷି କର୍ମଚାରୀ ବୈକୁଣ୍ଠନାଥ ରାଉଳ,ସରାପାଲି ପଞ୍ଚାୟତର ନୋଡ଼ାଲ ଅଫିସର ପ୍ରିୟମ୍ବଦା କୁଲଦୀପ ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗରେ ରହିଥିବା ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ସ୍ୱେଚ୍ଛାସେବୀ ପ୍ରଦୀପ କୁମାର ବିଶ୍ୱାଳ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଚିତ୍ରା ସେଠ ଅତିଥି ପରିଚୟ ପ୍ରଦାନ ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନ୍ୟ ପକ୍ଷରେ ଏହି ଦୁଇଟି ଯାକ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣଙ୍କୁ ଆମ ପଞ୍ଚାୟତର ବିକାଶ ସମ୍ପର୍କୀତ ପୁସ୍ତିକା ବଣ୍ଟନ କରାଯାଇଥିଲା।

ଧରିତ୍ରୀ 50 Years
ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଫେବୃଆରୀ ୧୭/୨୦୨୪ Bhubaneswar, Saturday, February 17/ 2024

# ଗୁରଜନ୍ତଙ୍କ ଗୋଲରେ ଭାରତ ବିଜୟୀ




ଗୋଲ୍ ଦେବା ପରେ ଗୁରଜନ୍ତ ସିଂ (ଡାହାଣ)ଙ୍କୁ ସାଥୀ ଖେଳାଳିଙ୍କ ବଧେଇ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୧୬।୨**

**(ତପନ ସ୍ୱାଇଁ)**

ଶେଷ କ୍ଷଣରେ ଗୁରଜନ୍ତ ସିଂଙ୍କ ଫିଲ୍ଡ ଗୋଲ ଭାରତର ସମ୍ମାନ ରଖିଛି। କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚରେ ଭାରତ ୧-୦ ଗୋଲରେ ଆୟର୍ଲାଣ୍ଡକୁ ପରାସ୍ତ କରିଛି। ଫଳରେ ୪ ମ୍ୟାଚରୁ ଦ୍ୱିତୀୟ ବିଜୟ ସହ ୮ ପଏଣ୍ଟ ପାଇ ଘରୋଇ ଦଳ ଟେବୁଲର ୪ର୍ଥ ସ୍ଥାନରେ ରହିଛି। ଏଥିସହିତ ପ୍ରୋ ଲିଗ୍‌ର ଭୁବନେଶ୍ୱର ପର୍ଯ୍ୟାୟ ଶେଷ ହୋଇଛି। ପରବର୍ତ୍ତୀ ପର୍ଯ୍ୟାୟ ରାଉରକେଲାର ବିର୍ସା ମୁଣ୍ଡା ଷ୍ଟାଡିୟମରେ ୧୯ ତାରିଖରୁ ଆରମ୍ଭ ହେବ। ସେଠାରେ ପ୍ରଥମ ଦିନରେ ଆୟର୍ଲାଣ୍ଡ-ନେଦରଲାଣ୍ଡ୍ସ ଏବଂ ଭାରତ-ସ୍ପେନ୍ ମଧ୍ୟରେ ମୁକାବିଲା ହେବ।

ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୧୧ଶ ସ୍ଥାନରେ ଥିବା ଆୟର୍ଲାଣ୍ଡ ଅପେକ୍ଷାକୃତ ଦୁର୍ବଳ ଦଳ ହୋଇଥିଲେ ହେଁ ୪ର୍ଥ ର୍ୟାଙ୍କପ୍ରାପ୍ତ ଦଳ ଭାରତକୁ କଡ଼ା ଟକ୍କର ଦେଇଥିଲା। ଫଳରେ ଭାରତ ପ୍ରଥମ କ୍ୱାର୍ଟରରେ ଗୋଟିଏ ଓ ଦ୍ୱିତୀୟ କ୍ୱାର୍ଟରରେ ୨ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲା। ତୃତୀୟ କ୍ୱାର୍ଟରରେ ମଧ୍ୟ ଅନୁରୂପ ଫଳ ମିଳିଥିଲା। ୪୨ତମ ମିନିଟରେ

## ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍

ଭାରତ ପେନାଲ୍ଟି କର୍ନର ସୁଯୋଗର ସଦୁପଯୋଗ କରିପାରି ନ ଥିଲା। ଅନ୍ତିମ କ୍ୱାର୍ଟର ସ୍ୱାଭାବିକଭାବେ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଭାରତର ୨ଟି ଏବଂ ଆୟର୍ଲାଣ୍ଡର ୩ଟି ପେନାଲ୍ଟି ସୁଯୋଗ ବ୍ୟର୍ଥ ହୋଇଥିଲା। ମ୍ୟାଚଟି ଗୋଲଶୂନ୍ୟ ରହିବା ସହ ଶୁଟ୍‌ଆଉଟକୁ ଯିବା ପରିସ୍ଥିତି ସୃଷ୍ଟି ହୋଇଥିଲା। ମାତ୍ର ଶେଷ ହ୍ୱିସିଲ ବାଜିବାର ଅଳ୍ପକିଛି କ୍ଷଣ ପୂର୍ବରୁ ଭାରତର ଗୁରଜନ୍ତ ସିଂ ଏକ ଗୋଲ ଦେଇ ଭାରତୀୟ ଶିବିରରେ ଖୁସି ଖେଳାଇ ଦେଇଥିଲେ। ଆୟର୍ଲାଣ୍ଡ ପାଇଁ ଆଉ ପ୍ରତ୍ୟାବର୍ତ୍ତନ ପାଇଁ ଭାବିବାର ସୁଯୋଗ ନ ଥିଲା। ୫୧ତମ ମିନିଟରେ ଆୟର୍ଲାଣ୍ଡର ଜେରେମି ଡନ୍‌କାନ୍ ଏକମାତ୍ର ଗ୍ରୀନ୍ କାର୍ଡ ପାଇଥିଲେ। ଆୟର୍ଲାଣ୍ଡ ୪ ମ୍ୟାଚରୁ ୪ର୍ଥ ପରାଜୟ ବରଣ କରିଥିଲେ ହେଁ ଏଠାରେ ଭାରତକୁ କଡ଼ା ଚ୍ୟାଲେଞ୍ଜ ଦେଇ ମନୋବଳ ବୃଦ୍ଧି କରିପାରିଛି।

# ଗଗନେନ୍ଦୁ ଦାଶଙ୍କୁ ଗୁରୁଦାୟିତ୍ୱ

**ଭୁବନେଶ୍ୱର, ୧୬।୨**

**(ତପନ ସ୍ୱାଇଁ)**

ଆସାମ, ଅରୁଣାଚଳ ପ୍ରଦେଶ, ମେଘାଳୟ, ମିଜୋରାମ, ସିକିମ, ନାଗାଲାଣ୍ଡ ଓ ତ୍ରିପୁରାରେ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ାର ୪ର୍ଥ ସଂସ୍କରଣ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ଆର୍ଚେରୀ, ଆଥଲେଟିକ୍ସ, ବ୍ୟାଡ୍‌ମିଣ୍ଟନ, ବାସ୍କେଟବଲ, ବକ୍ସିଂ, ଫେନ୍‌ସିଂ, ଫୁଟବଲ, ହକି, ଜୁଡୋ,



ଗଗନେନ୍ଦୁ ଦାଶ

କବାଡ଼ି, ମାଲଖମ୍ବ, ରଗ୍‌ବୀ, ଶୁଟିଂ, ସୁଇମିଂ, ଟେବୁଲ ଟେନିସ, ଟେନିସ, ଭଲିବଲ, ଭାରୋତ୍ତୋଳନ, ରେସ୍‌ଲିଂ ଓ ଯୋଗାସନ ଆଦି ୨୦ଟି ଇଭେଣ୍ଟ (ମହିଳା ଓ ପୁରୁଷ)ରେ ପ୍ରତିଯୋଗିତା ହେବ। ଏହି ଇଭେଣ୍ଟ ଗୁଡ଼ିକରେ ପାଖାପାଖି ୪୫୦୦ ଆଥଲେଟ୍ ସେମାନଙ୍କ ଭାଗ୍ୟପରୀକ୍ଷା କରିବେ। ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଅଭିଜ୍ଞତାକୁ ଦୃଷ୍ଟିରେ ରଖି କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶଙ୍କୁ ଟେନିସ (ମହିଳା ଓ ପୁରୁଷ) କ୍ରୀଡ଼ାର ସଂଯୋଜକଭାବେ ମନୋନୀତ କରାଯାଇଛି। ଏଥିପାଇଁ ଗଗନେନ୍ଦୁ ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ୍‌କୁ ଧନ୍ୟବାଦ ଦେବାସହ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ପ୍ରତି କୃତଜ୍ଞତା ଜଣାଇଛନ୍ତି।

# ଶୁଭ୍ରାଂଶୁଙ୍କ ଶତକ, ଶାନ୍ତନୁଙ୍କ ଅର୍ଦ୍ଧଶତକ

**ଭୁବନେଶ୍ୱର, ୧୬।୨**

**(ତପନ ସ୍ୱାଇଁ)**

ନୂଆଦିଲ୍ଲୀର ଜାମିଆ ମିଲିଆ ଇସଲାମିଆ କ୍ରିକେଟ ଗ୍ରାଉଣ୍ଡରେ ଶୁକ୍ରବାରଠାରୁ ଓଡ଼ିଶା ଓ ଦିଲ୍ଲୀ ମଧ୍ୟରେ ଗ୍ରୁପ୍ 'ଡି' ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଆରମ୍ଭ ହୋଇଛି। ଶୁଭ୍ରାଂଶୁ ସେନାପତିଙ୍କ ଶତକ ଏବଂ ଅଧିନାୟକ ଶାନ୍ତନୁ ମିଶ୍ରଙ୍କ ଅର୍ଦ୍ଧଶତକ ସହାୟତାରେ ଓଡ଼ିଶା ପ୍ରଥମ ଦିବସ ଖେଳ ଶେଷ

## ରଣଜୀ ଟ୍ରଫି: ଓଡ଼ିଶା ୩୧୪/୪

ବେଳକୁ ପ୍ରଥମ ଇନିଂସରେ ୪ ଉଇକେଟ ହରାଇ ୩୧୪ ରନ ସଂଗ୍ରହ କରିଛି। ଶୁଭ୍ରାଂଶୁ ୧୦୯ ଓ ଅଭିଜ୍ଞ ବିପ୍ଳବ ସାମନ୍ତରାୟ ୪୦ ରନରେ ଅପରାଜିତ ରହିଛନ୍ତି।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଓଡ଼ିଶା। ପ୍ରଥମ ଉଇକେଟରେ ୫୮ ରନ ଯୋଗକରି ସ୍ୱସ୍ତିକ ସାମଲ ଓ ଶାନ୍ତନୁ ମିଶ୍ର ଭଲ ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରିଥିଲେ। ସ୍ୱସ୍ତିକ ୪୦ ବଲ୍‌ରୁ ୩୮ ରନକରି ଆଉଟ ହେବାରୁ ଯୋଡ଼ି ଭାଙ୍ଗିଥିଲା। ଫର୍ମରେ ଥିବା ସନ୍ଦୀପ ପଟ୍ଟନାୟକ ମାତ୍ର ୧୨ ରନରେ ଆଉଟ ହୋଇଥିବାବେଳେ ଶାନ୍ତନୁ ଓ ଶୁଭ୍ରାଂଶୁ ତୃତୀୟ ଉଇକେଟରେ ୮୦ ରନର ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ଏଠାରେ ୧୫ଶ ପ୍ରଥମ ଶ୍ରେଣୀ ଅର୍ଦ୍ଧଶତକ ହାସଲ କରିଥିବା ଶାନ୍ତନୁ ୧୨୯ ବଲ୍‌ରୁ ୭୬ ରନକରି ପ୍ୟାଭିଲିୟନ ଫେରିଥିଲେ। ତେବେ ଆତ୍ମବିଶ୍ୱାସର ସହ ବ୍ୟାଟିଂ ଜାରି ରଖି ଶୁଭ୍ରାଂଶୁ ଚତୁର୍ଥ ଉଇକେଟରେ ଗୋବିନ୍ଦ ପୋଦ୍ଦାର (୨୭)ଙ୍କ ସହ ୬୮ ଓ ଅସମାପ୍ତ ୫ମ ଉଇକେଟରେ ବିପ୍ଳବ ସାମନ୍ତରାୟଙ୍କ ସହ ୮୧ ରନର ଭାଗୀଦାରି ଗଢ଼ି ଓଡ଼ିଶାକୁ ଏକ ବଡ଼ ସ୍କୋର ଦିଗରେ ଅଗ୍ରସର କରାଇଛନ୍ତି। ୧୮୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଶୁଭ୍ରାଂଶୁ ନିଜ ଶତକୀୟ ଇନିଂସ ମଧ୍ୟରେ ୧୩ ଚୌକା ମାରିଛନ୍ତି। ଦିଲ୍ଲୀ ବୋଲରଙ୍କ ମଧ୍ୟରେ ପ୍ରାଂଶୁ ବିଜୟରନ ଓ ପ୍ରଥମ ପଦାର୍ପଣକାରୀ ସୁମିତ ମାଥୁର ୨ଟି ଲେଖାଏ ଉଇକେଟ ନେଇଛନ୍ତି।



ଶତକ ହାସଲକାରୀ ଶୁଭ୍ରାଂଶୁ ସେନାପତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୩୧୪/୪ (ଶୁଭ୍ରାଂଶୁ ସେନାପତି-୧୦୯*, ଶାନ୍ତନୁ ମିଶ୍ର-୭୬, ବିପ୍ଳବ ସାମନ୍ତରାୟ-୪୦*, ପ୍ରାଂଶୁ ବିଜୟରନ-୨/୬୪, ସୁମିତ ମାଥୁର-୨/୬୭)।

# ଆନାବେଲ୍‌ଙ୍କ ଦ୍ରୁତତମ ଦ୍ୱିଶତକ

**ପର୍ଥ, ୧୬।୨ (ପି.ଟି.)**

ମହିଳା ଟେଷ୍ଟ କ୍ରିକେଟ ଇତିହାସରେ ଅଷ୍ଟ୍ରେଲିଆର ଆନାବେଲ ସଦରଲାଣ୍ଡ ଦ୍ରୁତତମ ଦ୍ୱିଶତକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଉଥିବା ଏକମାତ୍ର ଟେଷ୍ଟର ଦ୍ୱିତୀୟ ଦିବସରେ ସେ ୨୪୮ ବଲ୍‌ରେ ଏହି ସଫଳତା ହାସଲ କରିଛନ୍ତି। ପୂର୍ବରୁ ଦ୍ରୁତତମ ଦ୍ୱିଶତକ ରେକର୍ଡ କାରେନ୍ ରଲ୍‌ଟନଙ୍କ ନାମରେ ରହିଥିଲା। ୨୦୦୧ରେ ଲିଡ୍ସଠାରେ ସେ ଇଂଲଣ୍ଡ ବିପକ୍ଷରେ ୩୦୬ ବଲ୍‌ରେ ଦ୍ୱିଶତକ ହାସଲ କରି ରେକର୍ଡର ଅଧିକାରୀ ହୋଇଥିଲେ। ୨୨ ବର୍ଷୀୟା ଆନାବେଲ ୨୫୬ ବଲ୍‌ରୁ ୨୧୦ ରନ କରି ଆଉଟ ହୋଇଥିଲେ। ତାଙ୍କର ଏହି ଆକର୍ଷଣୀୟ ବ୍ୟାଟିଂ ସହାୟତାରେ ଅଷ୍ଟ୍ରେଲିଆ ଏହାର ପ୍ରଥମ ଇନିଂସକୁ ୫୭୫/୯ ରେ ଘୋଷଣା କରିଥିଲା। ଜବାବରେ ପ୍ରଥମ ଇନିଂସରେ ମାତ୍ର ୭୬ ରନ କରିଥିବା ଦକ୍ଷିଣ ଆଫ୍ରିକା ଏହାର ଦ୍ୱିତୀୟ ଇନିଂସରେ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୩ ଉଇକେଟ ବିନିମୟରେ ୬୬ ରନ କରିଛି। ଘରୋଇ ଦଳଠାରୁ ଦଳ ଆହୁରି ୪୩୨ ରନ ପଛରେ ରହିଛି। ମହିଳା ଟେଷ୍ଟ କ୍ରିକେଟର ଜଣେ ଅଷ୍ଟ୍ରେଲୀୟ କ୍ରିକେଟର ହିସାବରେ ଗୋଟିଏ ଇନିଂସରେ ବ୍ୟକ୍ତିଗତ ସର୍ବୋଚ୍ଚ ରନ ସଂଗ୍ରହ କରିବା ରେକର୍ଡ ଅଷ୍ଟ୍ରେଲିଆର ଏଲିସ୍ ପେରୀଙ୍କ ନାମରେ ରହିଛି। ୨୦୧୭ରେ ସେ ୨୧୩ ରନ କରିଥିଲେ। ଆନାବେଲ ଏହି ରେକର୍ଡଠାରୁ ମାତ୍ର ୩ ରନ ପଛରେ ରହିଯାଇଥିଲେ। ୬ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିବା ଆନାବେଲ ଦକ୍ଷିଣ ଆଫ୍ରିକୀୟ ବୋଲରମାନଙ୍କୁ ଧୂଳେଇ କରି ୨୭ ଚୌକା ଓ ୨ ଛକା ଲଗାଇଥିଲେ। ମାତ୍ର ୩ଜଣ ମହିଳା ଟେଷ୍ଟରେ ବଡ଼ ସ୍କୋର କରିଛନ୍ତି। ସେମାନେ ହେଲେ ୨୦୦୪ରେ ପାକିସ୍ତାନର କିରଣ ବାଲୁଚ୍ (୨୪୨), ୨୦୦୨ରେ ଭାରତର ମିଥାଲୀ ରାଜ (୨୧୪) ଏବଂ ପେରୀ। ଆନାବେଲ ଆହୁରି ମଧ୍ୟ ଏହି ମାଇଲଖୁଣ୍ଟ ହାସଲ କରିବାରେ ସର୍ବକନିଷ୍ଠ ଅଷ୍ଟ୍ରେଲୀୟ ମହିଳା ଏବଂ ଓଭରଅଲ ଦ୍ୱିତୀୟ ସର୍ବକନିଷ୍ଠ।

# ନେଦରଲାଣ୍ଡ୍ସକୁ ହରାଇଲା ଅଷ୍ଟ୍ରେଲିଆ

**ଭୁବନେଶ୍ୱର, ୧୬।୨ (ତପନ ସ୍ୱାଇଁ)**

ଚମତ୍କାର ଖେଳ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ କ୍ରମାଗତ ଦ୍ୱିତୀୟ ଦିବସରେ ଦମ୍‌ଦାର ବିଜୟ ହାସଲ କରିଛି। କଳିଙ୍ଗ ଷ୍ଟାଡିୟମରେ ଶୁକ୍ରବାର ଅନୁଷ୍ଠିତ ଏଫ୍ଆଇଏଚ୍ ପୁରୁଷ ହକି ପ୍ରୋ ଲିଗ୍ ମ୍ୟାଚରେ ଏହି ଦଳ ଟେବୁଲ ଟପ୍ପର ନେଦରଲାଣ୍ଡ୍ସକୁ ୫-୪ ଗୋଲରେ ପରାସ୍ତ କରିଛି। ମ୍ୟାଚର ୬ଷ୍ଠ ମିନିଟରେ ଡୁକୋ ଟେଲଗେନ୍‌କାମ୍ପ ଏବଂ ୧୨ଶ ଓ ୨୦ତମ ମିନିଟରେ କୋଏନ ବିଜେନଙ୍କ ଡବଲ ଗୋଲ ବଳରେ ପ୍ରଥମାର୍ଦ୍ଧ ଶେଷ ବେଳକୁ ନେଦରଲାଣ୍ଡ୍ସ ୩-୦ରେ ଅଗ୍ରଣୀ ହାସଲ କରିଥିଲା। ମାତ୍ର ଚାପକୁ ନ ଆସି ଦ୍ୱିତୀୟାର୍ଦ୍ଧରେ ଅସଲ ଖେଳ ଦେଖାଇଥିଲା ଅଷ୍ଟ୍ରେଲିଆ। ତୃତୀୟ କ୍ୱାର୍ଟରରେ ବ୍ଲେକ ଗୋଭର୍ସ (୩୩ତମ ମିନିଟ) ଓ ଜେରେମି ହେୱାର୍ଡ (୪୦) ୨ଟି ଗୋଲ ପରିଶୋଧ କରି ଦେଇଥିଲେ। ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଅସଲ ଲଢ଼େଇ ଦେଖିବାକୁ ମିଳିଥିଲା। ଉଭୟ ଦଳ ଆକ୍ରମଣାତ୍ମକ ରଣନୀତିରେ ଖେଳିଥିବାବେଳେ ୪୮ତମ ମିନିଟରେ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ହେୱାର୍ଡ ମ୍ୟାଚକୁ ୩-୩ ସ୍ଥିତିକୁ ନେଇ ଆସିଥିଲେ। ମ୍ୟାଚରେ ଏହାଥିଲା ହେୱାର୍ଡଙ୍କ ଦ୍ୱିତୀୟ ଗୋଲ। ସେହିପରି ୫୩ତମ ମିନିଟରେ ଗୋଭର୍ସ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ଦେଇ ପ୍ରଥମଥରପାଇଁ ଅଷ୍ଟ୍ରେଲିଆକୁ ଅଗ୍ରଣୀ କରିଥିଲେ। ୩ ମିନିଟ ପରେ ଅଷ୍ଟ୍ରେଲିଆ ଖେଳାଳିଙ୍କ ବିପଜ୍ଜନକ ପ୍ରଦର୍ଶନ ପାଇଁ ନେଦରଲାଣ୍ଡ୍ସକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ଜିପ୍ ଜାନସେନ ଏହାକୁ ଗୋଲରେ ପରିଣତ କରିବାରୁ ମ୍ୟାଚରେ ରୋମାଞ୍ଚ ଆସିଥିଲା। ମାତ୍ର ଶେଷ ହ୍ୱିସିଲ ବାଜିବାର ଅଳ୍ପକିଛି କ୍ଷଣ ପୂର୍ବରୁ ଅଷ୍ଟ୍ରେଲିଆର ଟିମ୍ ବ୍ରାଣ୍ଡ ଏକ ଫିଲ୍ଡ ଗୋଲ ଦେଇ ଦଳକୁ ବିଜୟୀ କରିଥିଲେ। ଗୁରୁବାର ଭାରତ ବିପକ୍ଷ ମ୍ୟାଚରେ ଏକଦା ୨-୪ରେ ପଛୁଆ ରହିଥିଲେ ହେଁ ଅଷ୍ଟ୍ରେଲିଆ ସଫଳ ପ୍ରତ୍ୟାବର୍ତ୍ତନ କରି ୬-୪ ଗୋଲରେ ବିଜୟୀ ହୋଇଥିଲା।



ଅଷ୍ଟ୍ରେଲିଆ ଓ ନେଦରଲାଣ୍ଡ୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

# ଦକ୍ଷିଣ ଆଫ୍ରିକା ବିପକ୍ଷରେ ନ୍ୟୁଜିଲାଣ୍ଡର ପ୍ରଥମ ସିରିଜ ବିଜୟ

**ହାମିଲଟନ, ୧୬।୨ (ଏପି):** କେନ୍ ୱିଲିୟମସନଙ୍କ ୧୩୩ ରନ ଏବଂ ୱିଲ ୟଙ୍ଗଙ୍କ ସହ ତାଙ୍କ ୧୫୨ ରନର ଅପରାଜିତ ପାର୍ଟନରଶିପ୍ ଯୋଗୁ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟେଷ୍ଟ କ୍ରିକେଟ ମ୍ୟାଚରେ ନ୍ୟୁଜିଲାଣ୍ଡ ୭ଉଇକେଟରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏଥିସହ ଦଳ ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଥର ସିରିଜ ବିଜୟୀ ହୋଇପାରିଛି। ଦୁଇ ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ନ୍ୟୁଜିଲାଣ୍ଡ ୨୮୧ରନରେ ବିଜୟୀ ହୋଇଥିଲା। ୱିଲିୟମସନ ଏହି ମ୍ୟାଚର ଉଭୟ ଇନିଂସରେ

## କେନ୍ ୱିଲିୟମସନଙ୍କ ଅପରାଜିତ ଶତକ

ଶତକ ହାସଲ କରିଥିଲେ। ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ୩୧ ରନର ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଥିଲା। ଦ୍ୱିତୀୟ ଇନିଂସରେ ୨୩୫ ରନ କରିବା ଦ୍ୱାରା ମୋଟ ୨୬୬ ରନ ଅଗ୍ରଣୀ ଲାଭ କରିପାରିଥିଲା। ଜବାବରେ ଗୁରୁବାର ତୃତୀୟ ଦିବସ ଖେଳ ଶେଷ ସୁଦ୍ଧା ନ୍ୟୁଜିଲାଣ୍ଡ ୧ ଉଇକେଟ ବିନିମୟରେ ୪୦ ରନ କରିଥିଲା। ଶୁକ୍ରବାର ଚତୁର୍ଥ ଦିବସରେ ଦଳ ବିଜୟ ଲାଭ କରିବା ଲାଗି ଆହୁରି ୨୨୭ରନ ଆବଶ୍ୟକ କରୁଥିବା ବେଳେ ମ୍ୟାଚ ଜିତି ସିରିଜ ବଞ୍ଚାଇବା ଲାଗି ଦକ୍ଷିଣ ଆଫ୍ରିକା ଆଉ ୯ ଉଇକେଟ ଦରକାର କରୁଥିଲା। ଚତୁର୍ଥ ଇନିଂସରେ ସଫଳ ରନ୍ ଚେଜ୍‌ରେ ନ୍ୟୁଜିଲାଣ୍ଡର ମୋଟ ୨୬୯/୩ ହେଉଛି ୫ମ ବଡ଼ ସଫଳତା। ସୂଚନାଯୋଗ୍ୟ, ନ୍ୟୁଜିଲାଣ୍ଡ ଟୁର୍‌ରେ ଆସିଥିବା ଦକ୍ଷିଣ ଆଫ୍ରିକା ଦଳରେ ବହୁ ପ୍ରମୁଖ ଖେଳାଳି ଅନୁପସ୍ଥିତ ଅଛନ୍ତି। ସେମାନେ ନିଜ ଦେଶରେ ଘରୋଇ ଟି୨୦ ଲିଗ୍ ଖେଳୁଛନ୍ତି। ପ୍ରଥମ ଟେଷ୍ଟରେ ଅଧିନାୟକ ନିଲ୍ ବ୍ରାଣ୍ଡଙ୍କ ସମେତ ଦକ୍ଷିଣ ଆଫ୍ରିକାର ୬ ଜଣ ଖେଳାଳି ସେମାନଙ୍କ ପଦାର୍ପଣ ମ୍ୟାଚ ଖେଳିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ: ୨୪୨। ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ: ୨୧୧। ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଇନିଂସ: ୨୩୫। ନ୍ୟୁଜିଲାଣ୍ଡ ଦ୍ୱିତୀୟ ଇନିଂସ: ୯୪.୨ ଓଭରରେ ୨୬୯/୩ (କେନ୍ ୱିଲିୟମସନ-୧୩୩*, ୱିଲ ୟଙ୍ଗ-୬୦*, ଟମ୍ ଲଥାମ-୩୦; ଡେନ୍ ପିଡେଟ୍-୩/୯୩)।

# ୫୦୦ ଟେଷ୍ଟ ଉଇକେଟ କ୍ଲବରେ ଅଶ୍ୱିନ

**ରାଜକୋଟ, ୧୬।୨ (ପି.ଟି.)**

ଭାରତର ତାରକା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଶୁକ୍ରବାର ୫୦୦ ଟେଷ୍ଟ ଉଇକେଟ କ୍ଲବରେ ସାମିଲ ହୋଇଛନ୍ତି। ଅନିଲ କୁମ୍ବଲେଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ସେ ଏହି ସଫଳତା ପାଇଛନ୍ତି।




ଅନ୍ତର୍ଜାତୀୟ କ୍ରିକେଟରେ ୫୦୦ କିମ୍ବା ତଦୂର୍ଦ୍ଧ୍ୱ ଉଇକେଟ ହାସଲ କରିବାରେ ସେ ହେଉଛନ୍ତି ୯ମ ବୋଲର। ତେବେ ତୃତୀୟ ଅଫ୍ ସ୍ପିନର ଭାବେ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଅନ୍ୟ ଦୁଇ ଅଫ୍ ସ୍ପିନର ହେଲେ ଶ୍ରୀଲଙ୍କାର ମୁଥୟା ମୁରଲୀଧରନ ଓ ଅଷ୍ଟ୍ରେଲିଆର ନାଥାନ ଲିୟନ। ରାଜକୋଟରେ ଚାଲିଥିବା ତୃତୀୟ ଟେଷ୍ଟର ଦ୍ୱିତୀୟ ଦିବସରେ ଇଂଲଣ୍ଡର ଜ୍ୟାକ କ୍ରଲିଙ୍କ ଉଇକେଟ ନେଇ ସେ ଏହି ମାଇଲଖୁଣ୍ଟ ସ୍ପର୍ଶ କରିଛନ୍ତି। ଜଣେ ଟପ୍ ଅର୍ଡର ବ୍ୟାଟର ଭାବେ କ୍ୟାରିୟର ଆରମ୍ଭ କରିଥିବା ଅଶ୍ୱିନ ପରେ ମିଡିୟମ ପେସ୍ ବୋଲିଂ ପାଇଁ ପ୍ରୟାସ କରିବା ପରେ ଅଫ୍ ସ୍ପିନ୍‌କୁ ଆପଣେଇ ନେଇଥିଲେ। ୩୭ ବର୍ଷୀୟ ଚେନ୍ନାଇର ଏହି ଇଞ୍ଜିନିୟରିଂ ଗ୍ରାଜୁଏଟ୍ ୨୦୧୧ରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। କୁମ୍ବଲେ ଓ ହରଭଜନ ସିଂଙ୍କ ଯୁଗ ପରେ ଅଶ୍ୱିନ ସ୍ଥିର ପ୍ରଦର୍ଶନ ଦେଇ ଭାରତର ପ୍ରମୁଖ ସ୍ପିନର ପାଲଟିଥିଲେ। କ୍ୟାରିୟରର ପ୍ରଥମ ୧୬ ଟେଷ୍ଟରେ ସେ ୯ ଥର ୫ ଉଇକେଟ ସଫଳତା ପାଇଥିଲେ। ୩୦୦ ଉଇକେଟ କ୍ଲବରେ ପ୍ରବେଶ କରିବାରେ ମଧ୍ୟ ସେ ଦ୍ରୁତତମ ବୋଲର ସାବ୍ୟସ୍ତ ହୋଇଥିଲେ। କେବଳ ଟେଷ୍ଟ ନୁହେଁ କ୍ରିକେଟର ଅନ୍ୟ ଦୁଇ ଫର୍ମାଟରେ ମଧ୍ୟ ସେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ସେ ୧୧୬ ଦିନିକିଆରେ ୧୫୬ ଉଇକେଟ ଏବଂ ୬୫ଟି ଟି୨୦ ଅନ୍ତର୍ଜାତୀୟରେ ୭୨ ଉଇକେଟ ହାସଲ କରିଛନ୍ତି।

**ଟେଷ୍ଟ କ୍ରିକେଟରେ ସର୍ବାଧିକ ଉଇକେଟ**

| ଉଇକେଟ | ଖେଳାଳି | ଦେଶ | ମ୍ୟାଚ | ଇନିଂସ |
|---|---|---|---|---|
| ୮୦୦ | ମୁଥୟା ମୁରଲୀଧରନ | ଶ୍ରୀଲଙ୍କା | ୧୩୩ | ୨୩୦ |
| ୭୦୮ | ଶେନ ୱର୍ନ | ଅଷ୍ଟ୍ରେଲିଆ | ୧୪୫ | ୨୭୩ |
| ୬୯୬* | ଜେମ୍ସ ଆଣ୍ଡରସନ | ଇଂଲଣ୍ଡ | ୧୮୫ | ୩୪୪ |
| ୬୧୯ | ଅନିଲ କୁମ୍ବଲେ | ଭାରତ | ୧୩୨ | ୨୩୬ |
| ୬୦୪ | ଷ୍ଟୁଆର୍ଟ ବ୍ରଡ୍ | ଇଂଲଣ୍ଡ | ୧୬୭ | ୩୦୯ |
| ୫୬୩ | ଗ୍ଲେନ ମ୍ୟାକଗ୍ରା | ଅଷ୍ଟ୍ରେଲିଆ | ୧୨୪ | ୨୪୩ |
| ୫୧୯ | କର୍ଟନି ୱାଲ୍ସ | ୱେଷ୍ଟଇଣ୍ଡିଜ | ୧୩୨ | ୨୪୨ |
| ୫୧୭ | ନାଥାନ ଲିୟନ | ଅଷ୍ଟ୍ରେଲିଆ | ୧୨୭ | ୨୩୮ |
| ୫୦୦* | ରବିଚନ୍ଦ୍ରନ ଅଶ୍ୱିନ | ଭାରତ | ୯୮ | ୧୮୪ |

# ଡକେଟଙ୍କ ଶତକ: ଇଂଲଣ୍ଡ ୨୦୭/୨

**ରାଜକୋଟ, ୧୬।୨ (ପି.ଟି.)**

ବେନ୍ ଡକେଟଙ୍କ ପାୱାର-ପ୍ୟାକେଡ ଶତକ ସହାୟତାରେ ଇଂଲଣ୍ଡ ଏଠାରେ ଚାଲିଥିବା ଭାରତ ବିପକ୍ଷ ତୃତୀୟ ଟେଷ୍ଟ କ୍ରିକେଟରେ ନିଜର ସ୍ଥିତି ମଜଭୁତ କରିଛି। ଭାରତର ପ୍ରଥମ ଇନିଂସ ୪୪୫ ରନରେ ସୀମିତ ରହିବା ପରେ ଇଂଲଣ୍ଡ ଶୁକ୍ରବାର ଦ୍ୱିତୀୟ ଦିବସ ଖେଳ ଶେଷ ବେଳକୁ ୨ ଉଇକେଟ ହରାଇ ୨୦୭ ରନ ସଂଗ୍ରହ କରିଛି। ମାତ୍ର ୮୮ ବଲ୍‌ରୁ ନିଜର ତୃତୀୟ ଟେଷ୍ଟ ଶତକ ପୂରଣ କରିଥିବା ଡକେଟ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ୧୩୩ ଓ ଜୋ ରୁଟ୍ ୯ ରନରେ ଅପରାଜିତ ରହିଛନ୍ତି। ସେ ୧୧୮ ବଲ୍‌ର ସମ୍ମୁଖୀନ ହୋଇ ନିଜ ଇନିଂସ ମଧ୍ୟରେ ୨୧ ଚୌକା ଓ ୨ ଛକା ମାରିଛନ୍ତି। ଗୋଟିଏ ସମୟରେ ଡକେଟ ଟେଷ୍ଟ କ୍ରିକେଟରେ ଦ୍ରୁତତମ ଶତକର ଅଧିକାରୀ ଗିଲବର୍ଟ ଜୋସେଫଙ୍କ ରେକର୍ଡ ଭାଙ୍ଗିବା ସମ୍ଭାବନା ସୃଷ୍ଟି କରିଥିଲେ। ଇଂଲଣ୍ଡର ଗିଲବର୍ଟ ୧୯୦୨ରେ ମାତ୍ର ୭୬ ବଲ୍‌ରୁ ଟେଷ୍ଟ ଶତକ ହାସଲ କରି ରେକର୍ଡର ଅଧିକାରୀ ଅଛନ୍ତି। ୮ ଉଇକେଟ ସୁରକ୍ଷିତ ଥାଇ ଇଂଲଣ୍ଡ ଏବେ ଭାରତର ପ୍ରଥମ ଇନିଂସଠାରୁ ୨୩୮ ରନ ପଛରେ ରହିଛି। ଭାରତର ରବିଚନ୍ଦ୍ରନ ଅଶ୍ୱିନଙ୍କ ୫୦୦ ଉଇକେଟ ପୂରଣ ଥିଲା ଦିବସର ଅନ୍ୟତମ ଚର୍ଚ୍ଚିତ ଘଟଣା।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୨୬/୫ରୁ ଖେଳ ଆରମ୍ଭ କରିଥିବା ଭାରତ ପ୍ରଥମ ଇନିଂସରେ ୪୪୫ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ରବୀନ୍ଦ୍ର ଜାଡେଜା ନିଜର ପୂର୍ବ

## ତୃତୀୟ ଟେଷ୍ଟ

**ଭାରତ ପ୍ରଥମ ଇନିଂସ ୪୪୫ରେ ସୀମିତ**

ଦିନର ସ୍କୋରରେ ଆଉ ମାତ୍ର ୨ ରନ ଯୋଗକରି ୧୧୨ରେ ଏବଂ କୁଲଦୀପ ଯାଦବ ୪ ରନକରି ଆଉଟ ହୋଇଥିଲେ। କ୍ୟାରିୟରର ପ୍ରଥମ ଟେଷ୍ଟ ଖେଳୁଥିବା ଧ୍ରୁବ ଜୁରେଲ ୪୬, ରବିଚନ୍ଦ୍ରନ ଅଶ୍ୱିନ ୩୭ ଓ ଯଶପ୍ରୀତ୍ ବୁମ୍‌ରା ୨୬ ରନ କରିବାକୁ ସକ୍ଷମ ହୋଇଥିଲେ।

ଇଂଲଣ୍ଡ ବିପକ୍ଷ ତୃତୀୟ ଟେଷ୍ଟ କ୍ରିକେଟରେ ଶୁକ୍ରବାର ଭାରତକୁ ୫ ରନ ପେନାଲ୍ଟି ହୋଇଛି। ମ୍ୟାଚ ସମୟରେ ଭାରତୀୟ ବ୍ୟାଟର ଦୁଇ ଥର ପିଚ୍‌ର ମଧ୍ୟ ଭାଗରେ ଦୌଡ଼ି ଥିବାରୁ ଏହି ଦଣ୍ଡବିଧାନ କରାଯାଇଛି। ଏହି ପେନାଲ୍ଟିର ଅର୍ଥ ଇଂଲଣ୍ଡ ପ୍ରଥମ ଇନିଂସ ବେଳେ ଗୋଟିଏ ହେଲେ ବଲ୍ ନ ପଡ଼ି ୫/୦ ସ୍କୋରରୁ ଖେଳ ଆରମ୍ଭ ହୋଇଛି।




ଶତକ ହାସଲପରେ ବେନ୍ ଡକେଟ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ: ୪୪୫/ଅଲ୍‌ଆଉଟ (ରୋହିତ ଶର୍ମା-୧୩୧, ରବୀନ୍ଦ୍ର ଜାଡେଜା-୧୧୨, ସର୍ଫରାଜ ଖାଁ-୬୨, ଧ୍ରୁବ ଜୁରେଲ-୪୬, ମାର୍କ ଉଡ୍-୪/୧୧୪, ରେହନ ଅହମଦ-୨/୮୫, ଜେମ୍ସ ଆଣ୍ଡରସନ-୧/୬୧, ଟମ୍ ହାର୍ଟଲେ-୧/୧୦୯, ଜୋ ରୁଟ୍-୧/୭୦)। ଇଂଲଣ୍ଡ ପ୍ରଥମ ଇନିଂସ: ୨୦୭/୨ (ବେନ୍ ଡକେଟ-୧୩୩*, ଓଲି ପୋପ୍-୩୯, ରବିଚନ୍ଦ୍ରନ ଅଶ୍ୱିନ-୧/୩୭, ମହମ୍ମଦ ସିରାଜ-୧/୫୪)।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ